- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

JEYPORE ◆VOLUME- 43 ◆ISSUE-75 ◆MONDAY ◆8 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୭୫ ◆ସୋମବାର ◆୮ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





## ଏସିଆ କପ୍ ପୁରୁଷ ହକି
# ଭାରତ ଚାମ୍ପିଅନ

**୪-୧ ଗୋଲ୍‌ରେ ଦ.କୋରିଆ ପରାସ୍ତ**

■ **ରାଜଗିର, ୭।୯ (ଏଜେନ୍ସି):** ଆୟୋଜକ ଭାରତ ଏସିଆ କପ୍ ପୁରୁଷ ହକି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ରବିବାର ଅନୁଷ୍ଠିତ ଫାଇନାଲରେ ଭାରତ ୪-୧ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଫାଇନାଲ୍‌ରେ ଡବଲ ଗୋଲ୍ ଦେଇଥିବା ଭାରତର ଫରୱାର୍ଡ ଖେଳାଳି ସୁଖଜିତ ସିଂହଙ୍କୁ ଫାଇନାଲ ମ୍ୟାଚ୍‌ର ଓ ଅଭିଷେକ ନୈନ୍‌ଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏସିଆ କପ୍ ଚାମ୍ପିଅନ ହେବା ଫଳରେ ଭାରତ ଏଫଆଇଏଚ୍ ପୁରୁଷ ବିଶ୍ୱକପ୍‌ରେ ଭାଗନେବାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଆସନ୍ତାବର୍ଷ ନେଦରଲାଣ୍ଡସ ଓ ବେଲ୍‌ଜିୟମ୍‌ରେ ପୁରୁଷ ହକି ବିଶ୍ୱକପ୍ ଖେଳାଯିବ। (ବିବରଣୀ: ପୃଷ୍ଠା-୧୨)




# ଇନ୍ଦୁ ପୂର୍ଣ୍ଣିମାରେ ପୂର୍ଣ୍ଣଗ୍ରାସ ଗ୍ରହଣ

■ **ଭୁବନେଶ୍ୱର, ୭।୯ (ସମିସ):** ଭାଦ୍ରବ ଶୁକ୍ଲପକ୍ଷ ପୂର୍ଣ୍ଣିମା ତିଥିରେ ଆଜି (ରବିବାର) ମହାକାଶରେ ବିରଳ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହୋଇଛି। ଭାରତ ସମେତ ବିଭିନ୍ନ ରାଷ୍ଟ୍ରରେ ଗ୍ରହଣଜନିତ ଏହି ମହାଜାଗତିକ ଦୃଶ୍ୟକୁ କୋଟିକୋଟି ଜନତା ଉପଭୋଗ କରିଛନ୍ତି। ମେଘମୁକ୍ତ ଥିବା ଆଜିର ଭାଦ୍ରବ ଆକାଶରେ ଚନ୍ଦ୍ରମା ଖେଳିଯାଇଥିବା ବେଳେ ରାତି ୯.୫୭ ଠାରୁ ରାତି ୧.୨୭ ପର୍ଯ୍ୟନ୍ତ ଇନ୍ଦୁ ପୂର୍ଣ୍ଣିମାର ଜହ୍ନ ପୃଥିବୀର ଛାଇରେ ଢାଙ୍କି ହୋଇଯାଇଥିଲା। ଜ୍ୟୋତିଷ ଶାସ୍ତ୍ର ମତରେ ପୂର୍ଣ୍ଣ ରାହୁଗ୍ରସ୍ତ ଏହି ଚନ୍ଦ୍ରଗ୍ରହଣ ପାଇଁ ସକାଳ ୯.୫୭ରୁ ପାକତ୍ୟାଗ ସହ ୧୨.୫୭ରୁ ଦେବନୀତି ନିଷେଧ ରହିଥିଲା।

# ଧସିଲା କଳିଙ୍ଗା ଘାଟି




■ **ଜି.ଉଦୟଗିରି, ୭।୯ (ସମିସ):** ଲଗାଣ ବର୍ଷା ଯୋଗୁଁ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟିରୁ ପଥର ଖସୁଛି। ଆଜି ଅପରାହ୍ଣରେ ଏକ ବିରାଟ ପଥର ରାସ୍ତା ଉପରକୁ ଖସିପଡ଼ିଥିଲା। ତେବେ ସେ ସମୟରେ କୌଣସି ଯାନବାହନ ଚଳାଚଳ କରୁନଥିବାରୁ ଏକ ବଡ଼ ଅଘଟଣ ଟଳି ଯାଇଛି। ରାସ୍ତା ଉପରେ ପଥରଟି ପଡ଼ିରହିବାରୁ ଭାରୀଯାନ ଯାତାୟାତରେ କିଛି ସମୟ ପାଇଁ ସମସ୍ୟା ହୋଇଥିଲା। ଏହା ଏକ ପ୍ରମୁଖ ରାସ୍ତା ହୋଇଥିବାରୁ ଗାର୍ଡୱାଲକୁ ଅଧିକ ଉଚ୍ଚା କରିବା ସହ ୱାଲ ନଥିବା ସ୍ଥାନରେ ନିର୍ମାଣ କରିବାକୁ ଦାବି ହୋଇଛି।

# ଫୁଲିଲା ମହାନଦୀ

## ୩ ଜିଲ୍ଲାକୁ ବନ୍ୟା ଭୟ ● ସତର୍କ ରହିବାକୁ ନିର୍ଦ୍ଦେଶ

**ମୁଣ୍ଡଳୀରେ ୭ ଲକ୍ଷ୍ୟ କୁସେକ୍ ଜଳ ପ୍ରବାହିତ**

**୧୧ରୁ ରାଜ୍ୟରେ ପୁଣି ବଢ଼ିବ ବର୍ଷାର ପ୍ରଭାବ**

■ **ଭୁବନେଶ୍ୱର, ୭।୯ (ସମିସ):** ହୀରାକୁଦର ୨୪ ଟି ଗେଟ୍‌ରୁ ନିଷ୍କାସିତ ହୋଇଥିବା ବନ୍ୟାଜଳ ରବିବାର ସକାଳେ ମୁଣ୍ଡଳୀ ଅତିକ୍ରମ କରିଛି। ହୀରାକୁଦ ଓ ମହାନଦୀର ତଳମୁଣ୍ଡରେ ହୋଇଥିବା ବର୍ଷା ପାଣି ମିଶି ବର୍ତ୍ତମାନ ପାଖାପାଖି ୭ ଲକ୍ଷ କୁସେକ୍ ଜଳ ପ୍ରବାହିତ ହେଉଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ମହାନଦୀରେ ସର୍ବାଧିକ ପରିମାଣର ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ମହାନଦୀ ଫୁଲିଉଠିବା ସହ ବଡ଼ମ୍ବାସ୍ଥିତ ଭଟାରିକା ପୀଠକୁ ଛୁଇଁଛି ବନ୍ୟାଜଳ। ମହାନଦୀରେ ଜଳସ୍ତର ବଢୁଥିବା ଯୋଗୁଁ କଟକ, କେନ୍ଦ୍ରାପଡ଼ା ଓ ପୁରୀ ଜିଲ୍ଲାର ବିଭିନ୍ନ ଶାଖାନଦୀରେ ମଧ୍ୟ ଜଳସ୍ତର ବୃଦ୍ଧି ପାଇଛି। ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ପ୍ରଶାସନ ସତର୍କ ସୂଚନା ଜାରି କରିଛି।

ଶନିବାର ଦିନ ୧୧ ଟାରୁ ମହାନଦୀର ମୁଣ୍ଡଳୀଠାରେ ୬ ଲକ୍ଷ ୧୬ ହଜାର କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେଉଥିଲା। ଏହି ଧାରା ପ୍ରାୟ ଜାରି ରହିଥିବା ବେଳେ ଧୀରେ ଧୀରେ ଏହା ହ୍ରାସ ହେବା ନେଇ ଆକଳନ କରାଯାଉଛି।

ଅନ୍ୟପଟେ ହୀରାକୁଦରେ ପର୍ଯ୍ୟାୟକ୍ରମେ ଗେଟ୍ ବନ୍ଦ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ୪ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି।

ଏହି ସ୍ଥିତିକୁ ନେଇ ରାଜ୍ୟ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ମୁଣ୍ଡଳୀରେ ମହାନଦୀ ▶ପୃଷ୍ଠା-୭



# ଦିଲ୍ଲୀ ଗସ୍ତରେ ନବୀନ



■ **ଭୁବନେଶ୍ୱର, ୭।୯ (ସମିସ):** ବିଜେଡି ସୁପ୍ରିମୋ, ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଆସନ୍ତା ୯ ତାରିଖରେ ଉପରାଷ୍ଟ୍ରପତି ନିର୍ବାଚନ ଥିବାବେଳେ ଦଳୀୟ ସାଂସଦଙ୍କ ସହ ଏନେଇ ଆଲୋଚନା କରିପାରନ୍ତି ବୋଲି ସୂଚନା ମିଳିଛି।

ତାଙ୍କ ଦିଲ୍ଲୀ ଗସ୍ତ ସଂପର୍କରେ ସୂଚନା ଦେଇ ନବୀନ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଲେଖିଛନ୍ତି, "କିଛି ସାମାଜିକ ପ୍ରତିବଦ୍ଧତା ପାଇଁ ମୁଁ ଏବେ କିଛି ଦିନ ପାଇଁ ଦିଲ୍ଲୀରେ ଅଛି।"

# ଜନ୍ମଦିନ ପାର୍ଟିରେ ଗଣଦୁଷ୍କର୍ମ

■ **କୋଲକାତା, ୭।୯ (ଏଜେନ୍ସି):** କୋଲକାତାରେ ଆଉ ଏକ ଅମାନୁଷିକ ଘଟଣା। ଜଣେ ଯୁବତୀଙ୍କ ଜନ୍ମଦିନ ପାର୍ଟି ତାଙ୍କ ପାଇଁ ଦୁଃସ୍ୱପ୍ନ ପାଲଟିଛି। ଜନ୍ମଦିନ ପାର୍ଟିରେ ଯୁବତୀଙ୍କୁ ତାଙ୍କ ଦୁଇଜଣ ପରିଚିତ ଲୋକ ଗଣଦୁଷ୍କର୍ମ କରିଛନ୍ତି। ଏନେଇ ୨୦ ବର୍ଷୀୟା ଯୁବତୀ ଜଣକ ଦୁଷ୍କର୍ମ ଅଭିଯୋଗ ଆଣିବା ପରେ ଘଟଣା ସାମ୍ନାକୁ ଆସିଛି। କୋଲକାତାର ହରିଦେବପୁର ଥାନା ଅଞ୍ଚଳରେ ଗତ ଶୁକ୍ରବାର ଏହି ଘଟଣା ଘଟିଛି। ଦୁଇ ଅଭିଯୁକ୍ତ ଯୁବତୀଙ୍କୁ ତାଙ୍କ ଜନ୍ମଦିନ ପାର୍ଟି ଆୟୋଜନ ବାହାନାରେ ରିଜେଣ୍ଟସ ପାର୍କ ଅଞ୍ଚଳରେ ଏକ ଫ୍ଲାଟକୁ ଡାକିଥିଲେ। ସେଠାରେ ଖାଇବା ପରେ ଯୁବତୀ ଜଣକ ଯେତେବେଳେ ଘରକୁ ବାହାରିଥିଲେ ଏହି ଦୁଇଜଣ କବାଟ ବନ୍ଦ କରିଥିଲେ। ଦୁଇ ଅଭିଯୁକ୍ତ ହେଲେ ଚନ୍ଦନ ମଲିକ ଓ ଦୀପ। ଦୀପ ସରକାରୀ ଚାକିରି କରୁଥିବା ପୁଲିସ ଜାଣିବାକୁ ପାଇଛି। ଚନ୍ଦନ ଜନ୍ମଦିନ ପାଳନ କରିବାକୁ ଯୁବତୀଙ୍କୁ ଦୀପ ଘରକୁ ନେଇଯାଇଥିଲା। ଯୁବତୀଙ୍କ ବିରୋଧ ସତ୍ତ୍ୱେ ସେମାନେ ଦୁଷ୍କର୍ମ କରିଥିଲେ। ▶ପୃଷ୍ଠା-୭

# ଗଣେଶ ବିସର୍ଜନ ବେଳେ ୪ ବୁଡ଼ିଗଲେ

**୧୩ ନିଖୋଜ**

■ **ମୁମ୍ବଇ,୭।୯ (ଏଜେନ୍ସି):** ମହାରାଷ୍ଟ୍ରରେ ଗଣେଶ ବିସର୍ଜନ ଅବସରରେ ବିଭିନ୍ନ ସ୍ଥାନରେ ଏକାଧିକ ଅଘଟଣ ଘଟିଛି। ଏଥିରେ ୪ ଜଣ ଶ୍ରଦ୍ଧାଳୁ ବୁଡିଯାଇଥିବା ବେଳେ ୧୩ ଜଣ ନିଖୋଜ ଅଛନ୍ତି ରବିବାର ପୁଲିସ କହିଛି। ପୁଣେ ଜିଲ୍ଲାର ଚକନ ଅଞ୍ଚଳରେ ଭିନ୍ନ ଭିନ୍ନ ଘଟଣାରେ ୪ ଜଣ ଭାସି ଯାଇଛନ୍ତି। ୱାକି ଖୁର୍ଦ୍ଦର ଭାମା ନଦୀରେ ଦୁଇଜଣ ଓ ଶେଲ ପିମ୍ପାଲଗାଓଁରେ ଜଣେ ଶ୍ରଦ୍ଧାଳୁ ▶ପୃଷ୍ଠା-୭



# ଅନ୍‌ଲାଇନ୍‌ରେ ଖାଦ୍ୟ ମଗାଇଲେ ୧୮% ଜିଏସ୍‌ଟି



■ **ନୂଆଦିଲ୍ଲୀ, ୭।୯ (ଏଜେନ୍ସି):** ପାର୍ବଣ ଋତୁ ପୂର୍ବରୁ ଜୋମାଟୋ, ସ୍ୱିଗୀ ଏବଂ ମ୍ୟାଜିକ୍‌ପିନ୍ ଭଳି ଅନ୍‌ଲାଇନ୍ ଫୁଡ୍ ଏଗ୍ରିଗେଟରମାନେ ସେମାନଙ୍କର ଗ୍ରାହକଙ୍କୁ ଏକ ବଡ଼ ଝଟ୍‌କା ଦେଇଛନ୍ତି। ଏହି କମ୍ପାନୀଗୁଡ଼ିକ ପ୍ଲାଟଫର୍ମ ଫି ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ଯାହାଫଳ ।।ରେ ସାରା ଦେଶର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଅନ୍‌ଲାଇନରେ ଖାଦ୍ୟ ଅର୍ଡର କରିବା ମହଙ୍ଗା ହୋଇଯିବ। କାରଣ ସେପ୍ଟେମ୍ବର ୨୨ ରୁ ଅନ୍‌ଲାଇନ୍ ଫୁଡ୍ ଡେଲିଭରି ଚାର୍ଜ ଉପରେ ୧୮% ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବାକୁ ଯାଉଛି। ସ୍ୱିଗୀ କିଛି ନିର୍ଦ୍ଦିଷ୍ଟ ବଜାରରେ ଜିଏସ୍‌ଟି ସହିତ ଏହାର ପ୍ଲାଟଫର୍ମ ଚାର୍ଜ ୧୫ ଟଙ୍କାକୁ ବୃଦ୍ଧି ▶ପୃଷ୍ଠା-୭

## ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ
# ଆଶା-ଆଶଙ୍କାରେ ଦଳଡିଅାଁ

**ଏକାଧିକ ନୂଆ ଆଶାୟୀ, ମନ୍ତ୍ରୀଙ୍କୁ ଘାରିଛି ବାଦ୍ ପଡ଼ିବାର ଭୟ**

**ମନ୍ତ୍ରୀ ପଦ ନ ମିଳିଲେ ଡିପିସି ଅଧ୍ୟକ୍ଷ, ରାଜ୍ୟ ସଂଗଠନରେ ମିଳିବ ଦାୟିତ୍ୱ !**

**ଦିଲ୍ଲୀ ଗଲେ ମନମୋହନ, ଆଜି ଯିବେ ମୁଖ୍ୟମନ୍ତ୍ରୀ ମୋହନ**

■ **ଭୁବନେଶ୍ୱର, ୭।୯ (ସମିସ):** ଗତ ସପ୍ତାହେ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ୪ ଦିନିଆ ଦିଲ୍ଲୀ ଗସ୍ତ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଦୁଇ ଥର ଦିଲ୍ଲୀ ଗସ୍ତ ରାଜ୍ୟ ରାଜନୀତିରେ ଉଷ୍ମତା ଭରିଛି। ଗ୍ରହଣ ସପ୍ତାହ ପରେ କୌଣସି ଦିନ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଏବେ ବିଜେପିରେ ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି। ଏହି ଚର୍ଚ୍ଚା ଆଲୋଚନା ମଧ୍ୟରେ ବେଶ୍ ଚିନ୍ତାରେ ଅଛନ୍ତି ଦଳଡିଆଁ ବିଧାୟକ। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଅନ୍ୟ ଦଳରୁ ଆସି ବିଜେପି ଟିକଟରେ ନିର୍ବାଚନ ଜିଣିଥିବା ବିଧାୟକ ଏବେ ଆଶା, ଆଶଙ୍କା ମଧ୍ୟରେ ଗତି କରୁଛନ୍ତି। ଦଳଡିଆଁଙ୍କ ମଧ୍ୟରୁ କିଛି ବିଧାୟକଙ୍କ ନାମ ମନ୍ତ୍ରିମଣ୍ଡଳ ରେସରେ ରହିଥିବା ଚର୍ଚ୍ଚା ହେଉଛି। ତେବେ ଅନ୍ୟ ଦଳରୁ ଆସିଥିବାରୁ ଶେଷ ମୁହୂର୍ତ୍ତରେ ବାଦ୍ ପଡ଼ିଯିବାର ଭୟ ସେମାନଙ୍କୁ ଘାରୁଛି। ଯାହାକୁ ନେଇ ସେମାନେ ନିଜ ନିଜ ନେତାଙ୍କ ନିକଟରେ ରାତିଦିନ ଅଧିଆ ପଡୁଛନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି।

ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଏକାଧିକ ଥର ପ୍ରୟାସ ହୋଇଥିଲେ ହେଁ ଦଳ ମଧ୍ୟରେ ପ୍ରବଳ ଗୋଷ୍ଠୀବିବାଦ କାରଣରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ଭବ ହୋଇପାରୁ ନଥିଲା। ତେବେ ନିକଟରେ ଦଳର ଶୀର୍ଷ ନେତାଙ୍କ ମଧ୍ୟରେ ଏନେଇ ସହମତି ଆସିଥିବା କୁହାଯାଉଥିବା ବେଳେ ଖୁବଶୀଘ୍ର ସମ୍ପ୍ରସାରଣକୁ ଚୂଡ଼ାନ୍ତ ରୂପ ଦିଆଯିବ ବୋଲି ଆଲୋଚନା ଜୋର୍ ଧରିଛି। ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାକୁ ଆଶାୟୀ ନିଜ ନିଜ ନେତାଙ୍କ ନିକଟରେ ଲବି ରାଜନୀତି ଜୋର୍ କରିଥିବା ବେଳେ ଦଳଡିଆଁ ବିଧାୟକ ମଧ୍ୟ ଏଥିରେ ପଛରେ ନାହାନ୍ତି। ବିଶେଷକରି ଅନ୍ୟ ଦଳରୁ ଆସିଥିବା ବିଧାୟକ ପ୍ରଶାନ୍ତ ଜଗଦେବ, ସିଦ୍ଧାନ୍ତ ମହାପାତ୍ର, ଆକାଶ ▶ପୃଷ୍ଠା-୭

## ଲଗାମଛଡ଼ା କଳାବଜାରୀ
# ସାର ପାଇଁ ରାଜରାସ୍ତାରେ ଚାଷୀ

■ **ଭୁବନେଶ୍ୱର, ୭।୯ (ସମିସ):** ଚଳିତ ବର୍ଷ ଆଗୁଆ ମୌସୁମୀ ବର୍ଷା ହୋଇଛି। ଚାଷ ପାଇଁ ପାଗ ଅନୁକୂଳ ରହିଛି। ତେଣୁ ପୂର୍ବବର୍ଷ ତୁଳନାରେ ରାଜ୍ୟରେ ଏଥର ଅଧିକ ପରିମାଣ ଜମି ଚାଷ ହୋଇଛି। ମାତ୍ର ଚାଷ ପାଇଁ ଜରୁରୀ ସାର ଚାଷୀଙ୍କୁ ମିଳୁନି। ରାଜ୍ୟବ୍ୟାପୀ ମାସାଧିକ କାଳ ହେଲା ସାର ସମସ୍ୟା ଲାଗି ରହିଥିଲେ ହେଁ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ସାର ଯୋଗାଣସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟ ଶାସନ ସଚିବଙ୍କ ପର୍ଯ୍ୟନ୍ତ ଘନ ଘନ ବୈଠକ ବସୁଛି। କାଗଜପତ୍ରରେ ସାରର ଉପଲବ୍ଧତା ବି ଦର୍ଶାଯାଉଛି। କିନ୍ତୁ ବାସ୍ତବରେ ସାର ପାଇଁ ପ୍ରତ୍ୟେକ ଦିନ ଚାଷୀ ରାଜରାସ୍ତାରେ ଆନ୍ଦୋଳନ କରୁଛି। ସାର ପର୍ଯ୍ୟାପ୍ତ ପରିମାଣରେ ମହଜୁଦ୍ ଥିବା ସରକାର କହୁଥିବା ବେଳେ ଚାଷୀଙ୍କୁ ଆବଶ୍ୟକ ମୁତାବକ ମିଳୁନଥିବା ଅଭିଯୋଗ ହେଉଛି। ତେଣୁ କେବେ ସାର ସମସ୍ୟାର ସମାଧାନ ହେବ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ ସରକାରୀ ସାର ବାହାରେ କଳାବଜାରୀ ହେଉଥିବା ଭଳି ଅଭିଯୋଗ ଆସୁଥିଲେ ବି ସରକାର ଏହାକୁ ସେତେଟା ଗୁରୁତ୍ୱ ଦେଉନାହାନ୍ତି।

**ସମୀକ୍ଷାରେ ସୀମିତ ସରକାରୀ କାର୍ଯ୍ୟାନୁଷ୍ଠାନ**

ଗତକାଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପୃଥକ୍ ପୃଥକ୍ ଭାବେ ସାରସ୍ଥିତିର ସମୀକ୍ଷା କରିଥିଲେ। ମୁଖ୍ୟ ଶାସନ ସଚିବଙ୍କ ବୈଠକରେ କୃଷି ଓ ସମବାୟ ସଚିବ ଉପସ୍ଥିତ ଥିଲେ। ସବୁ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଲାମ୍ପସ୍, ପାକ୍ସରେ ସାର ପହଞ୍ଚିବା, ଚାଷୀମାନଙ୍କୁ ସାର ଯୋଗାଣ, କଳାବଜାରୀ ରୋକିବା ଉପରେ ବୈଠକରେ ବିସ୍ତୃତ ▶ପୃଷ୍ଠା-୭



## ମିଳୁନି ୟୁରିଆ
# ଜାତୀୟ ରାଜପଥ ଅବରୋଧ

■ **ଏମିଭି-୭୯/ମାଲକାନଗିରି, ୭।୯(ସମିସ):** ୟୁରିଆ ସାରର ଅଭାବ ଓ କଳାବଜାର ନେଇ ଆଜି ମହାରାଜପାଲ୍ଲୀ ପଞ୍ଚାୟତରେ ଚାଷୀ ଅସନ୍ତୋଷ ଦେଖାଦେଇଛି। ଉତ୍ତ୍ୟକ୍ତ ଚାଷୀମାନେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ମହାରାଜପାଲ୍ଲୀ ପଞ୍ଚାୟତ ସମ୍ମୁଖ ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। କାଲିମେଲା ଲ୍ୟାମ୍ପସ ଏମ୍‌ଡି ଚନ୍ଦନ କୁମାର ମଦକାଙ୍କ ନେତୃତ୍ୱରେ ଲ୍ୟାମ୍ପସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ▶ପୃଷ୍ଠା-୭

# ରାଜଧାନୀରେ ପୁଣି ହତ୍ୟା

## ଯୁବକଙ୍କୁ ମାରି ଶୌଚାଳୟ ପଛରେ ଫିଙ୍ଗିଦେଲେ



■ **ଭୁବନେଶ୍ୱର, ୭।୯ (ସମିସ):** ରାଜଧାନୀରେ ପୁଣି ଜଣଙ୍କ ମୁଣ୍ଡ ଗଡ଼ିଛି। ମଞ୍ଚେଶ୍ୱର ଥାନା ରେଳଡବା ମରାମତି କାରଖାନା ନିକଟ ଖେଳ ପଡ଼ିଆରେ କିଛି ଦୁର୍ବୃତ୍ତ ଜଣେ ଯୁବକଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ଧରାପଡ଼ିଯିବା ଭୟରେ ଅଭିଯୁକ୍ତମାନେ ଶବକୁ ଲୁଚାଇ ଦେଇଥିଲେ। ଆଜି ପୁଲିସ୍ ଖେଳ ପଡ଼ିଆରେ ଥିବା ପାଇଖାନା ପଛପଟୁ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଦୁଇ ଦିନ ତଳୁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ଅନୁମାନ କରୁଛି। ଯୁବକଙ୍କ ପରିଚୟ ମିଳିନଥିବା ବେଳେ ବୟସ ପାଖାପାଖି ୩୫ବର୍ଷ ହେବ ବୋଲି କୁହାଯାଉଛି। ମୃତକଙ୍କ ପରିଚୟ ମିଳିବା ପରେ ତାଙ୍କ ପରିବାରଲୋକଙ୍କୁ ଖବର ଦିଆଯିବ। ପରିବାରଲୋକ ଆସିଲେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି।

ଅପରପକ୍ଷେ, ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରି ଏକାଧିକ ନମୁନା ସଂଗ୍ରହ କରିଛନ୍ତି। କେହି ଦୁର୍ବୃତ୍ତ ଏକ ଧାରୁଆ ଅସ୍ତ୍ରରେ ତାଙ୍କୁ ହତ୍ୟା କରିବା ପରେ ପଥରରେ ମୁଣ୍ଡକୁ ଛେଚି ଦେଇଥିବା ପୁଲିସ ସନ୍ଦେହ କରୁଛି। ଯୁବକଙ୍କ ପରିଚୟ ମିଳି ନଥିବାରୁ ପୁଲିସ ନିଜଆଡୁ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ରେଳଡବା ମରାମତି କାରଖାନା ନିକଟସ୍ଥ ଖେଳ ପଡ଼ିଆ ଭିତରେ ଏକ ଶୌଚାଳୟ ରହିଛି। ଯୁବକଙ୍କୁ ହତ୍ୟା କରିବା ପରେ ଏହି ଶୌଚାଳୟ ପଛରେ ମୃତଦେହକୁ ଫିଙ୍ଗିଥିଲେ। କେହି ନ ଜାଣିବା ପାଇଁ ହତ୍ୟାକାରୀ ମୃତଦେହ ଉପରେ ପଟା ଏବଂ ଅଳିଆ ପକାଇ ଦେଇଥିଲା। ୨ ଦିନ ତଳେ ହତ୍ୟା କରାଯାଇଥିଲେ ମଧ୍ୟ କେହି ଜାଣିପାରି ନଥିଲେ। ଆଜି ସନ୍ଧ୍ୟାରେ ▶ପୃଷ୍ଠା-୭

### 'ଭେନିସ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ'ରେ ଇତିହାସ ସୃଷ୍ଟିକଲେ

## ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ଜିତିଲେ ଅନୁପର୍ଣ୍ଣା ରାୟ



ମୁମ୍ବାଇ, ୭।୯ (ଏଜେନ୍ସି): ଚଳଚ୍ଚିତ୍ର ନିର୍ମାତା ଅନୁପର୍ଣ୍ଣା ରାୟ ଇତିହାସ ସୃଷ୍ଟି କରିଛନ୍ତି। ଶନିବାର ଶେଷ ହୋଇଥିବା 'ଭେନିସ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ'ରେ ସେ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ଜିତିଛନ୍ତି। ପ୍ରଥମ ଚଳଚ୍ଚିତ୍ରରେ ଅନୁପର୍ଣ୍ଣା ଏହି କୃତିତ୍ୱ ହାସଲ କରିଛନ୍ତି। 'ସଙ୍ଗସ ଅଫ୍ ଫରଗଟନ ଟ୍ରିଜ୍' ପାଇଁ ସେ ଏହି ପୁରସ୍କାର ହାତେଇଛନ୍ତି। ଫରଗଟନ ଟ୍ରିଜ୍ ଚଳଚ୍ଚିତ୍ରକୁ ଅନୁରାଗ କଶ୍ୟପ ଉପସ୍ଥାପନ କରିଥିଲେ। 'ଓରିଜୋଣ୍ଟି କମ୍ପିଟେସନ ସେକ୍ସନ'ରେ ଏହାର ପ୍ରିମିୟର ଅନୁଷ୍ଠିତ ହୋଇଥିଲା। ନୂଆ ଧାରା ଏବଂ ପ୍ରତିଭାଙ୍କୁ ସାମ୍ନାକୁ ଆଣୁଥିବା ଚଳଚ୍ଚିତ୍ର ପାଇଁ ଏହା ଉଦ୍ଦିଷ୍ଟ। ଚଳିତ ଥର ପ୍ରଥମ ଫିଲ୍ମ, ଇଣ୍ଡି ଫିଚର୍ସ ଏବଂ କମ୍ ପରିଚୟ ହାସଲ କରିଥିବା ଚଳଚ୍ଚିତ୍ରକୁ ଧ୍ୟାନ ଦିଆଯାଇଥିଲା। ଅନୁପର୍ଣ୍ଣା ଏହି ପୁରସ୍କାରକୁ ଜୋର ଜବରଦସ୍ତି ଚୁପ୍ କରାଯାଇଥିବା, ଅଣଦେଖାର ଶିକାର ହୋଇଥିବା ଏବଂ କ୍ଷମତାକୁ କମ୍ କରି ଆକଳନ କରାଯାଇଥିବା ମହିଳାଙ୍କୁ ସମର୍ପିଛନ୍ତି। ଏହି ବିଜୟ ଦ୍ୱାରା ଅନେକ ରୁଦ୍ଧ ସ୍ୱର, ଅକୁହା କାହାଣୀ ଏବଂ କ୍ଷମତା ବାହାରକୁ ଆସିବ ବୋଲି ସେ କହିଛନ୍ତି। ଏହି ଚଳଚ୍ଚିତ୍ର ଜଣେ ମହିଳାଙ୍କ କାହାଣୀ ଉପରେ ଆଧାରିତ।

### ବୟସ୍କ ହେଲେ ଜାପାନ ରାଜକୁମାର ହିସାହିତୋ

## ୪୦ ବର୍ଷ ପରେ ପୁରୁଷ ସଦସ୍ୟ ହେଲେ ବୟସ୍କ



ନୂଆଦିଲ୍ଲୀ,୭।୯(ଏଜେନ୍ସି): ଜାପାନ ରାଜକୁମାର ହିସାହିତୋ ଏବେ ଆନୁଷ୍ଠାନିକ ଭାବେ ବୟସ୍କ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ରବିବାର ରାଜମହଲରେ ୧୯ ବର୍ଷୀୟ ହିସାହିତୋଙ୍କ ବୟସ୍କ ହେବା ନେଇ ଏକ ଉତ୍ସବ ତଥା ସମାରୋହର ଆୟୋଜନ ହୋଇଥିଲା। ସେ ସମ୍ରାଟ୍ ନାରୁହିତୋଙ୍କ ଭଣଜା। ସବୁଠାରୁ ବଡ଼ କଥା ହେଉଛି ଯେ, ଗତ ୪୦ ବର୍ଷରେ ପ୍ରଥମଥର ପାଇଁ ରାଜ ପରିବାରର ଜଣେ ପୁରୁଷ ସଦସ୍ୟ ବୟସ୍କ ହୋଇଛନ୍ତି। ହିସାହିତୋ ବୟସ୍କ ହେବା ପରେ ରାଜ ପରିବାରେ ଆନନ୍ଦର ଲହରି ଖେଳିଯାଇଛି। ଫଳରେ ସେ ଏବେ ରାଜସିଂହାସନର ଉତ୍ତରାଧିକାରୀ ସୂଚୀରେ ଦ୍ୱିତୀୟସ୍ଥାନରେ ରହିଛନ୍ତି। ଏହି ଉତ୍ସବ ରାଜ ପରିବାରରୁ ହିଁ ଆରମ୍ଭ ହୋଇଛି। ହିସାହିତୋଙ୍କୁ ସମ୍ରାଟଙ୍କଠାରୁ ଏକ ସ୍ୱତନ୍ତ୍ର ପ୍ରକାର ମୁକୁଟ ଦିଆଯାଇଛି। ଏଥିସହ ସେ ରାଜପରିବାରର ଜଣେ ବୟସ୍କ ସଦସ୍ୟ ହୋଇଛନ୍ତି। ଏହି ଉତ୍ସବ ଗୋଟିଏ ବର୍ଷ ପାଇଁ ବିଳମ୍ବିତ ହୋଇଥିଲା। କାରଣ ହିସାହିତୋ ସେତେବେଳେ ନିଜ ବିଶ୍ୱବିଦ୍ୟାଳୟ ପରୀକ୍ଷାକୁ ଧ୍ୟାନ କେନ୍ଦ୍ରିତ କରୁଥିଲେ। ସେ ବୟସ୍କତା ପ୍ରତୀକ ଭାବେ ପରିଗଣିତ ହେଉଥିବା ରାଜ ପରିବାରର ପାରମ୍ପରିକ ବସ୍ତ୍ର ପରିଧାନ କରିଥିଲେ। ଏହାପରେ ସେ ଔପଚାରିକ ପୋଷାକ ପିନ୍ଧି ରାଜ ପରିବାର ରଥରେ ୩ଟି ପବିତ୍ର ମନ୍ଦିରକୁ ଯାଇ ଆଶୀର୍ବାଦ ନେଇଥିଲେ।

### ୨୫୦୦ କୋଟିର ର୍ୟାକେଟ୍

## ଦୁବାଇରେ ଡ୍ରଗ୍ସ ସମ୍ରାଟ୍



ନୂଆଦିଲ୍ଲୀ, ୭।୯ (ଏଜେନ୍ସି): ଗତ ବର୍ଷ ନଭେମ୍ବର ୧୪ରେ ଦିଲ୍ଲୀର ନାଙ୍ଗଲୋଇରୁ ୨୫୦୦ କୋଟି ଟଙ୍କାର ୮୨ କେଜି କୋକେନ ଜବତ ହୋଇଥିଲା। ସାରା ଦେଶରେ ଚର୍ଚ୍ଚାରେ ଥିବା ଏହି ମାମଲାର ତଦନ୍ତରୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ହାତରେ ବଡ଼ ପ୍ରମାଣ ଲାଗିଛି। ଏହା ପଛର ମାଷ୍ଟରମାଇଣ୍ଡକୁ ଚିହ୍ନଟ କରାଯାଇଛି। ଅଭିଯୁକ୍ତର ନାମ ପବନ ଠାକୁର। ସେ ଦୁବାଇରେ ରହି ଏହି କଳା କାରବାର ଚଳାଇଛି। ଡ୍ରଗ୍ସ ଧରା ପଡ଼ିବା ପରେ ସେ ପରିବାର ସହ ଭାରତରୁ ଫେରାର ହୋଇଯାଇଥିଲା। ସେଠାରେ ରହି ସେ ବିଳାସପୂର୍ଣ୍ଣ ଜୀବନ ଯାପନ କରୁଛି। ପ୍ରଥମ ଥର ପାଇଁ ଏନ୍‌ସିବି ଏହା ବିରୋଧରେ 'ଇଣ୍ଟରନ୍ୟାସନାଲ ତଥା ଇଣ୍ଟରପୋଲ ସିଲ୍‌ଭର ନୋଟିସ' ଜାରି କରିଛି। ଅନ୍ତର୍ଜାତୀୟ ନିଶା କାରବାର ବିରୋଧରେ ଏହା ଏକ ବଡ଼ ପଦକ୍ଷେପ ବୋଲି ଅଧିକାରୀମାନେ କହୁଛନ୍ତି।

ସୂଚନା ଅନୁଯାୟୀ ସେ ମେକ୍ସିକୋରୁ ଏକ ବନ୍ଦର ଦେଇ ପବନ କୋକେନ ଭାରତକୁ ଆଣିଥିଲା। ପରେ ଟ୍ରକ୍ ଯୋଗେ ଏହାକୁ ଦିଲ୍ଲୀର ଏକ ଗୋଦାମ ଘରେ ରଖିଥିଲା। ଅଷ୍ଟ୍ରେଲିଆରୁ ଆହୁରି ଡ୍ରଗ୍ସ ଆଣିବାକୁ ଯୋଜନା କରିଥିଲା। ଏହି ନୋଟିସ୍ ଅନ୍ତର୍ଜାତୀୟ ଆଇନ ପ୍ରବର୍ତ୍ତନ ଏଜେନ୍ସିଗୁଡ଼ିକୁ ବିଭିନ୍ନ କ୍ଷେତ୍ର ସହ ଜଡ଼ିତ ଅଭିଯୁକ୍ତର ସମ୍ପତ୍ତି, ବ୍ୟବସାୟ ଏବଂ ଆର୍ଥିକ କାର୍ଯ୍ୟଗୁଡ଼ିକୁ ଠାବ କରିବାକୁ ଅନୁମତି ଦେଇଥାଏ। ଏହା ଇଣ୍ଟରପୋଲର ୧୯୬ ସଦସ୍ୟ ଦେଶ ମଧ୍ୟରେ ଗୁଇନ୍ଦା ସୂଚନା ପ୍ରଦାନ ଏବଂ ଅବୈଧ ସମ୍ପତ୍ତି ଜବତକୁ ସହଜ କରିଥାଏ। ୟୁଏଇ, ସିଙ୍ଗାପୁର, ହଂକଂ ଏବଂ ଅନ୍ୟ ୟୁରୋପୀୟ ରାଷ୍ଟ୍ରଙ୍କୁ ଏହି ସିଲ୍‌ଭର ନୋଟିସ ପଠାଇ ଦିଆଯାଇଛି। ଅଭିଯୁକ୍ତ ପବନ ଏହି ସବୁ ଦେଶରେ ରିୟଲ ଇଷ୍ଟେଟ କାରବାର ଚଳାଇଛି। ସେଲ୍ କମ୍ପାନୀରେ ନିବେଶ କରି ଅନେକ ସଂଗଠନ ଚଳାଉଥିବା ବିଶ୍ୱାସ କରାଯାଉଛି।

ପବନ କେବଳ କୋକେନ କାରବାର

**ଅଭିଯୁକ୍ତ ପବନ ଠାକୁର ବିରୋଧରେ ସିଲ୍‌ଭର ନୋଟିସ**

**ହାୱାଲା କାରବାର, ମନି ଲଣ୍ଡରିଂ ବ୍ୟବସାୟରେ ମଧ୍ୟ ଜଡ଼ିତ**

**ଦୁବାଇରେ ରହିଛି ବିଳାସପୂର୍ଣ୍ଣ କାର୍ ଓ ଭିଲା**

ନୁହେଁ, ବହୁ ପୂର୍ବରୁ ହାୱାଲା ର୍ୟାକେଟ ଏବଂ ମନି ଲଣ୍ଡରିଂ ବ୍ୟବସାୟ ଚଳାଉଥିଲା। ସେ ଦିଲ୍ଲୀର କୁଚ ମହାଜାନୀ ବଜାରରେ ହାୱାଲା ଏଜେଣ୍ଟ ଭାବେ କାମ କରୁଥିଲା। ସେ ଧିରେ ଧିରେ ବେଆଇନ କାରବାରକୁ ଲୁଚାଇବା ପାଇଁ ବଡ଼ ଧରଣର ନିଶାଦ୍ରବ୍ୟ ଚାଲାଣରେ ସାମିଲ ହୋଇଥିଲା। ତଦନ୍ତକାରୀ ଅଧିକାରୀଙ୍କ ମତରେ ପବନର କାରବାର ଭାରତ ସହିତ ଦୁବାଇରେ ବ୍ୟାପିଛି। ନିଶା କାରବାରରୁ ସେ ପାଉଥିବା କଳାଧନକୁ ଏକ ବଡ଼ ହାୱାଲା ସିଷ୍ଟମ ମାଧ୍ୟମରେ ପଠାଯାଉଥିଲା। ପ୍ରମାଣ ଭାବେ ଭାରତ, ଚୀନ୍, ସିଙ୍ଗାପୁର, ହଂକଂ ଏବଂ ୟୁଏଇରେ କ୍ରିପ୍ଟୋକରେନ୍ସି କାରବାର ଏବଂ ସୀମାପାର ସେଲ୍ କମ୍ପାନୀଗୁଡ଼ିକର ବ୍ୟବହାର କରାଯାଉଥିଲା।

ତଦନ୍ତ ରିପୋର୍ଟ ଅନୁଯାୟୀ ପବନର ସିଣ୍ଡିକେଟ୍ ନକଲି ଆମଦାନୀ-ରପ୍ତାନି କାଗଜପତ୍ର, କ୍ରିପ୍ଟୋ ସ୍ଥାନାନ୍ତର ଏବଂ ଜାଲ୍ ଆର୍ଥିକ ବିବରଣୀ ମାଧ୍ୟମରେ ୬୮୧ କୋଟି ଟଙ୍କାରୁ ଅଧିକ କଳାଧନକୁ ଧଳା କରିଥିଲା। ଇଡି ଅନେକ ଥର ସମନ କରିବା ସତ୍ତ୍ୱେ ସେ ହାଜର ହୋଇ ନ ଥିଲା। ଏଥିଯୋଗୁଁ ପଟିଆଲା ହାଉସ କୋର୍ଟ ତା ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ପରେ ଭାରତ ଛାଡ଼ି ପଳାଇ ଥିଲା। ଦୁବାଇରେ ତାର ଅନେକ ସମ୍ପତ୍ତି, ବିଳାସପୂର୍ଣ୍ଣ କାର୍, ଭିଲା ଆଦି ରହିଛି।

ବିଦେଶୀ ଏଜେନ୍ସି ସହ ମିଶି ଚଳିତ ବର୍ଷ ଏନ୍‌ସିବି ନବୀନ ଚିଚକର, ଲିଜୋ ଜୋର ସମେତ ଚାରି ପ୍ରମୁଖ ନିଶା ବ୍ୟବସାୟୀଙ୍କୁ ଭାରତ ଆଣିବାରେ ସଫଳ ହୋଇଛି। ଏ ପର୍ଯ୍ୟନ୍ତ ଭାରତରେ ନିଶା କାରବାରରେ ସମ୍ପୃକ୍ତ ୨୧ ଜଣଙ୍କ ବିରୋଧରେ ବ୍ଲୁ କର୍ଣ୍ଣର ନୋଟିସ ଜାରି କରାଯାଇଛି। ସେହିପରି ୧୦ ପ୍ରମୁଖ ପଳାତକଙ୍କ ବିରୋଧରେ ରେଡ୍ କର୍ଣ୍ଣର ନୋଟିସ ଜାରି ହୋଇଛି।

## ନଦୀକୁ କାର୍ ଖସି ୩ ପୁଲିସ ଅଧିକାରୀ ମୃତ



ଉଜ୍ଜୈନ୍,୭।୯(ଏଜେନ୍ସି): ମଧ୍ୟପ୍ରଦେଶ ଉଜ୍ଜୈନର ସିପ୍ରା ନଦୀରେ ଏକ କାର୍ ଖସିପଡିବାରୁ ୩ ଜଣ ପୁଲିସ ଅଧିକାରୀ ମୃତ୍ୟୁବରଣ କରିଛନ୍ତି। ଦୁଇଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ମହିଳା କନଷ୍ଟେବଲ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ଏ ୩ ପୁଲିସ ଅଧିକାରୀମାନେ ହେଲେ ଅନହେଲ ଥାନା ଇନ୍‌ଚାର୍ଜ ଆଶୋକ ଶର୍ମା, ସବ୍-ଇନିସପେକ୍ଟର ମଦନଲାଲା ନିନାମା ଓ କନଷ୍ଟେବଳ ଆରତୀ ପାଲ୍। କିନ୍ତୁ ଆରତୀ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ଏନ୍‌ଡିଆରଏଫ୍ ଟିମ୍ ତାଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରଖିଛି। ଶନିବାର ରାତି ୮.୪୫ରେ ସିପ୍ରା ନଦୀର ଏକ ବଡ଼ ପୋଲ ଉପରେ ଆରତୀ କାର୍ ଚଳାଉଥିଲେ। ସେ ନିୟନ୍ତ୍ରଣ ହରାଇବାରୁ କାର୍ ପୋଲ ତଳକୁ ନଦୀ ଭିତରେ ଖସି ପଡିଥିଲା ବୋଲି ଏସ୍‌ପି ପ୍ରଦୀପ ଶର୍ମା କହିଛନ୍ତି। ଜଣେ ୧୪ ବର୍ଷୀୟ ଝିଅ ନିଖୋଜ ହେବା ପରେ ତାକୁ ଖୋଜିବାକୁ ଏହି ୩ ପୁଲିସ ଅଧିକାରୀ ଚିନ୍ତାମଣ ଯାଉଥିବା ବେଳେ ଏହି ଘଟଣା ଘଟିଥିଲା। ନଦୀରେ ଏବେ ପ୍ରଖର ସୁଅ ଥିବାରୁ ଆରତୀଙ୍କ ମୃତଦେହକୁ ଠାବ କରାଯାଇ ପାରିନାହିଁ।

## ହଜରତବଲ ଦରଘା ବିବାଦ; ୨୬ ଅଟକ

ନୂଆଦିଲ୍ଲୀ,୭।୯(ଏଜେନ୍ସି): ଜମ୍ମୁ-କଶ୍ମୀର ଶ୍ରୀନଗରରେ ସେପ୍ଟେମ୍ବର ୩ରେ ହଜରତବଲ ଦରଘାରେ ହୋଇଥିବା ବିବାଦକୁ ନେଇ ପୁଲିସ ୨୬ ଜଣଙ୍କୁ ଅଟକ ରଖିଛି। ବିବାଦର ସିସିଟିଭି ଫୁଟେଜ ଭାଇରାଲ ହୋଇଥିଲା। ଏହି ଭାଇରାଲ ଭିଡିଓକୁ ଆଧାର କରି ପୁଲିସ ଏମାନଙ୍କୁ ଅଟକ ରଖିଛି। ୱାକଅଫ୍ ବୋର୍ଡ ଏହି ଦରଘାର ପୁନର୍ଗଠନ କରିଥିଲା। ଉଦ୍‌ଘାଟନ ଫଳକରେ ଜାତୀୟ ପ୍ରତୀକ ଆଶୋକ ସ୍ତମ୍ଭ ରହିଥିଲା। କିନ୍ତୁ କିଛି ଲୋକ ଏହାକୁ ବିରୋଧ କରିଥିଲେ ଓ ଆଶୋକ ସ୍ତମ୍ଭକୁ ଭାଙ୍ଗି ଦେଇଥିଲେ। ଫଳରେ ପୁଲିସ ଏମାନଙ୍କୁ ଅଟକ ରଖି ପଚରାଉଚରା କରିଛି। ଉଦ୍‌ଘାଟନ ଫଳକରେ ଅଶୋକ ସ୍ତମ୍ଭ ଚିହ୍ନକୁ ପିଡିପି, ନ୍ୟାସନାଲ କନଫରେନ୍ସ ସମେତ ବିଭିନ୍ନ ରାଜନୈତିକ ପାର୍ଟି ବିରୋଧ କରିଥିଲେ। କୌଣସି ଧାର୍ମିକ ସ୍ଥଳରେ ଜାତୀୟ ଚିହ୍ନ ଆଶୋକ ସ୍ତମ୍ଭ ଚିହ୍ନିତ ହେବାର ଦେଖିନାହିଁ ବୋଲି ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି। ତେଣୁ ହଜରତବଲ ଦରଘାରେ ଏହାକୁ ଲଗାଇବାର କ'ଣ ଆବଶ୍ୟକତା ଅଛି ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଜାତୀୟ ପ୍ରତୀକ ଆଶୋକ ସ୍ତମ୍ଭର ଅପମାନ କଲେ ଅତିକମ୍‌ରେ ୩ ବର୍ଷ ଜେଲ୍ ଦଣ୍ଡ ହେବାର ଆଇନ ରହିଛି।

## ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁଙ୍କ ଇସ୍ତଫା

ଟୋକିଓ,୭।୯(ଏଜେନ୍ସି): ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା ରବିବାର ଇସ୍ତଫା ଦେଇଛନ୍ତି। ଶାସକ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି (ଏଲ୍‌ଡିପି)ର ବିଭାଜନକୁ ରୋକିବା ପାଇଁ ସେ ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ଜାପାନ ଗଣମାଧ୍ୟମ ଏନ୍‌କେଏଚ୍ ସୂଚନା ଦେଇଛି। ଇଶିବାଙ୍କ ମେଣ୍ଟ ସରକାର ଗତ ଜୁଲାଇରେ ଉଚ୍ଚ ସଦନ ଅର୍ଥାତ ହାଉସ୍ ଅଫ୍

**ଦଳ ବିଭାଜନକୁ ରୋକିବା ପାଇଁ ଛାଡିଲେ ପଦ**



କାଉନସିଲର ନିର୍ବାଚନରେ ପରାସ୍ତ ହୋଇଥିଲା। ଇଶିବା ମଧ୍ୟ ଏଥିପାଇଁ କିଛି ଦିନ ତଳେ କ୍ଷମା ମାଗିଥିଲେ ଓ ଇସ୍ତଫା ଦେବା କଥା ଚିନ୍ତା କରୁଛନ୍ତି ବୋଲି କହିଥିଲେ। ନିର୍ବାଚନରେ ପରାଜୟ ପରେ ଏଲ୍‌ଡିପି ମଧ୍ୟରେ ଇଶିବାଙ୍କୁ ହଟାଇବା ନେଇ ଅଭିଯାନ ଆରମ୍ଭ ହୋଇଥିଲା। ପାର୍ଟିର କିଛି ନେତା ଓ ସାଂସଦ ତାଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇଥିଲେ। ଫଳରେ ତାଙ୍କ ସ୍ଥିତି ଦୁର୍ବଳ ହୋଇଥିଲା ଓ ତାଙ୍କ ଉପରେ ପ୍ରବଳ ଚାପ ମଧ୍ୟ ଥିଲା। ଏବେ ଇଶିବା ହଟିବା ପରେ ଏବେ ପାର୍ଟିରେ ନୂଆ ନେତା ନିର୍ବାଚନ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଛି।

## ଇସ୍ରାଏଲ ବିମାନ ବନ୍ଦରରେ ହୁତୀ ବିଦ୍ରୋହୀଙ୍କ ଡ୍ରୋନ୍ ଆକ୍ରମଣ

ତେଲ ଅଭିଭ୍,୭।୯(ଏଜେନ୍ସି): ୟେମେନର ହୁତୀ ବିଦ୍ରୋହୀ ରବିବାର ଇସ୍ରାଏଲ୍‌ର ରେମୋନ ବିମାନ ବନ୍ଦରରେ ଡ୍ରୋନ ଆକ୍ରମଣ କରିଛନ୍ତି। ଏଥିରେ ଜଣେ ବୟସ୍କ ବ୍ୟକ୍ତିଙ୍କ ସମେତ ୫ ଜଣ ଲୋକ ମାମୁଲି ଭାବେ ଆହତ ହୋଇଛନ୍ତି। ଏହି ଡ୍ରୋନ୍ ବିମାନ ବନ୍ଦରର ପାସେଞ୍ଜର ଟର୍ମିନାଲରେ ମାଡ଼ ହୋଇଥିଲା। ଫଳରେ ଧୂଆଁ ଉଠୁଥିବାର ଦେଖାଯାଇଥିଲା। ଏହି ଡ୍ରୋନର ପରିଚୟ ମିଳିନାହିଁ ଓ ଏଥିପାଇଁ କୌଣସି ସାଇରନ ମଧ୍ୟ ବାଜି ନ ଥିଲା ବୋଲି ଇସ୍ରାଏଲ ସେନା ତରଫରୁ କୁହାଯାଇଛି। ଏହାପୂର୍ବରୁ ୟେମେନରୁ ଆସିଥିବା ୩ଟି ଡ୍ରୋନକୁ ଇସ୍ରାଏଲ ବାୟୁସେନା ମାରି ତଳକୁ ଖସାଇଥିଲା ବୋଲି କହିଛି। ଏହାପରେ ତୁରନ୍ତ ଏୟାର ସ୍ପେସ୍‌କୁ ବନ୍ଦ କରାଯାଇଥିଲା। ସୁରକ୍ଷା ଓ ବୈଷୟିକ ଯାଞ୍ଚ ଏବଂ ବାୟୁସେନା ମଞ୍ଜୁରି ପରେ ରେମୋନ ବିମାନ ବନ୍ଦରରୁ ବିମାନ ଉଡାଣ ଆରମ୍ଭ ହୋଇଥିଲା।

## ମୌସୁମୀ ଯାତନା: ହିମାଚଳରେ ୩୭୦ରୁ ଉର୍ଦ୍ଧ୍ୱ ମୃତ

**୪.୦୭ ଲକ୍ଷ କୋଟି ଟଙ୍କାର କ୍ଷତି ● ଉତ୍ତରାଖଣ୍ଡରେ ପୁଣି ବାଦଲ ଫଟା ବର୍ଷା ● ସେପ୍ଟେମ୍ବର ୯ରେ ପଞ୍ଜାବ ଯିବେ ପ୍ରଧାନମନ୍ତ୍ରୀ**



ନୂଆଦିଲ୍ଲୀ,୭।୯(ଏଜେନ୍ସି): ଚଳିତ ବର୍ଷ ମୌସୁମୀ ଖାସ୍ କରି ଉତ୍ତର ଭାରତରେ ନାହିଁ ନଥିବା ସ୍ଥିତି ସୃଷ୍ଟି କରିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏଥର ମୌସୁମୀ ଋତୁ (ଜୁଲାଇ ୨୪ରୁ ଆରମ୍ଭ କରି ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ)ରେ ବର୍ଷା, ବନ୍ୟା, ଭୂସ୍ଖଳନ ଜଡିତ ଘଟଣାରେ କେବଳ ହିମାଚଳ ପ୍ରଦେଶରେ ୩୭୬ ଜଣ ଲୋକ ପ୍ରାଣ ହରାଇଛନ୍ତି। ୪ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି ବୋଲି ହିମାଚଳ ସରକାର ଘୋଷଣା କରିଛନ୍ତି। ଏଥର ସିମ୍‌ଲାରେ ୧୧୬ ଓ କୁଲ୍ଲୁରେ ୧୧୩ ପ୍ରତିଶତ ବର୍ଷା ହୋଇଛି। ଏହା ସାମାନ୍ୟଠାରୁ ଦୁଇଗୁଣ। ଅର୍ଥାତ ଏଥର ବର୍ଷା ଦୁଇଗୁଣରୁ ଅଧିକ ହୋଇଛି।

ପଞ୍ଜାବର ୨୩ଟି ଜିଲ୍ଲାରେ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି। ତେବେ ଆସନ୍ତା ୩ ଦିନ ମଧ୍ୟ ବର୍ଷା ହେବ ନାହିଁ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ କୁହାଯାଇଛି। ଲୁଧିଆନାର ସସରାଲି ଡ୍ୟାମ୍ ଭାଙ୍ଗିବାର ବିପଦ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୯ ତାରିଖରେ ପଞ୍ଜାବର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିବେ। ଏହି ରାଜ୍ୟରେ ୧୯୯୬ ଗାଁ ଜଳମଗ୍ନ ହୋଇଛି। ୩.୮୪ ଲକ୍ଷରୁ ଅଧିକ ଲୋକ ବନ୍ୟା ଯୋଗୁ ପ୍ରଭାବିତ ହୋଇଛନ୍ତି। ୪୬ ଜଣ ମୃତ୍ୟୁବରଣ କରିଛନ୍ତି। ୨୨,୮୫୪ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୨୧୯ ରିଲିଫ୍ ଶିବିରକୁ ସକ୍ରିୟ କରାଯାଇଛି। ବନ୍ୟା ଯୋଗୁ ଏପର୍ଯ୍ୟନ୍ତ ୧,୭୪, ୪୫୪ ହେକ୍ଟର ଜମିର ଫସଲ ନଷ୍ଟ ହୋଇଛି।

ଉତ୍ତରାଖଣ୍ଡ ଉତ୍ତରକାଶୀ ଜିଲ୍ଲାର ନାଉଗାଁରେ ବାଦଲ ଫଟା ବର୍ଷା ହୋଇଛି। ଫଳରେ ବଜାର ଓ କିଛି ଘରେ ପାଣି ଓ ଆବର୍ଜନା ପ୍ରବେଶ କରିଛି। ସଡକ ଉପରେ ଥିବା ଗାଡ଼ିଗୁଡିକ ମଧ୍ୟ ପାଣି ସୁଅରେ ଭାସି ଯାଇଥିଲା। ସେହିପରି ଉତ୍ତରପ୍ରଦେଶ ମଥୁରାରେ ଯମୁନା ନଦୀର ପାଣି ସହରଠାରୁ ୧ କିମି ଦୂରରେ ପହଞ୍ଚିଛି। ଘାଟକୂଳରେ ଥିବା ଆଶ୍ରମଗୁଡିକରେ ୫ ଫୁଟ ଉଚ୍ଚର ପାଣି ପଶି ଯାଇଛି। ବୃନ୍ଦାବନ ପରିକ୍ରମା ମାର୍ଗ ମଧ୍ୟ ଜଳମଗ୍ନ ହୋଇଛି। ଗୁଜରାଟ ଓ ରାଜସ୍ଥାନ, ମହାରାଷ୍ଟ୍ରରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଅର୍ଥାତ ରେଡ୍ ଆଲର୍ଟ ଜାରି କରାଯାଇଛି। ଗୋଆରେ ଅରେଞ୍ଜ ଏବଂ ମଧ୍ୟପ୍ରଦେଶ ଓ ବିହାର ସମେତ ୨୦ଟି ରାଜ୍ୟରେ ୟେଲୋ ଆଲର୍ଟ ଜାରି କରାଯାଇଛି। ପ୍ରବଳ ବର୍ଷା କାରଣରୁ ବାହାଦୂରଗଡ଼ର ରାସ୍ତା ଉପରେ ଠିଆ ହୋଇଥିବା ଗାଡ଼ିଗୁଡିକ ବୁଡିଯାଇଛି। ରାଜସ୍ଥାନର ଆଜମେରରେ ଦୁଇ ମହଲା କୋଠା ଭୁଶୁଡି ପଡିଛି। ସିରୋହିରେ ଏକ ନଦୀରେ ଜିପ୍ ଭାସି ଯାଇଛି। ଉତ୍ତରପ୍ରଦେଶର ଇଟାଓ୍ୱାରେ ଯମୁନା ନଦୀ ପାଇଁ ୭ଟି ଗାଁରେ ବନ୍ୟା ଆସିଛି। ଗୁଜରାଟର ସାବରମତୀ ନଦୀର ଜଳ ପତନ ବୃଦ୍ଧି ପାଇଛି। ଫଳରେ ତଳିଆ ଅଞ୍ଚଳରେ ସତର୍କତା ଜାରି କରାଯାଇଛି। ଗୁଜରାଟର ୭ ଜିଲ୍ଲାରେ ରେଡ୍ ଓ ୧୮ ଜିଲ୍ଲାରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ହିମାଚଳରେ ଭୂସ୍ଖଳନ ଯୋଗୁ ୭୦୫ ଜାତୀୟ ରାଜପଥ ବନ୍ଦ ହୋଇଛି। ବିହାରରେ ୨୦ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ୟେଲୋ ଆଲର୍ଟ ଜାରି କରାଯାଇଛି।

## ନାଇଜେରିଆରେ ୭୦ ଜଣଙ୍କୁ ହତ୍ୟା

ଅବୁଜା,୭।୯(ଏଜେନ୍ସି): ଆଫ୍ରିକୀୟ ଦେଶ ନାଇଜେରିଆର ଉତ୍ତରପୂର୍ବ ରାଜ୍ୟ ବୋରନୋରେ କୁଖ୍ୟାତ ବୋକୋ ହାରାମ ଆତଙ୍କବାଦୀ ସଂଗଠନର ଜିହାଦୀମାନେ ଶୁକ୍ରବାର ରାତି ୮.୩୦ରେ ବଡ଼ ଧରଣର କାଣ୍ଡ ଘଟାଇଛନ୍ତି। ଏହି ଜିହାଦୀମାନେ ୭୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରିଛନ୍ତି ବୋଲି ସ୍ଥାନୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି। ମୃତକଙ୍କ ମଧ୍ୟରେ କେତେଜଣ ସୈନିକ ସାମିଲ ଅଛନ୍ତି। ବୋରନୋ ରାଜ୍ୟର ଦାରୁଲ ଜମା ଟାଉନ୍‌ରେ ଏହି ଆକ୍ରମଣ ହୋଇଥିଲା। ମୋଟର ବାଇକ୍‌ରେ ଡଜନେରୁ ଉର୍ଦ୍ଧ୍ୱ ଆତଙ୍କବାଦୀ ଅସ୍ତ୍ରଧରି ପହଞ୍ଚି ଥିଲେ ଓ ଆଖିବୁଜା ଗୁଳି ଚଳାଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସେମାନେ ମଧ୍ୟ କେତୋଟି ଘରେ ନିଆଁ ଲଗାଇ ଜାଳି ଦେଇଥିଲେ। ଘର ଘର ବୁଲି ପୁରୁଷଙ୍କୁ ଗୁଳି କରିଥିଲେ। କିନ୍ତୁ ମହିଳାଙ୍କୁ ଛାଡି ଦେଇଥିଲେ। ଶନିବାର ସକାଳ ସୁଦ୍ଧା ୭୦ଟି ମୃତଦେହ ଉଦ୍ଧାର କରାଯାଇଛି। ଆହୁରି କିଛି ନିଖୋଜ ଅଛନ୍ତି। ଉଲ୍ଲେଖଥାଉ କି, ଉତ୍ତରପୂର୍ବ ନାଇଜେରିଆରେ ଇସ୍‌ଲାମିକ୍ ଖଲିଫେଟ୍ ସ୍ଥାପନ କରିବା ଲକ୍ଷ୍ୟରେ ୨୦୦୯ରେ ବୋକୋ ହାରାମ ଆତଙ୍କବାଦୀ ସଂଗଠନର ସ୍ଥାପନ ହୋଇଥିଲା। ଏହା ଏ ପର୍ଯ୍ୟନ୍ତ ୪୦,୦୦୦ ଲୋକଙ୍କ ଜୀବନ ନେଇଥିବା କୁହାଯାଉଛି।

## ୟୁକ୍ରେନରେ ରୁଷିଆର ସର୍ବବୃହତ୍ ଏୟାର ଷ୍ଟ୍ରାଇକ୍

**କିଭ୍‌ରେ ୮୦୦ରୁ ଅଧିକ ଡ୍ରୋନ୍, ମିସାଇଲ୍ ଆକ୍ରମଣ**



କିଭ୍,୭।୯(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ପାଖାପାଖି ୪ ବର୍ଷ ପୂରଣ କରିବାକୁ ଯାଉଛି। କିନ୍ତୁ କେହି ପଛକୁ ହଟିବାକୁ ଚାହୁଁନାହାନ୍ତି। ରୁଷ ପୁଣିଥରେ ୟୁକ୍ରେନ ରାଜଧାନୀ କିଭ୍ ଉପରେ ବଡ଼ ଧରଣର ଆକ୍ରମଣ କରିଛି। ଏଥିରେ ଦୁଇଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୮ ଜଣ ଆହତ ହୋଇଛନ୍ତି। କିଭ୍‌ସ୍ଥିତ ୟୁକ୍ରେନର ସରକାରୀ କୋଠାରୁ ଧୂଆଁ ବାହରୁଥିବାର ଦେଖାଯାଇଛି। ଏହି କୋଠାରେ ୟୁକ୍ରେନ ମନ୍ତ୍ରିମଣ୍ଡଳର ମୁଖ୍ୟାଳୟ ରହିଛି ଓ ଏଥିରେ ସବୁ ମନ୍ତ୍ରୀମାନଙ୍କ କର୍ଯ୍ୟାଳୟ ରହିଛି। ଗତ ରାତି ସାରା ରୁଷିଆ ଆକାଶମାର୍ଗରୁ ୮୦୫ଟି ଡ୍ରୋନ୍ ଓ ମିସାଇଲ୍ ଦ୍ୱାରା ଆକ୍ରମଣ କରିଥିଲା ବୋଲି ୟୁକ୍ରେନର ଅଧିକାରୀ ମାନେ ସୂଚନା ଦେଇଛନ୍ତି। ଯୁଦ୍ଧ ଆରମ୍ଭ ହେବାଠାରୁ ଏହା ରୁଷ୍‌ର ସବୁଠାରୁ ବଡ଼ ଆକ୍ରମଣ ବୋଲି କୁହାଯାଉଛି। ଡ୍ରୋନ ସମେତ ରୁଷ୍ ୧୩ଟି ମିସାଇଲ ମଧ୍ୟ ମାଡ଼ କରିଥିଲା। ତେବେ ରୁଷିଆର ୭୪୭ ଓ ୪ଟି ମିସାଇଲକୁ ଖସାଇ ଦିଆଯାଇଛି ବୋଲି ୟୁକ୍ରେନ ପକ୍ଷରୁ କୁହାଯାଇଛି। ତେବେ ୟୁକ୍ରେନର ୩୭ଟି ସ୍ଥାନ ଉପରେ ମିସାଇଲ ସହିତ ୫୬ଟି ଡ୍ରୋନ ଦ୍ୱାରା ଆକ୍ରମଣ କରାଯାଇଛି ବୋଲି ଅଧିକାରୀ କହିଛନ୍ତି।

### ଟ୍ରମ୍ପଙ୍କୁ କଟାକ୍ଷ କଲେ ସଲ୍‌ମାନ

## ବିଶ୍ୱରେ ଅଶାନ୍ତି ସୃଷ୍ଟିକାରୀଙ୍କୁ ଦରକାର ଶାନ୍ତି ପୁରସ୍କାର

ମୁମ୍ବାଇ, ୭।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭର୍ତ୍ସନା କରିଛନ୍ତି ଅଭିନେତା ସଲ୍‌ମାନ ଖାନ। ସେ ନାମ ନ ନେଇ ନୋବେଲ ଶାନ୍ତି ପୁରସ୍କାର ଆଶା କରୁଥିବା ଏହି ମାର୍କିନ ରାଷ୍ଟ୍ରପତିଙ୍କ ଅଭିଳାଷକୁ ପରିହାସ କରିଛନ୍ତି। ବିଶ୍ୱରେ ସର୍ବାଧିକ ଅଶାନ୍ତି ସୃଷ୍ଟି କରିଥିବା ବ୍ୟକ୍ତି ନୋବେଲ ପୁରସ୍କାର ଚାହୁଁଥିବା କହିଛନ୍ତି। ରିୟଲିଟି ଶୋ' 'ବିଗ୍ ବସ୍-୧୯'ର ସାପ୍ତାହାନ୍ତ ସଂଘର୍ଷରେ ସେ ଏହି ଟିପ୍ପଣୀ ଦେଇଥିଲେ। ଏଠାରେ ଘରର ଶାନ୍ତି ଭଙ୍ଗ କରିବାକୁ ନେଇ ସେ ସବୁ ପ୍ରତିଯୋଗୀଙ୍କୁ ଭର୍ତ୍ସନା କରିଥିଲେ। ଏଥିରେ ଅନ୍ୟ ଘରର ଶାନ୍ତି ଭଙ୍ଗ ସହ ଝଗଡ଼ା କରୁଥିବା ପ୍ରତିଯୋଗୀ ତଥା 'ପିସ୍ ଆକ୍ଟିଭିଷ୍ଟ' ଫରାଜାନା ଖାନଙ୍କୁ ସେ ଗାଳି କରିଥିଲେ। ଏହି ସମୟରେ ସଲ୍‌ମାନ କହିଥିଲେ, ଏ ସବୁ କ'ଣ ଚାଲିଛି? ସାରା ବିଶ୍ୱରେ ଯିଏ ସର୍ବାଧିକ ସମସ୍ୟା ସୃଷ୍ଟି କରୁଛି ତାଙ୍କୁ ହିଁ ଶାନ୍ତି ପରୁସ୍କାର ଦରକାର। ସଲ୍‌ମାନଙ୍କ ଏହି ଟିପ୍ପଣୀ ଖୁବ୍ ଭାଇରାଲ ହେବାରେ ଲାଗିଛି। ଫରଜାନାକୁ ଦେଖି ସେ ଏହି ମନ୍ତବ୍ୟ ଦେଇଥିଲେ ମଧ୍ୟ ଟ୍ରମ୍ପଙ୍କୁ ଯୋଡ଼ି ଦେଖାଯାଉଛି। କାରଣ କିଛି ଦିନ ତଳେ ନରୱେର ଅର୍ଥମନ୍ତ୍ରୀଙ୍କୁ ଫୋନ କରି ଟ୍ରମ୍ପ ନୋବେଲ ପୁରସ୍କାର ମାଗିଥିଲେ।

# ସିବିଏସ୍‌ଇ ପରୀକ୍ଷା ଢାଞ୍ଚାରେ ଓଟିଇଟି

ଭୁବନେଶ୍ୱର, ୭।୯ (ସମିସ): ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ଉପସଭାପତିଙ୍କ ସମେତ ୮ଜଣ ବନ୍ଧା ହେବା ପରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଚେତା ପଶିଛି। ଦୁଇଥର ତାରିଖ ଘୋଷଣା ପରେ ମଧ୍ୟ ପରୀକ୍ଷା କରିବାରେ ସଫଳ ହୋଇପାରି ନ ଥିବା ବୋର୍ଡ ଏଥର ନୂତନ ଢାଞ୍ଚାରେ ପରୀକ୍ଷା ପରିଚାଳନା କରିବାକୁ ନିଷ୍ପତ୍ତି ନେଇଛି। ପ୍ରଶ୍ନପତ୍ର ସୁରକ୍ଷା ଏବଂ ପରୀକ୍ଷା ବ୍ୟବସ୍ଥାକୁ ସମୀକ୍ଷା କରିବା ପରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ଢାଞ୍ଚାରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପରିଚାଳନା ବ୍ୟବସ୍ଥା ଆପଣାଇବାକୁ ଯାଉଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପରୀକ୍ଷା ପ୍ରସ୍ତୁତି ସମ୍ପର୍କରେ ଶ୍ରୀ ତରାଇ କହିଛନ୍ତି, ଡିଜି ଲକର୍ ବ୍ୟବସ୍ଥା ସହ ବାକ୍ସ ବା ଟ୍ରଙ୍କରେ ପ୍ରଶ୍ନପତ୍ର ପଠାଯିବ। ବ୍ୟାପକ ପୁଲିସ୍ ସୁରକ୍ଷା ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ। ଜିଲ୍ଲାପାଳ, ଏସ୍‌ପି ଓ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ସହାୟତାରେ ପରୀକ୍ଷା ହେବ। ପୂର୍ବରୁ ପରୀକ୍ଷା କେନ୍ଦ୍ର ହୋଇଥିବା ରାଜ୍ୟର ୧୯୩ଟି ପରୀକ୍ଷା କେନ୍ଦ୍ରରେ ହିଁ ପରୀକ୍ଷା ହେବ। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ପ୍ରଶ୍ନପତ୍ର ଲିକ୍ ଘଟଣାରେ 'ଘରଢିଙ୍କି କୁମ୍ଭୀର' ସାଜିଥିବା ଘଟଣାକୁ ଗୁରୁତ୍ୱର ସହ ନେଇ ଏଥର ପରୀକ୍ଷା ପରିଚାଳନା ଓ ସମ୍ବେଦନଶୀଳ କାର୍ଯ୍ୟ ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଧିକାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି।

**ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ଉପରେ ରହିବ ତୀକ୍ଷ୍ଣ ନଜର**

ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପାଇଁ ଜୁଲାଇ ୨୦କୁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ପ୍ରଶ୍ନପତ୍ର ଲିକ୍ କାରଣରୁ ମଧ୍ୟରାତ୍ରିରେ ପରୀକ୍ଷା ବାତିଲ୍ କରାଯାଇଥିଲା। ଏପରିକି, ଅଗଷ୍ଟ ୩୧ରେ ପୁନଃପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ ମଧ୍ୟ ପରୀକ୍ଷା ପରିଚାଳନା କରିବାରେ ବୋର୍ଡ ବିଫଳ ହୋଇଥିଲା। ଆସନ୍ତା ୨୭ ତାରିଖରେ ସେହି ପରୀକ୍ଷା କରିବାକୁ ଗତକାଲି ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଏଥର ପରୀକ୍ଷା ହେବ ନା ପୁଣିଥରେ ଘୁଞ୍ଚିବ, ସେନେଇ ପ୍ରଶ୍ନ ଉଠିଥିଲା। ଏନେଇ ଶ୍ରୀ ତରାଇ କହିଛନ୍ତି ଯେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନିଶ୍ଚିତ ଭାବେ ସେହି ଦିନ ହିଁ ପରୀକ୍ଷା ହେବ ବୋଲି ସେ ଦମ୍ଭୋକ୍ତି ରଖିଛନ୍ତି।

ଶିକ୍ଷକଙ୍କ ପଦୋନ୍ନତି ଓ ଚାକିରି ପାଇଁ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି)କୁ ସୁପ୍ରିମ୍‌କୋର୍ଟ ବାଧ୍ୟତାମୂଳକ କରିବା ପରେ ଓଟିଇଟି ପରୀକ୍ଷାର ଗୁରୁତ୍ୱ ବହୁଗୁଣିତ ହୋଇଛି। ରାଜ୍ୟରେ ସରକାର ଏହାକୁ କାର୍ଯ୍ୟକାରୀ କରିବା ପରେ ୨ ବର୍ଷ ମଧ୍ୟରେ ଓଟିଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନ ପାରିଲେ ସେମାନଙ୍କ ଚାକିରି ଯିବାର ଆଶଙ୍କା ଥିବାରୁ ଶିକ୍ଷକଙ୍କ ମଧ୍ୟରେ ଆଶା ଆଶଙ୍କା ଲାଗି ରହିଛି। ସୂଚନାଯୋଗ୍ୟ, ପରୀକ୍ଷା ପାଇଁ ଆସନ୍ତା ୧୭ତାରିଖରୁ ବୋର୍ଡ ୱେବସାଇଟ୍‌ରେ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ରାଜ୍ୟର ମୋଟ୍ ୭୫ ହଜାର ୪୦୩ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଏହି ପରୀକ୍ଷା ଦେବାକୁ ଆବେଦନ କରିଛନ୍ତି।

**ଦାରିଙ୍ଗବାଡ଼ିରେ ଚାଞ୍ଚଲ୍ୟ**

# ନାବାଳିକାକୁ ଅପହରଣ କରି କାର୍ ଭିତରେ ଦୁଷ୍କର୍ମ

ଦାରିଙ୍ଗବାଡ଼ି, ୭।୯ (ସମିସ): କାର୍ ଭିତରେ ଜଣେ ନାବାଳିକାକୁ ଦୁଷ୍କର୍ମ ଭଳି ଏକ ଲଜ୍ଜାଜନକ ଚିତ୍ର କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଅଞ୍ଚଳରୁ ଆସିଛି। ପୁଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତଜଣଙ୍କ ଫେରାର୍ ହୋଇଯାଇଛି।

ସୂଚନାନୁସାରେ, ନାବାଳିକାଜଣଙ୍କ ଗତ ଅଗଷ୍ଟ ୩୧ରେ ନିଜ ବଡ଼ ଭଉଣୀ ଘରକୁ ବୁଲି ଆସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଭଉଣୀଙ୍କ ଘରଠାରୁ କିଛି ଦୂରରେ ଗଣେଶ ମୂର୍ତ୍ତି ଭସାଣି ପାଇଁ ଶୋଭାଯାତ୍ରା ହେଉଥିଲା। ଭଉଣୀଙ୍କ ସହ ସେ ଶୋଭାଯାତ୍ରା ଦେଖିବାକୁ ଯାଇଥିଲେ। ବାଟରେ ଜଣଙ୍କ ଘରେ ନାବାଳିକାଜଣଙ୍କ ନିଜର ଜ୍ୟାକେଟ୍ ରଖିଥିଲେ। ଭସାଣି ସରିବା ପରେ ସେ ନିଜ ଜ୍ୟାକେଟ୍ ନେଇ ଫେରୁଥିବା ବେଳେ ସେହି ସମୟରେ ଏକ କାର୍ ତାଙ୍କର ବାଟ ଓଗାଳିଥିଲା। ନାବାଳିକାଜଣଙ୍କ କିଛି ବୁଝିବା ପୂର୍ବରୁ କାର୍ ଭିତରୁ ଜଣେ ଯୁବକ ବାହାରି ତାଙ୍କୁ ଅପହରଣ କରିନେଇଥିଲା। ତାଙ୍କୁ ସେ କାର୍‌ରେ ଦାରିଙ୍ଗବାଡ଼ି ସହର ବାହାରକୁ ନେଇଯିବା ପରେ ଏକ ନିଛାଟିଆ ସ୍ଥାନରେ କାର୍ ଭିତରେ ତାଙ୍କୁ ଦୁଷ୍କର୍ମ କରିଥିଲା।



ତେବେ କାର୍‌ର ଡୋର୍ ଖୋଲିବା ଦେଖି ନାବାଳିକାଜଣଙ୍କ ସେଠାରୁ ଖସି ପଳାଇବାକୁ ଉଦ୍ୟମ କରିଥିଲା। ମାତ୍ର ଅଭିଯୁକ୍ତଜଣଙ୍କ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିବା ସହ ଚୁଟିକୁ ଘୋଷାଡ଼ି ଘୋଷାଡ଼ି ପୁଣିଥରେ କାର୍ ଭିତରକୁ ନେଇ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ତେବେ ନାବାଳିକାଜଣଙ୍କ ପରିବାରଲୋକଙ୍କୁ ଏ ସଂପର୍କରେ ଜଣାଇବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପରିତ୍ୟକ୍ତ ଘରେ ନାବାଳିକାକୁ ଦୁଷ୍କର୍ମ

ଡେଲାଙ୍ଗ, ୭।୯ (ସମିସ): ପୁରୀ ଜିଲ୍ଲା ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତ ଅଞ୍ଚଳରେ ୧୨ବର୍ଷୀୟା ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଡେଲାଙ୍ଗ ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଜଣଙ୍କ ହେଲା, ସ୍ଥାନୀୟ ଅଞ୍ଚଳର ପଙ୍କଜ ସ୍ୱାଇଁ ଓରଫ କାବୁ।

ସୂଚନା ମୁତାବକ, ନାବାଳିକାଜଣଙ୍କ ଜଣେ ଛେଳିଚରାଳି। ପ୍ରତିଦିନ ଛେଳି ଚରାଇବାକୁ ଯାଆନ୍ତି। ୬ ଦିନ ତଳେ ନାବାଳିକାଜଣଙ୍କ ଛେଳି ଚରାଇବାକୁ ଯାଇଥିବା ବେଳେ ପଙ୍କଜ ତାକୁ ନାନା ପ୍ରଲୋଭନ ଦେଖାଇ ଏକ ନିକାଞ୍ଚନ ଜାଗାକୁ ଡାକି ନେଇଥିଲା। ସେଠାରେ ନାବାଳିକାର ପାଟି ବନ୍ଦ କରି ଏକ ପରିତ୍ୟକ୍ତ ଘରେ ତାକୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏ ସଂପର୍କରେ ନାବାଳିକାଜଣଙ୍କ ତାଙ୍କ ପରିବାରଲୋକଙ୍କୁ ଜଣାଇବା ପରେ ଡେଲାଙ୍ଗ ଥାନାରେ ଅଭିଯୋଗ

**ଡେଲାଙ୍ଗରେ ଲଜ୍ଜା!**

ହୋଇଥିଲା। ତେବେ ଗିରଫଦାରୀ ଭୟରେ ପଙ୍କଜ ଗାଁ ଛାଡ଼ି ଫେରାର୍ ହୋଇଯାଇଥିଲା। ପୁଲିସ ତାକୁ ବ୍ରହ୍ମଗିରି ଅଞ୍ଚଳରୁ ଗିରଫ କରି କୋର୍ଟଚାଲାଣ କରିଛି। ଆଜି ପୁଲିସ ଦୁହିଁଙ୍କ ଡାକ୍ତରୀମାଇନା କରାଇଛି। ଅନ୍ୟପଟେ, ନାବାଳିକାକୁ ଶିଶୁ ବିକାଶ ପରିଷଦରେ ଛଡ଼ାଯାଇଥିବା ଡେଲାଙ୍ଗ ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି।

# ଦିଲ୍ଲୀ ଏମ୍‌ସକୁ ଯାଇପାରନ୍ତି ଅଭିଜିତ

ଭୁବନେଶ୍ୱର, ୭।୯ (ସମିସ): ଏକାଧିକ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିବା ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ଅଧିକ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍‌ସକୁ ଯାଇପାରନ୍ତି। ତାଙ୍କର ଚିକିତ୍ସା ବାବଦ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଆଜି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏମ୍‌ସରେ ଶ୍ରୀ ମଜୁମଦାରଙ୍କୁ ଭେଟିବା ପରେ ଗଣମାଧ୍ୟମରେ ଏହା କହିଛନ୍ତି। ଡ. ମହାଲିଙ୍ଗ ଏମ୍‌ସରେ ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଡାକ୍ତରୀ ଦଳ ସହ ଆଲୋଚନା କରିଛନ୍ତି। ତାଙ୍କର କିଡନୀ ଓ ଲିଭର୍ ସମସ୍ୟାରେ ସୁଧାର ଆସୁଛି। କିନ୍ତୁ ଅଭିଜିତ କଥାବାର୍ତ୍ତା କରୁନାହାନ୍ତି। ଅଧିକ ଚିକିତ୍ସା ଆବଶ୍ୟକ ହେଉଥିବାରୁ ଦରକାର ପଡ଼ିଲେ ତାଙ୍କୁ ଦିଲ୍ଲୀ ସ୍ଥାନାନ୍ତର କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱର ଏମ୍‌ସର ଡାକ୍ତରୀ ଟିମ୍ ଦିଲ୍ଲୀ ଏମ୍‌ସ ସହ କଥାବାର୍ତ୍ତା ହେବେ। ଆବଶ୍ୟକ ପଡ଼ିଲେ ଅଭିଜିତଙ୍କୁ ଏୟାରଲିଫ୍ଟ କରାଯାଇପାରେ ବୋଲି ଡ. ମହାଲିଙ୍ଗ କହିଛନ୍ତି।

ଗତ ୪ ତାରିଖରେ ଶ୍ରୀ ମଜୁମଦାରଙ୍କୁ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଥିଲା। ସେବେଠାରୁ ତାଙ୍କୁ ଭେଣ୍ଟିଲେଟର୍ ସପୋର୍ଟରେ ରଖାଯାଇଛି। ଆଇସିୟୁ ଓ ଏକମୋ ବିଶେଷଜ୍ଞ ଡାକ୍ତର ଶ୍ରୀକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଜାରି ରହିଛି। ଅଭିଜିତ ଅସ୍ମୋଟିକ୍ ଡିମାଏଲିନେସନ୍ ସିଣ୍ଡ୍ରୋମ୍ (ପୋଣ୍ଟିନ୍ ଓ ଏକ୍ସଟ୍ରାପୋଣ୍ଟିନ୍), ଦ୍ୱିପାକ୍ଷିକ ନିମୋନିଆ, ରକ୍ତ ସଂକ୍ରମଣ (ଏମଡିଆରଓ-ଆସେନଟୋବ୍ୟାକ୍ଟର), କ୍ରୋନିକ୍ ଯକୃତ ରୋଗ, ଡିସେଲେଟ୍ରୋଲାଇଟେମିଆ (ହାଇପୋକଲେମିଆ, ହାଇପୋଫସଫେଟେମିଆ, ହାଇପୋମାଗ୍ନେସିମିଆ) ଓ ପୁଷ୍ଟିକର ଅଭାବ (ଭିଟାମିନଡି, ଫୋଲିକ୍ ଏସିଡ୍ ଅଭାବ) ଭଳି ରୋଗରେ ପୀଡ଼ିତ ଥିବା ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ ଜଣାପଡ଼ିଛି। ଆଣ୍ଟିବାୟୋଟିକ୍ ଓ ଅନ୍ୟାନ୍ୟ ଯାନ୍ତ୍ରିକ ସହାୟତାରେ ତାଙ୍କର ଚିକିତ୍ସା କରାଯାଉଥିବା ଡାକ୍ତର ଶ୍ରୀକାନ୍ତ ବେହେରା ସୂଚନା ଦେଇଛନ୍ତି।




ଅଭିଜିତ ମଜୁମଦାରଙ୍କ ଆରୋଗ୍ୟ କାମନା କରି ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା

# ନାବାଳିକାକୁ ହତ୍ୟା କରି ନାଳରେ ଫିଙ୍ଗିଦେଲେ!

ଅନୁଗୋଳ, ୭।୯ (ସମିସ): ଶନିବାରଠାରୁ ନିଖୋଜ ଥିବା ଅନୁଗୋଳ ସଦର ଥାନା ଶ୍ୟାମସୁନ୍ଦରପୁର ଗ୍ରାମର ଜଣେ ନାବାଳିକାଙ୍କ ଉଲଗ୍ନ ମୃତଦେହ ରବିବାର ଗାଁ ନିକଟ ଭାଲୁଖାଇ ନାଳରୁ ଉଦ୍ଧାର କରାଯାଇଛି। ମୃତକ ହେଲେ, ଅକ୍ଷୟ ସେଠଙ୍କ ସାନ ଝିଅ ଜସ୍ମିନ ସେଠ(୧୧)।

- **ନିଖୋଜର ୧୬ଘଣ୍ଟା ପରେ ନାଳରୁ ଉଲଗ୍ନ ଶବ ଉଦ୍ଧାର**
- **ନ୍ୟାୟ ଦାବିରେ ଟାୟାର ଜାଳି ରାସ୍ତାରୋକ**



ତାଙ୍କୁ ହତ୍ୟା କରାଯାଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ନ୍ୟାୟ ଦାବିରେ ଗ୍ରାମବାସୀ ଟାୟାର୍ ଜାଳି ଅନୁଗୋଳ-ବନ୍ତଲା ମୁଖ୍ୟ ରାସ୍ତାକୁ ଶାବଳଭଙ୍ଗା ଛକରେ ଅବରୋଧ କରିଛନ୍ତି।

ଶନିବାର ଜସ୍ମିନ ସ୍କୁଲରୁ ଫେରିବା ପରେ ଖେଳିବାକୁ କହି ଘରୁ ବାହାରି ଯାଇଥିଲା। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ଗ୍ରାମବାସୀଙ୍କ ସହ ମିଶି ରାତିତମାମ ଖୋଜାଖୋଜି କରିଥିଲେ ହେଁ ଜସ୍ମିନଙ୍କ ପତ୍ତା ମିଳି ନଥିଲା। ଖବର ପାଇ ପୁଲିସ ମଧ୍ୟ ଗାଁରେ ପହଞ୍ଚି ଖୋଜାଖୋଜି କରିଥିଲା। ତଥାପି ଜସ୍ମିନଙ୍କ ସନ୍ଧାନ ମିଳିନଥିଲା। ତେବେ ଆଜି ସକାଳେ ଜସ୍ମିନଙ୍କ ମୃତଦେହ ଗାଁ ନିକଟ ଭାଲୁଖାଇ ନାଳରେ ଭାସୁଥିବା ତାଙ୍କ ଭାଇ ଦେଖିବାକୁ ପାଇଥିଲେ। ଜସ୍ମିନଙ୍କ ଶରୀରରେ କ୍ଷତଚିହ୍ନ ରହିଥିଲା। କେଉଁ ପରିସ୍ଥିତିରେ ତାଙ୍କ ମୃତ୍ୟୁ ହେଲା, ତାହା ଅସ୍ପଷ୍ଟ ଥିବା ବେଳେ ପୁଲିସ ତୁରନ୍ତ ଘଟଣା ଉପରୁ ପରଦା ହଟାଇବା ପାଇଁ ଲୋକେ ଦାବି କରିଛନ୍ତି। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**୨୨ତମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି**

# ବସନ୍ତ ବିଶ୍ୱାଳ ଥିଲେ ଆଧୁନିକ ଓଡ଼ିଶାର ନିର୍ମାତା

ଭୁବନେଶ୍ୱର, ୭।୯ (ସମିସ): ବସନ୍ତ ବିଶ୍ୱାଳ ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ। ରାଜ୍ୟର ସାମଗ୍ରିକ ବିକାଶକୁ ସେ ପ୍ରାଥମିକତା ଦେଉଥିଲେ। କୃଷି କ୍ଷେତ୍ରରୁ ଆରମ୍ଭ କରି ଜଳସେଚନ, ଭିତ୍ତିଭୂମି, ସଡ଼କ, ସେତୁ ଆଦି ନିର୍ମାଣ କରିବା ଏବଂ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ଉପରେ ଗୁରୁତ୍ୱ ଦେଉଥିଲେ। ରାଜ୍ୟର ବହୁବିଧ ବିକାଶରେ ତାଙ୍କର ଅନନ୍ୟ ଯୋଗଦାନ ଥିଲା। ଆଜିର ରାଜନୀତିରେ ତାଙ୍କ ଭଳି ବ୍ୟକ୍ତିତ୍ୱ ବିରଳ। ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପରିସରରେ ଆୟୋଜିତ ରାଜ୍ୟର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀରେ ଯୋଗଦେଇଥିବା ଅତିଥିମାନେ ଆଜି ଏପରି ମତ ରଖିଛନ୍ତି।

ରାଜ୍ୟସ୍ତରୀୟ କର୍ମଯୋଗୀ ବସନ୍ତ କୁମାର ବିଶ୍ୱାଳ ସ୍ମୃତି କମିଟିର ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପିସିସି ସଭାପତି ଭକ୍ତଚରଣ ଦାସ କହିଥିଲେ ଯେ ବସନ୍ତ ବାବୁ ଯାହା କହନ୍ତି, ତାହାକୁ କାମରେ କରି ଦେଖାନ୍ତି। କଟକର ରିଙ୍ଗ୍‌ରୋଡ୍ ତାଙ୍କ ସମୟର ଶ୍ରେଷ୍ଠ କାର୍ଯ୍ୟ। ସ୍ୱର୍ଗତ ବିଶ୍ୱାଳ ରାଜନୀତିରେ ସବୁବେଳେ ଅମର ହୋଇ ରହିବେ। ସମ୍ମାନିତ ଅତିଥି ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଥିଲେ, ସ୍ୱର୍ଗତ ବିଶ୍ୱାଳ ଅତ୍ୟନ୍ତ ସ୍ପଷ୍ଟବାଦୀ ନେତା ଥିଲେ। ତାଙ୍କ ଭିତରେ କପଟତା ନ ଥିଲା। ସଠିକ୍ ନିଷ୍ପତ୍ତି ନେବାରେ ତାଙ୍କର ପାରଦର୍ଶିତା ଥିଲା। ରିଙ୍ଗ୍‌ରୋଡ୍ ପାଇଁ କଟକବାସୀ ତାଙ୍କୁ ସବୁବେଳେ ମନେ ରଖିବେ। ସେ ସମସ୍ତଙ୍କ ସଙ୍ଗେ ମିଳିମିଶି କାମ କରୁଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ସମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ କହିଥିଲେ, ସ୍ୱର୍ଗତ ବିଶ୍ୱାଳ ଜଣେ ଗଭୀର ଅନୁଚିନ୍ତକ ଥିଲେ। ସେ ପୂର୍ତ୍ତ ମନ୍ତ୍ରୀ ଥିଲା ବେଳେ ତାଙ୍କୁ 'ସୁପର ଚିଫ୍-ମିନିଷ୍ଟରଡ଼' ବୋଲି ସମ୍ବୋଧନ କରାଯାଏ। କଟକ ଏବଂ ସମ୍ବଲପୁରରେ ରିଙ୍ଗରୋଡ୍ ନିର୍ମାଣ ତାଙ୍କର ଶ୍ରେଷ୍ଠ କାର୍ଯ୍ୟ। ସେ ରାଜୀବ ଭବନକୁ ସମୟ ଅବଧି ପୂର୍ବରୁ ନିର୍ମାଣ କରି ଏକ ଉଦାହରଣ ସୃଷ୍ଟି କରିଥିଲେ। ରାଜ୍ୟ ନିର୍ମାଣରେ ତାଙ୍କର ବହୁତ ଅବଦାନ ରହିଛି। ଅନ୍ୟତମ ଅତିଥି ଦୈନିକ 'ସମୟ'ର ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ତାଙ୍କ ଦୁଃସାହସିକ ବ୍ୟକ୍ତିତ୍ୱକୁ ପ୍ରଶଂସା କରିଥିଲେ। ସ୍ମୃତି କମିଟିର ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର କହିଥିଲେ ଯେ ସ୍ୱର୍ଗତ ବିଶ୍ୱାଳ ରାଜଧାନୀ ଭୁବନେଶ୍ୱରର ମୂଳଦୁଆ ପକାଇଥିଲେ। ସେ ଯେଉଁ ଅନୁଷ୍ଠାନ ନିର୍ମାଣ କରିଛନ୍ତି, ତାହା ଆଜି ପର୍ଯ୍ୟନ୍ତ ଶିଖର ଛୁଉଁଛି। କଂଗ୍ରେସ ନେତା ମାନସ ଚୌଧୁରୀ ସ୍ୱଗତ ଭାଷଣ ପ୍ରଦାନ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ 'ସମୟ'ର ପ୍ରକାଶକ ସତ୍ୟନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ପୁରସ୍କୃତ କରାଯାଇଥିଲା।

କାର୍ଯ୍ୟକ୍ରମରେ ଶତାୟୁ ପୁରୁଷ ତଥା ବିଶିଷ୍ଟ ଗାନ୍ଧୀବାଦୀ ଓ ସମାଜସେବୀ ପଦ୍ମଚରଣ ନାୟକ, ପୂର୍ବତନ ବରିଷ୍ଠ ପ୍ରଶାସକ ପ୍ରସନ୍ନ କୁମାର ମିଶ୍ର, ବିଶିଷ୍ଟ ସାହିତ୍ୟିକା ପ୍ରଫେସର୍ ମନୋରମା ବିଶ୍ୱାଳ ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା ସ୍କାଉଟ୍ସ ଗାଇଡ୍ସ ସଂଗଠନ ସମ୍ପାଦକ ସରୋଜ ଚନ୍ଦ୍ର ପାଇକରାୟ ଓ ଧାବକ ଅମିୟ କୁମାର ମଲ୍ଲିକଙ୍କୁ ସମ୍ମାନିତ କରାଯାଇଥିଲା। 'ସମୟ'ର ନିର୍ଦ୍ଦେଶିକା ଅନିତା ମହାନ୍ତି ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।




## ଆଜିଠୁ ପିତୃପକ୍ଷ ଆରମ୍ଭ

ପୁରୀ, ୭।୯ (ସମିସ): ସୋମବାରଠାରୁ ଆରମ୍ଭ ହେବ ପିତୃପକ୍ଷ। ଏହା ୧୫ଦିନ ଅର୍ଥାତ୍ ମହାଳୟା ପର୍ଯ୍ୟନ୍ତ ଚାଲିବ। ତେବେ ଏହି ପିତୃପକ୍ଷରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରାଯାଇଥାଏ। ଏଥିଲାଗି ଶ୍ରୀକ୍ଷେତ୍ରରେ ଅନେକ ଶ୍ରଦ୍ଧାଳୁ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ମହୋଦଧିରେ ତିଳତର୍ପଣ ଏବଂ ପିଣ୍ଡଦାନ କରିଥାନ୍ତି। ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ସେମାନେ ସ୍ନାନ କରି ତିଳତର୍ପଣ କରିଥା'ନ୍ତି। ବିଶ୍ୱାସ ରହିଛି, ଏହି ପକ୍ଷରେ ପିତୃଗଣ କୌଣସି ନା କୌଣସି ରୂପରେ ଆମ୍ଭମାନଙ୍କ ପାଖକୁ ଆସନ୍ତି ଏବଂ ଆଶୀର୍ବାଦ ପ୍ରଦାନ କରିଥା'ନ୍ତି। ଏହି ପିତୃପୁରୁଷଙ୍କୁ ଦୀପାବଳି ଅମାବାସ୍ୟା ଦିନ 'ଅନ୍ଧାରରେ ଆସି ଆଲୁଅରେ ଯାଅ' ବୋଲି କୁହାଯାଇ ବିଦାୟ ଦିଆଯାଏ। ଧାର୍ମିକ ଗ୍ରନ୍ଥ ଅନୁସାରେ ପାରିବାରିକ କଲ୍ୟାଣ ଓ ପିତୃପୁରୁଷଙ୍କ ଆତ୍ମାଶାନ୍ତି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ କର୍ମ କରିବା ଉଚିତ। ବିଧିପୂର୍ବକ ଶ୍ରାଦ୍ଧ କଲେ ପିତୃପୁରୁଷ ଆଶୀର୍ବାଦ କରିଥା'ନ୍ତି।

**ରାଜ୍ୟରେ ସେମିକଣ୍ଡକ୍ଟର୍ କ୍ଲଷ୍ଟର୍ ପାଇଁ ପ୍ରକ୍ରିୟା ଆରମ୍ଭ**

# ରାଜଧାନୀରେ ୧୦୦୦ ଏକର ଜମି ଚିହ୍ନଟ

ଭୁବନେଶ୍ୱର, ୭।୯ (ସମିସ): ରାଜ୍ୟକୁ ସେମିକଣ୍ଡକ୍ଟର୍ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ନିକଟରେ କେନ୍ଦ୍ର ସରକାର ଓଡ଼ିଶା ପାଇଁ ୪୦୦୦ କୋଟି ଟଙ୍କାର ସେମିକଣ୍ଡକ୍ଟର୍ ପ୍ରକଳ୍ପ ମଞ୍ଜୁର କରିଥିବା ବେଳେ ରାଜ୍ୟ ସରକାର ନିଜ ଆଡ଼ୁ ମଧ୍ୟ ୨ଟି ପ୍ରକଳ୍ପ ସ୍ଥାପନ ପାଇଁ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ୨ଟି ପ୍ରକଳ୍ପରେ ୨୬୦୦ କୋଟି ଟଙ୍କା ନିବେଶ କରାଯିବ। ସେମିକଣ୍ଡକ୍ଟର୍ କ୍ଷେତ୍ରରେ ଓଡ଼ିଶାକୁ ଦେଶର ଏକ ପ୍ରମୁଖ ରାଜ୍ୟ କରିବାକୁ ରାଜ୍ୟ ସରକାର ଦୂରଗାମୀ ଲକ୍ଷ୍ୟ ନେଇ ଆଗକୁ ବଢ଼ୁଛନ୍ତି। ଏହି କ୍ରମରେ ସରକାର ଭୁବନେଶ୍ୱର ବିମାନବନ୍ଦର ପାଶ୍ୱବର୍ତ୍ତୀ ଅଞ୍ଚଳରେ ୧୦୦୦ ଏକର ଜମି ଚିହ୍ନଟ କରିଛନ୍ତି। ଏହି ଜାଗାରେ ଗ୍ରୀନଫିଲ୍ଡ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର୍ ପ୍ରତିଷ୍ଠା କରାଯିବ।

ମିଳିଥିବା ସୂଚନାନୁଯାୟୀ, ରାଜ୍ୟ ସରକାର ଏହି କ୍ଲଷ୍ଟର ପ୍ରତିଷ୍ଠା ପାଇଁ ମାଲେସିଆର ଇଞ୍ଜିନିୟରିଂ ବିଶେଷଜ୍ଞଙ୍କ ସହ ଆଲୋଚନା ଆରମ୍ଭ କରିଛନ୍ତି। ସବୁ କିଛି ଯୋଜନା ଅନୁସାରେ କାର୍ଯ୍ୟନ୍ୱୟନ ହେଲେ ଖୁବ୍‌ଶୀଘ୍ର ଏହି କ୍ଲଷ୍ଟର୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।

**୨୦୩୦ ସୁଦ୍ଧା ୧୨୦ ଚିପ୍ ଡିଜାଇନ୍ କମ୍ପାନୀକୁ ଆକୃଷ୍ଟ କରିବା ଲକ୍ଷ୍ୟ**

ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାର ଗତ ଅଗଷ୍ଟ ମାସରେ ଓଡ଼ିଶା ପାଇଁ ଯେଉଁ ୨ଟି ସେମିକଣ୍ଡକ୍ଟର୍ ପ୍ରକଳ୍ପ ମଞ୍ଜୁର କରିଥିଲେ, ସେଥିରୁ ଗୋଟିଏ ସିକସେମ୍ କମ୍ପାନୀର ପ୍ରକଳ୍ପ ରହିଛି। ଭୁବନେଶ୍ୱରରେ ସିକସେମ ସିଲିକନ କାର୍ବାଇଡ ଆଧାରିତ କମ୍ପାଉଣ୍ଡ ସେମିକଣ୍ଡକ୍ଟର୍ ଫେବ୍ରିକେସନ୍ ୟୁନିଟ୍ ସହ ଏକ ଏଟିଏମପି (ଆସେମ୍ବ୍ଲି, ଟେଷ୍ଟିଂ, ମାର୍କେଟିଂ, ପ୍ୟାକେଜିଂ) ୟୁନିଟ୍ ପ୍ରତିଷ୍ଠା କରିବ। ଏହାର ଚିପ୍ ଫେବ୍ରିକେସନ୍ କ୍ଷମତା ବାର୍ଷିକ ୬୦ ହଜାର ୱେଫର୍ ରହିବାକୁ ଥିବା ବେଳେ ଏଟିଏମପି ପ୍ଲାଣ୍ଟର କ୍ଷମତା ୯୬ନିୟୁତ ୟୁନିଟ୍ ରହିବ ବୋଲି ଜଣାପଡ଼ିଛି। ଆସନ୍ତା ଅକ୍ଟୋବରରେ ସିକସେମ କମ୍ପାନୀର ଶିଳାନ୍ୟାସ କରାଯିବ। ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଚିହ୍ନଟ ସରିଥିବା ବେଳେ ଅନ୍ୟାନ୍ୟ ପ୍ରକ୍ରିୟା ବର୍ତ୍ତମାନ ଜାରି ରହିଥିବା ଜଣାପଡ଼ିଛି। ସେହିପରି ଦ୍ୱିତୀୟ ପ୍ରକଳ୍ପଟି ନ୍ୟୁ-ମେକ୍ସିକୋର୍ ୩-ଡି ଗ୍ଲାସ୍ ସଲ୍ୟୁସନ୍ ପ୍ରତିଷ୍ଠା କରିବ। ଏହି କମ୍ପାନୀ ଏଟିଏମ୍‌ପି ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଥିବା ବେଳେ ଏହାର ବାର୍ଷିକ କ୍ଷମତା ୫୦ ନିୟୁତ ୟୁନିଟ୍ ରହିବ। ସେହିପରି ଏହା ବାର୍ଷିକ ୭୦ ହଜାର ଗ୍ଲାସ୍ ପ୍ୟାନେଲ ଉତ୍ପାଦନ କରିବ ବୋଲି ଜଣାପଡ଼ିଛି। ରାଜ୍ୟ ସରକାର ନୂଆ ସେମିକଣ୍ଡକ୍ଟର୍ ନୀତି ଅନୁଯାୟୀ ଆସନ୍ତା ୨୦୩୦ ସୁଦ୍ଧା ପ୍ରାୟ ୧୦୦ରୁ ୧୨୦ ଚିପ୍ ଡିଜାଇନ କମ୍ପାନୀକୁ ଓଡ଼ିଶାରେ ନିବେଶ ପାଇଁ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି।


# ଦୁର୍ଘଟଣାରେ ଗଲା ୪ ଜୀବନ

## ଟ୍ରେଲର୍‌କୁ ପଛରୁ ପିଟିଲା ବାଇକ୍: ୨ ମୃତ

ରାଉରକେଲା, ୭।୯ (ସମିସ): ସ୍ଥାନୀୟ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ରାଣୀବନ୍ଧ ନିକଟ ୧୦ ନମ୍ବର ରାଜ୍ୟ ରାଜପଥରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, କାଂଶବାହାଲ ଅଞ୍ଚଳର ଜସବିର ବେଗ ଓ ସୋନାଖାନ ଅଞ୍ଚଳର ରୋହିତ ମାଝୀ। ଆଜି ଦୁହେଁ ଏକ ବାଇକ୍‌ରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଟ୍ରେଲର୍‌କୁ ପଛରୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ଘୋଷଣା କରିଥିଲେ। ରାଜଗାଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପଥଚାରୀଙ୍କୁ ଧକ୍କା ଦେଲା ବାଇକ୍

ଫିରିଙ୍ଗିଆ, ୭।୯ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ସାଡିଙ୍ଗିଆ ବିଏସ୍‌ଏଫ୍ କ୍ୟାମ୍ପ ନିକଟରେ ଆଜି ଏକ ଦୁର୍ଘଟଣାରେ ୨ଜଣଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, ସାଡ଼ିଙ୍ଗିଆ ଗାଁର ଦାସେବନ କହଁର ଓ ବାଲିଗୁଡ଼ା ଥାନା ବାଟାଗୁଡ଼ା ପଞ୍ଚାୟତ ପୁସାଙ୍ଗିଆ ଗାଁର ଶଶିକାନ୍ତ ପ୍ରଧାନ। ସେହିଭଳି ଏହି ଦୁର୍ଘଟଣାରେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଦ୍ୱୟଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।





ସୂଚନାନୁସାରେ, ଦୁଇ ଦିନ ତଳେ ସ୍ତ୍ରୀ ଓ ପିଲାଙ୍କୁ ଧରି ଶଶିକାନ୍ତ ଶଶୁରଘର ସୁମେରବନ୍ଧ ପଞ୍ଚାୟତର ବଜଡ଼ି ଗାଁକୁ ଆସିଥିଲେ। ଶନିବାର ସନ୍ଧ୍ୟାରେ ସେ ୨ଶଳାଙ୍କ ସହ ବାଇକ୍‌ରେ ସାଡ଼ିଙ୍ଗିଆ ବଜାରକୁ ଯାଇ ରାତି ପ୍ରାୟ ୯ଟାରେ ଫେରୁଥିଲେ। ଶଶିକାନ୍ତ ବାଇକ୍‌ରେ ବସିଥିବା ବେଳେ ସାନ ଶଳା ଚଳାଉଥିଲେ। ସାଡ଼ିଙ୍ଗିଆ ବିଏସ୍‌ଏଫ୍ କ୍ୟାମ୍ପ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ବଜାରରୁ କାମ ସାରି ଘରକୁ ଚାଲିଚାଲି ଫେରୁଥିବା ଦାସେବନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଦାସେବନଙ୍କ ସେଠାରେ ମୃତ୍ୟୁ ହୋଇଯାଇଥିଲା। ଶଶିକାନ୍ତ ମଧ୍ୟ ବାଇକ୍‌ରୁ ଛିଟିକି ପଡ଼ି ପ୍ରାଣ ହରାଇଥିବା ବେଳେ ତାଙ୍କର ଦୁଇ ଶଳା ଗୁରୁତର ଆହତ ହୋଇଥିଲେ।

ମୃତକଦ୍ୱୟ ଶ୍ରମିକ ଶ୍ରେଣୀର। ଶଶିକାନ୍ତ ମୁମ୍ବାଇର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରନ୍ତି। ନୂଆଁଖାଇ ଅବସରରେ ସେ ଘରକୁ ଆସିଥିଲେ। ତାଙ୍କର ଦୁଇଟି ଛୋଟ ଛୋଟ ଝିଅ ଅଛନ୍ତି। ଦୁର୍ଘଟଣା ପରେ ଉଭୟ ପରିବାରରେ ଶୋକର ଛାୟା ଖେଳି ଯାଇଛି। ଫିରିଙ୍ଗିଆ ଏଏସ୍‌ଆଇ ପ୍ରିୟରଞ୍ଜନ ନାଏକ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ବେପରୁଆ ଓ ଦ୍ରୁତ ଗାଡ଼ିଚାଳନା ପାଇଁ ଦୁର୍ଘଟଣା ଘଟିଥିବା ମୃତ ଦାସେବନ କହଁରଙ୍କ ବଡ଼ଭାଇ ତିଳେସନ ଥାନାରେ ଅଭିଯୋଗ କରିଛନ୍ତି।

## ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ରାୟଗଡ଼ା,୭।୯(ସମିସ): ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୧୩ ତାରିଖରେ ଜିଲ୍ଲା ମୁଖ୍ୟ କୋର୍ଟ ସମେତ ଗୁଣୁପୁର, ବିଷମକଟକ, କାଶିପୁର, ପଦ୍ମପୁର ଓ ମୁନିଗୁଡା ଅଦାଲତ ପରିସରରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଜିଲ୍ଲା ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସତ୍ୟ ନାରାୟଣ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ସମାଧାନ ହୋଇପାରିବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ସୁବ୍ରତ ଆଚାର୍ଯ୍ୟ କହିଛନ୍ତି । ଲୋକେ ଏହାର ସୁଯୋଗ ନେବାକୁ କୁହାଯାଇଛି।

## ଶିକ୍ଷକଙ୍କ ବଦାନ୍ୟତା, ଫେରାଇଲେ ରିଚାର୍ଜ ଅର୍ଥ

ନନ୍ଦପୁର,୭।୯(ସମିସ): ଗତ ରବିବାର ଦିନ ନନ୍ଦପୁର ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରାଙ୍କ ମୋବାଇଲ୍ ଫୋନ୍‌ରେ ରିଚାର୍ଯ୍ୟ ବେଳେ ଅନ୍ୟ ଜଣଙ୍କ ନମ୍ବରରେ ରିଚାର୍ଯ୍ୟ ହୋଇ ଯାଇଥିଲା। କଟପାଡ ବ୍ଲକ ଅନ୍ତର୍ଗତ ପ୍ରାଥମିକ ବିଦ୍ୟାଳୟ ଟିଡିହାଣ୍ଡି ସ୍କୁଲର ଶିକ୍ଷକ ଅବିନାଶ ମହାପାତ୍ରଙ୍କ ନମ୍ବରରେ ଏହି ରିଚାର୍ଜ ହୋଇଯିବାରୁ ସେ ନିଜ ଆଡୁ ଫୋନ୍ କରି ଟଙ୍କା ଫେରାଇ ଦେଇଥିବା ଜଣାପଡ଼ିଛି। ଶିକ୍ଷକଙ୍କର ଏଭଳି କାର୍ଯ୍ୟକୁ ପ୍ରଶଂସା କରାଯାଇଛି।

# କାମ ଦେଲାନି ଆୟୁଷ୍ମାନ କାର୍ଡ, ଆନ୍ଧ୍ରରେ ଅଟକ ରହିଲା ଶବ



➤ ବିଜେଡି ନେତାଙ୍କ ହସ୍ତକ୍ଷେପ
➤ ୩ କିଲୋମିଟର କାନ୍ଧେଇ ଗାଁକୁ ନେଲେ ଶବ

ରାୟଗଡ଼ା,୭।୯(ସମିସ): ଆନ୍ଧ୍ରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଓଡିଶାର ଜଣେ ରୋଗୀ ମୃତ ବରଣ କରିଥିବା ବେଳେ ଚିକିତ୍ସା ବାବଦକୁ ତାଙ୍କ ବକେୟା ବିଲ ଟଙ୍କା ପରିବାର ଲୋକେ ଦେବାକୁ ସକ୍ଷମ ହୋଇ ପାରି ନ ଥିଲେ। ମୃତ ଶରୀର ଦେବାକୁ ମେଡିକାଲ କର୍ତ୍ତୃପକ୍ଷ ମନା କରି ଦେଇଥିଲେ। ସେଠାରେ କାମ ଦେଇଛି ନ ଥିଲା ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ । ପରେ ଘଟଣା ସମ୍ପର୍କରେ ରାୟଗଡ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ଏନ. ଭାସ୍କର ରାଓ ଉକ୍ତ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ରାୟଗଡ଼ା ପଞ୍ଚାୟତ ସମିତି ସଭ୍ୟସଭ୍ୟା ଓ ଅନ୍ୟ ବଦାନ୍ୟ ବ୍ୟକ୍ତିଙ୍କ ତରଫରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପରେ ମେଡିକାଲରେ ବିଲ ଅର୍ଥ ପଇଠ କରାଯିବା ପରେ ପରିବାର ଲୋକଙ୍କୁ ମୃତ ଶରୀର ହସ୍ତାନ୍ତର କରାଯାଇଛି। ମୃତକଙ୍କ ଗାଁକୁ ରାସ୍ତା ନ ଥିବାରୁ ଗାଁ ଠାରୁ ପ୍ରାୟ ୩ କିଲୋମିଟରରୁ ଉର୍ଦ୍ଧ୍ୱ ଦୂର ବାଟରେ ମର ଶରୀରକୁ ଓଲହାଇ ଦେଇଚାଲି ଚାଲି ଯାଇଥିଲା। ଲୋକେ ଶବକୁ କାନ୍ଧେଇ ଗାଁ ପର୍ଯ୍ୟନ୍ତ ଯାଇଥିଲା। ଏଭଳି ଘଟଣା ରାୟଗଡ଼ା ଜିଲ୍ଲା ସଦର ବ୍ଲକ କେରଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କେରାଣ୍ଡି ଗ୍ରାମରେ ଦେଖିବାକୁ ମିଳିଥିଲା। ରାୟଗଡ଼ା ପଞ୍ଚାୟତ ସମିତିର ସମିତି ସଭ୍ୟ କ୍ରୀଷ୍ଟା କୋଲକାଙ୍କ ପୁତ୍ର ନାଗେଶ୍ୱର୍ କୋଲାକ(୩୬)ଙ୍କ ମୃତ୍ୟୁ ପରେ ଏପରି ପରିସ୍ଥିତି ଉପୁଜିଥିଲା। ଆୟୁଷ୍ମାନ କାର୍ଡ ଉପରେ ଭରସା କରି ପାର୍ବତୀପୁରମ ଓ ପରେ ବିଶାଖାପାଟଣାମର ଏକ ଘରେଇ ମେଡିକାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ସେଠାରେ ସେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଚିକିତ୍ସା ବାବଦକୁ ୯ ୯ ହଜାର ଟଙ୍କା ଖର୍ଚ୍ଚ ମେଡିକାଲ କର୍ତ୍ତୃପକ୍ଷ ଦେବାକୁ କହିଥିଲେ। ତେଣୁ ତାଙ୍କ ଶବକୁ ଅଟକ ରଖାଯାଇଥିବା ସମ୍ପର୍କୀୟ ପ୍ରଫୁଲ୍ଲ କୋଲକା କହିଛନ୍ତି। ବହୁ କଷ୍ଟରେ ଶବ ଆସିଥିବା ବେଳେ କେରଣ୍ଡୀ ଗାଁକୁ ରାସ୍ତା ନ ଥିବାରୁ ଗାଁ ଠାରୁ ଦୂରରେ ମୃତ ଶରୀରକୁ ଆମ୍ବୁଲାନ୍ସ ଓହ୍ଲାଇ ଚାଲି ଯାଇଥିଲା। ସରକାରଙ୍କ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ଉଚିତ ସମୟରେ କାମ ଦେଉ ନ ଥିବା ଗରିବ ପରିବାରମାନଙ୍କ ପାଇଁ କାଳ ସାଜିଛି । ହସ୍ପିଟାଲ କର୍ତ୍ତୃପକ୍ଷ ଅର୍ଥ ଲୋଭରେ ମର ଶରୀରକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର ନ କରିବା ଦୁର୍ଭାଗ୍ୟଜନକ ଘଟଣାବୋଲି ରାୟଗଡ଼ା ବ୍ଲକ ଉପାଧ୍ୟକ୍ଷ ହର ପ୍ରସାଦ ହେପୃକା ଚିନ୍ତା ପ୍ରକଟ କରିଛନ୍ତି ।

## ଘରୋଇ ବସ୍ ମାଲିକ ସଂଘର ପୂର୍ବତନ ସଂପାଦକଙ୍କ ବିୟୋଗ



ରାୟଗଡ଼ା,୭।୯(ସମିସ): ରାୟଗଡ଼ା ଘରୋଇ ବସ୍ ମାଲିକ ସଂଘର ପ୍ରତିଷ୍ଠାତା ତଥା ପୂର୍ବତନ ସଂପାଦକ କଞ୍ଚା ଭେଙ୍କଟ ରାଓଙ୍କ ଅକାଳ ବିୟୋଗ ଘଟିଛି। ଗତ ଶୁକ୍ରବାର ରାତିରେ ସାମାନ୍ୟ ଅସୁସ୍ଥତା ଅନୁଭବ କରିଥିଲେ ଭେଙ୍କଟ ରାଓ। ଚିକିତ୍ସା ନିମନ୍ତେ ତାଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୭୪ବର୍ଷ ବୟସରେ ମୃତ୍ୟୁକୁ ନେଇ ବସ୍ ମାଲିକ ସଂଘରେ ଶୋକର ବାତାବରଣ ସୃଷ୍ଟି ହୋଇଛି। ସ୍ୱର୍ଗତ ଭେଙ୍କଟ ରାଓ ରାୟଗଡ଼ ଘରୋଇ ବସ୍ ମାଲିକ ସଂଘର ପ୍ରତିଷ୍ଠାତା ଥିଲେ। ଦୀର୍ଘ ୩୫ବର୍ଷ ଧରି ସେ ଘରୋଇ ବସ୍ ମାଲିକ ସଂଘରେ ସଂପାଦକ ଭାବେ କାର୍ଯ୍ୟ କରିଛନ୍ତି। ଖବର ପାଇ ରାୟଗଡ଼ ବିଧାୟକ କାଡ୍ରକା ଅପଲାସ୍ୱାମୀ, ପୂର୍ବତନ ରାଜ୍ୟସଭା ସାଂସଦ ଏନ. ଭାସ୍କର ରାଓ ପହଞ୍ଚି ଶୋକ ପ୍ରକାଶ କରିଥିଲେ। ରାୟଗଡ଼ା ଘରୋଇ ବସ୍ ଚଳାଚଳ ବନ୍ଦ ରହିଥିଲା।

## ବର୍ଷା ଜଳ ନିଷ୍କାସନରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ବିଫଳ



ବୈପାରୀଗୁଡ଼ା,୭।୯(ସମିସ): ଅସରାଏ ବର୍ଷାରେ ଗ୍ରାମ ଦାଣ୍ଡରେ ଜମୁଛି ଅଣ୍ଟାଏ ପାଣି । ଯାହାକୁ ନେଇ ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ। ୩୨୬ ନମ୍ବର ଜାତୀୟ ରାଜ ପଥ ବୈପାରୀଗୁଡା ଠାରେ ଏଭଳି ଦେଖିବାକୁ ମିଳିଛି। ସଦର ମହକୁମା ସ୍ଥିତ ବିରୋଖମ୍ବ ପୋଲ, ଥାନା ନିକଟରେ ଥିବା କୋଲଭର୍ଟ ଏବଂ ଟାଙ୍ଗିଣୀଗୁଡା ମୁଖ୍ୟ ଛକରେ ଏଭଳି ବର୍ଷା ପାଣି ଜମି ରହୁଛି । ଜଳ ନିଷ୍କାସନ ପାଇଁ ପ୍ରଶାସନକୁ ନିବେଦନ କରିଛନ୍ତି ଗ୍ରାମବାସୀ। ଯଦି ଗଲାଣ ବର୍ଷା ଲାଗି ରହେ ତେବେ ବର୍ଷା ଜଳ ନିଷ୍କାସନ ନ ହୋଇ ୩୨୬ ନମ୍ବର ଜାତୀୟ ରାଜପଥରେ ଯାତାୟାତ ବାଧା ସୃଷ୍ଟି ହୁଏ । ଆମ୍ବୁଲାନ୍ସ, ବସ୍, ଟ୍ରକ ଓ ବହୁ ଚାରିଚକିଆ ଯାନ, ଭାରୀଯାନ ଆଦି ଆନ୍ଧ୍ର, ତେଲେଙ୍ଗାନା ଓ ଛତିଶଗଡ ରାଜ୍ୟକୁ ଏବଂ କୋରାପୁଟ ଜିଲ୍ଲା ସହ ମାଲକାନଗିରି ଜିଲ୍ଲାକୁ ଯାତାୟାତ ହୁଏ। ଏହି ନିର୍ଦ୍ଦିଷ୍ଟ କେତୋଟି ସ୍ଥାନରେ ବର୍ଷା ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରାଯାଉ ବୋଲି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଗଣ ମାଧ୍ୟମ ଜରିଆରେ ଦାବି କରିଛନ୍ତି। ଗତ ଦିନରେ ଏହି ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣିରେ ଅଭିଯୋଗ କରିଥିଲେ ସ୍ଥାନୀୟ ସ୍ୱେଚ୍ଛାସେବୀ ନାଟବର ପଟ୍ଟନାୟକ। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ । ଏହାକୁ ନେଇ ବିଭାଗୀୟ ଅଧିକାରଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ଯୋଗାଯୋଗ ହୋଇପାରିନାହିଁ ।

## ଭାଗବତ ଜନ୍ମୋତ୍ସବ, ହୋମଯଜ୍ଞ



ତେନ୍ତୁଳିଖୁଣ୍ଟି,୭।୯ (ସମିସ): ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ପ୍ରକଳ୍ପ ମୁଖ୍ୟ ଦପ୍ତର ଖାତିଗୁଡ଼ା ସ୍ଥିତ ପ୍ରସିଦ୍ଧ ଗୋପାଳ ଶ୍ରୀକ୍ଷେତ୍ର ଅନ୍ତର୍ଗତ ଗୁଣ୍ଡିଚା ମନ୍ଦିର ପରିସରରେ ଥିବା ଭାଗବତ ଟୁଙ୍ଗୀରେ ଆଜି ଆଧ୍ୟାତ୍ମିକ ପରିବେଶରେ ଭାଗବତ ଜନ୍ମୋତ୍ସବ ପାଳନ ହୋଇଛି। ବିଶିଷ୍ଟ ସାଧକ ଦୁଃଶାସନ ଗୋଛାୟତ ୧୯୯୮ ମସିହାରୁ ଦୀର୍ଘ ୨୮ ବର୍ଷ ଧରି ନୀରବଚ୍ଛିନ୍ନ ଭାବେ ପ୍ରତ୍ୟହ ସକାଳେ ଓ ସନ୍ଧ୍ୟାରେ ଭାଗବତ ଟୁଙ୍ଗୀ ର ଭାଗବତ ପୁରାଣ ପାଠ କରି ସ୍ଥାନୀୟ ଅଞ୍ଚଳରେ ଆଧାରିକ ପରିବେଶ ସୃଷ୍ଟି କରିପାରିଛନ୍ତି। ଆଜି ପବିତ୍ର ଇନ୍ଦୁ ପୂର୍ଣ୍ଣିମା ଓ ଭାଗବତ ଜନ୍ମୋତ୍ସବ ଅବସରରେ ଆୟୋଜିତ ହୋମ ଯଜ୍ଞରେ ଗୋପାଳ ଶ୍ରୀକ୍ଷେତ୍ର ମୁଖ୍ୟ ପୂଜକ ପଣ୍ଡିତ କୃଷ୍ଣଚନ୍ଦ୍ର କରଙ୍କ ମନ୍ତ୍ର ଧ୍ୱନୀ ମଧ୍ୟରେ କର୍ତ୍ତା ଭାବେ ପୃଥିରାଜ ପାଇକରାୟ ଓ ଧର୍ମପତ୍ନୀ ମମତା ଧିର ଯଜ୍ଞ କୁଣ୍ଡରେ ଆହୁତି ପ୍ରଦାନ କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଉତ୍ତରା ଗୋଛାୟତ, ରାଜକିଶୋର ବିଶ୍ୱାଳ, ସନ୍ତୋଷ ଜେନା, ମହେଶ୍ୱର ଦାସ, ପ୍ରମୋଦ ପଣ୍ଡା, ପ୍ରମୋଦ ଡାକୁଆ, ଆଲୋକ ଯାଦବ, ଚିରଞ୍ଜିବୀ ଗୋଛାୟତ, ଏସ. ରବି ପାତ୍ର, ହରିବନ୍ଧୁ ପରିଡ଼ା ପ୍ରମୁଖ ବିଶେଷ ସହଯୋଗ କରିଥିଲେ।

## ଅଭ୍ୟାସ ଟେକ୍ନୋ ସ୍କୁଲରେ ଗୁରୁଦିବସ



ପଦ୍ମପୁର, ୭।୯(ସମିସ): ଗୁରୁଦିବସରେ ଅଭ୍ୟାସ ଟେକ୍ନୋ ସ୍କୁଲରେ ଗୁରୁ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ମୁଖ୍ୟ ଅଧ୍ୟକ୍ଷ ଦିବ୍ୟଦେବାଶିଷ ଦୁବେ, ସହ ଅଧ୍ୟକ୍ଷା ମନୀଷା ପରିଚ୍ଛା ଏବଂ ନିର୍ବାହୀକା ଗାୟତ୍ରୀ ପଣ୍ଡାଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମଞ୍ଚ ଉପରକୁ ଆମନ୍ତ୍ରଣ କରାଯାଇଥିଲା। କୌଣସି ଶିକ୍ଷକଙ୍କୁ ନ ଜଣାଇ ତାଙ୍କ ଅଭିଭାବକଙ୍କୁ ଖୁବ୍ ଆଡମ୍ବରରେ ନିମନ୍ତ୍ରଣ କରାଯାଇଥିବାରୁ କାର୍ଯ୍ୟକ୍ରମରେ ଭିନ୍ନ ପରିବେଶ ସୃଷ୍ଟି ହୋଇଥିଲା। ଅଭିଭାବକ ମାନେ ମଧ୍ୟ ନିଜ ମତାମତ ଦେଇ ଧନ୍ୟବାଦ ଅର୍ପଣ କରିଥିଲେ, ନିଜ ଅଭିଭାବଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଛି। ଶିକ୍ଷକ ମାନଙ୍କ ସହ ସମସ୍ତେ ଏକଜୁଟ ହୋଇ ନାଚଗୀତରେ ଝୁମିଥିଲେ।

## ଦୁଇ ଆଇନଜୀବୀଙ୍କ ଉଦ୍ୟମରେ ମରାମତି ହେଲା ରାସ୍ତା



ଜୟପୁର,୭।୯(ସମିସ): ଜୟପୁର ସ୍ଥିତ ଜିଲ୍ଲା କୋର୍ଟକୁ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାରେ ବିଭିନ୍ନ ସ୍ଥାନରେ ଗାତ ହୋଇଥିବା ବେଳେ କୋର୍ଟର ପୁରାତନ ମୁଖ୍ୟ ଫାଟକ ଠାରୁ ମାତ୍ର ୫୦ ଫୁଟ ପୂର୍ବରୁ ରାସ୍ତାର ମଧ୍ୟଭାଗରେ ବଡ଼ ଗାତ ହୋଇଥିଲା। ଦୀର୍ଘଦିନ ଧରି ଏହି ଗାତ ରହିଥିଲେ ସୁଦ୍ଧା ପୌରସଂସ୍ଥା ପକ୍ଷରୁ ଏଥିପ୍ରତି ଦୃଷ୍ଟି ପଡିନଥିଲା। ପାଲଟା ପୌର ଯନ୍ତ୍ରୀ କହୁଛନ୍ତି ଯେ, ଏହିପରି ଗାତ ରହିଥିଲେ କୋର୍ଟ କାର୍ଯ୍ୟାଳୟ ଏବଂ ଆଇନଜୀବି ମାନେ ଅଭିଯୋଗ କରିଥାଆନ୍ତେ। କିନ୍ତୁ ଜିଲ୍ଲା କୋର୍ଟ ରାସ୍ତାର ଦୁରାବସ୍ଥା ନେଇ 'ସକଳ'ରେ ଶୁକ୍ରବାର ଖବର ପ୍ରକାଶିତ ହୋଇଥିଲା। କିନ୍ତୁ ଅପାରଗ ପୌରସଂସ୍ଥା ଏହି ମୁଖ୍ୟରାସ୍ତା ମରାମତି ନେଇ କୌଣସି ଦୃଷ୍ଟି ଦେଇନଥିଲେ। ଶେଷରେ ଗତକାଲି ଜୟପୁର ଆଇନଜୀବୀ ସଂଘର ସଭାପତି ସରୋଜ ଦାଶ ଏବଂ ବରିଷ୍ଠ ଆଇନଜୀବି ବାଲା ରାୟ ସ୍ଥାନୀୟ ଜିଲ୍ଲା କୋର୍ଟର ଭବନ ନିର୍ମାଣ କରୁଥିବା ଠିକାଦାରଙ୍କୁ ଅନୁରୋଧ କରିବା ସହ ନିଜେ ଏହି ଗାତକୁ ବନ୍ଦ କରିବା ନେଇ ଉପସ୍ଥିତ ରହି ଏହାର ମରାମତି କରିଥିଲେ। ବରିଷ୍ଠ ଦୁଇ ଆଇନଜୀବୀଙ୍କ କାର୍ଯ୍ୟକୁ ନେଇ ଏହି ରାସ୍ତାଦେଇ ସ୍ଥାନୀୟ ଯାତାୟାତ କରୁଥିବା ବାସିନ୍ଦା ମାନେ ପ୍ରଶଂସା କରିଛନ୍ତି। ବରିଷ୍ଠ ଆଇନଜୀବୀ ବାଲା ରାୟ ପୌରସଂସ୍ଥାର ଯନ୍ତ୍ରୀ ମାନଙ୍କ ନିର୍ମାଣ କାର୍ଯ୍ୟର ତଦାରଖର ଅଭାବ ଯୋଗୁଁ ସାରା ନିମ୍ନ ମାନପ କାର୍ଯ୍ୟ ହେଉଛି। ତେଣୁ ସାରା ସହରର ରାସ୍ତାର ସମସ୍ତ ରାସ୍ତାର ଏହିପରି ଦୁରାବସ୍ଥା ସୃଷ୍ଟି ହୋଇଛି। ତେଣୁ ଉକ୍ତ ଦାୟୀତ୍ୱରେ ରହିଥିବା ଯନ୍ତ୍ରୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସ୍ଥାନୀୟ ପାରାବେଢା, ଖ୍ରୀଷ୍ଟିଆନ ସାହି କୋର୍ଟ ଲାଇନ, ସହରର ମୁଖ୍ୟରାସ୍ତା, କେବିଏସଡି ରୋଡ, ଖ୍ରୀଷ୍ଟିଆନ ସାହି ଠାରୁ ପଞ୍ଚାନନ ମନ୍ଦିର ବାଇପାସ ରୋଡ, ଗ୍ଲୋକାଲ ଛକ ଠାରୁ ଜୟନଗର ବାଇପାସ ରାସ୍ତା, ଗାନ୍ଧୀ ଛକ ଠାରୁ କୋଲବ ହଳଦୀ ବ୍ରିଜ ଛକ ବାଇପାସ ରାସ୍ତାର ଗୁଡିକ ମରଣଯନ୍ତା ପାଲଟିଛି। ପୌରସଂସ୍ଥାର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଏ. ଶଶ୍ୟା ରେ‡ କହିଛନ୍ତି ଯେ, ସାରା ସହରରେ ଏହିପରି ରାସ୍ତାର ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅତିଶିଘ୍ର ସାରା ସହରରେ ଏହି କାର୍ଯ୍ୟ ଆରମ୍ଭ ହେବ।

## ଓଆଇସି ଭାବେ ଯୋଗଦେଲେ ଡମ୍ବରୁଧର ବାତ୍ରିଆ



ବୈପାରିଗୁଡ଼ା,୭।୯(ସମିସ): ବୈପାରିଗୁଡା ଥାନାରେ ଡମ୍ବରୁଧର ବାତ୍ରିଆ ନୂତନ ଓଆଇସି ଭାବେ ଯୋଗଦାନ କରିଛନ୍ତି। ସେ ଗତ କିଛି ବର୍ଷ ହେଲା କୋରାପୁଟ ଜିଲ୍ଲାର ବିଭିନ୍ନ ଥାନାରେ ଓଆଇସି ଭାବେ କାର୍ଯ୍ୟ କରିଥିବାବେଳେ କାକରିଗୁମ୍ମା ଥାନାରୁ ଆଜି ତାଙ୍କୁ ବୈପାରିଗୁଡା ଓଆଇସି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀ ବାତ୍ରିଆ କୋରାପୁଟ ଜିଲ୍ଲାରେ ଦୀର୍ଘ ବର୍ଷ ଧରି କାମ କରି ଲୋକଙ୍କ ଏବଂ ବିଭିଗର ପ୍ରିୟଭାଜନ ହୋଇପାରିଥିଲେ। ନକ୍ସଲ ପ୍ରବଣ ଅଞ୍ଚଳରେ କାମ କରିଥିବାରୁ ବୈପାରିଗୁଡା ଭଳି ନକ୍ସଲ ପ୍ରବଣ ଏବଂ ସମ୍ବେଦନଶୀଳ ସ୍ଥାନରେ ମଧ୍ୟ ସେ ନିଜର ଦାୟିତ୍ୱ ସୂଚାରୁରୂପେ ତୁଲାଇବେ ବୋଲି କହିଛନ୍ତି।

## ଥାନା ଅଧିକାରୀଙ୍କ ପ୍ରଶଂସନୀୟ ପଦକ୍ଷେପ



ସୁନାବେଡ଼ା,୭।୯(ସମିସ): ସୁନାବେଡା ସହରବାସୀଙ୍କୁ ଶାନ୍ତି ଏବଂ ସୁରକ୍ଷିତ ଜୀବନଯାପନ କରିବାରେ ସହାୟକ ପ୍ରଦାନ ନିମନ୍ତେ ଆମ ପୁଲିସ ସମିତି ତରଫରୁ ସୁନାବେଡ଼ା ଥାନା ଅଧିକାରୀ ସୁଷମା କହଁରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ସମାଜ ସେବୀ, ସଚେତନ ନାଗରିକ ଏବଂ ପୌର ପରିଷଦର ସମସ୍ତ କାଉନସିଲର ସୁନାବେଡ଼ା ଥାନାର ଏସଆଇ ନିର୍ମଳା ଲିମା, ଏଏସଆଇ, ବାଳକୃଷ୍ଣ ରଥ , ଏସଆଇ ଚରଣ ସିଂ ମାଝୀ, ଏଏସଆଇ ରାମ ଚନ୍ଦ୍ର ପଟ୍ଟନାୟକ, ଏଏସଆଇ ଜ୍ୟୋତ୍ସ୍ନା ରାଣୀ ମିଶ୍ର ଓ ଅନନ୍ତ କୁମାର ହନ୍ତାଳ ପ୍ରମୁଖ ଯୋଗ ଦେଇଥିଲେ। ସୁନାବେଡ଼ା ସହରରେ ଶାନ୍ତି ଓ ଶୃଙ୍ଖଳା ଉପରେ ନେବାକୁ ଥିବା ପଦକ୍ଷେପ ଗୁଡ଼ିକ ବିଷୟ ରେ ଏହି ବୈଠକରେ ଆଲୋଚନା କରିଥିଲେ। ଏଥିସହ ସନ୍ଧ୍ୟା ଓ ରାତ୍ରୀ ପେଟ୍ରୋଲିଂକୁ କଡ଼ାକଡ଼ି କରାଯିବା, ବିଭିନ୍ନ ସାଇବର କ୍ରାଇମ୍ ଓ ଅନେକ ପ୍ରକାରର ଅନଲାଇନ୍ ଅପରାଧ କିପରି ରୋକା ଯାଇପରିବ ସେ ବିଷୟରେ ବୁଝାଇ ଥିଲେ। ସନ୍ଧ୍ୟା ବେଳେ ବିଭିନ୍ନ ସ୍ଥାନରେ ଆ‡ ଜମାଇଥିବା ଲୋକଙ୍କ ଉପରେ କଡ଼ା ପଦକ୍ଷେପ ନେବା, ଛକ ମଝିରେ ଛିଡ଼ା ହୋଇ ଗହଳି କରୁଥିବା ଲୋକଙ୍କୁ ଏଥିରୁ ନିବୃତ୍ତ ରହିବାକୁ ପରାମର୍ଶ ଦେବା ସହ ଜନଗହଳି ପୂର୍ଣ୍ଣ ସ୍ଥାନରେ ଦ୍ରୁତଗତିରେ ଯାନ ବାହନ ଚଳାଚଳକୁ ନିଷେଧ , ନାବାଳକ ବାଇକ ଚାଳକ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଦି ବିଷୟ ବସ୍ତୁ ନେଇ ସଚେତନ କରିଥିଲେ।

### ବାପାଙ୍କ ଅଧୁରା ସ୍ୱପ୍ନକୁ ପୂରଣ କଲେ ତିନି ପୁଅ

# ଗାଁରେ ସ୍ଥାପନ କଲେ ବିଦ୍ୟାଳୟ



କୋରାପୁଟ,୭।୯(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଏ. ମାଲକାନଗିରି ପଞ୍ଚାୟତର ସଦର ମହକୁମା ଆଡମୁଣ୍ଡାଠାରେ ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦ୍‌ଘାଟନ ହୋଇଯାଇଛି। କୋରାପୁଟ ସାଂସଦ ସପ୍ତଗିରି ସଙ୍କର ଉଲାକା ଓ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏହି ପଞ୍ଚାୟତରେ ୫ଥର ସରପଞ୍ଚ ଭାବେ କାର୍ଯ୍ୟ କରିଥିବା ମୋହନ କୁଳଦୀପଙ୍କ ସ୍ୱପ୍ନ ଥିଲା ଅଞ୍ଚଳର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷାର ବିକାଶ କରିବା ଓ ଏଠାକାର ପିଲାମାନେ ଉଚ୍ଚ ଶିକ୍ଷିତ ହୋଇ ଆଗକୁ ବଢିବା ଏବଂ ଏକ ବିଦ୍ୟାଳୟ ସ୍ଥାପନ କରିବା। କିନ୍ତୁ ତାଙ୍କ କାର୍ଯ୍ୟ କାଳ ମଧ୍ୟରେ ସେ ତାଙ୍କ ସ୍ୱପ୍ନକୁ ପୂରଣ କରିପାରିନଥିଲେ। ବର୍ତ୍ତମାନ ତାଙ୍କ ୩ ପୁଅ ବାପାଙ୍କ ସ୍ୱପ୍ନକୁ ପୂରଣ କରିବାକୁ ଆଗେଇ ଆସି ନିଜ ପୈତୃକ ଗ୍ରାମରେ ଗୋଟିଏ ଘର ଭଡ଼ା ନେଇ ଏହି ବିଦ୍ୟାଳୟଟି ସ୍ଥାପନ କରିଛନ୍ତି। ଏହାକୁ କୋରାପୁଟ ସାଂସଦ ଉଦ୍‌ଘାଟନ କରିଛନ୍ତି। ଏହି ବିଦ୍ୟାଳୟରେ ୨୦ ଜଣ ଛାତ୍ରଛାତ୍ରୀ ପାଠ ପଢିବା ପାଇଁ ନାମ ଲେଖାଇଛନ୍ତି। ୪ ଜଣ ଅଧ୍ୟାପକଙ୍କୁ ନେଇ କଳା ବିଷୟରେ ଶିକ୍ଷାଦାନ ଆରମ୍ଭ ହୋଇଛି। ଆଗାମୀ ଦିନରେ ତାଙ୍କ ନିଜସ୍ୱ ପୈତୃକ ଜମିରେ ବିଦ୍ୟାଳୟଟି କାର୍ଯ୍ୟକ୍ଷମ ହେବା ନେଇ ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିବା ସ୍ୱର୍ଗତ ମୋହନ କୁଳଦୀପଙ୍କ ୩ ପୁଅ ଦେବେନ୍ଦ୍ର କୁଳଦୀପ, ବିଦ୍ୟାଧର କୁଳଦୀପ, କାର୍ତ୍ତିକ କୁଳଦୀପ ସୂଚନା ଦେଇଛନ୍ତି। ଆଜିର ଏହି ଉଦ୍‌ଘାଟନୀ ଉତ୍ସବରେ କୋରାପୁଟ ସାଂସଦ ଓ ଲକ୍ଷ୍ମୀପୁର ବିଧାୟକ ଏଠାକାର ପିଲାଙ୍କ ଶିକ୍ଷାର ବିକାଶ ଦିଗରେ ଯାହାସବୁ ଆବଶ୍ୟକ ହେବ ସେସବୁକୁ ପୂରଣ କରିବା ଦିଗରେ ପୂର୍ଣ୍ଣ ପ୍ରୟାସ କରିବେ ବୋଲି କହିଛନ୍ତି। ପୂର୍ବରୁ ଏହି ଅଞ୍ଚଳର ପିଲାଙ୍କୁ ପାଠ ପଢ଼ିବାକୁ ହେଲେ କୋରାପୁଟ କିମ୍ବା ଦଶମନ୍ତପୁର ଉପରେ ନିର୍ଭର କରିବାକୁ ପଡୁଥିଲା। ଯାହା କି ନିଜ ଅଞ୍ଚଳ ଠାରୁ ୨୫ ରୁ ୩୦ କିମି ଦୂର। ସେଥିପାଇଁ ସମୟ ଓ ପଇସା ଅଧିକ ଖର୍ଚ୍ଚ କରିବାକୁ ପଡୁଥିଲା। ବର୍ତ୍ତମାନ ନିଜ ଅଞ୍ଚଳରେ ଦ୍ୱାଦଶ ଶ୍ରେଣୀ ଖୋଲା ଯିବାରୁ ସମୟ ଓ ଖର୍ଚ୍ଚରୁ ପିଲାଙ୍କୁ ମୁକ୍ତି ମିଳିବ। କୁଳଦୀପ ଭାଇଙ୍କ ଏଭଳି ଉଦ୍ୟମକୁ ପଞ୍ଚାୟତ ବାସୀ ପ୍ରଶଂସା କରିବା ସହ ଛାତ୍ରଛାତ୍ରୀ ମାନେ ଖୁସି ପ୍ରକଟ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ ପ୍ରଭୁ ଜାନୀ, କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ, ସାଂସଦ ପ୍ରତିନିଧି ବାବୁଲା ବେନିଆଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ରକ୍ତ ସଂରକ୍ଷଣ କେନ୍ଦ୍ର ଆରମ୍ଭ

ଚିତ୍ରକୋଣ୍ଡା ,୭।୯ (ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍‌ବାସୀଙ୍କ ବହୁତ ଦିନର ଦାବି ପୂରଣ ହୋଇଛି। ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ରକ୍ତ ସଂରକ୍ଷଣ ପାଇଁ ସମସ୍ତ ପ୍ରକାର ଉପକରଣ ଆସିଥିବା ବେଳେ ଆଜି ଠାରୁ ରକ୍ତ ସଂରକ୍ଷଣ ବ୍ୟବସ୍ଥା ଆରମ୍ଭ କରାଯାଇଛି।ଏହି ରକ୍ତ ସଂରକ୍ଷଣ କେନ୍ଦ୍ର ରେ ୧୦ ଗୋଟି ରକ୍ତ ସଂରକ୍ଷଣ କରି ରଖାଯାଇପାରିବ। ମିଳିଥିବା ସୂଚନା ଅନୁଯାୟୀ ମାଲକାନଗିରି ରକ୍ତ ଭଣ୍ଡାରରୁ ପ୍ରଥମ ପର୍ଯ୍ୟାୟରେ ୭ ଗୋଟି ରକ୍ତ ଯୋଗାଇ ଦିଆଯାଉଛି। ଚିକିତ୍ସା କେନ୍ଦ୍ରରେ ଜଣେ ଆନାସ୍ତେସିଆ ବିଶେଷଜ୍ଞ ନିଯୁକ୍ତି କରାଯାଇଛି। ରକ୍ତ ସଂରକ୍ଷଣ ବ୍ୟବସ୍ଥା ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ଆରମ୍ଭ ହେବାପରେ ଚିକିତ୍ସା କେନ୍ଦ୍ରର ଅଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ମହନ୍ତ, କିରାଣୀ ରାଜେନ୍ଦ୍ର ପ୍ରସାଦ ଦାସ ଚିକିତ୍ସା କେନ୍ଦ୍ରର ସମସ୍ତ ଡାକ୍ତର ଓ ଷ୍ଟାଫ ଖୁସି ପ୍ରକାଶ କରିଛନ୍ତି।

॥ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ॥



√ ଶ୍ରୀ ଅଭିରାମ ବେହେରା
କନ୍ଦରପୁର, ଦରଡ଼ାପାଡ଼ି (ଗରାମ), ଜଗତସିଂହପୁର
ଧରାବତରଣ- ୧୫.୧୧.୧୯୫୩
ସର୍ଗାରୋହଣ- ୨୯.୦୮.୨୦୨୫
ଚାହିଁ ଚାହିଁ ୧୧ ଦିନ ବିତିଗଲା, ଆଜି ବି ଅପେକ୍ଷା କରିଛୁ ଆପଣଙ୍କ ଫେରିବା ବାଟକୁ । ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ । ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶିର୍ବାଦ, ଆମ ଉପରେ ସବୁଦିନ ପାଇଁ ରହିଥାଉ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-: ଶୋକସନ୍ତପ୍ତ : -
ସ୍ତ୍ରୀ - ଅନୁସୂୟା ବେହେରା, ପୁତ୍ର-ପୁତ୍ରବଧୂ, ଆଲୋକ, ଅମୀୟ, ଡକ୍ଟର ଦୀପଶିଖା, ଡକ୍ଟର ପ୍ରଦ୍ୟୋତି ବେହେରା, ନାତି-ନାତୁଣୀ, ଆଦର୍ଶ, ଆଦିତ୍ୟ, ଆଦ୍ୟାଶା, ଅସ୍ମିତା, ବନ୍ଧୁ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ବର୍ତ୍ତମାନ ସ୍ଥାୟୀ ଠିକଣା: ପ୍ଲଟ୍ ନଂ.୧୦୪/୨୦୧୭, ପାରାଦ୍ୱୀପ କଲୋନୀ, କଳିଙ୍ଗ ବିହାର, ଭୁବନେଶ୍ୱର

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√ ପ୍ରଫୁଲ୍ଲ କୁମାର ରାଉତ
ତିଳପଦା, ଢେଙ୍କାନାଳ
ଆବିର୍ଭାବ: ୦୫.୦୯.୧୯୪୩ / ତିରୋଧାନ: ୨୯.୦୮.୨୦୨୫
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଦାରବିନ୍ଦରେ ଆମ୍ଭେମାନେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ :
ପ୍ରକାଶ କୁମାର ରାଉତ, ପ୍ରବିଣ କୁମାର ରାଉତ, ପ୍ରଶାନ୍ତ କୁମାର ରାଉତ, ଜମିତା ରାଉତ, ଜ୍ୟୋତିର୍ମୟୀ ରାଉତ, ଆନନ୍ଦିତା ରାଉତ, ରିନା, ଝୁମ୍ପି, ନାତି ନାତୁଣୀ, ବନ୍ଧୁ ଓ ପରିବାରବର୍ଗ

# ଦକ୍ଷିଣ ଓଡ଼ିଶାର ଜନଜାତି ସଂସ୍କୃତି ଶୀର୍ଷକ ଆଲୋଚନାଚକ୍ର

କୋରାପୁଟ,୭।୯ (ସମିସ):



ପବିତ୍ର ଇନ୍ଦୁ ପୂର୍ଣ୍ଣିମା ଅବସରରେ ସାହିତ୍ୟ ଏକାଦେମୀ ନୂଆଦିଲ୍ଲୀ ଓ କୋରାପୁଟ ସାହିତ୍ୟ ପରିବାର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଅତିଥି ଭବନଠାରେ ଦକ୍ଷିଣ ଓଡ଼ିଶାର ଜନଜାତି ସଂସ୍କୃତି ଶୀର୍ଷକ ଆଲୋଚନା ଚକ୍ର ଓ କଥାସନ୍ଧି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଦକ୍ଷିଣ ଓଡ଼ିଶାର ଜନଜାତି ସଂସ୍କୃତି ଶୀର୍ଷକ ଆଲୋଚନାଚକ୍ରରେ କୋରାପୁଟ ସାହିତ୍ୟ ପରିବାରର ଉପ ସଭାପତି କବି ରବି ଶତପଥୀ ସଭାପତିତ୍ୱ କରିଥିଲେ। ସାହିତ୍ୟ ଅକାଦେମି ନୂଆଦିଲ୍ଲୀର ଓଡ଼ିଆ ଉପଦେଷ୍ଟା ପରିଷଦ ସଦସ୍ୟ ଡ଼.ପ୍ରୀତିଧାରା ସାମଲ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋଚ୍ୟ ବିଷୟରେ ପ୍ରବନ୍ଧ ପାଠ କରିଥିଲେ ବିଶିଷ୍ଟ ଗବେଷକ ଡ. ଅଜୟ କୁମାର ସାହୁ, ବିଶିଷ୍ଟ ଆଦିବାସୀ ସଂସ୍କୃତି ଗବେଷକ ଡ.ଜଗବନ୍ଧୁ ସାମଲ ଓ ସାଇମନ ବିଡିକା। ଦ୍ୱିତୀୟ ଅଧିବେଶନରେ ନିଜ ସୃଜନ ଯାତ୍ରା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ ପୂର୍ବକ ସ୍ୱରଚିତ ଗଳ୍ପ ପାଠ କରିଥିଲେ ବିଶିଷ୍ଟ କଥାକାର ନାରାୟଣ ପଣ୍ଡା। କୋରାପୁଟ ସାହିତ୍ୟ ପରିବାରର ଯୁଗ୍ମ ସଂପାଦକ ଅନୁବାଦକ ବିଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ସାହିତ୍ୟିକ ଓ ସାହିତ୍ୟପ୍ରେମୀ ଡ.ଶିବପ୍ରସାଦ ଗନ୍ତାୟତ, ଡ.ଅମୂଲ୍ୟ ମହାପାତ୍ର, ସବ୍ୟସାଚୀ ବିଷୋୟୀ, ସ୍ନିଗ୍ଧା ମିଶ୍ର, ମଧୁସୂଦନ ସ୍ୱାଇଁ, ସି.ଏଚ ଶାନ୍ତାକାର ,ପଦ୍ମା ଶାସ୍ତ୍ରୀ, କଲ୍ୟାଣୀ ଗନ୍ତାୟତ, ପ୍ରଶାନ୍ତ ସ୍ୱାଇଁ, ନୃସିଂହ ପଣ୍ଡା, ଡ.ଲୋପାମୁଦ୍ରା ସ୍ୱାଇଁ ,କମଳ ମହନ୍ତ, କିଶୋର ଚନ୍ଦ୍ର ବେହେରା, ଦେବେନ୍ଦ୍ର କୁମାର ରାଜୁ, ପ୍ରଫେସର ବିଜୟ କୁମାର ନନ୍ଦ, ରାଜଶ୍ରୀ ରଞ୍ଜିତା ହରିଚନ୍ଦନ, ଶଶାଙ୍କ ମୋହନ ଗୁରୁ,ମୀର୍ ମୁସ୍ତାକିମ୍ ଅଲ୍ଲୀ, ଡ.ଗଣେଶ ପ୍ରସାଦ ସାହୁ ,ପ୍ରଶାନ୍ତ କୁମାର ସ୍ୱାଇଁ, ପ୍ରଶାନ୍ତ ସାନ୍ତରା,ରଣଜିତ୍ ଜେନା ,ପ୍ରଭାତ କୁମାର ମହାପାତ୍ର, ଦେବୀପ୍ରସାଦ ଭଦ୍ର, ମୀନା ସ୍ୱାଇଁ, ଧରଣୀଧର ରଣା, ଶ୍ରୀଧର ପରିଡା, ସ୍ୱାତୀ ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର



ନନ୍ଦାହାଣ୍ଡି,୭।୯ (ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ମନରେଗା ଯୋଜନା ଓ ଖାଦ୍ୟ ସୁରକ୍ଷା ଯୋଜନାର ଏକ ଜନ ଶୁଣାଣି ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ ଅଧକ୍ଷା ଓ ୧୧ ଗୋଟି ପଞ୍ଚାୟତର କୌଣସି ସରପଞ୍ଚ ଉପସ୍ଥିତ ନଥିବାବେଳେ କେବଳ ଦୁଇ ଜଣ ସମିତି ସଭ୍ୟ ଉପସ୍ଥିତ ରହିଥିଲେ। ବ୍ଲକର ୧୪ ହଜାରରୁ ଉଜାର ସକ୍ରିୟ ଶ୍ରମିକ ଥିବାବେଳେ କେବଳ ହାତଗଣତି ୪ ରୁ ୫ ଜଣ ଶ୍ରମିକ ହିଁ ଉପସ୍ଥିତ ରହିଥିଲେ । ଶ୍ରମିମାନଙ୍କୁ ସୂଚନାର ଅଭାବ ଯୋଗୁଁ ଅନୁପସ୍ଥିତ ରହିଥିବା ଜଣାପଡିଛି। କେବଳ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ରହିଥିଲେ। ବ୍ଲକ ଏବଂ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ମନରେଗା ଯୋଜନା ଅଧୀନରେ ହୋଇଥିବା ପ୍ରକଳ୍ପ ବିଷୟରେ ଉପସ୍ଥାପନ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ । ଜିଲ୍ଲା ତରଫରୁ ସନ୍ତୋଷ କୁମାର ଜେନା(ଟିଆରଓ), ରାକେଶ କୁମାର ପାଲ୍ ଜିଲ୍ଲା ପରିଷଦ (ଏମ୍‌ଆଇଏସ), ଜିଲ୍ଲା ସାମାଜିକ ସମୀକ୍ଷକ ବୈଭସୂତ ଚଲାଣ ,ଏବଂ ଜିଲ୍ଲା ପରିଷଦ ସଭ୍ୟ(୨) ଅରୁଣ କୁମାର ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କର ବୁଡ଼େକ୍, କମିଟି ସଭ୍ୟ ଭାବେ ବୃନ୍ଦାବନ ତ୍ରିପାଠୀ, ଶିବ ଶଙ୍କର ପାଢ଼ୀ ଓ ସନ୍ତୋଷ କୁମାର ଷଡଙ୍ଗୀ ମଞ୍ଚାସୀନ ଥିଲେ । ବ୍ଲକ କନିଷ୍ଠ ଯନ୍ତ୍ରୀ ଦେବାଶିଷ ନାୟକ, ସୌମ୍ୟ ରଞ୍ଜନ ପଣ୍ଡା ଓ ମାନସ ରଞ୍ଜନ ସେଠୀ , କୃଷି ଉଦ୍ୟାନ ଅଧିକାରୀ, ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ, ଜଙ୍ଗଲ ବିଭାଗ କର୍ମଚାରୀ, ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରସନ୍ନ ବିଷୋୟୀ, ନବୀନ ନାୟକ, ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ/ସହକାରୀ ଶିକ୍ଷକ, ସାମାଜିକ ସମୀକ୍ଷା ତରଫରୁ ଭିଆରପି ମାନେ ଯୋଗ ଦେଇଥିଲେ। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାନରୁ କୌଣସି ଅଧିକାରୀ ଯୋଗ ଦେଇ ନଥିଲେ। ଏହାଛଡ଼ା ସମସ୍ତ ପଞ୍ଚାୟତର ପିଇଓ, ଏସିଡ଼ିଇଓ ଏବଂ ବ୍ଲକର ମନରେଗା ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।

# ଗୌରୀ ଶଙ୍କର ସାମନ୍ତରାୟଙ୍କୁ ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ



ସୁନାବେଡ଼ା, ୭।୯ (ସମିସ): ଗୁରୁ ଦିବସରେ ଓଡ଼ିଶାରେ ସାଧାରଣ ବିଜ୍ଞାନ ବିଷୟରେ ୧ମ ସ୍ଥାନ ଅଧିକାର କରି ମୁଖ୍ୟମନ୍ତ୍ରୀଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି ଗୌରୀ ଶଙ୍କର ସାମନ୍ତରାୟ। ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ ତଥା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ତାଙ୍କୁ ସମ୍ମାନିତ କରାଯାଇଛି। କୋରାପୁଟ ଜିଲ୍ଲାର ସରକାରୀ ଉଚ୍ଚ ବିଦ୍ୟାଳୟ ବୋରିଗୁମ୍ମାର ବିଜ୍ଞାନ ଶିକ୍ଷକ ଗୌରୀ ଶଙ୍କର ସାମନ୍ତରାୟ ସୁନାବେଡ଼ା-୩ ପୋଲିକ୍ୟାମ୍ପରେ ରହୁଛନ୍ତି। ତାଙ୍କର କାର୍ଯ୍ୟକୁ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗଣଶିକ୍ଷା ପ୍ରମୁଖ ସଚିବ ଶଲିନି ପଣ୍ଡିତ , ଏସ୍‌ପିଡି ଅନନ୍ୟା ଦାସ ପ୍ରଶଂସା କରିଛନ୍ତି। ଏଥିପାଇଁ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

# କାହ୍ନୁ ସାରଙ୍କୁ ମିଳିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ବୈପାରୀଗୁଡ଼ା, ୭।୯ (ସମିସ): କୋରାପୁଟ ଜିଲ୍ଲା ବୈପାରିଗୁଡା ବ୍ଲକ ରା.ଭାଲୁଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ କାହ୍ନୁଚରଣ ବେହେରାଙ୍କ ଶିକ୍ଷାଦାନର ଶୈଳୀ ଥାଏ ଭିନ୍ନ ଓ ନିଆରା।ଆଦିବାସୀ ଅଧ୍ୟୁଷିତ ପିଲାମାନଙ୍କର ଶିଖିବା ଅନୁଭୂତିକୁ ସ୍ଥାନୀୟ ପରିବେଶ ସହ ଯୋଡ଼ି ଆନନ୍ଦମୟ ଶିକ୍ଷା ପ୍ରଦାନ କରିଥାନ୍ତି। ଛତା ସାର୍ ଭାବରେ ପରିଚିତ କାହ୍ନୁ ସାର୍ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧିପାଇଁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରିଥାନ୍ତି। ଗୁରୁଦିବସ ଉପଲକ୍ଷେ କୋରାପୁଟ ଜିଲ୍ଲାର ସଦଭାବନ୍ ଗୃହରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ତାଙ୍କୁ ସମ୍ମାନିତ କରାଯାଇଛି। ଉତ୍ସବରେ ଜିଲ୍ଲାପାଳ ମନୋଜ ସତ୍ୟବାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲା ବେଳେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ।

# ଗଢ଼ିଲା ଭ୍ରାମ୍ୟମାଣ ଚାରା ବିତରଣ ଯାନ

କୋରାପୁଟ,୭।୯ (ସମିସ): ଆସନ୍ତା ୧୭ ତାରିଖରେ 'ଏକ ପେଡ ମା'କେ ନାମ' ଅଭିଯାନରେ କୋରାପୁଟ ଜିଲ୍ଲାରେ ସାମୂହିକ ଚାରାରୋପଣ କରାଯିବ। ଏଥିପାଇଁ ଆଜି ଚାରା ଉତ୍ପାଦନ କେନ୍ଦ୍ର ଠାରେ ଭ୍ରାମ୍ୟମାଣ ଚାରା ବିତରଣ ଯାନର ଶୁଭାରମ୍ଭ ହୋଇଯାଇଛି। କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରା ବଣ୍ଟନର ଶୁଭାରମ୍ଭ କରିଛନ୍ତି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ବନଖଣ୍ଡ ଅଧିକାରୀ କେ ଭି ଭାସ୍କର ରାଓ, କୋରାପୁଟ ବିଡିଓ ଦେବାଶିଷ ଗୌଡ, ଏସିଏଫ ଜଗନ୍ନାଥ ପ୍ରସାଦ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ବନାଞ୍ଚଳ ଅଧିକାରୀ ଏସ କେ ପାହାଡ ସିଂ ଯୋଗଦେଇ ପରିଚାଳନା କରିଥିଲେ। ଏହି ଯାନ ଜିଲ୍ଲା ସାରା ବୁଲି ସଚେତନତା କରିବା ସହିତ ଲୋକମାନଙ୍କୁ ଚାରା ବଣ୍ଟନ କରାଯିବ ବୋଲି ଜଣାପଡିଛି। ଆଜି ଶୁଭାରମ୍ଭ ସମୟରେ ୬ ଟି ଗ୍ରାମ ପଞ୍ଚାୟତକୁ ଚାରା ଗାଡ଼ି ଯୋଗେ ପ୍ରେରଣ କରାଯାଇଥିବା କୋରାପୁଟ ରେଞ୍ଜ ଅଧିକାରୀ ଏସ.କେ.ପାହାଡ ସିଂ କହିଛନ୍ତି।

# ସରକାରୀ ମହିଳା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଅଧିଗ୍ରହଣ କାର୍ଯ୍ୟକ୍ରମ

ଜୟପୁର ,୭।୯ (ସମିସ): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଆନୁକୁଲ୍ୟରେ ଅଧିଗ୍ରହଣ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ବିବେକାନନ୍ଦ ସୁନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏନଏସଏସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଓୟୁଏଟି ଭୁବନେଶ୍ୱର ସହକାରୀ ପରିଚାଳକ ନିରୋଦ ବରଣ ଖୁଣ୍ଟିଆ ଏନ୍‌ଏସ୍‌ଏସ୍‌ର ମୂଳଲକ୍ଷ୍ୟ ଓ ଅଭିପ୍ରାୟ ସମ୍ପର୍କରେ ଉପସ୍ଥାପନ କରି ମାନବୀୟ ଦୃଷ୍ଟିକୋଣ, ସଫଳତା କୌଶଳ, ସାଧନା, ବ୍ୟକ୍ତିତ୍ୱ ନିର୍ମାଣ ଓ ନେତୃତ୍ୱ ଯଥାର୍ଥତା ଆଦି ବିଭିନ୍ନ ଶିକ୍ଷଣୀୟ ଗଳ୍ପ ମାଧ୍ୟମରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଅବିଭକ୍ତ କୋରାପୁଟର ଜିଲ୍ଲା ଏନଏସଏସ୍ ପ୍ରୋଗ୍ରାମ ଅଧିକାରୀ ଅଧାପକ ସୁଶାନ୍ତ କୁମାର ବେହେରା ଛାତ୍ରୀମାନଙ୍କୁ ସେବା ମନୋବୃତ୍ତି ନିମନ୍ତେ ପ୍ରୋତ୍ସାହିତ କରିବା ସହ ଏନ୍‌ଏସ୍‌ଏସ୍‌ରେ ଅଂଶଗ୍ରହଣ କରିବା ନିମନ୍ତେ ପ୍ରବର୍ତ୍ତାଇଥିଲେ। ମହାବିଦ୍ୟାଳୟର ଯୁକ୍ତ ତିନି ଏନ୍‌ଏସ୍‌ଏସ କାର୍ଯ୍ୟକ୍ରମ ଅଧିକାରୀ ସୁନିତା କୁମାରୀ ପ୍ରଧାନ କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିଥିଲେ। ଯୁକ୍ତ ଦୁଇ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ। ସୀମା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜଶ୍ରୀ ଲେଡିଜ୍ ଓ ଗୌଡ଼ଗୁଡ଼ା ୱାକର୍ସ କ୍ଲବ ବୈଠକ




କୋରାପୁଟ,୭।୯ (ସମିସ): ସ୍ଥାନୀୟ କୋଟସ୍ ସଭାଗୃହ ଠାରେ କୋରାପୁଟ ରାଜଶ୍ରୀ, ଲେଡିଜ ଓ ଗୌଡଗୁଡ଼ା ୱାକର୍ସ କ୍ଲବ ବୈଠକ ଅନୁଷ୍ଠିତ ହୋଇଯାଇଛି। ମିଳିତ ଭାବେ ଦୁଇ କ୍ଲବର ସଦସ୍ୟ ଓ ସଦସ୍ୟା ସକାଳ ୬ଟା ସମୟରେ ଚନ୍ଦନ ପୋଖରୀଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଚାଲି ଚାଲି ଯିବା ସହ ବିଭିନ୍ନ ସ୍ଲୋଗାନ ଦେଇଥିଲେ। କୋଟସ୍ ସଭାଗୃହ ଠାରେ ଆୟୋଜିତ ବୈଠକରେ ମୁକ୍ତିକାନ୍ତ ଅଗସ୍ତି, ଅଭିମନ୍ୟୁ ନାୟକ, ଆରତୀ ସେଠୀ, ଗୁପ୍ତ ଗୌଡ, ଅଜିତ ପାତ୍ର ଓ ସି.ଏଚ. ଶାନ୍ତାକାରା ମଞ୍ଚାସୀନ ହୋଇଥିଲେ। ସୁନାକର ରାଉତ,ଅମିତାଭ ବେହେରା, ଘନଶ୍ୟାମ ରଥ ଏବଂ ଭବାନୀ ଶଙ୍କର ମିଶ୍ର ନୂତନ ସଦସ୍ୟ ଭାବେ ଯୋଗ ଦେଇଥିଲେ। ୱାର୍କସ୍‌ର୍ କ୍ଲବ୍ ସଦସ୍ୟ ଜଗନ ମୋହନ ସାହୁ, ସ୍ନେହଲତା ସାହୁ, ଲଳିତ ମୋହନ ପଟ୍ଟନାୟକ, ଏମଜିଏଫ ଗୋଲ୍ଡ ଭାବେ ସମ୍ମାନିତ ହୋଇଥିଲେ। ନୂତନ ଏମ୍‌ଜିଏଫ ଭାବେ ଲେଡିଜ କ୍ଲବ ପକ୍ଷରୁ ସୁବାସିନି ସିଂ, ସ୍ମୃତି ଭଟ୍ଟାଚାର୍ଯ୍ୟ, ଟି ଜୟଶ୍ରୀଙ୍କୁ ଗ୍ରହଣ କରାଯାଇଛି। ଗୌଡଗୁଡ଼ା କ୍ଲବ ପକ୍ଷରୁ ଗୁପ୍ତ ଗୌଡ, ତ୍ରିଲୋଚନ ଗୌଡ ଏମଜିଏଫ ଭାବେ ବିବେଚିତ ହୋଇଛନ୍ତି।

# ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତିଙ୍କୁ ସମ୍ବର୍ଦ୍ଧନା



ଜୟପୁର,୭।୯ (ସମିସ): କୋରାପୁଟ ଜିଲ୍ଲାର ନୂତନ ଭାବେ ନିଯୁକ୍ତ ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ମିଶ୍ରଙ୍କୁ ଆଜି ଜୟପୁର ବିମାନ ବନ୍ଦରରେ ବିଜୁ ଜନତା ଦଳ, ଯୁବ, ଛାତ୍ର ଓ ମହିଳା ଶାଖା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କୁ ଏକ ବାଇକ୍ ଶୋଭାଯାତ୍ରାରେ ଅଣାଯାଇଥିଲା। ଭୁବନେଶ୍ୱର ଠାରୁ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ଉପସଭାପତି ରବି ନାରାୟଣ ନନ୍ଦ ଏବଂ ନୂତନ କାର୍ଯ୍ୟକାରୀ ସଭାପତି ଶ୍ରୀ ମିଶ୍ର ଜୟପୁର ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଉପସ୍ଥିତ ବିଜେଡି କର୍ମୀ ଓ କର୍ମକର୍ତ୍ତା ମାନେ ଫୁଲମାଳ ପିନ୍ଧାଇ ସ୍ୱାଗତ କରିଥିଲେ। ଏହି ଅବସରରେ ବରିଷ୍ଠ ସଦସ୍ୟ ନାଗୁ ଦୋରା, ମୋନଜ କୁମାର ପାଢୀ, ରାମପ୍ରସାଦ ଗନ୍ତାୟତ, ପ୍ରମୋଦ ମାଝି, ବାପି ପରିଡା. ବାଦଲା ସାନ୍ତାପାତ୍ର, ବିଷ୍ଣୁ ବର୍ଦ୍ଧନ ରେଡ୍ଡି, ଚିରଞ୍ଜିବୀ ପଟ୍ଟନାୟକ, ଜିତି ସାହୁ, ଜଗଦିଶ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# କୋତପେଟା କ୍ଲଷ୍ଟରସ୍ତରୀୟ ଗୁରୁ ଦିବସ



ରାୟଗଡ଼ା,୭।୯ (ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ କୋତପେଟା କ୍ଲଷ୍ଟରସ୍ତରୀୟ ଗୁରୁ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଛବିଲାଲ ସିଂ ଓ ବଳରାମ ହୁଇକା ଯୋଗ ଦେଇଥିଲେ। ଏହି ଉତ୍ସବରେ ନିକଟରେ ଶିକ୍ଷା ବିଭାଗରୁ ଅବସର ନେଇଥବା ୪ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଉତ୍ସବରେ କୋତପେଟା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ହରପ୍ରିୟା ଉପାଧ୍ୟାୟ ସଭାପତିତ୍ୱ କରିଥିବା ବେଳେ କୋତପେଟା କ୍ଲଷ୍ଟର ସିଆରସିସି ସଂଗ୍ରାମ ବେହେରା ଓ କ୍ଷୀରୋଦ କୁମାର ପାଢୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୋତପେଟା କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ,ଶିକ୍ଷୟିତ୍ରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପଲ୍ଲିଶ୍ରୀ ଯୁବକ ସଂଘର କର୍ମକର୍ତ୍ତା ଚୟନ

ଚନ୍ଦାହାଣ୍ଡି,୭।୯ (ସମିସ), ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦଣ୍ଡାମୁଣ୍ଡା କଲ୍ୟାଣ ମଣ୍ଡପ ଠାରେ ପଲ୍ଲିଶ୍ରୀ ଯୁବକ ସଂଘର ବରିଷ୍ଠ ସଦସ୍ୟ ସୀମାଞ୍ଚଳ ଗଣ୍ଡାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ସଂଘର ନୂତନ ସଭାପତି ଭାବେ ପୂର୍ବତନ ଯୁବ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ସମ୍ପାଦକ ଭାବେ ଧନେଶ୍ୱର ସେଠୀ, ସହ ସମ୍ପାଦକ ଭାବେ ମନୋଜ କୁମାର ମାଝୀ, କୋଷାଧ୍ୟକ୍ଷ ଭାବେ ହୃଷିକେଶ ମହାନ୍ତି ଓ ସଂଯୋଜକ ଭାବେ ସଂଗ୍ରାମ କେଶରୀ ସାହୁଙ୍କୁ ମନୋନୀତ ହୋଇଛନ୍ତି। ଏହି ବୈଠକରେ ସଂଘର ବରିଷ୍ଠ ସଦସ୍ୟ ଶିଶିର କୁମାର ମାଝୀ, ଗୋବର୍ଦ୍ଧନ ଡଙ୍ଗରୀ, ଶରତ ଚନ୍ଦ୍ର ମାଝୀ, ଲକ୍ଷୀଧର ବାଘ, ଜଗନ୍ନାଥ ଡଙ୍ଗରୀ, ପ୍ରତାପ ଗୌଡ଼, ଧବଳେଶ୍ୱର ପଟ୍ଟନାୟକ, କନ୍ଦର୍ପ ନାୟକ, ପଦ୍ମନ ନାୟକ, ଧନଞ୍ଜୟ ମାଝୀ, ଲିଙ୍ଗରାଜ ମାଝୀ, ଗଙ୍ଗାଧର ମାଝୀ, ସୁବାଷ ମାଝୀ, ମୀନକେତକ ଗୌଡ଼,ଈଶ୍ୱର ସେଠି, କମଳ ଗୋପାଳ, ପିତାମ୍ବର ଗୋପାଳ, ସୁଶାନ୍ତ ମାଝୀ, ପପୁ ସେଠୀ, ଖିଲେସ ସେଠୀ, ରତ୍ନାକର ପୋଟା ପ୍ରମୁଖଙ୍କ ସମେତ ପଲ୍ଲିଶ୍ରୀ ଯୁବକ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଶ୍ରୀ ଜଗନ୍ନାଥ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା ଉତ୍ସବ

କୋରାପୁଟ,୭।୯ (ସମିସ): ସୁନାବେଡ଼ା -୩ ସ୍ଥିତ ଥିବା ପିଏମ୍‌ଶ୍ରୀ ସରକାରୀ ଶ୍ରୀଜଗନ୍ନାଥ ବିଦ୍ୟାପୀଠ ଠାରେ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ମହାନ୍ତି ଓ ଭବାନୀ ନନ୍ଦନ ପଟ୍ଟନାୟକ ସେମିଳିଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଦ୍‌ଘାଟନ କରିଥିଲେ। ଦୌଡ଼, ଉଚ୍ଚ ଡିଆଁ,



ଲମ୍ବ ଡିଆଁ, ଡିସକ୍ସ ଥ୍ରୋ, ସଟ ପୁଟ, ମ୍ୟୁଜିକ ଚେୟାର, ସ୍ଲୋ ସାଇକଲ, ଫୁଟବଲ ଭଳି ୨୪ ଟି ପ୍ରତିଯୋଗିତାରେ ୩୭୬ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ସମାପନ ସମାରୋହରେ ମୁଖ୍ୟ ଅତିଥି ମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିବାନ କୁଲଦୀପ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଚାମ୍ପିଆନ ଭାବେ ବିବେଚିତ ହୋଇଥିବା ଛାତ୍ର ଛାତ୍ରୀ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରି ସମ୍ମାନିତ କରାଯାଇଥିଲେ। ବିଦ୍ୟାପୀଠର ଶିକ୍ଷକ ବରିଷ୍ଠ ଶିକ୍ଷୟିତ୍ରୀ ସୌଭାଗିନୀ ମହାପାତ୍ର ,ସଂଘମିତ୍ରା ଶୁଭଦର୍ଶନୀ, ସୋମନାଥ ସାକିଆ, ଦିବାକର ମାଳି, କେ.ଭିନୀଲା , ସୋନାଲି ଜେନା ସହଯୋଗ କରିଥିଲେ। ସଂଯୁକ୍ତା ମିଞ୍ଜ ଏବଂ ବେଙ୍ଗୀୟା ସାଉନ୍ତା ମଞ୍ଚ ପରିଚାଳନା ଏବଂ ଶେଷରେ ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

# କବି ବିଚିତ୍ରାନନ୍ଦ ପଣ୍ଡାଙ୍କୁ ମାନବ ପ୍ରେମୀ ସମ୍ମାନ



ନନ୍ଦପୁର,୭।୯ (ସମିସ): ସୁନାମ ଧନ୍ୟ କବି ବିଚିତ୍ରାନନ୍ଦ ପଣ୍ଡାଙ୍କୁ ମାନବ ପ୍ରେମୀ ସମ୍ମାନରେ ସମ୍ମାନିତ କରାଯାଇଛି। କବି ଶ୍ରୀ ପଣ୍ଡାଙ୍କର ନିଶା ନିବାରଣ ଏକ ମାତ୍ର ଲକ୍ଷ୍ୟ। ନନ୍ଦପୁର ବ୍ଲକର ଅନେକ ଗ୍ରାମକୁ ନିଶା ମୁକ୍ତ କରି ନିଶାଗ୍ରସ୍ତଙ୍କୁ ନୂଆ ଜୀବନ ଦେଇ ନୂଆ ଦୁନିଆ ଦେଖାଇଛନ୍ତି। କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅନ୍ତର୍ଗତ ବିଲାପୁଟ ପ୍ରଭୁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୃକ୍ଷ ହିଁ ଜୀବନ କାର୍ଯ୍ୟକ୍ରମ ଅବସରରେ କବି ବିଚିତ୍ରାନନ୍ଦ ପଣ୍ଡାଙ୍କୁ ନନ୍ଦପୁର ପ୍ରେସ କ୍ଲବ୍ ପକ୍ଷରୁ ମାନବ ପ୍ରେମ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ, ସତ୍ୟସାଇ ଭଜନ ମଣ୍ଡଳୀର ଭାଇ ଜି ସତ୍ୟ ନାରାୟଣ, ପ୍ରେସ କ୍ଲବ୍ ଉପଦେଷ୍ଟା ବିପିନ ମହାନ୍ତି , ସଞ୍ଜୟ ଦିଆରିଙ୍କ ସମେତ ଅଞ୍ଚଳ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରେସ କ୍ଲବ୍‌ର ସଭାପତି ତ୍ରିନାଥ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ପାଢି, ଉପ ସଭାପତି ବିମଳ ରାଓ ସ୍ମିଥ, ସମ୍ପାଦକ ରମେଶ ଅଧିକାରୀ, କୋଷାଧକ୍ଷ ଶଙ୍କର ପାଙ୍ଗି, ସଂସ୍କୃତିକ କମିଟି ଶାମୁଏଲ ଖେମୁଣ୍ଡୁ, ହିରାନ୍ୟ ବିଶୋଇ, ମନୋଜ କୁମାର ଯୋଗ ଦେଇଥିଲେ।

# ଗଣେଶ ପୂଜାରେ ଘୁମୁରା ପ୍ରତିଯୋଗିତା



ଚନ୍ଦାହାଣ୍ଡି,୭।୯ (ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ମାଲଗାଁ ଠାରେ ସିଦ୍ଧି ବିନାୟକ ପୂଜା କମିଟି ଆନୁକୂଲ୍ୟରେ ଗଣେଶ ପୂଜା ଅବସରରେ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଘୁମୁରା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ଝରୀଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ମୁଖ୍ୟ ବକ୍ତା ଭାବେ ଚନ୍ଦାହାଣ୍ଡି ବ୍ଲକ୍ ଉପାଧକ୍ଷ ବାସୁଦେବ ଗୌଡ଼, ସମ୍ମାନିତ ଅତିଥି ଭାବେ ଜୋନ ୨ ଜିଲ୍ଲା ପରିଷଦ ସଭ୍ୟା କେତକୀ ମଲ୍ଲୀ ଗୌଡ଼, ଛତିଶଗଡ ନବୀନ ସୁକଲିଭଟା ସରପଞ୍ଚ ହରଲାଲ ମାଝୀ ଏବଂ ସମିତି ସଭ୍ୟ ତୁଳସୀରାମ ବିଶି, ଛତିଶଗଡ ଝାକରପରା ସମିତି ସଭ୍ୟ ଆସଲାମ ମେହେମାନ, ପାଟଖଲିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ପାନାବେଡା ଅଞ୍ଚଳର ପୂଜାରୀ ସଂଘର ସଭାପତି ହର ପୂଜାରୀ, ଧୋଡି ପାଣି ଗ୍ରାମପଞ୍ଚାୟତର ସରପଞ୍ଚ ତଥା ପୂଜାରୀ ସଂଘର ସମ୍ପାଦକ ଦୁର୍ଲଭ ପୂଜାରୀ, ମାଲଗାଁ ସରପଞ୍ଚ ଅଜିତ ପୋଟା ଏବଂ ସମିତି ସଭ୍ୟା କ୍ଷୀରଦେଇ ଚଣ୍ଡୀ, ପ୍ରଶାନ୍ତ ପାରି, ଶେଷମାଲ ନାୟକ, ଯୁଗେଶ୍ୱର ନାଗ,ଭରତ ବାଘ, ପ୍ରଦୀପ ଦାଶ, ରାମଲାଲ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଘୁମୁରା ପ୍ରତିଯୋଗିତାରେ କଳାହାଣ୍ଡି ଅଞ୍ଚଳର ମାଲପଡା, ଘଣ୍ଟିଗୁଡା, କଦଳିମୁଣ୍ଡା, ବାନେର, ଆମ୍ବଗୁଡା ଏବଂ ନିମିଗୁଡା ଛଅ ଗୋଟି ଘୁମୁରା ଦଳ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ମାଲପଡା ଘୁମୁରା ଦଳକୁ ପ୍ରଥମ ପୁରସ୍କାର ଭାବେ ୧୨ ହଜାର, ଘଣ୍ଟିଗୁଡା ଘୁମୁରା ଦଳକୁ ଦ୍ୱିତୀୟ ପୁରସ୍କାର ଭାବେ ଦଶହଜାର ଓ କଦଳିମୁଣ୍ଡା ଦଳକୁ ତୃତୀୟ ପୁରସ୍କାର ଭାବେ ଆଠ ହଜାର ଟଙ୍କା ସହ ମାନପତ୍ର ଅତିଥିଙ୍କ ଦ୍ୱାରା ଦିଆଯାଇଥିଲା। ଅନ୍ୟ ତିନିଟି ଘୁମୁରା ଦଳକୁ ସାତ ହଜାର ଟଙ୍କା କମିଟି ମାନଙ୍କ ଦ୍ୱାରା ସାନ୍ତ୍ୱନା ମୂଳକ ଭାବେ ପ୍ରଦାନ କରାଯାଇଥିଲା। ଆଜିର ଘୁମୁରା ପ୍ରତିଯୋଗିତାକୁ ଗଜେନ୍ଦ୍ର ଗୌଡ଼ ଏବଂ ଲୋଚନ ନାୟକ ପରିଚାଳନା କରିଥିବା ବେଳେ ପୂଜା କମିଟିର ସଦସ୍ୟ ଓ ମାଲଗାଁ ଗ୍ରାମବାସୀ ସମସ୍ତେ ସହଯୋଗ କରିଥିଲେ।

## ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ବୈଠକ

# ସମସ୍ତ ଷ୍ଟାଡିୟମ୍ ଉନ୍ନତୀକରଣକୁ ଗୁରୁତ୍ୱ


ନବରଙ୍ଗପୁର,୭।୯ (ସମିସ):



ନବରଙ୍ଗପୁର ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡା ସଂଘର ସଭାପତି ଡ଼ଃ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲା କ୍ରୀଡ଼ା ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସଭାପତି ଭାବରେ ଜିଲ୍ଲା କ୍ରୀଡ଼ା ସଂଘର ସଂପାଦକ ପ୍ରହ୍ଲାଦ ତ୍ରିପାଠୀ ଯୋଗଦେଇଥିଲେ। ସେହିପରି ଜିଲ୍ଲାପାଳ ଡକ୍ଟର ସ୍ୱାଇଁ ଜିଲ୍ଲାରେ ଅବସ୍ଥିତ ସମସ୍ତ ମିନି ଷ୍ଟାଡିୟମ ଏବଂ ଜିଲ୍ଲା ସଦର ମହକୁମା ଏବଂ ଉମରକୋଟ ସ୍ଥିତ ଇଣ୍ଡୋର୍ ଷ୍ଟାଡିୟମ ପରିଦର୍ଶନ କରି ସମସ୍ତ ଅସୁବିଧା ଦୂର କରିବା ସହ ଭାମିନୀ ଏବଂ ରାଇଘରଠାରେ ଥିବା ଷ୍ଟାଡିୟମ ଉନ୍ନତିକରଣ ନିମନ୍ତେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସଭାରେ ସୂଚନା ଦେଇଥିଲେ। ସଂଘର ଉପସଭାପତି ଏମ୍. ବାଲକୃଷ୍ଣ ରାଓ ବାର୍ଷିକ ବିବରଣୀ ସୂଚନା ଦେଇଥିବା ସହ ସରକାରଙ୍କ ଠାରୁ ସଂଘ ପାଇଥିବା ସମସ୍ତ ଅନୁଦାନର ଖର୍ଚ୍ଚର ବିବରଣୀ ମଧ୍ୟ ପ୍ରଦାନ କରିଥିଲେ। ଗଞ୍ଜାମଠାରେ ସଦ୍ୟ ସମାପ୍ତ ହୋଇଥିବା ୧୪ ବର୍ଷରୁ କମ୍ ଫୁଟବଲ୍ ଖେଳରେ ନବରଙ୍ଗପୁର ଦଳ ଜୋନାଲ ଚମ୍ପିୟନ ହୋଇଥିଲା। ଉକ୍ତ ଖେଳରେ ଭାଗ ନେଇଥିବା ଖେଳାଳୀମାନଙ୍କୁ ସଭାରେ ଅତିଥିଙ୍କ ଦ୍ୱାରା ୫୦୦୦୦ ରାଶି ବଣ୍ଟନ କରାଯାଇଥିଲା। ସଭାର ପ୍ରାରମ୍ଭରେ ସଂଘର ମହିଳା ସଂଯୋଜିକା ଇଂ. ଚନ୍ଦନା ମଲ୍ଲିକ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ଜିଲ୍ଲା କ୍ରୀଡ଼ା ସଂଘର ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସଂଘର ଅନ୍ୟତମ ସଦସ୍ୟ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ସମୀର ପାତ୍ର ସମେତ କ୍ରୀଡା ସଂଘର ଅନ୍ୟତମ ଉପସଭାପତି ତାରିକ ହାସନ, ସହ ସମ୍ପାଦକ ଖାଲିଦ ଜିଲାନି, କ୍ରିକେଟ ସମ୍ପାଦକ ଅଶୋକ ନାୟକ, ଇଣ୍ଡୋର ସମ୍ପାଦକ କୃଷ୍ଣ ପ୍ରସାଦ ପଟ୍ଟନାୟକ, ଭଲିବଲ ସମ୍ପାଦକ ଜି. ଅନନ୍ତ ମୂର୍ତ୍ତି, ଆଥଲେଟିକ ସମ୍ପାଦକ ଜ୍ୟୋତି ପରିଛା, ହକି ସମ୍ପାଦକ ଦୁର୍ଗା ମଲ୍ଲିକଙ୍କ ସମେତ ସଭ୍ୟ ରାକେଶ ଗୁପ୍ତା, ଶଶାଙ୍କ ଶେଖର ବେହେରା, ଦୂର୍ଯୋ ହରିଜନଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକର ସଦସ୍ୟ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଶାନ୍ତି କେବଳ ହିଂସାର ଅନୁପସ୍ଥିତିକୁ ବୁଝାଏ ନାହିଁ, ବାସ୍ତବ ଅର୍ଥରେ ଏହା ହେଉଛି ମାନବୀୟ କରୁଣାର ପ୍ରଦର୍ଶନ ।
-ଦଲାଇ ଲାମା

## ସବୁଜ ଇନ୍ଧନର ଆହ୍ୱାନ

ଭାରତର ବାଣିଜ୍ୟ-ଅର୍ଥନୀତିର ମୁଖ୍ୟ ଆହ୍ୱାନ ହେଉଛି ଇନ୍ଧନ । ବିଶ୍ୱର ସର୍ବବୃହତ୍ ଜନସଂଖ୍ୟା ବିଶିଷ୍ଟ ଏହି ଦେଶର ଇନ୍ଧନ ଚାହିଦା ବଢ଼ିଚାଲିଥିବା ବେଳେ ଏଥିରେ ଜୀବାଶ୍ମ ଇନ୍ଧନର ସିଂହଭାଗ ଅବଦାନ ରହୁଛି ଏବଂ ତୈଳ ଚାହିଦାର ୮୦% ପର୍ଯ୍ୟନ୍ତ ଭାରତକୁ ଆମଦାନୀ ଉପରେ ନିର୍ଭର କରିବାକୁ ପଡୁଛି । ଏହାଦ୍ୱାରା ଚାଲୁ ଖାତା ନିଅଣ୍ଟ(କରେଣ୍ଟ ଆକାଉଣ୍ଟ ଡେଫିସିଟ୍) ସହିତ ପରିବେଶ ପ୍ରଦୂଷଣ ମଧ୍ୟ ବଢ଼ିବାରେ ଲାଗିଛି । ଏପରିକି ସାମ୍ପ୍ରତିକ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କରେ ସୃଷ୍ଟ ତିକ୍ତତାକୁ ଇନ୍ଧନ ଯୋଗାଇଛି ରୁଷ୍‌ରୁ ଭାରତର ବହୁଳ ଇନ୍ଧନ ଆମଦାନୀ । ଏହି ପୃଷ୍ଠଭୂମିରେ ସୁଖର କଥା ଭାରତ ସ୍ୱଚ୍ଛ ଓ ସବୁଜ ଇନ୍ଧନ ନିର୍ଭରଶୀଳତା ଧାର୍ଯ୍ୟ ଲକ୍ଷ୍ୟର ବହୁପୂର୍ବରୁ ହାସଲ କରିବାକୁ ଯାଉଛି । ଏହାଫଳରେ ଇନ୍ଧନ ପାଇଁ ଆମଦାନୀ ଉପରେ ନିର୍ଭରଶୀଳତା ବହୁ ପରିମାଣରେ ହ୍ରାସ ପାଇବାର ଆଶା ସଞ୍ଚାର ହୋଇଛି ।

ଗତ ଜୁନ୍ ଶେଷ ସୁଦ୍ଧା ଦେଶର ମୋଟ ଶକ୍ତି ଯୋଗାଣ ୪୮୪.୮୨ ଗିଗାୱାଟ୍ ହୋଇଥିବା ବେଳେ ସେଥିରୁ ପ୍ରାୟ ଅଧା ଅର୍ଥାତ୍ ୨୨.୭୮ ଗିଗାୱାଟ୍‌ର ଉତ୍ସ ଥିଲା ଜଳବିଦ୍ୟୁତ୍, ଆଣବିକ, ସୌର ଓ ପବନ ଶକ୍ତି । ୨୦୩୦ ସୁଦ୍ଧା ଦେଶର ମୋଟ ଶକ୍ତି ଚାହିଦାର ୫୦% ଅଣ-ଜୀବାଶ୍ମ ଇନ୍ଧନରୁ ଭରଣା କରିବା ପାଇଁ ଭାରତ ପ୍ୟାରିସ୍ ଜଳବାୟୁ ଚୁକ୍ତିନାମାରେ ସ୍ୱାକ୍ଷର କରିଥିବା ବେଳେ ତାହାର ପାଞ୍ଚ ବର୍ଷ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରିବା ପରିବେଶ ସୁରକ୍ଷା ପ୍ରତି ଭାରତର ଅଙ୍ଗୀକାରବଦ୍ଧତାକୁ ପ୍ରମାଣିତ କରୁଛି । ଏଥିସହିତ ଜୀବାଶ୍ମ ଇନ୍ଧନ ଆମଦାନୀ ଜନିତ ଅର୍ଥନୈତିକ ବୋଝ ହ୍ରାସ କରିବା ଦିଗରେ ଏକ ଶୁଭସଙ୍କେତ ଦେଇଛି ।

ଏହି ସଫଳତା ପଛରେ ସୌରଶକ୍ତିର ଅବଦାନ ଉଲ୍ଲେଖନୀୟ ନ ହେଲେ ମଧ୍ୟ ଉତ୍ସାହଜନକ ଓ ପ୍ରେରଣାପ୍ରଦ । ୨୦୩୦ ସୁଦ୍ଧା ଭାରତ ୫୦୦ ଗିଗାୱାଟ୍ ସୌରଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ ରଖିଥିବା ବେଳେ ବିଗତ ଦୁଇବର୍ଷ ମଧ୍ୟରେ ୨୪ଗିଗାୱାଟ୍ ଉତ୍ପାଦନ କରିପାରିଛି । ନିର୍ମାଣାଧୀନ ଅନେକ ପ୍ରକଳ୍ପ ଆଗାମୀ ବର୍ଷେ/ ଦୁଇବର୍ଷ ଭିତରେ ସମ୍ପୂର୍ଣ୍ଣ ହେବାକୁ ଯାଉଥିବାରୁ ସବୁଜ ଶକ୍ତିରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିପାରିବ ବୋଲି ଆଶା ସୃଷ୍ଟି ହେବା ସ୍ୱାଭାବିକ । ଏହାଛଡ଼ା ଭାରତ ଦଶଟି ଆଣବିକ ଶକ୍ତି ଉତ୍ପାଦନ ପ୍ରକଳ୍ପ(ଭାରତ ସ୍ମଲ୍ ମଡୁଲାର ରିଆକ୍ଟର) କାର୍ଯ୍ୟ ତ୍ୱରିତ୍ ଗତିରେ ଚାଲୁଛି । ଏବେ ଆଣବିକ ଶକ୍ତି ଯୋଗାଣ ୧୭ ଗିଗାୱାଟ୍ ଥିବା ବେଳେ ୨୦୩୦ ସୁଦ୍ଧା ଏହାକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ରଖାଯାଇଛି ।

ଅଣ-ଜୀବାଶ୍ମ ଇନ୍ଧନରେ ଭାରତର ଏହି ସଫଳତା ଉଲ୍ଲେଖନୀୟ ଓ ଉତ୍ସାହପ୍ରଦ ହେଲେ ମଧ୍ୟ ଆହୁରି ଅନେକ ଆହ୍ୱାନକୁ ସମ୍ମୁଖୀନ ହେବାକୁ ପଡ଼ିବ । ଏବେ ସବୁଜ ଶକ୍ତି ବା ଅଣ-ଜୀବାଶ୍ମ ଇନ୍ଧନ ଶକ୍ତିରେ ଜଳବିଦ୍ୟୁତ୍ ଶକ୍ତିର ଅବଦାନ ସିଂହଭାଗ ଥିବା ବେଳେ ତା'ପଛକୁ ରହିଛି ସୌରଶକ୍ତି ପ୍ରକଳ୍ପ । କିନ୍ତୁ ଏ ଦୁଇଟି ସମ୍ପୂର୍ଣ୍ଣ ରୂପେ ଜଳବାୟୁ ଓ ପାଣିପାଗ ଉପରେ ନିର୍ଭରଶୀଳ । ଅନେକ ଜଳବିଦ୍ୟୁତ୍ ପ୍ରକଳ୍ପ ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ବିନା ଅଧପନ୍ତରିଆ ରହିଛି । ତେଣୁ ଭାରତକୁ ଆଣବିକ ଇନ୍ଧନ ଓ ସବୁଜ ଉଦ୍‌ଜାନ ଶକ୍ତି ଉତ୍ପାଦନରେ ଅଧିକ ପୁଞ୍ଜିନିବେଶ କରିବା ଆବଶ୍ୟକ । ଏଥିସହିତ ବିଦ୍ୟୁତ୍ ଚାଳିତ ଯାନ(ଇଭି) ଉତ୍ପାଦନ ଓ ବ୍ୟବହାରକୁ ଭାରତ ଯେତେଶୀଘ୍ର ତ୍ୱରାନ୍ୱିତ କରିବ ଜୀବାଶ୍ମ ଇନ୍ଧନ ଜନିତ ଜଞ୍ଜାଳରୁ ସେତେଶୀଘ୍ର ମୁକ୍ତି ମିଳିବ । ସେହିପରି ଭାରତର ମୋଟ୍ ବିଦ୍ୟୁତ୍ ଚାହିଦାର ମାତ୍ର ୨୮% ଅଣ-ଜୀବାଶ୍ମ ଇନ୍ଧନରୁ ଭରଣା ହୋଇପାରୁଥିବା ବେଳେ ବାକି ଅଂଶ ପାଇଁ ଆମେ ସମ୍ପୂର୍ଣ୍ଣ ରୂପେ କୋଇଲା, ଜୀବାଶ୍ମ ତୈଳ ଓ ପ୍ରାକୃତିକ ବାଷ୍ପ ଉପରେ ନିର୍ଭର କରୁଛୁ । ଶକ୍ତି ନିର୍ଭରଶୀଳତାକୁ କ୍ରମଶଃ କୋଇଲା ବା ତାପଜ ବିଦ୍ୟୁତ୍‌ରୁ ସବୁଜ ବିଦ୍ୟୁତ୍‌କୁ ରୂପାନ୍ତରିତ କରିବାକୁ ପଡ଼ିବ ।

ସବୁଜ ଇନ୍ଧନରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଯେଉଁ କେତେକ ପ୍ରତିବନ୍ଧକ ରହିଛି ସେଥିରେ ମୁଖ୍ୟ ହେଉଛି ଶକ୍ତି ଭଣ୍ଡାରଣ । ୨୦୨୪ ଶେଷ ସୁଦ୍ଧା ଭାରତର ସବୁଜ ଶକ୍ତି ଭଣ୍ଡାରଣ କ୍ଷମତା ୫ ଗିଗାୱାଟ୍‌ରୁ ମଧ୍ୟ କମ୍ ଥିବା ବେଳେ ବ୍ୟାଟେରି ଭଣ୍ଡାରଣ ପରିମାଣ ଥିଲା ମାତ୍ର ୧୧୦ ମେଗାୱାଟ୍ । ଉତ୍ପାଦିତ ଶକ୍ତିକୁ ଗଚ୍ଛିତ କରି ରଖି ତିରୋଟ ସମୟରେ ବିତରଣରେ ସମତୁଲତା ପାଇଁ ସମ୍ପୂର୍ଣ୍ଣ ଦକ୍ଷତା ଆହରଣ କରିପାରିଲେ ଶକ୍ତି ଚାହିଦା-ଯୋଗାଣ ଆହ୍ୱାନକୁ ସଫଳ ମୁକାବିଲା କରିହେବ । କିନ୍ତୁ ସବୁଜ ଶକ୍ତି ଭଣ୍ଡାରଣ ଭିତ୍ତିଭୂମି ନିର୍ମାଣ ବ୍ୟୟ ଓ ସମୟସାପେକ୍ଷ । ଏହି ସମସ୍ୟା ଦୂର କରିବା ପାଇଁ 'ଏକ ଦେଶ ଏକ ଗ୍ରୀଡ୍' ଭଳି ଅଭିନବ ଯୋଜନାକୁ ପାଇଲଟ୍ ପ୍ରକଳ୍ପ ଭିତ୍ତିରେ କାର୍ଯ୍ୟକାରୀ କରାଯାଇପାରେ । ଉଦାହରଣସ୍ୱରୂପ ପଶ୍ଚିମ ଭାରତ ତୁଳନାରେ ସୌରଶକ୍ତିର ଉପଲବ୍ଧତା ଉତ୍ତର-ପୂର୍ବ ଭାରତରେ ବହୁତ କମ୍ ଏବଂ ମଧ୍ୟ-ଭାରତ, ଦକ୍ଷିଣ-ଭାରତ ଓ ପୂର୍ବ-ଭାରତର ଜଳବିଦ୍ୟୁତ୍ ଉତ୍ପାଦନ କ୍ଷମତା ପଶ୍ଚିମ ଭାରତ ତୁଳନାରେ ବହୁ ଅଧିକ । ସେହିପରି ଉପକୂଳ ଭାରତରେ ପବନ ଶକ୍ତିର ଉପଲବ୍ଧତା ଆଭ୍ୟନ୍ତରୀଣ ଭାରତ ତୁଳନାରେ ପର୍ଯ୍ୟାପ୍ତ । 'ଏକ ଦେଶ ଏକ ଗ୍ରୀଡ୍'ରେ ସମନ୍ୱୟ ରକ୍ଷା ହୋଇପାରିଲେ ଗ୍ରୀଷ୍ମଋତୁରେ ଉତ୍ତର-ପୂର୍ବ ଓ ପୂର୍ବ ଭାରତ ପଶ୍ଚିମ ଭାରତରୁ ସୌରଶକ୍ତି ଏବଂ ବର୍ଷା ଋତୁରେ ପଶ୍ଚିମ ଭାରତ ଅବଶିଷ୍ଟ ଭାରତରୁ ଜଳବିଦ୍ୟୁତ ଶକ୍ତି ପାଇପାରିବ । ଏ ଦିଗରେ କେନ୍ଦ୍ରୀୟ ବିଦ୍ୟୁତ କର୍ତ୍ତୃପକ୍ଷ(ସିଇଏ) ଦେଶର ପ୍ରତ୍ୟେକ ସୌରଶକ୍ତି ଉତ୍ପାଦନ କେନ୍ଦ୍ରମାନଙ୍କୁ ଏକ ମାର୍ଗଦର୍ଶିକା ଜାରି କରି ଭଣ୍ଡାରଣ ଓ ବିତରଣ ବ୍ୟବସ୍ଥାକୁ ସୁସଂହତ କରିବାକୁ ଉପଦେଶ ଦେଇଛି । କିନ୍ତୁ ରାଜ୍ୟମାନଙ୍କର ଉଦାସୀନତା କାରଣରୁ ଏହା ସଫଳ ହୋଇପାରିନଥିବାରୁ ଧାର୍ଯ୍ୟ ସମୟ ସୀମାକୁ ଇତିମଧ୍ୟରେ ବୃଦ୍ଧି କରାଯାଇଛି । କେତେକ ସ୍ଥାନରେ ଜଙ୍ଗଲ ଓ ପରିବେଶ ମଞ୍ଜୁରୀଗତ ବିଳମ୍ବ କାରଣରୁ ଆନ୍ତଃରାଜ୍ୟ ଗ୍ରୀଡ୍ ସଂଯୋଗ ପ୍ରକଳ୍ପ ଅଟକି ଯାଇଛି । ଏଥିପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ ।

ଅପରପକ୍ଷରେ ଶକ୍ତି ମନ୍ତ୍ରଣାଳୟ ବ୍ୟାଟେରି ଭଣ୍ଡାରଣ କ୍ଷମତାକୁ ୫୪୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୩୦ ଗିଗାୱାଟ୍ ଆୱାର ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଯୋଜନା ଚୂଡ଼ାନ୍ତ କରିଛି । ୨୦୩୨ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ତେବେ ଏ ଦିଗରେ ମଧ୍ୟ ମୁଖ୍ୟ ବାଧକ ସାଜିଛି ଚୀନ୍ । ଏବେ ବ୍ୟାଟେରି ଭଣ୍ଡାରଣ ଉପକରଣ ଓ ଜ୍ଞାନକୌଶଳରେ ଚୀନ୍ ବିଶ୍ୱର ସିଂହଭାଗ ଦଖଲ କରିଥିବା ବେଳେ ଭାରତକୁ ବିରଳ ମୃତ୍ତିକା ରପ୍ତାନି କାଣ୍ଟଛାଣ୍ଟ କରିଛି । ତେଣୁ ଧାର୍ଯ୍ୟ ସମୟ ମଧ୍ୟରେ ଲକ୍ଷ୍ୟ ପୂରଣ ହୋଇପାରିବ କି ନାହିଁ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଆଶା ସଦ୍ୟ ସମାପ୍ତ ଏସ୍‌ସିଓ ବୈଠକରେ ଭାରତ ଏ ପ୍ରସଙ୍ଗ ଚୀନ୍ ଆଗରେ ଉପସ୍ଥାପନ କରିଥିବେ ।

# ଓଡ଼ିଶାରେ ଅସୁସ୍ଥ ସ୍ୱାସ୍ଥ୍ୟସେବା

ଡ. ପ୍ରଫୁଲ୍ଲ କୁମାର ସାହୁ

ଶାରୀରିକ, ମାନସିକ ଓ ସାମାଜିକ ସ୍ତରରେ ସୁସ୍ଥତା ହିଁ ସ୍ୱାସ୍ଥ୍ୟ, ଯାହା ମଣିଷର ମୌଳିକ ଆବଶ୍ୟକତା । ଉପନିଷଦ କହେ - 'ଶରୀରମାଦ୍ୟଂ ଖଳୁ ଧର୍ମ ସାଧନମ୍' । ଅର୍ଥାତ୍ ସୁସ୍ଥ ଶରୀର ଦ୍ୱାରା ସମସ୍ତ କାର୍ଯ୍ୟ ସଂପାଦନ ସମ୍ଭବ । ସୁସ୍ଥ ନାଗରିକ ହେଉଛନ୍ତି ଦେଶର ମୁଖ୍ୟ ସମ୍ବଳ । ରାଜ୍ୟ ଓ ଦେଶର ପ୍ରଗତିରେ ଥାଏ ସ୍ୱାସ୍ଥ୍ୟସେବାର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ । ତେଣୁ ସମସ୍ତଙ୍କୁ ସବୁଠାରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସରକାରଙ୍କ ଦାୟିତ୍ୱ । ବିଶେଷକରି ସ୍ୱାସ୍ଥ୍ୟସେବା ସର୍ବଦା ସମ୍ବେଦନଶୀଳ, ସହଜଲବ୍ଧ, ଗୁଣବତ୍ତା ସଂପନ୍ନ ଓ ଉତ୍ତରଦାୟୀ ହେବା ଜରୁରୀ । ଉପରୋକ୍ତ ପ୍ରେକ୍ଷାପଟରେ ବିଚାର କଲେ ଭାରତବର୍ଷରେ ସାର୍ବଜନୀନ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ । ତୁଳନାତ୍ମକ ଭାବେ ଓଡ଼ିଶାର ସ୍ଥିତି ଆହୁରି ନୈରାଶ୍ୟଜନକ ।

ଇଣ୍ଡିୟାନ ପବ୍ଲିକ ହେଲ୍‌ଥ ଷ୍ଟାଣ୍ଡାର୍ଡ ନିର୍ଦ୍ଧାରିତ ମାନ ଅନୁସାରେ ସମତଳ ଅଞ୍ଚଳରେ ପ୍ରତି ୩୦ହଜାର ଲୋକଙ୍କ ପାଇଁ ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୧ଲକ୍ଷ ୨୦ ହଜାର ଲୋକଙ୍କ ପାଇଁ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିବା ଆବଶ୍ୟକ । ସେହିପରି ଆଦିବାସୀ ଅଧ୍ୟୁଷିତ ବନାଞ୍ଚଳରେ ପ୍ରତି ୨୦ ହଜାର ଲୋକରେ ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୮୦ହଜାର ଲୋକରେ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିବା ବ୍ୟବସ୍ଥାସମ୍ମତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ହିସାବ ଅନୁଯାୟୀ ପ୍ରତି ଏକହଜାର ଲୋକରେ ଜଣେ ଡାକ୍ତର ରହିବା ଆବଶ୍ୟକ ଥିବା ସ୍ଥଳେ ଓଡ଼ିଶାରେ ୧୯୪୩ ଜଣ ଲୋକଙ୍କ ପାଇଁ ଅଛନ୍ତି ଜଣେ ଡାକ୍ତର । ତଥ୍ୟ ଅନୁସାରେ ଓଡ଼ିଶାରେ ମୋଟ ୧୮୧୫ଟି ଏଲୋପାଥି ଡାକ୍ତରଖାନା ଅଛି ଏବଂ ସେସବୁ ଡାକ୍ତରଖାନାରେ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ସଂଖ୍ୟା ୬୭୧୯ । ବିଡ଼ମ୍ବନାର ବିଷୟ ସେଥିମଧ୍ୟରୁ ୪୩୧୫ ଜଣ ନିୟମିତ ଡାକ୍ତର ଥିବା ବେଳେ ଖାଲି ପଡ଼ିଛି ୨୦୦୪ଟି ନିୟମିତ ଡାକ୍ତର ପଦବୀ ।

ଜୀବନ ରକ୍ଷାକାରୀ ସେବାପରାୟଣ ଡାକ୍ତରଙ୍କୁ କୁହାଯାଏ ଦ୍ୱିତୀୟ ଈଶ୍ୱର । ଦ୍ୱିତୀୟ ଈଶ୍ୱର ସୃଷ୍ଟି କରିବା ତଥା ଉଚ୍ଚମାନର ରୋଗୀସେବା ପ୍ରଦାନ କରିବା ମେଡିକାଲ କଲେଜଗୁଡ଼ିକର ଗୁରୁଦାୟିତ୍ୱ । ମାତ୍ର ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବାରୁ ଓଡ଼ିଶାରେ ଡାକ୍ତରୀଶିକ୍ଷା ବ୍ୟବସ୍ଥା ଏବେ ଅବହେଳିତ । ଓଡ଼ିଶାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ସମେତ ରାଜ୍ୟରେ ଥିବା ବିଭିନ୍ନ କିସମର ୧୭ଟି ମେଡିକାଲ କଲେଜରେ ଲାଗି ରହିଛି ଶିକ୍ଷକ ମରୁଡ଼ି ।

ଓଡ଼ିଶାରେ ବହୁଳ ଆଦୃତ, ପ୍ରଚଳିତ ସାଫଲ୍ୟମଣ୍ଡିତ ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା ବଦଳରେ ରାଜ୍ୟରେ ଲାଗୁ ହୋଇଛି କେନ୍ଦ୍ର ସରକାରଙ୍କର ବହୁ ଚର୍ଚ୍ଚିତ ଆୟୁଷ୍ମାନ ଭାରତ ଯୋଜନା । କୌଣସି ଏକ ପ୍ରଚଳିତ ଯୋଜନାଠାରୁ ଅନ୍ୟ ଏକ ଯୋଜନାକୁ ଉତ୍କୃଷ୍ଟ ସାବ୍ୟସ୍ତ କରିବାକୁ ହେଲେ ତାହା ପ୍ରଚଳିତ ଯୋଜନା ଅପେକ୍ଷା ସୁଲଭ ସରଳ ଓ ସର୍ବଗ୍ରାହ୍ୟ ହେବା ଆବଶ୍ୟକ । ମାତ୍ର ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ତତ୍କାଳ ସେବା ଯୋଗାଇବା ନିମନ୍ତେ ବିଜୁ ସ୍ୱାସ୍ଥ୍ୟ ଯୋଜନା ତୁଳନାରେ ଆୟୁଷ୍ମାନ ଭାରତ ଯୋଜନା ଖୁବ୍ ଦୁର୍ବଳ । ଏଥିରେ ଆଶୁ ସେବା ଯୋଗାଇବା କ୍ଷେତ୍ରରେ ବାଧକ ହୋଇଛି ଅନାବଶ୍ୟକ ତଥ୍ୟବହୁଳ ଓ ସର୍ତ୍ତ ସମ୍ବଳିତ ପଞ୍ଜିକରଣ ପ୍ରକ୍ରିୟା । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହେଉ କି ଆୟୁଷ୍ମାନ ଭାରତ ଯୋଜନା, ଏ ବାବଦରେ ସରକାର ଦେଉଥିବା ଲକ୍ଷଲକ୍ଷ ଟଙ୍କାର ଅନୁଦାନ ତୁଳନାରେ ରାଜ୍ୟରେ ସୁଦୃଢ଼ ଚିକିତ୍ସା ଭିତ୍ତିଭୂମି ନଥିବାରୁ ଏହାର ସୁଯୋଗ ନେଉଛନ୍ତି ସେବାକୁ ବେପାର ଭାବରେ ଗ୍ରହଣ କରିଥିବା ଘରୋଇ ଡାକ୍ତରଖାନାର ମାଲିକମାନେ । ସରକାରୀ ଅଧିକାରୀଙ୍କ ସହିତ ସଲାସୁତୁରା କରି ସେମାନେ ମାଲେମାଲ ହେଉଛନ୍ତି ଉପରୋକ୍ତ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ । ଏହି ଯୋଜନା ଅନ୍ତର୍ଗତ କେଉଁ ରୋଗ ପାଇଁ ସରକାର କେତେ ଟଙ୍କା ଦେବେ, ତାହା ନିର୍ଦ୍ଧାରଣ କରିବାରେ ବି ରହିଛି ସେମାନଙ୍କ ପ୍ରଚ୍ଛନ୍ନ ହାତ ।

ଗଲା କେତେବର୍ଷ ମଧ୍ୟରେ ଗମନାଗମନ କ୍ଷେତ୍ରରେ ଯଥେଷ୍ଟ ବିକାଶ ହୋଇଥିବା ସତ୍ତ୍ୱେ ରାଜ୍ୟରେ ଏମିତି ସାତ ହଜାରରୁ ଅଧିକ ଅପହଞ୍ଚ ଗାଁ ଅଛି, ଯେଉଁଠିକି ଯାଇ ପାରୁନି ଆମ୍ବୁଲାନ୍ସ । ସେହିସବୁ ଗାଁ ଲୋକଙ୍କ ପାଇଁ କୌଣସି ଅର୍ଥ ବହନ କରେନି ୧୦୮ ଆମ୍ବୁଲାନ୍ସ ସେବା । ଗ୍ରାମାଞ୍ଚଳର ଆଉଏକ ସମସ୍ୟା ହେଉଛି ସେଠାକାର ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଡାକ୍ତରମାନଙ୍କ ଅନୁପସ୍ଥିତି । ଗ୍ରାମାଞ୍ଚଳରେ ନିଯୁକ୍ତି ପାଇଥିବା ଡାକ୍ତରମାନେ ପ୍ରାୟତଃ ସହରରେ ରୁହନ୍ତି ଏବଂ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଯାଆନ୍ତି ନାହିଁ କି ସେଠାରେ ରୋଗୀ ଦେଖନ୍ତିନି ନିର୍ଦ୍ଧାରିତ ସମୟରେ । ଉପାନ୍ତ ଅଞ୍ଚଳରେ କିଛି ଡାକ୍ତରଖାନାରେ ଡାକ୍ତର ଓ ନର୍ସଙ୍କ ଅନୁପସ୍ଥିତିରେ ରୋଗୀ ସେବା କରନ୍ତି ସୁଇପର ଓ ରାତ୍ରି ଜଗୁଆଳି ।

ଆମ ସମାଜରେ ଆଜି ବି ଏମିତି ଡାକ୍ତର ଅଛନ୍ତି, ଯେଉଁମାନଙ୍କ ପାଇଁ ରୋଗୀସେବା ଏକ ବୃତ୍ତି ନୁହେଁ ପ୍ରବୃତ୍ତି । ଏକ ସଂକଳ୍ପ । ଏହି ଉତ୍ସର୍ଗୀକୃତ ଡାକ୍ତରଙ୍କ ମିଠାକଥାରେ, ଶ୍ରଦ୍ଧାଶୀଳ ଆଚରଣରେ, ସ୍ପର୍ଶରେ ରୋଗୀ ଅନୁଭବ କରେ ଅଧା ଉପଶମ । ସେମାନଙ୍କ ନିଃସର୍ତ୍ତ ସେବାପଣ ଆଗରେ ନଇଁଯାଏ ମଥା । ଆଉ ଏକ କିସମର ଡାକ୍ତର ଅଛନ୍ତି, ଯିଏ ଲାଭ ଓ ଲୋଭର ତରାଜୁରେ ମାପନ୍ତି ସେବାର ମାନ । ଏମାନେ ସରକାରୀ ଚାକିରିରେ ଥାଇ ସୁଦ୍ଧା ଅଧିକ ସମୟ ଦିଅନ୍ତି ଘରୋଇ ଚିକିତ୍ସାରେ । ଘରୋଇ ଚିକିତ୍ସାର ଅର୍ଥ ନୁହେଁ, ଯୋଜନାବଦ୍ଧ ଭାବରେ ସରକାରୀ ଡାକ୍ତରଖାନା ପ୍ରତି ଅନାସ୍ଥାଭାବ ସୃଷ୍ଟି କରି ରୋଗୀକୁ ଘରୋଇ ଚିକିତ୍ସା ଆଡ଼କୁ ଟାଣିବା । ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ହିଁ ବିଡ଼ମ୍ବିତ ସତ୍ୟ । ଏହି କାରଣରୁ ଆଶ୍ଚର୍ଯ୍ୟଜନକ ଭାବେ ଅଚଳ ହୋଇଯାଏ ସରକାରୀ ଡାକ୍ତରଖାନାର ବହୁ ମୂଲ୍ୟବାନ ଯନ୍ତ୍ରପାତି ।

ଗଲା କେତେ ଦଶନ୍ଧି ମଧ୍ୟରେ ଓଡ଼ିଶାରେ ଅନେକଗୁଡ଼ିଏ କର୍ପୋରେଟ ପରିଚାଳିତ ଡାକ୍ତରଖାନା ପ୍ରତିଷ୍ଠା ହୋଇପାରିଛି ଏବଂ ଘରୋଇ ଡାକ୍ତରଖାନାଗୁଡ଼ିକ ପାଇଁ ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆସିପାରିଛି ବୈପ୍ଳବିକ ପରିବର୍ତ୍ତନ । ଜଟିଳ ରୋଗର ଚିକିତ୍ସା ପାଇଁ ଆଉ ଯିବାକୁ ପଡୁନି ଦିଲ୍ଲୀ, ମୁମ୍ବାଇ ଓ ବାଙ୍ଗାଲୋର । ସବୁ ପ୍ରକାର ଚିକିତ୍ସା ସୁବିଧା ଓଡ଼ିଶାର ଘରୋଇ ଡାକ୍ତରଖାନାରେ ଉପଲବ୍ଧ । ଏସବୁ ଡାକ୍ତରଖାନାର ଚିକିତ୍ସା ବ୍ୟବସ୍ଥା ଯେତିକି ଉଚ୍ଚମାନର, ତଣ୍ଟିକଟା ଯୋଜନା ସେତିକି ସୁପରିକଳ୍ପିତ । ରୋଗୀ ମରିଗଲା ପରେ ବି ତା' ଦେହରେ ଭେଣ୍ଟିଲେଟର ଲଗାଇ ପରିବାର ଲୋକଙ୍କଠାରୁ ଶୋଷଣ କରାଯାଏ ଟଙ୍କା । ରୋଗୀ ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଆୟୁଷ୍ମାନ ଭାରତ ଯୋଜନା ଅନ୍ତର୍ଭୁକ୍ତ ହୋଇଥିଲେ, ରୋଗୀ ଆରୋଗ୍ୟ ପରେ ବି ଚିକିତ୍ସା ଚାଲେ ନିର୍ଦ୍ଧାରିତ ଅର୍ଥରାଶି ହଡ଼ପ ସରିବା ପର୍ଯ୍ୟନ୍ତ । ସାଧାରଣ ଲୋକଙ୍କୁ ଅଳ୍ପ ଖର୍ଚ୍ଚରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସର୍ତ୍ତରେ ଏମାନେ ଶାଗମାଛ ଦରରେ ହାତେଇଛନ୍ତି ମୂଲ୍ୟବାନ ସରକାରୀ ଜମି । ସର୍ତ୍ତ ଖିଲାପ ପରେ ବି ସେମାନଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ହେବା ପରିବର୍ତ୍ତେ ସେମାନଙ୍କ ବ୍ୟବସାୟ ବଢ଼େଇବା ପାଇଁ ଜାଣିଶୁଣି ସରକାରୀ ଡାକ୍ତରଖାନାରେ ସୃଷ୍ଟି କରାଯାଉଛି ଅଚଳାବସ୍ଥା ।

ଓଡ଼ିଶାରେ ସ୍ଥାସ୍ଥ୍ୟ ସେବାରେ ଆଉ ଏକ ସମସ୍ୟା ହେଉଛି ନକଲି ଓ ନିମ୍ନମାନର ଔଷଧ । ନିମ୍ନମାନର ଔଷଧ ଯେତିକି ବିପଦଜ୍ଜନକ, ନକଲି ଔଷଧ ସେତିକି ମାରାତ୍ମକ । ରୋଗୀ ଔଷଧ ଖାଏ ରୋଗ ଭଲ ହେବା ପାଇଁ । ମାତ୍ର ରୋଗ ଭଲ ହେବା ତ ଦୂରର କଥା ନକଲି ଔଷଧ ରୋଗୀ ଦେହରେ ସୃଷ୍ଟି କରେ ନୂଆ ରୋଗ । ଏହି ଦୃଷ୍ଟିରୁ ଯେଉଁମାନେ ନକଲି ଔଷଧ କାରବାର କରନ୍ତି, ସେମାନେ ଜଣେ ଜଣେ ହତ୍ୟାକାରୀ ବା ଜୀବନଭକ୍ଷକ । ଅସାଧୁ ବ୍ୟକ୍ତି ବା ଫାର୍ମାସ୍ୟୁଟିକାଲ କମ୍ପାନୀ ଦ୍ୱାରା ନକଲି ଔଷଧ ତିଆରି ହୁଏ, ଯା'ର ଏକମାତ୍ର ଉଦ୍ଦେଶ୍ୟ ଅସାଧୁ ଉପାୟରେ ପର୍ଯ୍ୟାପ୍ତ ଅର୍ଥ ଉପାର୍ଜନ । ଆମ ରାଜ୍ୟରେ ବିଭିନ୍ନ ସମୟରେ ନକଲି ଔଷଧ ଜବତ ହେଉଥିଲେ ବି ଦୋଷୀ ଧରାପଡୁନାହାନ୍ତି, କିମ୍ବା ଧରାପଡ଼ିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ, ଯାହା ଦୁର୍ଭାଗ୍ୟଜନକ । ନକଲି ଔଷଧ ଯୋଗୁଁ ହେଉଥିବା ମୃତ୍ୟୁ ପାଇଁ କେବଳ ତା'ର ନିର୍ମାତା ଓ ବ୍ୟବସାୟୀ ଦାୟୀ ନୁହନ୍ତି, ଏଥିପାଇଁ ସରକାରୀ ବ୍ୟବସ୍ଥା ମଧ୍ୟ ଦାୟୀ ।

ଭଦ୍ରକ, ମୋ: ୬୩୭୧୬୪୨୪୬୪

# ଆତ୍ମହତ୍ୟା ପ୍ରବଣତା ଏକ ଅସୁସ୍ଥ ମାନସିକତା

ଅର୍ଜୁନ ଘଡ଼େଇ

ଯେକୌଣସି ଗୁରୁତର ସମସ୍ୟାର ସାମାଧାନ ପାଇଁ ଅନେକ ଉପାୟ ନିର୍ଣ୍ଣୟ କରାଯାଇପାରେ । କିନ୍ତୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସମସ୍ୟାର ସମାଧାନ କରି ନ ପାରି ଆତ୍ମହତ୍ୟା ପରି ନିଷ୍ଠୁର, ଅଶୋଭନୀୟ, ବିବେକହୀନ, ଅଯୌକ୍ତିକ ଓ ଅସାମାଜିକ କାର୍ଯ୍ୟକୁ ଆପଣେଇ ନେବା ଏକ ସୁସ୍ଥ ମାନସିକତାର ପରିଚାୟକ ନୁହେଁ । ଏହାଦ୍ୱାରା ନା ହୁଏ ସମାସ୍ୟାର ସମାଧାନ ନା ମିଳେ ଆତ୍ମସମ୍ମାନ । ତେଣୁ ନିଜକୁ ଅସହାୟ, ନିରୁପାୟ ଭାବି ଅତ୍ମହତ୍ୟା କରିବାକୁ ଉଦ୍ୟମ କରିବା ଏକମାତ୍ର ବିକଳ୍ପ ନୁହେଁ । ସଂସାର ଅଛି ମାନେ ସମସ୍ୟା ଅଛି - ସମାଧାନ ବି ଅଛି । ଶୀଘ୍ର ନହେଲେ ବି ବିଳମ୍ବରେ ହେଇପାରେ । ଜୀବନ ଅଛି ମାନେ ଯନ୍ତ୍ରଣା ବି ରହିବ । କିନ୍ତୁ ଯନ୍ତ୍ରଣାରୁ ଉପଶମ ପାଇଁ ବା ମୁକ୍ତ ହେବା ପାଇଁ ଆତ୍ମହତ୍ୟା କରିବା ଅମାନବିକ, ଅନୈତିକ ଓ ଅପରିଣାମଦର୍ଶୀ କାର୍ଯ୍ୟ ଭାବେ ବିବେଚନା କରିବାକୁ ହେବ ।

ଅଧିକାର ସାବ୍ୟସ୍ତ ପାଇଁ ସଂଗ୍ରାମ କରିବା, ସମସ୍ୟା ବିରୁଦ୍ଧରେ ସଂଗ୍ରାମ ପାଇଁ ଶକ୍ତି ସଂଚୟ କରିବା, ବଞ୍ଚିବା ପାଇଁ ଉପାୟ ଖୋଜିବା ଆମର ସନ୍ତୁଳିତ ମାନସିକତାର ଗଠନପୂର୍ଣ୍ଣ କର୍ତ୍ତବ୍ୟ ହେବା ବିଧେୟ । ଆମ ପୂର୍ବସୂରୀ, ଜ୍ଞାନୀ, ଗୁଣୀ, ସମାଜ ସେବୀ, ତ୍ୟାଗୀ ମହାପୁରୁଷମାନଙ୍କର କର୍ତ୍ତବ୍ୟ ସମୂହରୁ ଆମେ ଏମିତି ଅନେକ ଶିକ୍ଷା ପାଇଛେ, ଯାହାକୁ ଆଧାର କରି ଅନେକ ବ୍ୟକ୍ତି ଆତ୍ମହତ୍ୟା କରିବାକୁ ଯାଇ ଫେରିଆସିଛନ୍ତି । ପରବର୍ତ୍ତୀ ଜୀବନରେ ସମାଜ ପାଇଁ ଅନେକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିପାରିଛନ୍ତି । କିନ୍ତୁ ଆଜିର ସମାଜରେ ଲୋକମାନଙ୍କ ମନରେ ଆତ୍ମହତ୍ୟା ପ୍ରବଣତା ଯେପରି ବୃଦ୍ଧିପାଇଛି, ଦେଖିଲେ ଯେତିକି ଦୁଃଖଲାଗୁଛି ସେତିକି ବିସ୍ମୟାଭିଭୂତ ହେବାକୁ ପଡୁଛି । ଏହା ଆମ ଅସ୍ଥିର ଭାବନା ଓ ଧୈର୍ଯ୍ୟଚ୍ୟୁତି ଯୋଗୁଁ ଯେ ଘଟୁଛି ଏହା ନିଃସନ୍ଦେହ ।

ଅନେକ କାରଣରୁ ଆମ ମନ ବିଚଳିତ ହୁଏ । ବିଚାରରେ ବିଭ୍ରାଟ ସୃଷ୍ଟି ହୁଏ । ମାନସିକ ଅବସ୍ଥା ଅସ୍ଥିର ହୁଏ । ବେଳେବେଳେ ପରିବାରର ଆତ୍ମୀୟ, ରକ୍ତ ସମ୍ପର୍କୀୟ, ସମାଜର ଅସାମାଜିକ ଚରିତ୍ର, ନ୍ୟାୟିକ ବ୍ୟବସ୍ଥା ଓ ଆଇନ କାନୁନ୍ ସୁରକ୍ଷା ପାଇଁ ନିଯୁକ୍ତ ଥିବା, ଦାୟିତ୍ୱ ବହନ କରିଥିବା ବ୍ୟକ୍ତିବିଶେଷ - ଏସମସ୍ତଙ୍କର ଏଥିରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ହାତଥାଏ । ଜଣଙ୍କୁ ଆତ୍ମହତ୍ୟା ନ କରିବା ପାଇଁ ସେମାନେ ସେମାନଙ୍କର ଦାୟିତ୍ୱ ସଠିକ ଭାବେ ନିର୍ବାହ କରିପାରନ୍ତି ନାହିଁ । କିନ୍ତୁ ଆମେ ଯେଉଁମାନେ ଏପରି ନୀତିହୀନ କାର୍ଯ୍ୟ କରିବାକୁ ପ୍ରୟାସ କରୁଛେ, ଆମେ କ'ଣ ନିଜକୁ ଜଣେ ବିଚାରବନ୍ତ ମଣିଷଭାବେ ପରିଚୟ ଦେଇପାରିବା ନାହିଁ? ଆମର ଶିକ୍ଷା, ଦୀକ୍ଷା, ସାମାଜିକ ଦାୟିତ୍ୱବୋଧ, ନୀତି, ନୈତିକତା କ'ଣ ଆମକୁ ବିପତ୍ତି, ବିପର୍ଯ୍ୟୟରୁ ମୁକ୍ତ କରିପାରିବ ନାହିଁ? ଏଥିପାଇଁ ଦୃଢ଼ ମନୋବଳ ସହ ଧୈର୍ଯ୍ୟ, ପ୍ରାଜ୍ଞ, ସହନଶୀଳତା ଆଦି ପ୍ରାଣ ସୁରକ୍ଷାକାରୀ ଚେତନାଗୁଡ଼ିକୁ ଉଜ୍ଜୀବିତ କରିବାକୁ ପଡ଼ିବ ଶେଷ ଜୀବନ ହେବା ଯାଏଁ ।

ଏ ଜୀବନ ଆମର ନୁହେଁ- ଏହା ଈଶ୍ୱର ପ୍ରଦତ୍ତ ବା ଐଶୀଶକ୍ତି ସମ୍ପର୍କୀତ, ଯାହା ଆମେ ଆଧ୍ୟାତ୍ମିକ ତତ୍ତ୍ୱ ସମୂହରୁ ଜାଣିଛେ । ଯାହା ଆମର ଅଧିକାର ନୁହେଁ ତାହା ଆମେ ଧ୍ୱଂସ କରିବାକୁ ପ୍ରୟାସ କରି ଅମାନବିକତାର ପରିଚୟ ଦେବା ଉଚିତ ନୁହେଁ ।

ଜୀବନରେ ଯୋଗ, ଆସନ, ପ୍ରାଣାୟମ ଆଦି ଦ୍ୱାରା ମନ, ଚିତ୍ତରେ ସ୍ଥିରତା ଆସେ । ଧୈର୍ଯ୍ୟଭାବ ସୃଷ୍ଟି ହୁଏ । ଏକଥା ପିଲାଦିନୁ ଅଭ୍ୟାସ କଲେ ପିଲାଟି ବଡ଼ ହେଲା ପରେ ନିଜକୁ ସଶକ୍ତ କରି ଗଢ଼ିପାରିବ । ଦ୍ୱିତୀୟରେ ପିଲା ଦିନରୁ ପ୍ରାପ୍ତବୟସ୍କ ହେବା ପର୍ଯ୍ୟନ୍ତ ଅନେକ ପିଲା ପରିବାରଠାରୁ ଦୂରରେ ରହି ଶିକ୍ଷାଗ୍ରହଣ କରୁଛନ୍ତି । ସେମାନେ ପାରିବାରିକ ସ୍ନେହ, ଶ୍ରଦ୍ଧା, ସମ୍ପର୍କକୁ ବୁଝିବାରେ ଅସମର୍ଥ ହୋଇ ଏ କାର୍ଯ୍ୟ ଯୋଗୁଁ ସେମାନଙ୍କ ପରିବାର ଲୋକେ କେତେ ଦୁଃଖ ପାଇବେ ତାହା ଅନୁଭବରେ ଆଣିପାରୁନାହାନ୍ତି । ତୃତୀୟରେ ବ୍ୟକ୍ତିଟିର କୌଣସି ତ୍ରୁଟିଯୁକ୍ତ କାର୍ଯ୍ୟକୁ ଅତ୍ୟଧିକ ସମାଲୋଚନା ନକରି ସେହି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେବା ଆମ ପରିବାର ଲୋକ, ବନ୍ଧୁ ଓ ଶୁଭେଚ୍ଛୁମାନଙ୍କ ଉପଯୁକ୍ତ କର୍ତ୍ତବ୍ୟ ହେବା ବିଧେୟ । ତାହା କରିବାରେ ଆମର ଅବହେଳା ହେଉଛି । ଆଇନ୍ ସୁରକ୍ଷାକାରୀଙ୍କ କାଳକ୍ଷେପଣ ନୀତି, କିମ୍ବା ଅଣଦେଖା ଦ୍ୱାରା ଅନେକ ବ୍ୟକ୍ତି ଠିକ୍‌ସମୟରେ ଉପଯୁକ୍ତ ନ୍ୟାୟ ନ ପାଇ ଅସହାୟ ମନେ କରି ଆତ୍ମହତ୍ୟା ଆଡ଼କୁ ମନ ବଳାଉଛନ୍ତି । ନ୍ୟାୟିକ ବ୍ୟବସ୍ଥାରେ ଆତ୍ମହତ୍ୟା ପାଇଁ ପ୍ରୋତ୍ସାହିତ କରୁଥିବା କିମ୍ବା ନିଜେ କରୁଥିବା ବ୍ୟକ୍ତିମାନଙ୍କୁ ତତ୍‌କ୍ଷଣାତ୍, ସର୍ବସମ୍ମୁଖରେ କଠୋର ଶାସ୍ତି ଦେବାର ବ୍ୟବସ୍ଥା କରାଯାଇପାରୁନାହିଁ । ଏପରି ଅନେକ କାରଣ ଯୋଗୁଁ ଅତ୍ୟାଚାରିତ, ନିଷ୍ପେଷିତ, ଅନେକ ବ୍ୟକ୍ତି ଆତ୍ମହତ୍ୟା କରିବାକୁ ଆଗେଇ ଆସୁଛନ୍ତି ।

ଏହା ସର୍ବଶେଷ ନିଷ୍ପତ୍ତି ହୋଇନପାରେ । ଏଥିପାଇଁ କିଛି ସମୟ ପାଇଁ ଏପରି ଅନୁଷ୍ଠାନ ବା ସ୍ଥାନମାନଙ୍କଠାରୁ ଦୂରେଇ ଯାଇ ଏକ ନିରାପଦ ସୁରକ୍ଷା ପ୍ରଦାନକାରୀ ସ୍ଥାନ ସ୍ଥିର କରି କିଛିଦିନ ଅତିବାହିତ କରିଦେଲେ ମାନସିକତାରେ ପରିବର୍ତ୍ତନ ଆସିଯାଇପାରେ କିମ୍ବା ଅନ୍ୟ କିଛି ସମାଧାନର ସୂତ୍ର ବାହାରିପାରେ । ସମୟ ସ୍ରୋତରେ ଭାସିନଯାଇ ପ୍ରତିକୂଳରେ ଗତି କରିବା ଶିଖିବା ଆବଶ୍ୟକ । ବିଶୃଙ୍ଖଳିତ ସାମାଜିକ ବ୍ୟବସ୍ଥାକୁ ପ୍ରତିହତ କରିବା ବୁଦ୍ଧିମତ୍ତାର ପରିଚୟ ହୋଇଥାଏ । ପରିବାରଠାରୁ ସମାଜ ପର୍ଯ୍ୟନ୍ତ ସମସ୍ତେ ନିଜ ନିଜ ସ୍ତରରେ ଏଥିପାଇଁ ସଚେତନା ସୃଷ୍ଟି କଲେ ଆତ୍ମହତ୍ୟା ପ୍ରବଣତା ସମାଜରେ କମିଯିବ - ଏ ବିଶ୍ୱାସ ରଖିବା ଉଚିତ । ସାମାଜିକ ପରିସ୍ଥିତିକୁ ଲକ୍ଷ୍ୟ କରି ବିଭିନ୍ନ ସାମାଜିକ ସଂଗଠନ କିମ୍ବା ଧାର୍ମିକ ଅନୁଷ୍ଠାନ ଏ ଦିଗରେ ଆଲୋଚନା କରି ଜନ ସଚେତନତା ସୃଷ୍ଟି କରିବାର ଯଥେଷ୍ଟ ଆବଶ୍ୟକତା ରହିଛି । ଲୋକମାନଙ୍କ ମନରୁ ଏପରି କୁତ୍ସିତ ଚିନ୍ତାଧାରା କିପରି ଦୂର କରାଯାଇପାରିବ ସେଥିପାଇଁ ସରକାରୀ ଓ ବେସରକାରୀ ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ ।

ମଣିଷ ଅମୃତର ସନ୍ତାନ । ଭଗବାନଙ୍କର ସର୍ବଶ୍ରେଷ୍ଠ ସୃଷ୍ଟି । ଯେଉଁ ଆତ୍ମାର ଗତି, ସ୍ଥିତି, ବିଲୟ ଆମ ଅଧିକାର ଭୁକ୍ତ ନୁହେଁ, ସେ ଆତ୍ମାକୁ ଶେଷ କରିବାର ନିଷ୍ପତ୍ତି ଆମେ ନେବା ଉଚିତ କି? ଥରେ ହୁଏତ ଏତିକି ଅନୁଭବ କଲେ ସବୁଦିନ ପାଇଁ ଆତ୍ମହତ୍ୟା କରିବାର ମାନସିକତା ଦୂର ହୋଇଯା'ନ୍ତା ।

ଦାଣ୍ଡମୁକୁନ୍ଦପୁର(ପୁରୀ),
ମୋ: ୯୪୩୮୦୪୮୭୧୫)

# ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

**ଅମରପୋଇ**

**ପ୍ରକୃତି-ପରିବେଶ**

ଅମରପୋଇ ମାଡାଗାସ୍କର ଏବଂ ଦକ୍ଷିଣ ଆଫ୍ରିକାର ମୂଳ ଜାତ । କିନ୍ତୁ ସାରା ବିଶ୍ୱରେ ଉଷ୍ଣମଣ୍ଡଳୀୟ ଅଞ୍ଚଳରେ ପ୍ରାକୃତିକ ହୋଇସାରିଛି । ଏହା ସାଧାରଣତଃ ଏସିଆ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାର ଦେଶଗୁଡ଼ିକରେ ଦେଖାଯାଏ । ଅମରପୋଇ ଏକ ବହୁବର୍ଷୀୟ ରସାଳ, ଚମକଦାର ଔଷଧି ତୃଣ ଯାହା ପ୍ରାୟ ଏକ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ । ଅଦ୍ଭୁତ ଚିକିତ୍ସା କ୍ଷମତା ଯୋଗୁଁ ଅମରପୋଇକୁ 'ଅଦ୍ଭୁତ ପତ୍ର' ଓ 'ଜୀବନ ଉଦ୍ଭିଦ' କୁହାଯାଏ । କାଣ୍ଡଗୁଡ଼ିକ ହାଲୁକା ସବୁଜ ରଙ୍ଗର । ପତ୍ରଗୁଡ଼ିକ ପ୍ରତି ଗଣ୍ଠିରୁ ଦୁଇଟି ଲେଖା ବିପରୀତ ଦିଗରେ ଉତ୍ପନ୍ନ ହୋଇଥାଏ । ଫୁଲଗୁଡ଼ିକ ଲମ୍ବିତ ଓ ବଡ଼ । ଫୁଲର କେଲିକ୍ସ ଅର୍ଥାତ ବହିରାବରଣ ବା ବୃତି ମଣ୍ଡଳ ସବୁଜ ଏବଂ ଉପର ଭାଗରେ ଫିକା ସବୁଜ । ଫୁଲର କରୋଲା ବା ପାଖୁଡ଼ା ଲମ୍ବା ନଳାକାର, ଲାଲ-ବାଇଗଣୀ ଓ ମୂଳରେ ଅଷ୍ଟକୋଣୀୟ । ଫଳଟି କ୍ୟାଲିକ୍ସ ଓ କୋରୋଲା ମଧ୍ୟରେ ଆବଦ୍ଧ ରହିଥାଏ । ବିହନଗୁଡ଼ିକ ଛୋଟ, ମସୃଣ ଓ ଆୟତରେ ଅଣ୍ଡାକାର ।

ଅମରପୋଇରେ ଉପସ୍ଥିତ ଫାଇଟୋକେମିକାଲ୍ ବା ଜୈବ ରସାୟନିକ ଉପାଦାନଗୁଡ଼ିକ ହେଉଛି ଆଲକାଲଏଡ୍, ସାପୋନିନ୍, ଫ୍ଲାଭୋନଏଡ୍, ଟାନିନ୍ ଓ କାର୍ଡିଆକ୍ ଗ୍ଲାଇକୋସାଇଡ୍ (ବ୍ରାୟୋଫିଲିନ୍-ଏ), ଇତ୍ୟାଦି । ପୁଷ୍ଟିକର ବିଶ୍ଳେଷଣ ଦର୍ଶାଏ ଯେ ଏଥିରେ କାର୍ବୋହାଇଡ୍ରେଟ୍ ବା ଶର୍କରା ପରିମାଣ ସର୍ବାଧିକ ଏବଂ ଏସ୍ ବା ପାଉଁଶ ସର୍ବନିମ୍ନ ଥାଏ । କ୍ୟାଲସିୟମ ଓ ପୋଟାସିୟମ୍ ସ୍ତର ପ୍ରାଧାନ୍ୟ ବିସ୍ତାର କଲା ବେଳେ ସୀସା ଓ ଜିଙ୍କ୍ ସର୍ବନିମ୍ନର ସ୍ତରରେ ଥାଏ । ଏଥିରେ ଫ୍ଲାଭୋନଏଡ୍ସ ଓ ଫେନୋଲିକ୍ ଯୌଗିକ ଉପାଦାନ ପରି ଆଣ୍ଟିଅକ୍ସିଡାଣ୍ଟ, ଅକ୍ସିଡେଟିଭ୍, ଆଣ୍ଟି-ଇନଫ୍ଲେମେଣ୍ଟାରୀ, ଆଣ୍ଟିମାଇକ୍ରୋବାୟଲ୍, ଆଣ୍ଟିଫଙ୍ଗାଲ, ଆନାଲ୍ଜେସିକ୍, ଡାଏ୍ୟୁରେଟିକ, ଗୁଣ ଭରପୂର ରହିଛି । ଅମରପୋଇର ସବୁଠାରୁ ଜଣାଶୁଣା ବ୍ୟବହାର ମଧ୍ୟରୁ ଗୋଟିଏ ହେଉଛି କିଡନୀ ବା ବୃକକ୍ ପଥର ଚିକିତ୍ସା । ଉଦ୍ଭିଦର ଔଷଧୀୟ ବ୍ୟବହାର ମଧ୍ୟରେ ହୃତପିଣ୍ଡ ସ୍ୱାସ୍ଥ୍ୟକୁ ଉନ୍ନତ କରିବାଠାରୁ ଆରମ୍ଭ କରି ପାଚନ ଅସ୍ୱସ୍ତିର ଦୂର, ରକ୍ତ ଚାପ ଓ ରକ୍ତ ସର୍କରା ନିୟନ୍ତ୍ରଣ, କୋଲେଷ୍ଟ୍ରଲ୍ ସ୍ତର ହ୍ରାସ, ରକ୍ତ ସଞ୍ଚାଳନକୁ ଉନ୍ନତ, ଆସ୍ଥମା, ବ୍ରୋଙ୍କାଇଟିସ୍, ଦୀର୍ଘକାଳୀନ କାଶ, ଶ୍ୱାସକ୍ରିୟା ସମସ୍ୟା, ଆର୍ଥ୍ରାଇଟିସ୍, ଗଣ୍ଠି ଯନ୍ତ୍ରଣା, ମାଂସପେଶୀ ପ୍ରଦାହ, ଫୁଲା ଓ ଯନ୍ତ୍ରଣା ହ୍ରାସ, ଚର୍ମ ରୋଗ ଚିକିତ୍ସା, ପୋଡ଼ାଜଳା, କଟା, ଫୋଡ଼ା, କୀଟପତଙ୍ଗ କାମୁଡ଼ା ଚିକିତ୍ସା, କୋଷ୍ଠକାଠିନ୍ୟ, ଅଜୀର୍ଣ୍ଣ, ମୁଣ୍ଡବିନ୍ଧା, ଋତୁସ୍ରାବ ଯନ୍ତ୍ରଣା, ମେଦ ବହୁଳତା, କଳାଦାଗ ହ୍ରାସର ଚିକିତ୍ସା ଆଦି ରହିଛି ।

ଯଦିଓ ଆମରପୋଇ ଅନେକ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରେ, ଏହାର କିଛି ସମ୍ଭାବ୍ୟ ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ ସଚେତନ ରହିବା ଆବଶ୍ୟକ ଏବଂ ସ୍ୱାସ୍ଥ୍ୟସେବା ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଅତ୍ୟନ୍ତ ଜରୁରୀ । ଗର୍ଭବତୀ ପ୍ରସୂତିମାନେ ବିଶେଷଜ୍ଞଙ୍କ ପରାମର୍ଶ ବିନା ଅମରମୋଇ ବ୍ୟବହାର କରିବାରୁ ନିବୃତ୍ତ ରହିବାକୁ ପରାମର୍ଶ ଦିଆଯାଇଛି ।

ଅମରପୋଇର ବିବିଧ ଔଷଧୀୟ ବ୍ୟବହାର ଏହାକୁ ପ୍ରାକୃତିକ ଆରୋଗ୍ୟ ପାଇଁ ଏକ ପସନ୍ଦର ଉଦ୍ଭିଦ କରିଥାଏ । ସୁସ୍ଥ ଓ ସତେଜ ରହିବା ପାଇଁ ଏହି ତୃଣ ପୂର୍ଣ୍ଣ ସୂର୍ଯ୍ୟ କିରଣରୁ ଆଂଶିକ ଛାଇ ଆବଶ୍ୟକ କରେ । ଏହା ଥଣ୍ଡା ପ୍ରତିରୋଧୀ ନୁହେଁ ଏବଂ ଥଣ୍ଡା ପରିସ୍ଥିତିରେ ବଞ୍ଚି ରହେ ନାହିଁ । ସେଭଳି ପରିସ୍ଥିତିରେ ଏହାର ମୂଳର ଚାରିପାଖରେ ମାଟିରେ ମଲ୍‌ଚ କିମ୍ବା ଗୋଡ଼ିର ଏକ ସ୍ତର ରଖିବା ଦ୍ୱାରା ଏହାକୁ ଉଷ୍ମ ରଖିବାରେ ସାହାଯ୍ୟ କରିପାରିବ । ଏହାକୁ ଏକ ଭଲ ବାୟୁଚଳନ ସ୍ଥାନରେ ରଖିବା ଉଚିତ । ଏହାର ବଂଶବିସ୍ତାର ସହଜରେ ବିହନ କିମ୍ବା ପତ୍ର, କାଣ୍ଡ କିମ୍ବା ଅଗ୍ରଭାଗ କଟିଙ୍ଗ ଦ୍ୱାରା ପ୍ରସାରିତ ହୁଏ । ନୂତନ ଚାରା ପତ୍ର ଧାରରେ ସୃଷ୍ଟି ହୁଏ ଏବଂ ଏହାକୁ ଅଲଗା କରି ପୋତାଯାଇପାରିବ । ପିଲାମାନେ ଆମୋଦ ପାଇଁ ବହି କିମ୍ବା ଖାତା ଭିତରେ ଅମରପୋଇ ପତ୍ର ରଖନ୍ତି । କିଛିଦିନ ପରେ ପତ୍ରଧାରର ବିଭିନ୍ନ ସନ୍ଧିରୁ ଚେର ବାହାରେ । ତେଣୁ ଏହାର ପତ୍ରକୁ ପୋତିଲେ ମଧ୍ୟ ଗଛ ସୃଷ୍ଟି କରାଯାଇପାରିବ । ତେଣୁ ତାହାକୁ ଅମରପୋଇ ନାମ ଦିଆଯାଇଥିବା ଚର୍ଚ୍ଚା ହୁଏ ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ପାରିବାରିକ କଳହରୁ ମା'କୁ ହତ୍ୟା

## ଜେଲ୍ ଗଲା ପୁଅ



ରାଉରକେଲା,୭।୯(ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ଜନ୍ମ କଲା ମାଆକୁ ହତ୍ୟା ଅଭିଯୋଗରେ ହେମଗିରି ପୁଲିସ୍ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲା, ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ଥାନା ଅନ୍ତର୍ଗତ ବନ୍ଧପାଲି ଗାଁର ବଳିନ୍ଦ୍ର ଧୁରୁଆ (୪୨)। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ବଳିନ୍ଦ୍ରକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ପୁଲିସ୍ ବଳିନ୍ଦ୍ରଙ୍କ ମା' ଶୈଳ ଧୁରୁଆ (୬୦)ଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ବଳିନ୍ଦ୍ରଙ୍କ ଝିଅମାନେ ପଡ଼ୋଶୀ ଘରକୁ ଯାଇଥିବାରୁ ଶୈଳ ଗତକାଲି ଅପରାହ୍ଣରେ ସେମାନଙ୍କୁ ପାଟିତୁଣ୍ଡ କରିଥିଲେ। ବଳିନ୍ଦ୍ର ଏହାର ପ୍ରତିବାଦ କରିବାରୁ ମା'-ପୁଅଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ତେବେ କଥା ଆଗକୁ ବଢ଼ିବାରୁ ଦୁହେଁ ଧସ୍ତାଧସ୍ତି ହୋଇଥିଲେ। ଏତିକିବେଳେ ପୁଅର ଧକ୍କାରେ ଶୈଳ ତଳେ ପଡ଼ି ସଂଜ୍ଞାହୀନ ହୋଇଯାଇଥିଲେ। ତାଙ୍କ ମୁଣ୍ଡ ଫାଟି ରକ୍ତ ବାହାରିଥିଲା। ଶୈଳଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୈଳଙ୍କ ସାନ ଭଉଣୀ ସୋଉକି ଭୋଇଙ୍କ ଅଭିଯୋଗ ଆଧାରରେ ପୁଲିସ୍ ବଳିନ୍ଦ୍ରଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି।

# ଜାହାଜରୁ ଖସି ନିଖୋଜ କର୍ମଚାରୀଙ୍କ ଶବ ଉଦ୍ଧାର



ପାରାଦୀପ, ୭।୯ (ସମିସ): ଜାହାଜରୁ ଖସି ନିଖୋଜ ଥିବା କର୍ମଚାରୀଙ୍କ ମୃତଦେହ ଆଜି ସନ୍ଧ୍ୟାରେ ପିଆଇସିଟି-୨ ବର୍ଥରୁ ଉଦ୍ଧାର କରାଯାଇଛି। ଉଦ୍ଧାର ମୃତଦେହକୁ ବନ୍ଦର ମେଡିକାଲରେ ରଖାଯାଇଥିବା ବେଳେ ଆସନ୍ତାକାଲି ବ୍ୟବଚ୍ଛେଦ କରାଯିବ ବୋଲି ମେରାଇନ୍ ଥାନା ପକ୍ଷରୁ ସୂଚନା ଦିଆଯାଇଛି। ମୃତ କର୍ମଚାରୀଜଣଙ୍କ ଚୀନ୍‌ର ନାଗରିକ ଝାଙ୍ଗ ତାଇ (୨୦) ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ଜାହାଜ 'ଲକି-ଡ୍ରାଗନ୍' ପଣ୍ୟ ଖାଲି କରିବା ପରେ ବର୍ଥ ଛାଡ଼ିବା ବେଳେ ଦୁଇଜଣ କର୍ମଚାରୀ ସମୁଦ୍ର ମଧ୍ୟକୁ ଖସି ପଡ଼ିଥିଲେ। ବାଂଲାଦେଶୀ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଚୀନ୍ ନାଗରିକ ଝାଙ୍ଗ ତାଇ ନିଖୋଜ ଥିଲେ। ଆଜି ୩ଦିନ ପରେ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି।

# ୭ ଫୁଟ୍‌ର ଅଜଗର ଉଦ୍ଧାର



କୋରୁକୋଣ୍ଡା, ୭।୯(ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ସହରର ୨ ନମ୍ବର ୱାର୍ଡସ୍ଥିତ ଆନିଆ ସାହିର ଜଣେ ବ୍ୟକ୍ତିଙ୍କ ଘରୁ ଆଜି ସକାଳେ ୭ ଫୁଟ୍‌ର ଏକ ଅଜଗର ଉଦ୍ଧାର ହୋଇଛି। ଘର ଭିତରେ ଦୁର୍ଗନ୍ଧ ହେବାରୁ ମୂଷା ମରିଯାଇଥିବା ଭାବି ଘରର ଏଣେତେଣେ ସେମାନେ ଖୋଜି ବୁଲିଥିଲେ। ତେବେ ଘରକୋଣରେ ଅଜଗରକୁ ଦେଖି ସେମାନେ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ବିଶିଷ୍ଟ ସାପ ଧରାଳି ରାଜେନ୍ଦ୍ର ଖରା ସେଠାରେ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ।

## କଂଗ୍ରେସର ସଂଗଠନ ସୃଜନ ଅଭିଯାନ

# କାମ କରି ନ ପାରିଲେ ଜିଲ୍ଲା ସଭାପତି ପଦରୁ ବିଦା

ଭୁବନେଶ୍ୱର, ୭।୯(ସମିସ): ସଂଗଠନ ସୃଜନ ଦ୍ୱାରା ଜିଲ୍ଲା ସଭାପତି ଚୟନ ହେବାର ୩ ମାସ ଜୋରଦାର କାମ ହେବ। ସେଥିରେ ଯେଉଁମାନେ ପାସ୍ ନ ହେବେ, ସେମାନେ ପଦରୁ ବିଦା ହେବେ। ଦଳ ପକ୍ଷରୁ ଯେଉଁ କାମ ଦିଆଯିବ, ତାହା ସଠିକ ଭାବେ କରି ଦେଖାଇଲେ ପଦରେ ରହିବେ, ନହେଲେ ସେମାନେ ବିଦା ହେବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ରାଜ୍ୟରେ କଂଗ୍ରେସର ୩୫ଟି ସାଂଗଠନିକ ଜିଲ୍ଲା ପାଇଁ ସଂଗଠନ ସୃଜନ ମାଧ୍ୟମରେ ସଭାପତି ଚୟନ ପ୍ରକ୍ରିୟା ଜାରି ରହିଛି। ଆସନ୍ତା ୧୪ତାରିଖ ସୁଦ୍ଧା ଏହି ପ୍ରକ୍ରିୟା ଶେଷ ହେବାକୁ ଥିବା ବେଳେ ଏଆଇସିସି ପର୍ଯ୍ୟବେକ୍ଷକମାନେ ସଭାପତିଙ୍କ ନାମ ସୁପିରିସ୍ କରିବେ। ଏହାରି ଭିତରେ ଭକ୍ତ ଆଜି ଏହି ମନ୍ତବ୍ୟ ଦେବା ସହ ସଭାପତି ଚୟନ ପ୍ରକ୍ରିୟା ଓ ଯେଉଁ ବାଟରେ ସଭାପତି ପଦରେ ବସିଲେ ବି କାମ କରି ଦେଖାଇବାକୁ ପଡ଼ିବ ବୋଲି କହିଛନ୍ତି।

## ୩ ମାସ ପର୍ଯ୍ୟନ୍ତ ଜିଲ୍ଲା ସଭାପତିଙ୍କ କାମ ଉପରେ ନଜର

ସେ ଆହୁରି କହିଛନ୍ତି ଯେ ସଂଗଠନ ସୃଜନ ଅଭିଯାନ ରାହୁଲ ଗାନ୍ଧୀଙ୍କ ଏକ ଅନନ୍ୟ ପ୍ରୟାସ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ତୃଣମୂଳ ସ୍ତରରେ ଜିଲ୍ଲା ସଭାପତି ଚୟନ କାର୍ଯ୍ୟକ୍ରମ ସାରା ଓଡ଼ିଶାରେ ଚାଲିଛି। କଂଗ୍ରେସ ଦଳର ୩୫ଟି ସାଙ୍ଗଠନିକ ଜିଲ୍ଲା ପାଇଁ ଏଆଇସିସିରୁ ଜଣେ ଏବଂ ପିସିସିରୁ ତିନିଜଣ ଏଭଳି ଚାରିଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଏହି ସଂଗଠନ ସୃଜନ କାର୍ଯ୍ୟକ୍ରମ ଜିଲ୍ଲାରୁ ବ୍ଲକସ୍ତର ପର୍ଯ୍ୟନ୍ତ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଏକ ଅପୂର୍ବ ଉତ୍ସାହ ପରିଲକ୍ଷିତ ହେଉଛି, ଯାହା କଂଗ୍ରେସ ଦଳର ଭବିଷ୍ୟତ ପାଇଁ ଅତି ଶୁଭଙ୍କର ବିଷୟ। ଏହି ପ୍ରକ୍ରିୟାକୁ ଦଳର ଅଗଣିତ ନେତା ଓ କର୍ମୀ ଯେଉଁଭଳି ଉତ୍ସବମୁଖର କରୁଛନ୍ତି, ତାହା ସାଧାରଣ ଜନତାଙ୍କ ଉପରେ ସକାରାତ୍ମକ ପ୍ରଭାବ ପଡୁଛି। ଆଗାମୀ ୧୪ ତାରିଖରେ ସଂଗଠନ ସୃଜନ କାର୍ଯ୍ୟକ୍ରମର ପରିସମାପ୍ତି ହୋଇ ପ୍ରତ୍ୟେକ ସାଙ୍ଗଠନିକ ଜିଲ୍ଲା ପାଇଁ ସଭାପତି ନିଯୁକ୍ତି ହେବ। ସେ ପୁଣି କହିଛନ୍ତି, ତୃଣମୂଳସ୍ତରରେ ଏଭଳି ଗଣତାନ୍ତ୍ରିକ ଉପାୟରେ, ସମସ୍ତ କଂଗ୍ରେସ କର୍ମୀଙ୍କ ମତାମତକୁ ସମ୍ମାନ ଦେଇ ନେତା ଚୟନର ଏତେ ବ୍ୟାପକ କାର୍ଯ୍ୟକ୍ରମ କେବଳ କଂଗ୍ରେସ ଦଳ ପକ୍ଷରେ ହିଁ ସମ୍ଭବ। କଂଗ୍ରେସ ସବୁବେଳେ ଗଣତନ୍ତ୍ର, ସମ୍ବିଧାନ ଏବଂ ଲୋକଙ୍କ ଅଧିକାର ଉପରେ ଅଗ୍ରାଧିକାର ଦେଇଥାଏ। କଂଗ୍ରେସ କେବଳ ଗଣତନ୍ତ୍ରର ଭାଷଣ ଦିଏ ନାହିଁ, ବରଂ ଗଣତାନ୍ତ୍ରିକ ଉପାୟରେ ନିଜ ଦଳକୁ ନିର୍ମାଣ କରିବାରେ ବିଶ୍ୱାସ କରେ। ସଂଗଠନ ସୃଜନ ଅଭିଯାନରେ ଅତ୍ୟନ୍ତ ଉତ୍ସାହ ସହକାରେ ଅଂଶଗ୍ରହଣ କରୁଥିବାରୁ ସମସ୍ତ କଂଗ୍ରେସ କର୍ମକର୍ତ୍ତା ଏବଂ କର୍ମୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ରାହୁଲ ଗାନ୍ଧୀଙ୍କ ନୀତିଗତପ୍ରୟାସକୁନେଇଆଗାମୀଦିନରେକଂଗ୍ରେସକୁ ଅଧିକ ମଜଭୁତ କରାଯାଇ ଲୋକଙ୍କ ଅଧିକାର ପାଇଁ ଅବିରାମ ସଂଘର୍ଷ କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି।

## ବରଗଡ଼ ସହରରେ ଜବରଦଖଲ ଉଚ୍ଛେଦକୁ ନେଇ ଉତ୍ତେଜନା

# ପୁଲିସ୍-କଂଗ୍ରେସ କର୍ମୀ ଧସ୍ତାଧସ୍ତି

ବରଗଡ଼, ୭।୯(ସମିସ): କିଛି ଦିନର ବ୍ୟବଧାନ ପରେ ରବିବାର ବରଗଡ଼ ସହରରେ ପ୍ରଶାସନ ତରଫରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ଦେଖିବାକୁ ମିଳିଥିଲା। ପୁଲିସ ଓ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଥିଲେ। ଜବରଦଖଲ ଉଚ୍ଛେଦକୁ ବିରୋଧ କରିବାରୁ କଂଗ୍ରେସ ନେତା ନିପନ ଦାସଙ୍କୁ ପୁଲିସ ଲେଙ୍ଗୁମିଶ୍ର ଛକରୁ ଉଠାଇନେଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଥାନାରେ ଅଟକ ରଖିଥିଲା। ବ୍ୟବସାୟୀ ଅନୁଷ୍ଠାନମାନଙ୍କୁ ସମୟ ଦେବା ସହ ସୁପ୍ରିମକୋର୍ଟ, ଉଚ୍ଚ ନ୍ୟାୟାଳୟ ତଥା ହ୍ୟୁମାନ ରାଇଟ୍ସ କମିସନଙ୍କ ଆଦେଶକୁ ପ୍ରଶାସନ ଉଲ୍ଲଂଘନ ନ କରିବାକୁ କଂଗ୍ରେସ ନେତା ନିପନ୍ ଦାଶ ଦାବି କରିଥିଲେ। ନିପନଙ୍କୁ ପୁଲିସ ଘଟଣାସ୍ଥଳରୁ ଉଠାଇନେବା ପରେ ଘଟଣାସ୍ଥଳରେ ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌରବ ଆଜାଦ ପତିଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏକତ୍ରିତ ହୋଇ ହୋହଲ୍ଲା କରିଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଯାଇଥିଲା।

ପରେ ବରଗଡ଼ ଗାନ୍ଧୀ ଛକଠାରେ ମଧ୍ୟ କଂଗ୍ରେସ କର୍ମୀଙ୍କ ତରଫରୁ ରାସ୍ତା



ଅବରୋଧ କରାଯାଇଥିଲା। ହେଲେ ପୁଲିସ କଂଗ୍ରେସ କର୍ମୀଙ୍କୁ ରାସ୍ତା ଅବରୋଧରୁ ହଟାଇ ଦେଇଥିଲା। ଉଚ୍ଛେଦ ପାଇଁ ୫୦ ବର୍ଷରୁ ଅଧିକ ପୁରୁଣା ବ୍ୟବସାୟିକ ଅନୁଷ୍ଠାନକୁ ଜିଲ୍ଲା ପ୍ରଶାସନ କେବଳ ୪୮ ଘଣ୍ଟାର ସମୟ ଦେଇ ବୁଲଡୋଜର୍ ଲଗାଇ ଭାଙ୍ଗି ଦେଇଛି। ଏହାର ପ୍ରତିବାଦରେ ବରଗଡ଼ ସଚେତନ ନାଗରିକ ମଞ୍ଚ ତରଫରୁ ବରଗଡ଼ ବ୍ୟବସାୟିକ ସଂଘ ତରଫରୁ ରବିବାର ଆଗ୍ରଗାମୀ ଯୁବକ ସଂଘ ପରିସରରେ ଏକ ସାଧାରଣ ସଭା ଆଗତ ହୋଇଯାଇଛି। ସଭାରେ ବରଗଡ଼ ଜଗନ୍ନାଥ ବ୍ୟବସାୟିକ ସଂଘ, ଚାମ୍ବର ଅଫ୍ କମର୍ସ, ବରଗଡ଼ ବିକାଶ ମଞ୍ଚ, ଚେତନା ସାମାଜିକ ସଂଗଠନ, ବରିଷ୍ଠ ନାଗରିକ ସଙ୍ଘ, ପ୍ରଗତି ସାମାଜିକ ସଂଗଠନ, ପ୍ରଗତି କ୍ଲବ୍, ମରଚାଣ୍ଟ ଆସୋସିଏସନ, ବାପୁଜୀ ବଣିକ ସଙ୍ଘ, ହୋଟେଲ ଓ ରେଷ୍ଟୁରାଣ୍ଟ ଆସୋସିଏସନ, ଆଇନଜୀବୀ ବିମଳ କର, ଲିପ୍ସିତ ମିଶ୍ର, ନିପନ ଦାସଙ୍କ ସହିତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ବୁଦ୍ଧିଜୀବୀଙ୍କୁ ନେଇ ବୈଠକ ଆୟୋଜିତ ହେବା ସହ ସୋମବାର ବ୍ୟବସାୟୀକ ସଙ୍ଘ ତରଫରୁ ବରଗଡ଼ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ୧୨ ଗେଟ୍ ବନ୍ଦ କଲା ହୀରାକୁଦ

## କମିଲା ବର୍ଷା

ସମ୍ବଲପୁର,୭।୯(ସମିସ): ଉପରମୁଣ୍ଡରେ ବର୍ଷା ପରିମାଣ କମିବାରୁ ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବେଶର ପରିମାଣ କମିଛି। ଏହାକୁ ଦୃଷ୍ଟିରେ ରଖି ହୀରାକୁଦ କର୍ତ୍ତୃପକ୍ଷ ଗତକାଲି ରାତି ୪ଟି ଓ ଆଜି ପର୍ଯ୍ୟାୟକ୍ରମେ ୮ଟି, ଏହିପରି ମୋଟ ୧୨ ଗୋଟି ଗେଟ୍ ବନ୍ଦ କରିଦେଇଛନ୍ତି। ରବିବାର ସନ୍ଧ୍ୟା ସୁଦ୍ଧା ହୀରାକୁଦ ଜଳସ୍ତର ୬୨୬.୬୨ ଫୁଟ୍‌ରେ ପହଞ୍ଚିଛି। ଏବେ ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ନଦୀବନ୍ଧର ବାମପଟର ୩ଟି ଓ ଡାହାଣ ପଟର ଗୋଟିଏ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପିଛା ୧,୬୪,୫୫୬ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୦୫,୦୦୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୬୪୭୩୨ ଘନଫୁଟ୍, ପାୱାର ଚ୍ୟାନେଲ ଦେଇ ୩୫,୯୯୭ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୩ଘନଫୁଟ୍, କେନାଲ ପାଇଁ ୪,୦୩୪ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ପଥର୍ଲାଠାରେ ୩୨୭୮୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ଖଇରମାଲଠାରେ ୩୧୦୦୦୦ କ୍ୟୁସେକ୍, ବାରମୁଲଠାରେ ୩୭୩୭୫୦କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୬୨୫୯୭୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ସୂଚନା ରହିଛି। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧.୦୨ ମିମି ଏବଂ ତଳମୁଣ୍ଡରେ ୨.୨୩ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଫୁଲିଲା ମହାନଦୀ...

ବନ୍ୟାଜଳ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଦିନ ୧୧ଟା ବେଳକୁ ମୁଣ୍ଡଳୀରେ ୬ ଲକ୍ଷ ୧୬ ହଜାର କ୍ୟୁସେକ୍ ଜଳ ପ୍ରଭାବିତ ହେଉଛି। ଏହା ପରେ ଜଳସ୍ତର ଧିରେ ଧିରେ କମିବ ବୋଲି ଆଶା କରାଯାଉଛି।

ସେହିପରି ନରାଜ, କୁଶଭଦ୍ରାଠାରେ ମହାନଦୀ ବିପଦ ସଙ୍କେତ ତଳେ ରହିଛି। ହୀରାକୁଦ୍ ଗେଟ୍ ଖୋଲିଥିବାରୁ ମହାନଦୀର ଜଳସ୍ତର ଫୁଲିବାରେ ଲାଗିଛି। ହୀରାକୁଦରେ ପର୍ଯ୍ୟାୟ କ୍ରମେ ଗେଟ୍ ବନ୍ଦ ହେଉଛି ତେଣୁ ଆଗକୁ ପାଣି କମିବ। ମାତ୍ର ମହାନଦୀ ଓ ଏହାର ଶାଖା ନଦୀକୂଳିଆ ଜିଲ୍ଲା ପ୍ରଶାସନ ସହ ଜଳ ସମ୍ପଦ ବିଭାଗ ପ୍ରସ୍ତୁତ ଅଛି। ଯେ କୌଣସି ପ୍ରକାର ପରିସ୍ଥିତି ଉପୁଜିଲେ ଆମେ ପ୍ରସ୍ତୁତ ରହିଛୁ ବୋଲି ସେ କହିଛନ୍ତି। ସେହିପରି ରେଙ୍ଗାଲି ଡ୍ୟାମର ସବୁ ଗେଟ ବନ୍ଦ ଅଛି। କେବଳ ୩ ଟି ବ୍ଲକରେ ୫୦ମିମି ବର୍ଷା ହୋଇଛି। ଢେଙ୍କାନାଳର ଭୁବନରେ ୧୦୦ମିମିରୁ ଅଧିକ ବର୍ଷା ହୋଇଛି। ସେହିପରି ପ୍ରବଳ ବର୍ଷା କାରଣରୁ ଜଳକା ନଦୀର ଜଳସ୍ତର ବଢ଼ିବା ଯୋଗୁ ବାଲେଶ୍ୱରର କିଛି ସ୍ଥାନରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିଲା। ଶନିବାର ଜଳକା ନଦୀ ଜଳସ୍ତର କମିଛି। ଏହା ବିପଦ ସଙ୍କେତ ସ୍ତରଠାରୁ ତଳେ ରହିଛି। ଜଳକାର ମଥାନି ରୋଡ୍‌ରେ ଜଳସ୍ତର ୬.୪୮ ମିଟର ରହିଛି। ଏଠାରେ ବିପଦ ସଙ୍କେତ ୬.୫୦ ମିଟର ଥିବାବେଳେ ଏହାଠାରୁ ତଳେ ଜଳ ପ୍ରବାହିତ ହେଉଛି।

ଆସନ୍ତା ୧୩ ତାରିଖରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆଶଙ୍କା ରହିଛି। ଏଥିପାଇଁ ପୁଣି ଥରେ ବର୍ଷା ବଢ଼ିବା ନେଇ ଆକଳନ କରାଯାଇଛି। ବର୍ଷାର ପ୍ରଭାବ ୧୧ରୁ ଆରମ୍ଭ ହେବ ବୋଲି ପୂର୍ବାନୁମାନ ରହିଛି। ବର୍ତ୍ତମାନ ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ଗୋଟିଏ ଘୂର୍ଣ୍ଣିବଳୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ୧୧ ତାରିଖରୁ ବର୍ଷାର ପ୍ରଭାବ ସାମାନ୍ୟ ବଢ଼ିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

## ଜନ୍ମଦିନ ପାର୍ଟିରେ...

୧୦.୩୦ରେ ଯୁବତୀ ଜଣକ ସେଠାରୁ ଖସି ପଳାଇବାକୁ ସକ୍ଷମ ହୋଇଥିଲେ। ଘରକୁ ଫେରିବା ପରେ ଯୁବତୀ ତାଙ୍କ ପରିବାର ଲୋକଙ୍କୁ ସବୁକଥା କହିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ଥାନାରେ ମାମଲା ରୁଜୁ କରାଯାଇଛି। ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୁଲିସ ପ୍ରୟାସ ଜାରି ରଖିଛି। ସେମାନେ ଫେରାର ଅଛନ୍ତି। କିଛି ମାସ ତଳେ ଚନ୍ଦନ ସହ ଯୁବତୀଙ୍କ ପରିଚୟ ହୋଇଥିଲା। ଦକ୍ଷିଣ କୋଲକାତାର ଏକ ବଡ଼ ଦୁର୍ଗାପୂଜା କମିଟିର ମୁଖ୍ୟ ଭାବେ ଚନ୍ଦନ ତାଙ୍କୁ ପରିଚୟ ଦେଇଥିଲା। ଚନ୍ଦନ ମାଧ୍ୟମରେ ଯୁବତୀ ଜଣକ ଦୀପ ସହ ପରିଚିତ ହୋଇଥିଲେ। ୩ ଜଣ ପରସ୍ପର ସହ ପରିଚିତ ଥିଲେ ଓ ସମ୍ପର୍କରେ ଥିଲେ। ପୂଜା କମିଟିରେ ଯୁବତୀଙ୍କୁ ସାମିଲ କରିବାକୁ ଦୁହେଁ ପ୍ରତିଶ୍ରୁତି ଦେଇ ଏହି କାଣ୍ଡ ଘଟାଇଛନ୍ତି ବୋଲି କୁହାଯାଇଛି। ଉଲ୍ଲେଖଥାଉ କି ପୂର୍ବରୁ ଦକ୍ଷିଣ କୋଲକାତାର ଏକ ଲ କଲେଜ କ୍ୟାମ୍ପସରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯିବା ନେଇ ହଇଚଇ ସୃଷ୍ଟି ହୋଇଥିଲା। ଏହାପୂର୍ବରୁ ଆରଜି କର ମେଡକାଲ କଲେଜରେ ଜଣେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ କରାଯାଇ ହତ୍ୟା କରାଯାଇଥିଲା। ଏହି ଦୁଇଟି ମାମଲାକୁ ନେଇ ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିଲା।

## ଗଣେଶ ବିସର୍ଜନ...

ଭାସଯାଇଛନ୍ତି। ପୁଣେର ବିରୱାଡିରେ ଜଣେ ବ୍ୟକ୍ତି କୂଅ ଭିତରେ ଖସି ପଡିଛନ୍ତି। ଦୁଇ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି ଓ ଆଉ ଦୁଇଜଣଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରହିଛି। ସେହିପରି ନାନ୍ଦେଦ ଜିଲ୍ଲାର ଗାଡେଗାଓଁରେ ଥିବା ଏକ ନଦୀରେ ୩ ଜଣ ଭାସି ଯାଇଛନ୍ତି। ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ଖୋଜା ଚାଲିଛି। ନାସିକ୍‌ରେ ୪ ଜଣ ଲୋକ ଭାସି ଯାଇଥିବା ବେଳେ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେହିପରି ଜଲଗାଓଁ ୩ ଜଣ ଲୋକ ଭାସି ଯାଇଥିବା ବେଳେ ସେମାନଙ୍କୁ ଖୋଜା ଜାରି ରହିଛି। ଥାଣେ ଜିଲ୍ଲାରେ ମଧ୍ୟ ଗଣେଶ ବିସର୍ଜନ ବେଳେ ୩ଜଣ ଭାସି ଯାଇଥିବା ବେଳେ ଜଣକର ମୃତଦେହ ଉଦ୍ଧାର କରାଯାଇଛି। ଅମରାବତୀରେ ଜଣେ ଶ୍ରଦ୍ଧାଳୁ ବୁଡି ଯାଇଛନ୍ତି ବୋଲି ପୁଲିସ କହିଛି। ମାହାରାଷ୍ଟ୍ରରେ ଗଣେଶ ପୂଜା ଏକ ଗଣପର୍ବ ଭାବେ ପାଳନ କରାଯାଇଥାଏ।

## ଅନ୍‌ଲାଇନ୍‌ରେ ଖାଦ୍ୟ...

କରିଛି। ପ୍ରତିଦ୍ୱନ୍ଦ୍ୱୀ ଜୋମାଟୋ ମଧ୍ୟ ଏହାର ଶୁଳ୍କ ୧୨.୫୦ ଟଙ୍କା (ଜିଏସ୍‌ଟି ବ୍ୟତୀତ) ବୃଦ୍ଧି କରିଛି, ଯେତେବେଳେ କି ତୃତୀୟ ବୃହତ୍ ଖାଦ୍ୟ ବିତରଣକାରୀ କମ୍ପାନୀ ମ୍ୟାଜିକ୍‌ପିନ୍ ମଧ୍ୟ ଏହାର ପ୍ଲାଟଫର୍ମ ଶୁଳ୍କ ଅର୍ଡର ପିଛା ୧୦ ଟଙ୍କାକୁ ସଂଶୋଧନ କରିଛି। ଯାହାଫଳରେ ସେପ୍ଟେମ୍ବର ୨୨ରୁ ଡେଲିଭରି ଶୁଳ୍କ ଉପରେ ଲାଗୁ ହେବାକୁ ଥିବା ୧୮% ଜିଏସ୍‌ଟି ଜୋମାଟୋ ବ୍ୟବହାରକାରୀଙ୍କ ଉପରେ ଅର୍ଡର ପିଛା ପ୍ରାୟ ୨ ଟଙ୍କା ଏବଂ ସ୍ୱିଗୀ ଗ୍ରାହକଙ୍କ ପାଇଁ ୨.୬ ଟଙ୍କା ଅତିରିକ୍ତ ବୋଝ ପକାଇବ। ଏ ସମ୍ପର୍କରେ ସ୍ୱିଗୀ ଏବଂ ଜୋମାଟୋ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ବିବୃତ୍ତି ଦିଆଯାଇନାହିଁ।

## ଆଶା-ଆଶଙ୍କାରେ...

ଦାସ ନାୟକ, ସୀମାରାଣି ନାୟକ, ସରୋଜ ପାଢ଼ୀ ପ୍ରମୁଖ ବିଭିନ୍ନ ସମୟରେ ଗଣମାଧ୍ୟମର ଶିରୋନାମାରେ ରହୁଥିବା ବେଳେ ମନ୍ତ୍ରୀପଦ ପାଇଁ ଆଶାୟୀ ମଧ୍ୟ ରହିଛନ୍ତି। ତେବେ ବିଜେପି ଜିଲ୍ଲା ସଭାପତି ନିର୍ବାଚନ ବେଳେ ଦଳ ଯେଉଁ ମାପକାଠିକୁ ସର୍ବାଗ୍ରେ ରଖିଥିଲା, ତନ୍ମଧ୍ୟରେ ଦଳୀୟ ଆନୁଗତ୍ୟ ଶୀର୍ଷରେ ଥିଲା। ଦଳରେ ଯୋଗଦେବା ପରେ ଅତିକମରେ ୬ ବର୍ଷ ଦଳ ପାଇଁ କାମ କରିନଥିଲେ, ଜଣେ ନିଜେ କିମ୍ବା ନିଜ ଅନୁଗତକୁ ଦଳର ଜିଲ୍ଲା ସଭାପତି ଆସନରେ ବସାଇପାରିବ ନାହିଁ ବୋଲି ସେତେବେଳେ ବିଜେପି ନିର୍ବାଚନ ଅଧିକାରୀ ରୋକଠୋକ୍ ଶୁଣାଇଥିଲେ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବେଳେ ବିଜେପି ଶୀର୍ଷ ନେତୃତ୍ୱ ସମାନ ନୀତି ଆପଣେଇପାରନ୍ତି ବୋଲି ଦଳଡିଆଁ ଆଶଙ୍କା କରୁଛନ୍ତି। ବିଶେଷକରି ମନ୍ତ୍ରୀପଦ ପାଇଁ ସିଦ୍ଧାନ୍ତ, ଆକାଶ ଓ ସୀମାରାଣିଙ୍କ ନାମ ବେଶ୍ ଆଗରେ ଥିବାବେଳେ ବିଜେପି ନେତୃତ୍ୱ ତାଙ୍କ ଉପରେ ଭରସା କରିବେ କି ନାହିଁ, ସେନେଇ ସେମାନେ ଦ୍ୱନ୍ଦରେ ଥିବା ଜଣାପଡ଼ିଛି। ଅପରପକ୍ଷେ ବିଜେପିର ଜଣେ ବରିଷ୍ଠ ନେତା ଦେଇଥିବା ସୂଚନା ଅନୁଯାୟୀ ରେସରେ ଥିବା ଦଳଡିଆଁ ଯଦି ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ନ୍ତି, ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦରେ ଥଇଥାନ କରାଯିବ। ସେହିପରି କେତେଜଣଙ୍କୁ ଦଳର ରାଜ୍ୟ ସଂଗଠନରେ ଭଲ ପଦପଦବୀରେ ଆସୀନ କରାଯାଇ ସନ୍ତୁଷ୍ଟ କରାଯିବ। ପ୍ରଥମେ ସେମାନେ ଦଳ ପାଇଁ କାମ କରିବେ, ପରେ ସେମାନଙ୍କୁ ଅନ୍ୟ ପଦ ପଦବୀ ପାଇଁ ବିଚାରକୁ ନିଆଯିବ ବୋଲି ଉକ୍ତ ନେତା ଜଣଙ୍କ କହିଛନ୍ତି। ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ପୁଣି ଦିଲ୍ଲୀ ଗସ୍ତ କରୁଛନ୍ତି। ଏହି ସ୍ଥିତିରେ ସମ୍ପ୍ରସାରଣ ପରେ ହିଁ ନୂଆ ମନ୍ତ୍ରିମଣ୍ଡଳ ଚିତ୍ର ସ୍ପଷ୍ଟ ହେବ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି।

## ରାଜଧାନୀରେ ପୁଣି...

ଜଣେ ବ୍ୟକ୍ତି ସେଠାକୁ ଶୌଚ ପାଇଁ ଯାଇଥିବା ବେଳେ ପ୍ରବଳ ଦୁର୍ଗନ୍ଧ ହୋଇଥିଲା। ଏଣେତେଣେ ଖୋଜାଖୋଜି କରିବା ପରେ ଶୌଚାଳୟ ପଛରେ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ।

ସ୍ଥାନୀୟ ଲୋକଙ୍କ କହିବାନୁସାରେ, ହତ୍ୟା କରାଯାଇଥିବା ସ୍ଥାନ ଅନ୍ଧାରୁଆ ରହୁଥିବାରୁ ରାତି ୧୨ଟା ପର୍ଯ୍ୟନ୍ତ ସେଠାରେ ବହୁ ଅସାମାଜିକ ତତ୍ତ୍ୱ ଖଟି କରନ୍ତି। ମଦ ପିଇବା ସହ ପାଟିତୁଣ୍ଡ କରିଥା'ନ୍ତି। କୌଣସି କାରଣକୁ ନେଇ ଝଗଡ଼ା ହେବା ପରେ ଯୁବକଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ସେମାନେ କହିଛନ୍ତି। ମୃତ ବ୍ୟକ୍ତିର ପରିଚୟ ମିଳିବା ପରେ ହତ୍ୟାକାରୀ ଧରାପଡ଼ିବ ବୋଲି ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

## ସାର ପାଇଁ...

ଭାବେ ଆଲୋଚନା ହୋଇଥିଲା। ମାତ୍ର ଆଜି ସକାଳୁ ମାଲକାନଗିରି ଜିଲ୍ଲାରେ ସାର ମିଳୁନଥିବା ଅଭିଯୋଗରେ ଚାଷୀ ରାଜରାସ୍ତା ଅବରୋଧ କରିବାର ଚିତ୍ର ସାମ୍ନାକୁ ଆସିଛି। ପଶ୍ଚିମ ଓଡ଼ିଶାର ବିଶେଷକରି ବରଗଡ଼ ଓ ବଲାଙ୍ଗୀର ଆଦି ଜିଲ୍ଲାର ସାର ଅଭାବକୁ ନେଇ ପ୍ରତିଦିନ ଚାଷୀ ଆନ୍ଦୋଳନ, ରାସ୍ତା ରୋକ୍ ସଂଗଠିତ ହେଉଛି। ମାତ୍ର ଏହାର ସମାଧାନ ହୋଇପାରୁନି। ତେଣୁ ବାସ୍ତବରେ ସରକାର ଚାଷୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରିପାରୁଛନ୍ତି ନା ଉପରଠାଉରିଆ ଭାବେ କେବଳ ସମୀକ୍ଷା କରି ଦାୟିତ୍ୱ ସାରି ଦେଉଛନ୍ତି ବୋଲି କୃଷକ ସଂଗଠନମାନେ ପ୍ରଶ୍ନ କରିଛନ୍ତି।

ସାର ଯୋଗାଣରେ ଅନିୟମିତତା ଓ କଳାବଜାରୀ ବାବଦରେ ସରକାର ଜାଣି ସୁଦ୍ଧା ଆଖି ବୁଜି ଦେଉଛନ୍ତି ବୋଲି ଅଭିଯୋଗ ହେଉଛି। ଘରୋଇ କମ୍ପାନୀମାନଙ୍କୁ ପ୍ରୋତ୍ସାହନ ଦେବା ସହ କଳାବଜାରୀକୁ ପରୋକ୍ଷରେ ସରକାର ସମର୍ଥନ କରିବା ପାଇଁ ଏପରି କରାଯାଉଥିବା କୁହାଯାଇଛି। କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହାକୁ ଗୁରୁତ୍ୱର ସହ ନେବା ପରିବର୍ତ୍ତେ ଚାଷୀଙ୍କୁ ସାର ବ୍ୟବହାର କମ୍ କରିବା ପାଇଁ ପ୍ରସ୍ତାବ ଦେଉଛନ୍ତି। ସରକାର ଓ ସରକାରୀ ମନ୍ତ୍ରୀଙ୍କ ଏଭଳି ମନୋଭାବକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସରକାରୀ ସୂଚନା ମୁତାବକ, ସେପ୍ଟେମ୍ବର ୫ ସୁଦ୍ଧା କେନ୍ଦ୍ରରୁ ଓଡ଼ିଶାକୁ ମୋଟ ୧୧ ଲକ୍ଷ ୩୩ ହଜାର ୭୭୬ ମେଟ୍ରିକ ଟନ ସାର ମିଳିଛି। ଏ ପର୍ଯ୍ୟନ୍ତ ୯.୧୬ ଲକ୍ଷ ମେଟ୍ରିକ୍ ଟନ ସାର ବିକ୍ରୟ ହୋଇସାରିଛି। ଏବେ ସୁଦ୍ଧା ଆହୁରି ୨ ଲକ୍ଷ ୭ ହଜାର ୨୨୦ ମେଟ୍ରିକ ଟନ୍ ସାର ରାଜ୍ୟ ପାଇଁ ଉପଲବ୍ଧ ଅଛି। ମାତ୍ର ବିକ୍ରି ହୋଇଥିବା ସାର ଚାଷୀ ପାଇନଥିବା ଅଭିଯୋଗ ହେଉଛି। ଏହା ଉପରେ ସରକାର ସ୍ପଷ୍ଟ କରନ୍ତୁ ବୋଲି ଚାଷୀମାନେ ଦାବି କରିଛନ୍ତି।

ଓଡ଼ିଶାରାଜ୍ୟସମବାୟବାଣିଜ୍ୟମହାସଂଘ(ମାର୍କଫେଡ୍) ଅଧୀନ ୨୭୧୦ଟି ପ୍ୟାକ୍ସ ଓ ଲ୍ୟାମ୍ପ୍‌ସ ମଧ୍ୟରୁ ପ୍ରାୟ ୭୮୩ଟିକୁ ସାର ଯୋଗାଣ ପ୍ରକ୍ରିୟାରୁ ବାଦ ଦିଆଯାଇଛି। ଅପରପକ୍ଷରେ ଖୋଲା ବଜାରରେ ୬୫ଭାଗ ସାର ଯୋଗାଣରେ ବ୍ୟାପକ କଳାବଜାର ଓ ଦୁର୍ନୀତି ନେଇ ପ୍ରଶ୍ନ ଉଠିଛି। ସାର ଯୋଗାଣର ମାତ୍ର ୩୫ ଭାଗ ମାର୍କଫେଡ୍ ଅଧୀନରେ ଥିବା ପ୍ୟାକ୍ସ ଓ ଲ୍ୟାମ୍ପ୍‌ସ ଜରିଆରେ ଚାଷୀମାନଙ୍କୁ ଯୋଗାଣ କରିବାର ଲକ୍ଷ୍ୟ ରହିଥିବା ବେଳେ ଏଥିରେ ୧,୯୮,୪୨୧ ମେଟ୍ରିକ୍ ଟନ୍ ସାର ଯୋଗାଣ ହୋଇଛି। ରାଜ୍ୟରେ ମୋଟ ୨୭୧୦ଟି ପ୍ୟାକ୍ସ ଓ ଲ୍ୟାମ୍ପସ ମଧ୍ୟରୁ ୧୯୨୭ଟି ଚଳିତ ବର୍ଷ ଏହି ସାର ଯୋଗାଣ ପ୍ରକ୍ରିୟାରେ ସାମିଲ କରାଯାଇଥିବା ବେଳେ ୭୮୩ଟି ବାଦ୍ ପଡ଼ିଛନ୍ତି। ଅଥଚ ରାଜ୍ୟ କୃଷି ନିଗମକୁ ୧୫ଭାଗ ଓ ଖୋଲା ମାର୍କେଟ୍ କୁ ୫୦ଭାଗ ସାର ଯୋଗାଣ ହୋଇଛି। ଅର୍ଥାତ୍ ମାର୍କଫେଡ୍ ବାଦ୍ ୬୫ ଭାଗ ସାର ଦୋକାନୀମାନଙ୍କ ଜରିଆରେ ବିକ୍ରି ହେଉଛି। ଏଠି ବ୍ୟାପକ ଦୁର୍ନୀତି ହେଉଥିବାର ଅଭିଯୋଗ ହେଉଛି।

## ଜାତୀୟ ରାଜପଥ...

ଚାଷୀମାନଙ୍କୁ ବୁଝାସୁଝା କରି ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା। ତେବେ ଆସନ୍ତା ଦୁଇ ଦିନ ମଧ୍ୟରେ ପଞ୍ଚାୟତରେ ସାର ନ ପହଞ୍ଚିଲେ ପୁଣି ରାସ୍ତା ଅବରୋଧ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଚାଷୀମାନଙ୍କ ଅଭିଯୋଗ ହେଲା, ଲ୍ୟାମ୍ପ୍‌ସ ତରଫରୁ ପ୍ରତି ପଞ୍ଚାୟତରେ ସାର ଦିଆଯିବାକୁ ଥିବା ବେଳେ ଏ ପର୍ଯ୍ୟନ୍ତ ମହାରାଜପଲ୍ଲୀ ପଞ୍ଚାୟତରେ ସାର ପହଞ୍ଚି ପାରିନାହିଁ। ଫଳରେ ସେମାନଙ୍କ ଚାର୍ଯ୍ୟ କାର୍ଯ୍ୟ ଆଗେଇ ପାରୁନାହିଁ। ଉଲ୍ଲେଖଯୋଗ୍ୟ, କିଛି ଦିନ ତଳେ ପୁସୁଗୁଡ଼ା ପଞ୍ଚାୟତରେ ଚଢ଼ାଦରରେ ସାର ବିକ୍ରିକୁ ନେଇ ଚାଷୀମାନେ ରାଜରାସ୍ତା ଅବରୋଧ ହୋଇଥିଲା।

# ଜମିଜମା ବିବାଦରୁ ଫୁଟିଲା ଗୁଳି

ରାସଗୋବିନ୍ଦପୁର/ମୋରଡ଼ା,୭।୯(ସମିସ): ଜମିଜମା ବିବାଦକୁ କେନ୍ଦ୍ର କରି ଫୁଟିଲା ଗୁଳି। ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ତେବେ ଏଥିରୁ ଗ୍ରାମର ଦିଲ୍ଲୀପ କୁମାର ଗିରି(କାଳିଆ) ଓ ତାଙ୍କ ପରିବାର ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦିଲ୍ଲୀପଙ୍କ ଅଭିଯୋଗ ଆଧାରରେ ପୁଲିସ୍ ନମ୍ବର ୩୫୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଦିଲ୍ଲୀପଙ୍କ ସହ ତାଙ୍କ ପୁତୁରା ଦୀପା ଗିରିଙ୍କ ମଧ୍ୟରେ ଜମିଜମାକୁ ନେଇ ବିବାଦ ରହିଥିଲା। ଗତ ରାତି ପ୍ରାୟ ସାଢ଼େ ୧୦ଟାରେ ଦିଲ୍ଲୀପ ନିଜ ଘର ଛାତ ଉପରେ କୁକୁଡ଼ାକୁ ଦାନା ଦେଉଥିଲେ। ଏହି ସମୟରେ ୩ ସହଯୋଗୀଙ୍କ ସହ ଦୀପା ତାଙ୍କ ଘର ପାଖରେ ପହଞ୍ଚି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ଏହା ଦେଖି ଦିଲ୍ଲୀପ ତଳକୁ ଆସି ଘର ଲୋକଙ୍କୁ କବାଟ ଝରକା ବନ୍ଦ କରିବାକୁ କହିଥିଲେ। ପରେ ଅଭିଯୁକ୍ତମାନେ ତାଙ୍କ ଘର ଉପରକୁ ଗୁଳି ଚଳାଇଥିଲେ। ଗୁଳି ଶବ୍ଦ ଶୁଣି ଦିଲ୍ଲୀପ ଓ ତାଙ୍କ ପରିବାରଲୋକ ଭୟଭୀତ ହୋଇଯାଇଥିଲେ। କାଳିଆ ପୁଲିସ୍‌କୁ ଏ ସଂପର୍କରେ ଫୋନ୍ କରି ଡାକିବା ଜଣାଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ପୁଲିସ୍ ଗୋଟିଏ ଖୋକା ଏବଂ କିଛି ଦୂରରେ ଏକ ଜୀବନ୍ତ ଗୁଳି ପାଇଛି। ଘଟଣାରେ କେହି ଆହତ ହୋଇନଥିବା ବେଳେ ଜଣଙ୍କୁ ପୁଲିସ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଛି।

**AFFIDAVIT**
By virtue of an affidavit no.174, dtd. 06.09.2025 before the Executive Magistrate, Dharakote, Dist.: Ganjam, I, Tambar Goud, Spouse of Late Balab Goud have changed my name & Date of Birth from Tambal Goud to Tambar Goud & Dob from 10.03.1970 to 27.01.1967. Henceforth I shall be known as **Tambar Goud and DOB 27.01.1967** for all purposes.

**AFFIDAVIT**
By virtue of an affidavit before The Executive Magistrate, BBSR dtd:04.09.2025 .I Narendra Kumar Panda aged about ,44 yrs, S/O- Banamali Panda R/O- At- Balipokhari (Beherapatna), PO- Paramanandapur, P.S-Jajpur Town, Dist-Jajpur,odisha have changed my name from Narendra Panda to Narendra Kumar Panda .Henceforth I shall be known as **Narendra Kumar Panda,** S/O- Baanamali Panda for all purposes.

**AFFIDAVIT**
By virtue of an affidavit sworn before Executive Magistrate, Nabarangapur, dtd. 6th September 2025, I **Padman Nayak**, permanent resident of Vill.- Mahuli, Po.- Usigaon, Ps.- Papadahandi, in the district of Nabarangpur, Odisha, Pin No. 764071 declare that, I have changed my son's name from **Sudhir Nayak** (Old Name) to **Sudhipta Nayak** (New Name). Henceforth, He shall be known as **Sudhipta Nayak** (New Name) for all purposes.
**Padman Nayak**

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar dtd 04/09/2025. I, **Gyanti Debi Singh,** address Plot No. 643/642, Kumbhar Sahi, Near Kali Mandir, Baramunda, PS- Khandagiri, Bhubaneswar, Dist- Khorda, PIN-751003, Odisha declare that I have changed the name of my son from **Amit Kumar** to **Amit Kumar Singh.** Henceforth, he shall be known as **Amit Kumar Singh** for all purposes.
**Gyanti Debi Singh**

**AFFIDAVIT**
By virtue of an affidavit sworn before Executive Magistrate, Baripada, Mayurbhanj, Odisha dated:13-05-205 with serial No:3089. I, Dhanimani Murmu Resident of At-Chandua, Po-Chandua, Ps-Chandua, Dist-Mayurbhanj, Odisha, Pin-757014 declare that I have change my own name From Dhani Murmu To Dhanimani Murmu. Hence forth I will be known as Dhanimani Murmu for all purposes.
**Dhanimani Murmu**

**AFFIDAVIT**
I, Sanmat Dash formerly called Manish Kumar Das, S/o-Shyama Sundar Dash resident of Vill./Po.- Jarada, Ps.- Kabi-suryanagar, Dist.- Ganjam, Odisha, Pin- 761104 state vide affidavit no. A-V dated 26/08/2025 before The Executive Magistrate, Kabisu-ryanagar, Ganjam that, I have changed my name from **Manish Kumar Das** to **Sanmat Dash**. Henceforth I shall be known as **Sanmat Dash** for all future purposes.
Sd/- **Sanmat Dash**

**LOST**
I RANJIB KUMAR MAHAPATRA, S/o Jahan Chandra Mahapatra resident of Village At- Gopikantapur, Po- Nayahat, Ps- Kakatpur, Dist- Puri, Odisha declare that I have lost my Original B.Tech certificates are Original Provision Certificate, Original Certificate, Minor Grade Certificate, Grade Sheet, Grade Sheet, Grade Sheet, Grade Sheet, which I had secured from Bijupattnaik University of Technology, Odisha in the academic year 2018-19. The above said certificates which has been lost on dtd 03.09.2025 when I had travelling from Gopikantapur to Bhubaneswar, which has been not found yet after my best effort. This notice of publication was required for issue of above said certificate in my favour.

**AFFIDAVIT**
I, Smt. Pratima Satnami, W/o- Rilu Satnami, resident of Vill./Po.- Adhikariguda, Ps.- Umerkote, Dist.- Nabarangpur state vide affidavit dtd.4.9.2025 that, my Son's actual name is **Ayu Satanami**, Date of Birth is 08.08.2015. But in the Aadhar card his name mentioned as Ayaush Satanami. Hence **Ayu Satanami** and **Ayaush Satanami** is one and same person.
Sd/- Smt. Pratima Satnami

**LOST**
I, **Prof. Dr. Pritam Pal, Director** of Regional College of Management (A Unit of Regional College of Management Trust) RCMT Campus I: Plot No. GD 2/12 & 2/13, RCM Lane, Chakadola Vihar, Chandrasekharpur, Bhubaneswar, Odisha, 751023, INDIA do hereby solemnly affirm that we have been issued a Migration Certificate of Mr. Raza Quadir, son of Md. Khurshid Alam of At- Tibihta, Po- Saraiya, Dist-Muzaffarpur, State- Bihar, PIN-843122 from BPUT Rourkela in the session 2012-14 and the said Original Migration Certificate has been lost in college premises, Bhubaneswar. Despite our best efforts we could not trace it out.

ସକାଳ THE SAKALA



# ଚନ୍ଦକା ପଞ୍ଚାୟତରେ 'ଆମ ପୁଲିସ ସମିତି' କାର୍ଯ୍ୟକ୍ରମ

ପଟାଙ୍ଗି,୭।୯(ସମିସ): କୋରାପୁଟ ଜିଲ୍ଲା ପଟାଙ୍ଗି ଥାନା ଅନ୍ତର୍ଗତ ଚନ୍ଦକା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପଟାଙ୍ଗି ପୁଲିସ ଦ୍ୱାରା ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଟାଙ୍ଗି ଥାନା ଅଧିକାରୀ ପ୍ରଭାତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାବାଳକ କିମ୍ବା ତଥା ନାବାଳିକାଙ୍କୁ ଗାଡ଼ି ଚଳାଇବାକୁ ମନା କରିବା, ଡ୍ରାଇଭିଂ ଲାଇସେନ୍ସ କରିବା, ହେଲମେଟ ବ୍ୟବହାର, ବାଲ୍ୟ ବିବାହ କରା ନଯିବା, ନାରୀଙ୍କ ବିରୋଧରେ ହେଉଥିବା ନିର୍ଯ୍ୟାତନା ନେଇ ପୁଲିସଙ୍କୁ ସୂଚନା ଦେବା, ସାଇବର କ୍ରାଇମ, ଜମି ବିବାଦ,ସ୍ୱାମୀ ସ୍ତ୍ରୀ ଗଣ୍ଡଗୋଳ ଆଦି ବିଷୟ ବସ୍ତୁ ନେଇ ସଚେତନ କରିଥିଲେ। ମୁଖ୍ୟ ଅତିଥି ଭାବେ ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଅଭିମନ୍ୟୁ ଗଣ୍ଡ, ଅନ୍ୟତମ ଅତିଥି ଭାବେ ସୁନାବେଡ଼ା ଥାନା ଅଧିକାରୀ ସୁଶ୍ରୀ ମା କହର, ସମିତି ଭାବେ ସଭ୍ୟ ଲକ୍ଷ୍ମଣ ପଡ଼ାଲ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଚନ୍ଦକା ପଞ୍ଚାୟତ ୩୭ ଗୋଟି ଗ୍ରାମର ଉଦ୍ ମଣ୍ଡଳୀ ତଥା ବ୍ଲକ ମେଟ ସଭାପତି ଶରତ ଗୁଣ୍ଠା, ଦଳପତିଗୁଡ଼ା ଗ୍ରାମର ଧନ ପେଦାକାପୁ, ବାରଜ ଗ୍ରାମର ଇରାନା ପଡାଲ, ପାଙ୍ଗିଗୁଡ଼ା ଗ୍ରାମର ପାଙ୍ଗିନାୟକ ଜଦା, କେବାପଦର ଗ୍ରାମର ଲକ୍ଷ୍ମଣ ହନ୍ତାଳ, ଗୁଗାଗୁଡ଼ା ଗ୍ରାମର ତ୍ରିନାଥ ସାରା, କଦାୱାଲାସା ଗ୍ରାମର ଟୁନା ଖରା, ଖଜୁରୀଗୁଡ଼ା ଗ୍ରାମର ୱାର୍ଡ ମେମ୍ବର ପିଲକ ଖରା, ଲାକାରାଇ ୱାର୍ଡ ମେମ୍ବର ଏଲିଶା ଫୁଲ, ଗାଲିପାଡୁ ଗ୍ରାମର ଫୁଲ ଖିନବୁଡି, ଚନ୍ଦକା ଗ୍ରାମର ଲକ୍ଷ୍ମୀ ଖିନବୁଡି, ରବି ପେଦାକାପୁ ଏବଂ ଅଙ୍ଗନବାଡ଼ି,ଆଶା କର୍ମୀ,ମହିଳା ସ୍ୱୟଂସହାୟକ ଗୋଷ୍ଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ନମିତା ନାୟକ, ଏଏସ୍‌ଆଇ ଶ୍ୟାମ ସୁନ୍ଦର ରଥ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱାଧିନତା ସଂଗ୍ରାମୀଙ୍କ ପୁସ୍ତକ ଉନ୍ମୋଚନ ଉତ୍ସବ



ଜୟପୁର,୭।୯(ସମିସ): କୋରାପୁଟ ଜିଲ୍ଲା ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗୁରୁ ଦିବସ ଏବଂ ସ୍ଥାନୀୟ ସ୍ୱାଧନତା ସଂଗ୍ରାମୀ ତଥା ଆଜାଦ ହିନ୍ଦ୍ ଫୌଜର ତଥା ଇଣ୍ଡିଆନ ନ୍ୟାସନାଲ ଆର୍ମିର ଯବାନ ସ୍ୱର୍ଗତ ଗଦାଧର ମହାପାତ୍ରଙ୍କ ଉପରେ ଲିଖିତ ପୁସ୍ତକର ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାଉନସିଲର ଅଫ ଏନାଲିଟିକାଲ ଟ୍ରାଇବଲ ଷ୍ଟଡିସ(କୋଟସ୍)ଏବଂ ଇଣ୍ଡିଆନ ନ୍ୟାସନାଲ ଟ୍ରଷ୍ଟ ଫର ଆର୍ଟ ଏଣ୍ଡ କାଲଚୁରାଲ ହେରିଟେଜ (ଇଣଟେକ୍) ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କୋଟସର ଆବାହକ ଡ. ପ୍ରଫୁଲ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୟପୁର ବିଧାୟକ, ସମ୍ମାନିତ ଅତିଥି ଭାବେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ, ଗବେଷକ ଡ. ପରେଶ ରଥ ମଞ୍ଚାସୀନ ଥିଲେ। ଏହି ଅବସରରେ ଶିକ୍ଷାବିତ୍ ତଥା ବିଶିଷ୍ଟ ପ୍ରଧାନଶିକ୍ଷକ ଉପେନ୍ଦ୍ର ପାତ୍ର, ସୁବାଶ ଚନ୍ଦ୍ର ମିଶ୍ର, ଅରୁଣାଞ୍ଚଳ ପ୍ରଦେଶର ବିଶ୍ୱବିଦ୍ୟାଳୟର ପ୍ରଫେସର ମାଗୁଣି ଚରଣ ବେହେରା, ଗଣେଷ ଚନ୍ଦ୍ର ମହାପାତ୍ର, ଗୌରୀ ପ୍ରସାଦ ରଥ, ନାରାୟଣ ଶଗର, ନରସିଂହ ପାଣିଗ୍ରାହୀ, ସୁରେନ୍ଦ୍ର ପଟନାୟକ, ପ୍ରକାଶ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ମିଶ୍ର, ପ୍ରକାଶ ମହାନନ୍ଦିଆ, କୃଷ୍ଣଚନ୍ଦ୍ର ନିଶଙ୍କ ପ୍ରମୁଖଙ୍କୁ ସମ୍ମାନପତ୍ର, ଉତ୍ତୋରୀୟ ଏବଂ ସ୍ମାରକୀ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନାରେ ଆକାଶବାଣୀ କେନ୍ଦ୍ର ଅସ୍ଥାୟୀ ଭାଷ୍ୟକାର ବିଜୟଲକ୍ଷ୍ମୀ ପାଣିଗ୍ରାହୀ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ମାଲକାନଗିରି,୭।୯(ସମିସ): ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଚାଲିଥିବା ଜିଲ୍ଲାସ୍ତରୀୟ ତିନି ଦିନିଆ ଆଦି କର୍ମଯୋଗୀ ତାଲିମ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ତାଲିମ୍‌ରେ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ପଞ୍ଚାୟତିରାଜ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଗୁଡ଼ିକର ବ୍ଲକସ୍ତରୀୟ ଅଧିକାରୀମାନଙ୍କୁ ତାଲିମ ଦିଆଯାଇଛି। ଏହି ତାଲିମ୍‌ରେ ତାଲିମାର୍ଥିଙ୍କୁ ବିଭିନ୍ନ କୌଶଳ ମାଧ୍ୟମରେ ଦଳଗତ ଆଲୋଚନା, ଉପସ୍ଥାପନା ଓ ବିଭିନ୍ନ ଖେଳ ମାଧ୍ୟମରେ ଅତି ସୁନ୍ଦର ଭାବରେ ତାଲିମ ଦେଇଥିଲେ। ଆଦି କର୍ମଯୋଗୀ ତାଲିମରେ ସରକାରୀ ଅଧିକାରୀଙ୍କୁ ଗୋଷ୍ଠୀର ଜନସାଧାରଣଙ୍କ ଜ୍ଞାନ, କୌଶଳ, ମନୋବୃତି ବୃଦ୍ଧି କରାଯାଇ ତୃଣମୂଳ ସ୍ତରରେ ସଫଳ ରୂପାୟନ କରିବା ବିଷୟରେ ବୁଝାଯାଇଥିଲା। ତାଲିମଦାତା ଭାବେ ବିଡ଼ିଓ ମାଥିଲି, ବିଡ଼ିଓ ମାଲକାନଗିରି, ବିଡ଼ିଓ କାଲିମେଳା, ପ୍ରକଳ୍ପ ଅଧିକାରୀ ମହିଳା ଓ ଶିଶୁ ବିକାଶ, ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ, ଡେପୁଟି ରେଞ୍ଜର, ଜିଲ୍ଲା ମହାମାରୀ ବିଶେଷଜ୍ଞ, ପ୍ରୋଗ୍ରାମ ମ୍ୟାନେଜର ପିରମଲ ଫାଉଣ୍ଡେସନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଂଶ ଗ୍ରହଣ କରିଥିଲେ। ମାଲକାନଗିରି ଆଇଟିଡିଏ ପ୍ରକଳ୍ପ ପରିଚାଳକ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଦେଇଥିଲେ।

# କଂଗ୍ରେସ ପକ୍ଷରୁ ସୃଜନ ଅଭିଯାନ



ଜୟପୁର,୭।୯(ସମିସ): ରାଜ୍ୟର ସମସ୍ତ ୩୫ ଗୋଟି କଂଗ୍ରେସ ସାଂଗଠନିକ ଜିଲ୍ଲା ପାଇଁ ସଭାପତି ଚୟନ ପାଇଁ ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ଓଡ଼ିଶାରେ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ବାବା ସାହେବ କଲ୍ୟାଣ ମଣ୍ଡପଠାରେ ଜୟପୁର ଏବଂ କୋଟପାଡ ବିଧାନସଭା ଅଧିନସ୍ଥ ଜୟପୁର, କୋଟପାଡ, ବୋରିଗୁମ୍ମା, ବୈପାରୀଗୁଡ଼ା ବ୍ଲକ ଏବଂ ଦୁଇଟି ପୌରାଞ୍ଚଳର ସକ୍ରୀୟ କର୍ମୀମାନେ ସଭାପତି ଚୟନ ପ୍ରକ୍ରିୟାରେ ନିଜ ନିଜ ମତାମତ ପ୍ରଦାନ କରିଥିଲେ। ଏଆଇସିସି ପକ୍ଷରୁ ନିଯୁକ୍ତ କୋରାପୁଟ ଜିଲ୍ଲା ପ୍ରଭାରୀ ଭାରକ ଭୂଷଣ ବିମଲ ଏବଂ ପ୍ରଦ୍ୟୁମ୍ନ ଦାସ ପ୍ରମୁଖ ଏକ କୋଠରୀକୁ ବ୍ୟକ୍ତିଗତ ଭାବେ ଡାକି ସେମାନଙ୍କ ମତାମତ ଗ୍ରହଣ କରିଥିଲେ। ଏହାପରେ ଆୟୋଜିତ ଏକ କର୍ମୀ ସମ୍ମିଳନୀରେ ଏଆଇସିସି ପକ୍ଷରୁ ନିଯୁକ୍ତ ରାଜ୍ୟ ପ୍ରଭାରୀ ଅଜୟ କୁମାମ ଲଲ୍ଲୁ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ଜିଲ୍ଲା ସଭାପତି ଶଶିଭୂଷଣ ପାତ୍ର ପ୍ରମୁଖ ମଞ୍ଚାସିନ ହୋଇ ଉପସ୍ଥିତ କର୍ମୀମାନଙ୍କୁ ଶୃଙ୍ଖଳିତ ରହିବା ସହ ଦଳକୁ ଆଗାମୀ ଦିନରେ ବିଭିନ୍ନ ନିର୍ବାଚନରେ କିଭଳି ସଫଳତା ମିଳିବ ସେଥିପ୍ରତି ତୃଣମୂଳସ୍ତରରେ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ଦଳୀୟ ଜିଲ୍ଲା ପରିଷଦ ସଦସ୍ୟ, ବ୍ଲକ ଅଧ୍ୟକ୍ଷ , ପୌରସଂସ୍ଥା, ଏନଏସି ଅଧ୍ୟକ୍ଷ, ବ୍ଲକ, ପୌରାଞ୍ଚଳର, ଯୁବ,ଛାତ୍ର ଓ ମହିଳା କଂଗ୍ରେସର କର୍ମକର୍ତ୍ତାମାନଙ୍କ ସମେତ ସକ୍ରିୟ କର୍ମୀମାନେ ଉପସ୍ଥିତ ରହିଥିଲେ।

# ଆମ ପୁଲିସ ସମିତି ବୈଠକ

ସେମିଳିଗୁଡ଼ା,୭।୯(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ଥାନାରେ ଅଞ୍ଚଳ ନାଗରିକମାନଙ୍କୁ ନେଇ ଆମ ପୁଲିସ ସମିତି ଶୁକ୍ରବାର ସନ୍ଧ୍ୟାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସେମିଳିଗୁଡା ଥାନା ଏସ୍‌ଆଇ ବାବାଜୀ ଚରଣ କହଁର, ଏଏସ୍‌ଆଇ ଦିଗାନ୍ତ ବିହାରୀ ପ୍ରଭୁ ସହାୟ, ଶୁକ୍ଲା ମଣ୍ଡଳ, ବ୍ୟୋମକେଶ ଧାଙ୍ଗଡା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଜନସାଧାରଣଙ୍କ ସହ ସହରର ଆଇନ କାନୁନ ପରିସ୍ଥିତି ଉପରେ ଆଲୋଚନା କରିବା ସହ ସେମାନଙ୍କ ଠାରୁ ବିଭିନ୍ନ ସମସ୍ୟା ଶୁଣିଥିଲେ। ଆଗକୁ ଦୁର୍ଗାପୂଜା ଥିବାରୁ ଏହାକୁ ଶାନ୍ତି ଶୃଙ୍ଖଳା ଓ ଭାଇ ଚାରା ସହ କିପରି ସମ୍ପାଦିତ ହେବ ସେନେଇ ଜନ ସାଧାରଣଙ୍କ ମତାମତ ଲୋଡ଼ିଥିଲେ। ଏହି ବୈଠକରେ ସୁନାବେଡ଼ା ଟ୍ରକ ଟିପ୍ପର ଆସୋସିଏସନ ସଭାପତି ସୁନୀଲ ଅଗ୍ରୱାଲ, ୨୩ ନମ୍ବର ୱାର୍ଡ କାଉନସିଲର ଦୟାନନ୍ଦ କୁଳଦୀପ, ନୃସିହ ନାଥ ପଣ୍ଡା, ନାରାୟଣ କୁଳଦୀପ, ପ୍ରଦୀପ ଦଳାଇ, ଅର୍ଜୁନ ଧଡକା ପ୍ରମୁଖ ଯୋଗଦେଇଥିଲେ।

# କଟାଗାଁକୁ ବ୍ଲକ୍ ମାନ୍ୟତା ଦାବି ଜୋର ଧରିଲା



କୋଷାଗୁମୁଡ଼ା,୭।୯(ସମିସ): କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ତାରାଗାଁ ପଞ୍ଚାୟତ ସ୍ଥିତ କଟାଗାଁକୁ ନୂତନ ବ୍ଲକ ମାନ୍ୟତା ଦେବା ପାଇଁ ଦାବି ଜୋର ଧରିବାରେ ଲାଗିଛି। ଏନେଇ ଆଜି ତାରାଗାଁ ପଞ୍ଚାୟତ କାର୍ଯ୍ୟାଳୟଠାରେ ଦ୍ୱିତୀୟବୈଠକ ଆୟୋଜନ କରାଯାଇଛି। ଆୟୋଜିତ ବୈଠକରେ ୯ଟି ପଞ୍ଚାୟତର ସମସ୍ତ ସରପଞ୍ଚ ଜିଲ୍ଲା ପରିଷଦ ସଭ୍ୟ, ସମିତି ସଭ୍ୟ, ୱାର୍ଡ ମେମ୍ବରଙ୍କ ସମେତ ଅଞ୍ଚଳ ର ବିଭିନ୍ନ ବର୍ଗର ଲୋକ ସାମିଲ ହୋଇଥିଲେ। ପ୍ରକାଶ ଥାଉକି, କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ୯ଟି ପଞ୍ଚାୟତ ଯଥା ତାରାଗାଁ, ବଡ଼ଗୁମୁଡା, ଆଟିଗାଁ,ବାଲେଙ୍ଗା, ଏକରା, ମୋତିଗାଁ, ବାଙ୍କୁଲା, ଏମ କେରାଗାଁ ଓ ଟେମରା ପଞ୍ଚାୟତବାସୀ ବ୍ଲକ କାର୍ଯ୍ୟାଳୟ ଯିବାକୁ ହେଲେ ୪୦ କିଲୋମିଟରର ଅଧିକ ରାସ୍ତା ଯିବାକୁ ପଡୁଥିବାରୁ ସବୁବେଳେ ହଇରାଣ ହେଉଛନ୍ତି। କୋଟାଗାଁ ସ୍ୱତନ୍ତ୍ର ବ୍ଲକର ମାନ୍ୟତା ଦେଲେ ଉପରୋକ୍ତ ୯ ଗୋଟି ପଞ୍ଚାୟତବାସୀ ଉପକୃତ ହେବେ ବୋଲି ବୈଠକରେ ଆଲୋଚନା ହୋଇଥିଲା। ପୂର୍ବରୁ ମଧ୍ୟ ୨୦୧୪ ମସିହାରୁ କଟାଗାଁକୁ ସ୍ୱତନ୍ତ୍ର ବ୍ଲକ ପାଇଁ ଦାବି ହୋଇଆସୁଛି। ଏହି ଦାବି ପୂରଣ ପାଇଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ,ରାଜସ୍ୱ ମନ୍ତ୍ରୀଙ୍କୁ ଅତିଶୀଘ୍ର ଦାବିପତ୍ର ଦେବା ନେଇ ତାରିଖ ସ୍ଥିର କରାଯାଇଛି। ତାରାଗାଁ ସରପଞ୍ଚ କୁମର ଭତ୍ରା, ମୋତିଗାଁ ସରପଞ୍ଚ ରାମଚନ୍ଦ୍ର ନାୟକ/ନବିନା ନାୟକ, ବାଙ୍କୁଲି ସରପଞ୍ଚ-ସାଧବ ଯାନୀ, ବାଲେଙ୍ଗା ସରପଞ୍ଚ-ନୀଳଧର ଭତ୍ରା, ଦୁର୍ଜନ ଭତ୍ରା,ଆଟିଗାଁ ସରପଞ୍ଚ- ଭଗବତୀ ମାଝି,ଏମ କେରା ଗାଁ ସରପଞ୍ଚ-ଧନସି ଭତ୍ରା, ବୋଡୋଗୁମୁଡ଼ା ସରପଞ୍ଚ-ବାସନ୍ତୀ ଭତ୍ରା, ଏକରା ସରପଞ୍ଚ-ବାସନ୍ତୀ ଭତ୍ରା ପ୍ରମୁଖଙ୍କ ସହ କୁସିଆ ମାଝି,ଉଧ? ମାଝି, ଚିତ୍ତରଞ୍ଜନ ଗୌଡ଼, ବେଲାଇସେନ ହରିଜନ, ପ୍ରହ୍ଲାଦ ଗୌଡ଼, ଈଶ୍ୱର ପୂଜାରୀ, ଦୁର୍ଯୋଧନ ମିର୍ଗାନ, ସନ୍ତୋଷ ପଟ୍ଟନାୟକ, ଗୁରୁବାରୁ ଭତ୍ରା, ଗୋପି କଲାର,ମୂଳଲୀ ହଲବା, ସୋନାଧର ଭତ୍ରା, ବିଶ୍ୱନାଥ ଭତ୍ରା, ଟେମୋନ ପୂଜାରୀ, ଦେବାଙ୍ଗି ଗୌଡ଼, ରବି ନାୟକ, ପଦ୍ମନ ନାୟକ, ଡ଼ିପାଳ ଭତ୍ରା, ଧର୍ମୁ ଗଉଡ଼ିଆ, ପ୍ରେମଚରଣ ନାୟକ, ପର୍ଶୁ ହରିଜନ, ଅଷ୍ଟ କଲାର,ପଦଲାମ ଭତ୍ରା, ବସମନ କଲାର,ବୈଶାକୁ କଲାର, ପିତବାସ ଜାନୀ ,ଅମରଦାସ ମାଝି, ମୋତିରାମ ଭତ୍ରା,ବିକ୍ରମ ଭତ୍ରା ,ଶଙ୍କର ଜାନୀ ଓ ସହସ୍ରତ ଜାନୀ ପ୍ରମୁଖ ୯ ପଞ୍ଚାୟତ ବାସୀ ଉପସ୍ଥିତ ଥିଲେ।

# ଦଶମନ୍ତପୁର ବ୍ଲକ୍‌ରେ ସାଂସଦଙ୍କ ସମୀକ୍ଷା ବୈଠକ

ପୋଡ଼ାଗଡ଼,୭।୯(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସମ୍ମିଳନୀ କକ୍ଷରେ ଆଜି ସାଂସଦଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସାଂସଦ ଶପ୍ତଗିରି ଶଙ୍କର ଉଲାକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସୂଚନା ମୁତାବକ ବିଭିନ୍ନ ପଞ୍ଚାୟତରେ ରାସ୍ତା କାର୍ଯ୍ୟ ଠାରୁ ଆରମ୍ଭ କରି, ସ୍କୁଲ ମରାମତି, ପାନୀୟ ଜଳ ପ୍ରକଳ୍ପ,ଶିଶି ରାସ୍ତା, ଚେକ୍ ଡ୍ୟାମ, ପାଣି କେନାଲ ଭଳି ଅନେକ ପୁରୁଣା ଓ ନୂତନ ପ୍ରକଳ୍ପ ଉପରେ ଅଧିକାରୀ ମାନଙ୍କୁ ପଚାରି ବୁଝିଥିଲେ। ସରପଞ୍ଚ ମାନେ ନିଜ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ଉପରେ ଜାଣି ପାରୁ ନାହାଁନ୍ତି। ତେଣୁ ସମସ୍ତ ଜନପ୍ରତିନିଧିମାନେ ତାଙ୍କ ପଞ୍ଚାୟତରେ କଣ ସବୁ କାମ ହେଉଛି। ସେମାନେ ଜାଣିବା ଆବଶ୍ୟକ। ସେମାନଙ୍କୁ କାର୍ଯ୍ୟ ସମ୍ପର୍କରେ ଅବଗତ କରାନ୍ତୁ ବୋଲି ସାଂସଦ ଶ୍ରୀ ଉଲାକା, ବିଭାଗୀୟ ଅଧିକାରୀ ମାନଙ୍କୁ କହିଥିଲେ। ପୁଣି ଯେଉଁ କାର୍ଯ୍ୟ ଗୁଡ଼ିକ ଅଧାପନ୍ତରିଆ ଭାବେ ପଡି ରହିଛି। ତାକୁ ତୁରନ୍ତ ଶେଷ କରନ୍ତୁ। ଏବଂ ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ବୋଲି ତାଗିଦ୍ କରିଦେଇ। ଏହି ସମୀକ୍ଷା ବୈଠକରେ, ବିଡ଼ିଓ ମିଳନ କୁମାର ଝାଙ୍କର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୁଧିର କୁମାର ବେହେରା, ସହକାରୀ କାର୍ଯ୍ୟ ନିର୍ବାହ ଯନ୍ତ୍ରୀ ଅଭିଷେକ ସଡଙ୍ଗି, କନିଷ୍ଠ ଯନ୍ତ୍ରୀ ହଳଧର ସିଅଲ, ଜିଲ୍ଲା ପରିଷଦ ସଭ୍ୟ ଧନପତି ସାଉନ୍ତା, ସ୍ଥାନୀୟ ସମିତି ସଭ୍ୟା ଏଲ୍‌ଇ ମଧୁସ୍ମିତା ବାଘ, ସରପଞ୍ଚ ସୁବାଇ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ପରେ ସାଇ କଲ୍ୟାଣ ମଣ୍ଡପ ଠାରେ ସାଂସଦ ପ୍ରତିନିଧିତ୍ୱ ପଙ୍କଜ ବାଘଙ୍କ ତତ୍ତ୍ୱାବଧାନରେ ଏକ କର୍ମୀ ସମ୍ମିଳନୀ ଆୟୋଜନ କରାଯାଇ ଥିଲା। କାର୍ଯ୍ୟକ୍ରମରେ ସାଂସଦ ସମେତ,ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କଂଗ୍ରେସ ବ୍ଲକ ସଂପାଦକ ମୋହନ ପାତ୍ର ହିଆଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ହୁଇକା, ବରିଷ୍ଠ ନେତା ରମାକାନ୍ତ ଦଳେଇଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ। ସୂଚନା ମୁତାବକ ବିଭିନ୍ନ ପ୍ରକଳ୍ପ ପାଇଁ କେତେକ ଅସନ୍ତୋଷ କର୍ମୀ ମାନଙ୍କ ସହ ଆଲୋଚନା କରିଥିଲେ।

# ଇନ୍ଦ୍ରାବତୀ ରାସ୍ତାରେ ଓଲଟିଲା କାର



ନନ୍ଦାହାଣ୍ଡି,୭।୯(ସମିସ): ନବରଙ୍ଗପୁର ଦେଇ ଇନ୍ଦ୍ରାବତୀ ଯିବା ମୁଖ୍ୟ ରାସ୍ତାରେ ପଡ଼ାଲଗୁଡା ଓ କେଶରୀଗୁଡା ନିକଟରେ ଏକ କାର ଭାରସାମ୍ୟ ହରାଇ ଓଲଟି ପଡିଛି। କାର ଓଲଟିବା ପରେ ସେଠାରୁ ଡ୍ରାଇଭର ଚମ୍ପଟ ମାରିଥିବା ଜଣାପଡିଛି। ସୂଚନା ପ୍ରକାରେ କାରଟି ନବରଙ୍ଗପୁର ଠାରୁ ଇନ୍ଦ୍ରାବତୀ ଅଭିମୁଖେ ଯାଉଥିଲା।। କେଶରୀଗୁଡା ନିକଟରେ ଭାରସାମ୍ୟ ହରାଇ କାର ଓଲଟି ପଡିଥିଲା। ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ଥିବା ଜଣାପଡିଛି।

# ଚନ୍ଦ୍ର ଗ୍ରହଣ ପାଇଁ ମନ୍ଦିରରେ ନୀତିକାନ୍ତି ପରିବର୍ତ୍ତନ

ଜୟପୁର,୭।୯(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ବିଭିନ୍ନ ମନ୍ଦିରରେ ଚନ୍ଦ୍ର ଗ୍ରହଣ ନିମନ୍ତେ ପୂଜାର୍ଚ୍ଚନା ପାଇଁ ରୀତିକାନ୍ତିରେ ପରିବର୍ତ୍ତନ କରାଯାଇଛି। ପୂର୍ଣ୍ଣ ଗ୍ରାସ ଚନ୍ଦ୍ର ଗ୍ରହଣ ଯୋଗୁଁ ହିନ୍ଦୁ ପରମ୍ପରା ଅନୁଯାୟୀ ଦିବା ୧୨ଟା ୫୭ ମିନିଟ ପର୍ଯ୍ୟନ୍ତ ଦେବକାନ୍ତି ଆୟୋଜିତ ହୋଇଥିଲା। ଭୋରରୁ ଅପରାହ୍ଣ ସାଢେ ୧୨ ପର୍ଯ୍ୟନ୍ତ ସହରର ସମସ୍ତ ମନ୍ଦିର ଖୋଲା ରହିଥିଲା। ଭକ୍ତ ଓ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ଦେବଦେବୀଙ୍କୁ ଅନ୍ନ ଭୋଗ ଲାଗିକରାଯାଇ ମନ୍ଦିର ଦ୍ୱାର ବନ୍ଦ କରାଯାଇ ତାଲା ଦିଆଯାଇଛି। ସଂଧ୍ୟାରେ ଉକ୍ତ ଓ ଶ୍ରଦ୍ଧାଳୁଙ୍କ ଜନଗହଳିପୂର୍ଣ୍ଣ ମନ୍ଦିର ଗୁଡିକ ଜନଶୂନ୍ୟ ହୋଇଯାଇଥିଲା। ଆସନ୍ତା ସୋମବାର ଭୋରରୁ ମନ୍ଦିର ଖୋଲଯାଇ ସମସ୍ତ ମନ୍ଦିରକୁ ଧୋଇବା ସହ ଶୁଦ୍ଧି କରାଯାଇ ଠାକୁର ମାନଙ୍କ ମହାସ୍ନାନ କରାଯାଇ ପୁଣି ପ୍ରାତଃ ଆଳତୀରୁ ପୂଜାର୍ଚ୍ଚନା ଆରମ୍ଭ କରାଯିବ ବୋଲି ପୂଜକ ମାନେ ପ୍ରକାଶ କରିଛନ୍ତି। ସହରର ଜଗନ୍ନାଥ, ଭଗବତୀ, ଦକ୍ଷିଣକାଳୀ, ନୀଳକଣ୍ଠେଶ୍ୱର, ପଞ୍ଚାନନ, କୁଞ୍ଜବିହାରୀ, ଜଗତଜନନୀ, ଲୋକେଶ୍ୱର , ରଘୁନାଥ, ଚୈତନ୍ୟ, ରସିକସିରମଣି ଏବଂ ଅନ୍ୟାନ୍ୟ ମନ୍ଦିର ଗୁଡିକ ସମେତ ଗ୍ରାମାଞ୍ଚଳ ଗୁଡିକରେ ରହିଥିବା ମନ୍ଦିରରେ ମଧ୍ୟ ଏହା ନିଷ୍ଠାର ସହ ପାଳନ କରାଯାଇଛି। ଆଜି ପୂର୍ବାହ୍ନରୁ ସହରର ଅଧିକାଂଶ ଦୋକାନ ବଜାର ବନ୍ଦ ରହିଥିବା ବେଳେ ଲୋକମାନଙ୍କ ଯାତାୟତରେ ମଧ ହ୍ରାସ ପାଇଥିଲା। ସଂଧ୍ୟାରେ ସାରା ସହରରେ ଚନ୍ଦ୍ର ଗ୍ରହଣ ପାଇଁ ଜନଶୂନ୍ୟ ହୋଇଯାଇଥିଲା ଏବଂ ଦୋକାନ ବଜାର ସମ୍ପୁର୍ଣ୍ଣ ଭାବେ ବନ୍ଦ ରହିଥିଲା।

# ବିଇଓଙ୍କ ସମେତ ୪ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର

ପୋଡ଼ାଗଡ,୭।୯(ସମିସ): କୋରାପୁଟ ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲାସ୍ତରୀୟ ଗୁରୁଦିବସ ପାଳନ ଅବସରରେ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍‌ର ଚାରି ଶିକ୍ଷକଙ୍କ ସମେତ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ)ଙ୍କୁ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଦଶମନ୍ତପୁର ବ୍ଲକ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃପା ସିନ୍ଧୁ ବାଘ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ, ନନ୍ଦିଗାଁ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମୋନାଜ ସୁନାନି, ମୁଜାଙ୍ଗ ପଞ୍ଚାୟତ ଅନ୍ତର୍ଗତ ରୁଞ୍ଜାଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଧରଣୀ ଧର ରଣା ଜିଲ୍ଲାସ୍ତରୀୟ ଗୁରୁ ଦିବସରେ ପୁରସ୍କୃତ ହୋଇଛନ୍ତି। ଜିଲ୍ଲାସ୍ତରୀୟ ଗୁରୁ ଦିବସରେ ମୁଖ୍ୟଅତିଥି ଭାବେ କୋରାପୁଟ ଜିଲ୍ଲାପାଳ ମୋନାଜ ସତ୍ୟୱାନ ମହଜ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ଉପସ୍ଥିତ ଥିଲେ।

# ନାଲ୍‌କୋ ଏସ୍‌ଭିଏମ୍‌ରେ ରକ୍ତଦାନ ଶିବିର

ସେମିଳିଗୁଡା/ଦାମନଯୋଡି,୭।୯(ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡିସ୍ଥିତ ନବରତ୍ନ କମ୍ପାନୀ ନାଲକୋର ସରସ୍ୱତୀ ବିଦ୍ୟାମନ୍ଦିରରେ ଗୁରୁଦିବସ ପାଳନ ଅବସରରେ ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବ ମିଳିତ ଆନୁକୁଲ୍ୟରେ ଏକ ରକ୍ତଦାନ ଶିବିରର ଆୟୋଜିତ୍ ହୋଇଯାଇଛି। ବିଦ୍ୟା ମନ୍ଦିରର ବରିଷ୍ଠ ଶିକ୍ଷକ ତଥା ଯୁବ ରେଡକ୍ରସ ଜିଲ୍ଲା ସଂଯୋଜକ ଡକ୍ଟର ନରେଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ନାଲକୋର ମହାପ୍ରବନ୍ଧକ ତଥା ଏସଭିଏମ୍‌ର ପରିଚାଳନା ସମିତିର ବିତ୍ତ ସଭ୍ୟ ପ୍ରଶାନ୍ତ କୁମାର ମହାରଣା ନିଜେ ରକ୍ତଦାନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରିଥିଲେ। ନାଲକୋ ବିଦ୍ୟାମନ୍ଦିର ସଭାପତି ତଥା ସିଜିଏମ୍ ମାଇନ୍ସ ପୁରୁଷୋତ୍ତମ ମହାନ୍ତ, ସଂପାଦକ ଡଃ ଚିତ୍ତରଂଜନ ମିଶ୍ର, ଅଧ୍ୟକ୍ଷ ଡ଼ଃ ଶୁଭ୍ରାଂଶୁ ଶେଖର ବାହିନୀପତି, ପି .କେ ମହାରଣା, ଜି ଏମ ଫାଇନାନ୍ସ ପି କେ ମହାରଣା, ଚନ୍ଦ୍ର ମୋହନ ମହାନ୍ତ, ମହାପ୍ରବନ୍ଧକ ଶଙ୍କର ସେନଗୁପ୍ତା,ଏଫବିଡିଓ କୋରାପୁଟ ଶାଖାର ସଂଯୋଜିକା ସ୍ନିଗ୍ଧାରାଣୀ ମିଶ୍ର ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ। ଉକ୍ତ ଶିବିରରୁ ସମୁଦାୟ ୪୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କୋରାପୁଟ ଶହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ରକ୍ତ କେନ୍ଦ୍ରର ଷ୍ଟାଫ ରଞ୍ଜିତ ସାହୁ, ମନୋରଞ୍ଜନ ସୁନା, ସଞ୍ଜୟ ସିଂ ରକ୍ତ ସଂଗ୍ରହ କରିଥିଲେ। ଡଃ ନରେଶ ଚନ୍ଦ୍ର ସାହୁ, ଡକ୍ଟର ନିରୋଦ କୁମାର ପ୍ରଧାନ, ରଚନା, ସ୍ମୃତି, ନାରାୟଣ ଲାମତା, ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ। ଏଥି ସହିତ ବିଦ୍ୟାମନ୍ଦିର ଅଡିଟୋରିୟମରେ ଅଧ୍ୟକ୍ଷ ଡଃ ଶୁଭ୍ରାଂଶୁ ଶେଖର ବାହିନୀପତିଙ୍କ ଅଧ୍ୟକ୍ଷତାରେ ଗୁରୁଦିବସ ଉପଲକ୍ଷେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ପରିଚାଳନା ସମିତିର ସଭପତି ପୁରୁଷୋତ୍ତମ ମହନ୍ତ, ସମ୍ପାଦକ ଡ଼ଃ ଚିତ୍ତରଞ୍ଜନ ମିଶ୍ର, ପ୍ରଶାନ୍ତ କୁମାର ମହାରଣା, ନିମନ୍ତ୍ରିତ ଅତିଥି ଭାବେ ଚନ୍ଦ୍ର ମୋହନ ମହାନ୍ତ, ମହାପ୍ରବନ୍ଧକ ଶଙ୍କର ସେନଗୁପ୍ତା, ସ୍ନିଗ୍ଧା ମିଶ୍ର ଓ ଶ୍ରୀ ପ୍ରଦୀପ କୁମାର ଜଗତୀ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଡଃ ଗୋଧୂଳି ଦୋରା, ଅନୁରାଧା ପାଟନାକୁନି ଓ ଉଦ୍ଧବ ପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଡ଼ଃ ସ୍ୱାତୀ ଚାଟାର୍ଜୀ ସଭା ପରିଚାଳନା କରିଥିଲେ। ପରିଶେଷରେ ଅନୁଜା ସରକାର ଓ ପ୍ରଜ୍ଞା ପାଣିଗ୍ରାହୀଙ୍କ ଉଦ୍ୟମରେ ଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସଙ୍ଗୀତ ଶିକ୍ଷକ ବୃନ୍ଦାବନ ଖଣ୍ଡୁଆଳ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏଫ୍‌ବିଡିଓ ତରଫରୁ ଆବଶ୍ୟକୀୟ ସହାୟତା ପ୍ରଦାନ କରାଯାଇଥିଲା।

# ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

କୋରାପୁଟ,୭।୯(ସମିସ): କୋରାପୁଟ ବ୍ଲକ୍ କେଦାର ପଞ୍ଚାୟତ କୁସୁମଗୁଡ଼ାଠାରେ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଡଲିଆମ୍ବ ଓ ବେଲଗୁଡ଼ା ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବାବେଳେ ଡଲିଆମ୍ବ ଚାମ୍ପିଅନ୍ ହୋଇଥିଲା। କୋରାପୁଟର ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ୧୦ ହଜାର ଏବଂ ଉପବିଜେତା ବେଲଗୁଡ଼ା ଦଳକୁ ୭ ହଜାର ଟଙ୍କା ସହ ଟ୍ରଫି, ସିଲ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ରଘୁ ଜାନି, ବିଜୁ ଜନତା ଦଳ ବ୍ଲକ ସଭାପତି ମଣ୍ଟୁ ବେନିଆ, ପଞ୍ଚାୟତ ସଭାପତି ନୀଳ ଖରା, ସଞ୍ଜୀବ ଖରା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ସମାଜସେବୀ ରୁବେନ ଖରା ଓ ଘାସି ମାଛଙ୍କ ନେତୃତ୍ୱରେ କ୍ରୀଡ଼ା ଆୟୋଜନ ହୋଇଥିଲା।

# ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ନବରଙ୍ଗପୁର/ନନ୍ଦାହାଣ୍ଡି,୭।୯(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୧୦ଜଣ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡଙ୍ଗରଭେଜା ନୋଡ଼ାଲ ହାଇସ୍କୁଲ ପରିସରରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ସେହିପରି ଗୁରୁ ଦିବସ ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ନନ୍ଦାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଅବସର ପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧନୁର୍ଜୟ ମାଝୀ ଓ ବିଆରସିସି ଉତ୍ତମା ହରିଜନ ଓ ନନ୍ଦାହାଣ୍ଡି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଗୋଲତି କୁମାର ସାଗରିଆ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ନାଗେଶ୍ୱରୀ ପଟ୍ଟନାୟକ ପରିଚାଳନା କରିଥିବାବେଳେ ବିବରଣୀ ପାଠ ସମ୍ପାଦକ ରମେଶ ଚନ୍ଦ୍ର ତ୍ରିପାଠୀ କରିଥିଲେ। ଏହି ଅବସରରେ ଅବସର ପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ନରସିଂହ ପଣ୍ଡା, ଜଗବନ୍ଧୁ ମାଝୀ, ଭୀମସେନ ମୁଦୁଲି, ଈଶ୍ୱରୀ ରଥ, ଏ. ସାରଳା ଦେବି, ମାଧୁରୀ ନିବେଦିତା ମହାନ୍ତି, ମମତା ନାୟକ, ପ୍ରଣତି ସାହୁ, ପ୍ରମୋଦ ଦାସ, ନନ୍ଦାହାଣ୍ଡି ଶିକ୍ଷକ ସଂଘର ସମସ୍ତ କର୍ମକର୍ତ୍ତା ଓ ସମସ୍ତ ସିଆରସିସି ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସ୍ଥାନୀୟ ଡଙ୍ଗର ଭେଜା ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ସଂଘର ସମ୍ପାଦକ ବିଘ୍ନ ରାଜ ପାତ୍ର, ଦୁର୍ଗା ମାଧବ ଦାଶ, ବିଷ୍ଣୁ ପାଣିଗ୍ରାହୀ, ସଂକେଶ ତ୍ରିପାଠୀ, ପ୍ରହ୍ଲାଦ ତ୍ରିପାଠୀ, ଗୀତାଞ୍ଜଳି ବେଜ, ଇତିଶ୍ରୀ ପରିଛା, ମଧୁସୁଦନ ହରିଜନ, ବୃନ୍ଦାବନ ପାଢ଼ୀ, ମୀନକେତନ ବାଗ, ଅନନ୍ତ ମିଶ୍ର, ହିମାଂଶୁ ଗୌଡ଼, ଭୁବନେସ ନାୟକ, ଶିଭାସିସ, ରବୀନ୍ଦ୍ର, ନାରାୟଣ, ଟି ସୁରିୟା ରାଓ, ଲକ୍ଷ୍ମୀ ସାହୁ, ପ୍ରଦୀପ, ନାରାୟଣ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ୧୬ ବିଦ୍ୟାର୍ଥୀ ପୁରସ୍କୃତ

ସୁନାବେଡ଼ା,୭।୯(ସମିସ): ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ସୁନାବେଡ଼ା ପୌର ପରିଷଦର କଲ୍ୟାଣ ମଣ୍ଡପଠାରେ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ୨ଟି ବର୍ଗରେ ବିଭିନ୍ନ ପ୍ରତିଯୋଗିତା ଅୟୋଜନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ଚିତ୍ରାଙ୍କନ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଦେବାଂଶୀ କୁଳଦୀପ ପ୍ରଥମ ସ୍ଥାନ ଓ ବରିଷ୍ଠ ବର୍ଗରେ ଆଦ୍ୟାଶା ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ସେହିପରି ନୃତ୍ୟରେ ପ୍ରତିଜ୍ଞା ପ୍ରିୟଦର୍ଶିନୀ ବୁଗୁଡ଼ାଇ, ବର୍ଷାରାଣୀ ବଢେଇ, ଶୁଭସ୍ମିତା ନାୟକ, ଇପ୍ସିତା ପ୍ରଧାନ, ଆସ୍ଥା ସମ୍ପାରେଡି, ଜାଗୃତି ସାହୁ, ଜାଜ୍ଞସିନି ସାହୁ, ଆରାଧ୍ୟା ନାୟକ, ଜାଗୃତି ସିଂହ, ସୋନାକ୍ଷୀ ରାଉତ, ଏସ.ବି. ମାହିରା, ନନ୍ଦିନୀ ଆଇକତ, ଦେବାଂଶୀ କୁଳଦୀପ ପ୍ରମୁଖ ୧୬ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସଫଳତା ପାଇଁ ପ୍ରାଚୀନ କଳା ଓ ସଂସ୍କୃତି ପରିଷଦ ର ସଭାପତି ଶେଖ ଇବ୍ରାହିମ, ସମ୍ପାଦକ ମନୋଜ କୁମାର ମୁଦୁଲି, ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସଚିବ ଅନୁରାଗ ପାତ୍ର, ପରିଚାଳନା ସଚିବ ତାପସ କୁମାର ମଲ୍ଲିକ, ଶିକ୍ଷୟିତ୍ରୀ ହୃଦାଞ୍ଜଳି ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି।

## ପଡିଆରେ ବଢୁଛି ବେଆଇନ ମଦ ବିକ୍ରି

# ମାର୍କେଟ କମ୍ପ୍ଲେକ୍ସ ଉପର ମହଲା ପାଲଟିଛି ମଦ୍ୟପଙ୍କ ଆଡ୍ଡାସ୍ଥଳୀ



ମାଲକାନଗିରି,୭।୯(ସମିସ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକରେ ବେଆଇନ ମଦ ବିକ୍ରି ବଢ଼ିବାରେ ଲାଗିଥିବା ବେଳେ ମଦ୍ୟପଙ୍କ ପ୍ରାଦୁର୍ଭାବ ମଧ୍ୟ ବଢ଼ିବାରେ ଲାଗିଛି। ସରକାରୀ ନିୟମ ଅନୁଯାୟୀ, କେବଳ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନୀ ହିଁ ମଦ ବିକ୍ରୟ କରିବା କଥା, କିନ୍ତୁ ପଡିଆ ବ୍ଲକ୍‌ସଦରରେ ଅନେକ ଦୋକାନୀ ଓ ଲୋକେ ନିଜ ଘରେ ଏବଂ ଦୋକାନରେ ମଦ ରଖି ଚୋରାରେ ମଦ ବିକ୍ରୟ କରୁଥିବା ଅଭିଯୋଗ ହୋଇଛି। ଯାହା ଫଳରେ ଯୁବପୀଢ଼ୀ ପଥ ଭ୍ରଷ୍ଟ ହେଉଥିବା ବେଳେ ମଦ୍ୟପମାନେ ବିଭିନ୍ନ ସ୍ଥାନରେ ମଦର ଆସର ଜମାଉ ଥିବା ଅଭିଯୋଗ ହୋଇଛି। ଏପରିକି ବ୍ଲକ ସଦରରେ ଥିବା ମାର୍କେଟ କମ୍ପ୍ଲେକ୍ସର ଉପର ମହଲାକୁ ମଧ୍ୟ ମଦ୍ୟପମାନେ ନିଜର ଅଡ୍ଡା ସ୍ଥଳୀ କରି ଦେଇଥିବା ଦେଖିବାକୁ ମିଳିଛି। ଏହି ମାର୍କେଟ କମ୍ପ୍ଲେକ୍ସର ଉପର ମହଲାଟି ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ପ୍ରାୟ ୪ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବାବେଳେ ଉପର ମହଲାରେ କୌଣସି ଦୋକାନ ଖୋଲା ଯାଇନଥିବାରୁ ତାହାକୁ ମଦ୍ୟପମାନେ ନିଜର ଅଡ୍ଡା ଭାବେ ବ୍ୟବାହର କରୁଥିବା ଦେଖିବାକୁ ମିଳିଛି। ଅନେକ ଚୋରା ମଦ ବେପାରୀଙ୍କ ଯୋଗୁଁ ଅଞ୍ଚଳରେ ମଦ୍ୟପଙ୍କ ସଂଖ୍ୟା ବଢିବାରେ ଲାଗିଥିବା ସ୍ଥାନୀୟବାସୀଦା ଅଭିଯୋଗ କରିଛନ୍ତି। ଏସବୁ ଉପରେ ରୋକ ଲାଗିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ପୁଲିସ ପ୍ରଶାସନ ଓ ସ୍ଥାନୀୟ ବ୍ଲକ୍ ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ବ୍ଲକ୍ କଳା ସଂସ୍କୃତି ସଂଘର ଗୁରୁଦିବସ

କୋଷାଗୁମୁଡା,୭।୯(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍‌ର ସନ୍ତୋଷପୁର ପଞ୍ଚାୟତ ସଦର ମହକୁମାର ଆଦର୍ଶ କଲ୍ୟାଣ ମଣ୍ଡପଠାରେ ରାଜଚାଉଁରୀଆ ଦେଶିଆ ନାଟଗୁରୁ ଓ ବ୍ଲକ୍ କଳା ସଂସ୍କୃତି ସଂଘର ଗୁରୁଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୨୬ଗୋଟି ପଞ୍ଚାୟତ ସହ ନବରଙ୍ଗପୁର ଜିଲ୍ଲାର ୭ ଗୋଟି ବ୍ଲକ୍‌ର ଶତାଧିକ ନାଟଗୁରୁ, ଗୀତକୁଡ଼ିଆ, ଲୋକ ସଙ୍ଗୀତକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଲ୍ୟାମ୍ପ୍‌ସ ପରିଚାଳନା କମିଟି ନିଲମ୍ବିତ

ମାଥିଲି,୭।୯ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ଲ୍ୟାମ୍ପ୍‌ସରେ ଦୀର୍ଘଦିନ ଧରି ଚାଲୁଥିଲା ମହାଦୁର୍ନୀତି । ବେନିୟମ ନିଯୁକ୍ତି ଅଭିଯୋଗରେ ପରିଚାଳନା କମିଟିକୁ ନିଲମ୍ବିତ କରାଯାଇଛି। ସୂଚନା ଅନୁସାରେ ମାଲକାନଗିରି ସହକାରୀ ସମିତିର ଉପ-ନିବନ୍ଧକ ଚିଠି ସଂଖ୍ୟା ୫୯୭/୦୬,୦୯,୦୨୫ ଦ୍ୱାରା ମାଥିଲି ଲ୍ୟାମ୍ପ୍‌ସର ପରିଚାଳନା କମିଟିକୁ ନିଲମ୍ବନ କରାଯାଇଛି।ସ୍ୱାମୀ ନିର୍ଦ୍ଦେଶକ, ନିଜ ପତ୍ନୀକୁ କମିଟିର ସଭାନେତ୍ରୀ ଭାବେ ବେନିୟମ ଚୟନ କରିଥିଲେ। ସେହିପରି ସ୍ୱାମୀ ନିର୍ଦ୍ଦେଶକ ଥିବା ବେଳେ ତାଙ୍କ ପତ୍ନୀଙ୍କୁ ଉପ ସଭାନେତ୍ରୀ କରାଯାଇଥିଲା। ନିର୍ଦ୍ଦେଶକ ଥିବା ବେଳେ ତାଙ୍କ ପତ୍ନୀକୁ ଲ୍ୟାମ୍ପ୍‌ସର ବ୍ୟବସ୍ଥାବକ (ଏମିଡି) ଭାବେ ବେନିୟନ ଭାବେ ନିଯୁକ୍ତି କରାଯାଇଥିଲା। ସେହିପରି ଅନ୍ୟ ଜଣେ ସ୍ୱାମୀ ନିର୍ଦ୍ଦେଶକ ଥିବା ବେଳେ ତାଙ୍କ ପତ୍ନୀଙ୍କୁ ଡାଟା ଅପରେଟର ଭାବେ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତି ମାଧ୍ୟମରେ ବହୁ ପରିମାଣର ଅର୍ଥ ଆତ୍ମସାତ, ବେନିୟବ ଭାବେ କର୍ମଚାରୀ ନିଯୁକ୍ତି କରିଥିବା ଅଭିଯୋଗ ହେଉଥିଲା। ଚାଷୀ ମାନଙ୍କୁ ସାର ବଣ୍ଟନରେ ଅନିୟମିତତା ହୋଇଥିବା ସ୍ପଷ୍ଟ ପ୍ରମାଣିତ ହୋଇଛି। ଏହି ମହା ଦୁର୍ନୀତି ଓ ଅନିୟମିତତାକୁ ନେଇ ଲ୍ୟାମ୍ପ୍‌ସର ସହକାରୀ ସମିତିରେ ଅଭିଯୋଗ ହୋଇଥିଲା। ତଦନ୍ତ ବେଳେ ସତ୍ୟତା ମିଳିବାରୁ ପରିଚାଳନା କମିଟିକୁ ନିଲମ୍ବନ କରାଯାଇଥିବା ଉପ ନିବନ୍ଧକଙ୍କ ଚିଠିରେ ଉଲ୍ଲେଖ ରହିଛି। ସ୍ଥାନୀୟ ଲୋକେ କହିଛନ୍ତି ଲ୍ୟାମ୍ପ୍‌ସ ଚାଷୀଙ୍କ ଆର୍ଥିକ ସହାୟକ ସଂସ୍ଥା। ଏହାକୁ ବ୍ୟକ୍ତିଗତ ସ୍ୱାର୍ଥ ଓ ପରିବାରବାଦ ନିଯୁକ୍ତି ମାଧ୍ୟମରେ ଦୁର୍ନୀତିର କେନ୍ଦ୍ର କରାଯାଇଥିବା ଅତ୍ୟନ୍ତ ଦୁଃଖଦ। ନିଲମ୍ବନ ପରେ ନୂଆ ଲ୍ୟାମ୍ପ୍‌ସ ପ୍ରଶାସନିକ ବ୍ୟବସ୍ଥା ଗଠନ କରାଯିବ। ଦୁର୍ନୀତିରେ ଜଡିତ ଥିବା ସମସ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସହକାରୀ ସମିତି ପକ୍ଷରୁ ଚିଠିରେ ଉଲ୍ଲେଖ କରାଯାଇଛି।

# ୫ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ରାୟଗଡ,୭।୯(ସମିସ ): ରାୟଗଡ଼ା ଜିଲ୍ଲାରେ ୟୁଡାଇଜ ପ୍ଲସ୍ ତଥ୍ୟ ଦେଇ ନପାରିବାରୁ ୫ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକ। ବାରମ୍ବାର ତାଗିଦ ସତ୍ତ୍ୱେ ସରକାରୀ ନିୟମ ନମାନିବାରୁ ୫ ପ୍ରଧାନ ଶିକ୍ଷକଙ୍କୁ ମହଙ୍ଗା ପଡିଛି। ଜିଲ୍ଲାର କାଶୀପୁର ବ୍ଲକ ରେଙ୍ଗା ସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ, କୋଲନରା ବ୍ଲକ ଭୋଇମଡା ସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ, ପିଣ୍ଡାପଦରସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ, ରାୟଗଡ଼ା ବ୍ଲକ କୁଲି ସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଓ କୁମତଲପେଟାସ୍ଥିତ ଶ୍ରୀ ଉଗ୍ରତାର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନୋଟିସ୍ ଜାରିକରିବା ସହ ସେମାନଙ୍କର ଦରମା ବନ୍ଦ କରାଯାଇଛି। ପ୍ରତିଦିନ ସ୍କୁଲରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ସଂପୂର୍ଣ୍ଣ ତଥ୍ୟ ଶିକ୍ଷା ବିଭାଗର ୟୁଡାଇଜ ପ୍ଲସ୍ ପୋର୍ଟାଲରେ ଅପଲୋଡ କରିବାର ନିୟମ ରହିଛି। ଏ ନେଇ ଭିଡିଓ କନଫରେନ୍ସିଂ, ହ୍ୱାଟ୍‌ସ୍‌ଆପ୍‌ରେ ମ୍ୟାସେଜ ଦିଆଯାଉଥିଲେ ମଧ କିଛି ପ୍ରଧାନ ଶିକ୍ଷକ ଏହାକୁ ବେଖାତିର କରି ତଥ୍ୟ ଦେଉନଥିଲେ। ରେଙ୍ଗା ସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ୨୪୨ ଜଣ ପିଲାଙ୍କ ମଧ୍ୟରୁ ୧୫୨ ଜଣଙ୍କ ତଥ୍ୟ ୟୁଡାଇଜ୍ ପ୍ଲସ ପୋର୍ଟାଲରେ ଅପଲୋଡ କରିନଥିଲେ। ସେହିପରି ଭୋଇମଡା ୟୁଜିଏଚଏସରେ ୧୨୨ ପିଲାଙ୍କ ମଧ୍ୟରୁ ୧୧୪, କୁଲି ୟୁଜିଏଚଏସରେ ୨୦୬ ଜଣଙ୍କ ମଧ୍ୟରୁ ୨୦୫ ଜଣ, ପିଣ୍ଡାପଦର ୟୁଜିଏସଏସର ୧୪୦ରୁ ୯୧ ଏବଂ କୁମତଲପେଟା ଶ୍ରୀ ଉର୍ଗତାରା ନୋଡାଲ ଉଚ୍ଚ ବିଦ୍ୟାଳୟର ୩୪୧ ରୁ ୨୮୮ ଛାତ୍ରଛାତ୍ରୀଙ୍କ ତଥ୍ୟ ଅପଲୋଡ କରିନଥିବାରୁ ଏଭଳି ପଦକ୍ଷେପ ନେଇଛନ୍ତି ଜିଲା ଶିକ୍ଷାଧିକାରୀ। ସଂପୃକ୍ତ ୫ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ଦୁଇ ଦିନର ଦରମା ମଧ ବନ୍ଦ କରାଯାଇଛି।

# ଘରୁ କଳାକନା ବୁଲାଇଲେ ଦୁର୍ବୃତ୍ତ

ଗୁଣୁପୁର, ୭।୯ (ସମିସ): ଗୁଣୁପୁର ସହରର ୧ ନମ୍ବର ୱାର୍ଡ ବୃନ୍ଦାବତୀ ନଗର ଠାରେ ଘରେ କେହି ନଥିବା ଦେଖି କଳାକନା ବାଲାଇଲେ ଦୁର୍ବୃତ୍ତ। ଭଡା ଘରେ ଦୀର୍ଘ ଚାରି ବର୍ଷ ରହିଆସୁଥିଲେ ଆକାଶ କୁମାର ପରିଛା। ସେ ତାଙ୍କ ପରିବାରକୁ ନେଇ ବାହାରକୁ ଯାଇଥିଲେ। ୬ ଦିନ ପରେ ସେ ଗୁଣୁପୁର ପହଞ୍ଚି ନିଜ ଘର କବାଟ ଖୋଲିବା ବେଳେ ତାଲା ତାଡି ଦିଆଯାଇ ସମସ୍ତ ଆସବାବ ପତ୍ର ଫିଙ୍ଗା ଫୋପଡ଼ା ହୋଇଯିବା ସହ ଅନେକ୍ ସମାଗ୍ରୀ ଓ ନଗଦ ଟଙ୍କା ଚୋରି ହୋଇଯାଇଛି। ଘଟଣା ସମ୍ପର୍କରେ ସେ ସ୍ଥାନୀୟ ପୁଲିସକୁ ଖବର ଦେବା ସହ ଘର ଭିତରକୁ ଯାଇ ଦେଖିବା ବେଳକୁ ଆନୁମାନିକ ନଗଦ ଏକ ଲକ୍ଷ ଟଙ୍କା, ୩ ତୁଳା ସୁନା ସହ କିଛି ରୂପାର ଅଳଙ୍କାର ଚୋରି କରି ନେଇଥିବା ଜଣାପଡିଥିଲା। ଗୁଣୁପୁର ପୁଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

# ସମ୍ମାନିତ ହେଲେ ହସ୍ତଶିଳ୍ପୀ ହିମାଂଶୁ ପାଣ୍ଡିଆ



ରାୟଗଡ଼ା,୭।୯(ସମିସ): ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଲାଉ ସଂଗ୍ରହ କରି ସେଥିରେ ବିଭିନ୍ନ ପ୍ରକାର ଘର ସଜା ଉପକରଣ ଓ ଅନ୍ୟାନ୍ୟ ଆକୃତିର ନୂତନ ହସ୍ତଶିଳ୍ପର ଉଦ୍‌ଭାବନା କରିଥିବା ରାୟଗଡ଼ାର ପ୍ରସିଦ୍ଧ ହସ୍ତଶିଳ୍ପୀ ହିମାଂଶୁ ଶେଖର ପାଣ୍ଡିଆଙ୍କୁ ହସ୍ତଶିଳ୍ପାଦିତ୍ୟ ଶିଳ୍ପୀସମ୍ମାନରେ ସମ୍ମାନିତ କରାଯାଇଛି। ପୁରୀ ଠାରେ ଗୁରୁ ଦିବସରେ ପାରମ୍ପରିକ ହସ୍ତଶିଳ୍ପ ଗୁରୁକୁଳ, ଭଣ୍ଡାରୀକୁଦା, ବ୍ରହ୍ମଗିରୀ, ପୁରୀ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଗୁରୁ ପୂଜନ ତଥା ବାର୍ଷିକ ଉତ୍ସବ ପାଳନ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାର ମହାନ୍ ଶିଳ୍ପୀଙ୍କୁ ହସ୍ତଶିଳ୍ପ କ୍ଷେତ୍ରରେ ସେମାନଙ୍କର ଭୂମିକା ଓ ଅବଦାନ ତଥା ନୂତନ ସୃଷ୍ଟିକୁ ନେଇ ଏହି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ରାୟଗଡ଼ା ଜିଲ୍ଲାରୁ ଲାଉ କ୍ରାଫ୍ଟକୁ ନେଇ ନୂତନ ହସ୍ତଶିଳ୍ପର ଏକ ସୃଷ୍ଟିକର୍ତା ଭାବେ ଆର୍ନ୍ତଜାତୀୟ ସ୍ତରରେ ପରିଚିତ ଥିବା ହସ୍ତଶିଳ୍ପୀ ହିମାଂଶୁ ଶେଖର ପାଣ୍ଡିଆଙ୍କୁ ଏହି ହସ୍ତଶିଳ୍ପାଦିତ୍ୟ ଶିଳ୍ପୀସମ୍ମାନରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ସଭାମୁଖ୍ୟ ସମରେନ୍ଦ୍ର ସାହୁ (କିଟ୍-ଟିବିଆଇ,ଉପଦେଷ୍ଟା)ଙ୍କ ସମେତ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ନିଫ୍ଟ ଭୁବନେଶ୍ୱର ନିର୍ଦ୍ଦେଶକ ରାଜେଶ କୁମାର ଝା, ହସ୍ତଶିଳ୍ପ ସେବା କେନ୍ଦ୍ର ସହ ନିର୍ଦ୍ଦେଶକ ଭୁବନ ଭାସ୍କର ଏବଂ ପୁରୀ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟର ସହ ଉପନିର୍ଦ୍ଦେଶକ ବିଷ୍ଣୁପଦ ମାରାଣ୍ଡି ଏବଂ ଅନ୍ୟ ବରଣ୍ୟ ଅତିଥିମାନେ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥିଙ୍କ ଠାରୁ ଶ୍ରୀ ପାଣ୍ଡିଆ ସମ୍ମାନିତ ହୋଇଥିଲେ। ଅନୁଷ୍ଠାନର ସଂପାଦକ ତଥା ରାଜ୍ୟ ନମୁନା ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ (ନଥା ଚାନ୍ଦୁଆ) ଶିଳ୍ପୀ କୃଷ୍ଣଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହିଳା ସୁରକ୍ଷା ସଚେତନତା ସଭା

ମାଲକାନଗିରି,୭।୯(ସମିସ): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ସ୍ଥିତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପୁଲିସ ବିଭାଗ ତରଫରୁ ମହିଳା ସୁରକ୍ଷା ଓ ଆତ୍ମହତ୍ୟାରୁ ନିବୃତ ରହିବା ଉଦ୍ଦେଧଶ୍ୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ପୋଲିସ ଅଧିକାରୀ ଅଜିତ ସିଂ ବରିହା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ମଙ୍ଗଳା ମାଡ୍ରୀ, ଲ୍ୟାମ୍ପ୍‌ସ ସଭାପତି ଗୋପୀ ପାଙ୍ଗୀ, ଫାଣ୍ଡି ଅଧିକାରୀ କୃଷ୍ଣଚନ୍ଦ୍ର ହିଆଲ, ସମାଜସେବୀ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଭଗବାନ ସାହୁ ଓ ସ୍ଥାନୀୟ ପିଇଓ ରେବତୀନାଥ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। 'ଆମ ପୋଲିସ' ର ଏଭଳି ସଚେତନତା କାର୍ଯ୍ୟକ୍ରମକୁ ଜନସାଧାରଣ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ କୁଡୁମୁଲୁଗୁମ୍ମା ଫାଣ୍ଡିର କନେଷ୍ଟବଳ ନେପାଳ ଚନ୍ଦ୍ର ସାହୁ, ଜୟସିଂହ ପୂଜାରୀ, ଗୃହରକ୍ଷୀ ସଭାପତି ଝୋଡିଆ, ବିରେନ୍ଦ୍ର କୁଆସୀ ଓ ରାମଚନ୍ଦ୍ର ମାଣ୍ଡି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ କରିଥିଲେ।

# ଆମିଷ ବଜାର ସ୍ଥାପନ ପାଇଁ ସ୍ଥାନ ନିରୂପଣ



କୁଡୁମୁଲୁଗୁମ୍ମା,୭।୯(ସମିସ): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ଗ୍ରାମ ପଞ୍ଚାୟତର ସରପଞ୍ଚ ମଙ୍ଗଳା ମାଡ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ରେବତୀନାଥ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ କବାଟ ବନ୍ଧ ନିକଟରେ ଥିବା ସରକାରୀ ଜାଗାରେ ଆମିଷ ବଜାର ପାଇଁ ସ୍ଥାନ ନିରୂପଣ କରାଯାଇଛି। ସବୁ ଆମିଷ ଦ୍ରବ୍ୟ ଗୋଟିଏ ଜାଗାରେ ଖୋଲିବା ପାଇଁ ଏଭଳି ନିଷ୍ପତ୍ତି ହୋଇଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀ ମାଝୀ କହିଛନ୍ତି। ସରପଞ୍ଚ ଶ୍ରୀ ମାଡ୍ରୀ କହିଛନ୍ତି ଯେ, ସେ ଯୁଦ୍ଧକାଳୀନ ଭିତ୍ତିରେ ଆମିଷ ବଜାର ସ୍ଥାପନ ପାଇଁ ପ୍ରାଥମିକତା ଦେବେ। ସେଠାରେ ୮ ଗୋଟି ମାର୍କେଟ ସେଡ୍ ନିର୍ମାଣ ସହ ଉକ୍ତ ସ୍ଥାନରେ ବିଜୁଳି ଓ ପାଣି ସହଯୋଗ ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି।

# ସାପକାମୁଡ଼ାରେ ମହିଳା ସରପଞ୍ଚଙ୍କ ମୃତ୍ୟୁ

ରାୟଗଡ଼ା,୭।୯(ସମିସ): ସାପକାମୁଡାରେ ରାୟଗଡ଼ା ସଦର ବ୍ଲକ କୁଲି ଗ୍ରାମ ପଞ୍ଚାୟତର ମହିଳା ସରପଞ୍ଚ ମାଙ୍ଗୀ କାଡ୍ରକାଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ ଗତକାଲି ବିଳମ୍ବିତ ରାତିରେ କୁଲି ପଞ୍ଚାୟତର ସରପଞ୍ଚ ମାଙ୍ଗି କାଡ୍ରାକ ନିଜ ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କ ଡାହାଣ ଗୋଡକୁ କାମୁଡିଥିଲା। ସ୍ୱାମୀ ସୁରୀ କାଡ୍ରାକା ତୁରନ୍ତ ଆମ୍ବୁଲାନ୍ସ ସାହାଯ୍ୟରେ ରାୟଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଣି ଭର୍ତି କରିଥିଲେ। କିନ୍ତୁ ତାଙ୍କର ପରଲୋକ ହୋଇଯାଇଥିଲା। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ରାୟଗଡ଼ ଜିଲ୍ଲା ସରପଞ୍ଚ ମହାସଂଘ ସଭାପତି ତାମାରାଓ ବିଡ଼ିକା, ବ୍ଲକ ଅଧକ୍ଷା, ଉପାଧକ୍ଷ ଓ ଅନ୍ୟ ବ୍ୟକ୍ତି ବିଶେଷମାନେ ସେଠାରେ ପହଞ୍ଚି ଶୋକ ପ୍ରକାଶ କରିଛନ୍ତି।

# ଦୁର୍ଗା ପୂଜା ପ୍ରସ୍ତୁତି ବୈଠକ

ନନ୍ଦପୁର,୭।୯(ସମିସ):ନନ୍ଦପୁର ସଦର ମହକୁମାର ଜଗତ ଜନନୀ ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ଦୁର୍ଗା ପୂଜା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂଜା ପରିଚାଳନା ନେଇ ଏକ କମିଟି ଗଠନ କରାଯାଇଛି। ପୂଜା ପରିଚାଳନା କମିଟିର ସଭାପତି ସୁନିଲ କୁମାର ସାହୁ, ସମ୍ପାଦକ ମହେଶ୍ୱର ସମାରଡି, କୋଷାଧକ୍ଷ ଭାବେ ଲୋକନାଥ ଖିଲ ମନୋନୀତ ହୋଇଥିବା ବେଳେ ଏହି କମିଟିରେ ୧୦ ସଦସ୍ୟ ରହିଛନ୍ତି। ସେମାନେ ହେଲେ ଶଙ୍କର ପାଙ୍ଗି, ପୂର୍ଣ୍ଣ ସମାରଡି, ମଦନ ଖିଲ, ରବୀନ୍ଦ୍ର ସମାରଡି, ଗଣେଶ ପାଙ୍ଗି, ରଘୁନାଥ ଗୁଣ୍ଟା, ଦିଲୀପ ପାଙ୍ଗି, ବଳରାମ ପାଙ୍ଗି, କେଶବ ସମାର ଡି ଲକ୍ଷ୍ମଣ ଗୁଣ୍ଟା ।

# ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଜଣେ ଗିରଫ



ବାଲିମେଳା/କୋରୁକୋଣ୍ଡା,୭।୯(ସମିସ): ବିବାହର ପ୍ରତିଶ୍ରୁତି ଦେଇ ଓର୍କେଲ ଥାନା ଅଧିନସ୍ଥ ଅଞ୍ଚଳର ଜଣେ ୧୯ ବର୍ଷୀୟ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ କୋରାପୁଟ ଜିଲ୍ଲା ବରିଗୁମା ଥାନା ଅଧିନସ୍ଥ ବିଜାପୁର ଗ୍ରାମର ବେଣୁଧର ହରିଜନଙ୍କ ପୁଅ ମୋହନ ହରିଜନ(୨୩)ଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ ପୀଡ଼ିତା କିଛି ମାସ ପୂର୍ବେ ବରିଗୁମା ଅଞ୍ଚଳରେ ଥିବା ତାଙ୍କର ଜଣେ ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସେଠାରେ ଏହି ଝିଅ ସହ ମୋହନର ସାକ୍ଷାତ ହୋଇଥିଲା। ଝିଅର ସରଳତାର ସୁଯୋଗ ନେଇ ତାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ସେ ଶାରୀରିକ ସମ୍ପର୍କ ରଖିଥିଲେ। ଏହାର କିଛିଦିନ ପରେ ଉକ୍ତ ଝିଅକୁ ବାହା ହେବା ପାଇଁ ମୋହନ ମନା କରିବା ସହିତ ତାଙ୍କର ଫୋନ ଆଉ ରିସିଭ କରିନଥିଲେ। ସେ ଗତ ମେ ମାସ ୧ ତାରିଖ ଦିନ ଓର୍କେଲ ଥାନାରେ ଦ୍ୱାରସ୍ଥ ହୋଇ ମୋହନଙ୍କ ବିରୁଦ୍ଧରେ ଏନେଇ ଲିଖିତ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ପୁଲିସ ପକ୍ଷରୁ ଥାନାରେ କେସ ନମ୍ବର -୧୩୨/୨୦୨୫ରେ ଦଫା ୬୯ ବିଏନ ଏସରେ ଏକ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ଯୁବକକୁ ଧରିବା ପାଇଁ ପୁଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି। ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଅଜିତ ସିଂ ବରିହାଙ୍କ ନେତୃତ୍ୱରେ ପୁଲିସର ସ୍ୱତନ୍ତ୍ର ଟିମ ଗତକାଲି ବିଜାପୁର ଗ୍ରାମରେ ପହଞ୍ଚି ମୋହନକୁ ତାଙ୍କ ଗ୍ରାମରୁ ଗିରଫ କରି ଥାନାକୁ ଆଣିଥିଲେ। ରବିବାର ସକାଳେ ତାଙ୍କୁ ପୁଲିସ ପକ୍ଷରୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଥାଉକି ପୂର୍ବରୁ ପୁଲିସ ପକ୍ଷରୁ ପୀଡିତା ଝିଅର ଡାକ୍ତରୀ ମାଇନା କରାଯିବା ସହ କୁଡୁମୁଲୁଗୁମ୍ମା କୋର୍ଟରେ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଯାଇ ତାଙ୍କର ବୟାନ ରେକର୍ଡ କରାଯାଇଥିଲା। ଏହି ଘଟଣାର ତଦନ୍ତ ଏସ୍‌ଆଇ ହରପ୍ରିୟା ଶବର ଜାରୀ ରଖିଥିବା ଥାନା ଅଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଛାତ୍ରୀଙ୍କ ସୁରକ୍ଷାକୁ ନେଇ ସଚେତନତା ଶିବିର

କାଶୀପୁର,୭।୯(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟ ପରିସରରେ କାଶୀପୁର ପୁଲିସ ତରଫରୁ ଛାତ୍ରୀ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାଶୀପୁର ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଛାତ୍ରୀସୁରକ୍ଷା ସଚେତନତା ଶିବିରରେ ଏସଆଇ ବିକାଶ ପଟେଲ, ଏସଆଇ ପ୍ରଶାନ୍ତ କୁମାର ସ୍ୱାଇଁ, ସଂଧ୍ୟାରାଣୀ ତିର୍କୀଙ୍କ ସହ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହିଥିଲେ। ଶିବିରରେ ଆଦର୍ଶ ବିଦ୍ୟାଳୟର ଛାତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ବିଦ୍ୟାଳୟର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟତ୍ରୀ ଧନ୍ୟବାଦ୍ ଦେଇଥିଲେ। ପୁଲିସର ଏଭଳି ସଚେତନତା କାର୍ଯ୍ୟକୁ ବୁଦ୍ଧିଜୀବି ମହଲରେ ପ୍ରଶଂସା କରାଯାଇଛି।

■ ବ୍ରିଜ୍ ତଳୁ ଦୋକାନ ହଟାଇବାକୁ ନିର୍ଦ୍ଦେଶ

# ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କଲେ ବ୍ୟବସାୟୀ



ରାୟଗଡ଼ା,୭।୯(ସମିସ): ରାୟଗଡ଼ା ସହରର ଫ୍ଲାଏ ଓଭରବ୍ରିଜର ଶୋଚନୀୟ ଅବସ୍ଥାରେ ସୁଧାର ଆଣିବା ପାଇଁ ମରାମତି କାର୍ଯ୍ୟ ଆରମ୍ଭ ହେବ। ଏହାର ତଳେ ଥିବା ବିଭିନ୍ନ ଉଠା ଦୋକାନୀଙ୍କୁ ଖାଲି କରିବା ପାଇଁ ରାୟଗଡ଼ା ପୌର ପରିଷଦକୁ ଚିଠି କରିଛି ଜାତୀୟ ରାଜପଥ ବିଭାଗ। ଉକ୍ତ ଚିଠିକୁ ଭିତ୍ତି କରି ଶନିବାର ପୌର ପରିଷଦ ନିର୍ବାହୀ ଅଧିକାରୀ କୁଲଦୀପ କୁମାରଙ୍କ ନେତୃତ୍ୱରେ ଏକ ଟିମ୍ ଫ୍ଲାଏ ଓଭର ବ୍ରିଜ ତଳେ ରହିଥିବା ଉଠା ଦୋକାନୀମାନଙ୍କୁ ନିଜର ଦୋକାନ ସ୍ଥାନାନ୍ତରିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩ଦିନ ମଧ୍ୟରେ ସମସ୍ତ ଦୋକାନ ଖାଲି କରି ଅନ୍ୟତ୍ର ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ଦୀର୍ଘ ବର୍ଷ ଧରି ଫ୍ଲାଏ ଓଭର ବ୍ରିଜ ତଳେ ଜୋତା ଦୋକାନ, ସାର ଦୋକାନ, ଲୁଗା ଦୋକାନ, ମୋବାଇଲ ଦୋକାନ ସମେତ ବିଭିନ୍ନ ପନିପରିବା ଦୋକାନ କରି ପରିବାର ଭରଣପୋଷଣ କରୁଥିବା ବ୍ୟବସାୟୀ ଅନ୍ୟତ୍ର ଜାଗା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସେମାନଙ୍କୁ ଥଇଥାନ ପାଇଁ ଜାଗା ନମିଳିଲେ ପରିବାର ଭରଣପୋଷଣ କିଭଳି କରିବେ ବୋଲି କହିଛନ୍ତି। ଏନେଇ ପୌର ନିର୍ବାହୀ ଅଧିକାରୀ କୁଲଦୀପ କୁମାରଙ୍କୁ ପଚାରିବାରୁ ଜାତୀୟ ରାଜପଥ ଫ୍ଲାଏ ଓଭରବ୍ରିଜ ମରାମତି କରାଯିବ। ତେଣୁ ଉକ୍ତ ଦୋକାନ ସବୁ ଖାଲି କରିବାକୁ ନିର୍ଦ୍ଦେଶ ରହିଛି ବୋଲି କହିଛନ୍ତି। ସେମାନଙ୍କ ଥଇଥାନ ନେଇ ଏଯାଏଁ କୌଣସି ନିର୍ଦ୍ଦେଶ ଆସିନଥିବା ଜଣାପଡ଼ିଛି।

# ପିଣ୍ଡାପଦର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍


କୋଲନରା,୭।୯(ସମିସ): ରାୟଗଡ଼ ଜିଲ୍ଲା କୋଲନରା ବ୍ଲକ୍ ପିଣ୍ଡା ପଦର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ମାତ୍ର ତିନି ଦିନ ଭିତରେ ଅଲଗା ଅଲଗା କାରଣ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଦୁଇଦୁଇ ଥର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସରକାରୀ କାର୍ଯ୍ୟରେ ଅବହେଳା ପାଇଁ ପ୍ରଥମ କାରଣ ଦର୍ଶାଅ ନୋଟିସ୍ ଚିଠି ସଂଖ୍ୟା ୫୩୦୫/୨୦୨୫ ତା ୦୩-୦୯-୨୦୨୫ରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଜାରି କରାଯାଇଥିଲା। କାରଣ ଦର୍ଶାଅ ନୋଟିସର ଜବାବ ଦାଖଲ ନକରିବା ଇତ୍ୟାଦି କାରଣରୁ ଜିଲ୍ଲା ଶିକ୍ଷା ବିଭାଗ ଚିଠି ସଂଖ୍ୟା ୫୪୦୪/୨୦୨୫ ତା ୦୬-୦୯-୨୦୨୫ରେ ଦ୍ୱିତୀୟ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ତାଙ୍କୁ ତିନି ଦିନ ମଧ୍ୟରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗତକାଲି ସରକାରୀ ଉଚ୍ଚ ବିଦ୍ୟାଳୟ, ପିଣ୍ଡା ପଦର ଠାରେ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହେଉଥିଲା। ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ ରାୟଗଡ଼ ପହଞ୍ଚିଥିଲେ। ବିଦ୍ୟାଳୟର ବିଭିନ୍ନ ଅବ୍ୟବସ୍ଥା ଦେଖି ସେ ସଙ୍ଗେ ସଙ୍ଗେ ଗୋଷ୍ଠୀ ଶିକ୍ଷା ଅଧିକାରୀ, କୋଲନରାଙ୍କୁ ପିଣ୍ଡାପଦର ଡକାଇବା ସହ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମସ୍ତ ନଥିପତ୍ର, ଶ୍ରେଣୀଗୃହ, ମଧ୍ୟାହ୍ନ ଭୋଜନ ଚାଉଳ ଓ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ସମସ୍ତ ଜିନିଷପତ୍ର ତଦାରଖ କରିଥିଲେ। ମଧ୍ୟାହ୍ନ ଭୋଜନ ଚାଉଳ ଅସୁରକ୍ଷିତ ଅବସ୍ଥାରେ ଥିବା ଓ ଶ୍ରେଣୀ ଗୃହ ଥାଉ ଥାଉ ବିପଦ ସଙ୍କୁଳ କୋଠାରେ ଶ୍ରେଣୀ ପରିଚାଳନା ହେଉଥିବା ଜାଣି ବିରକ୍ତି ପ୍ରକାଶ କରିଥିଲେ।

# ଗୁଡାରି ସରସ୍ୱତୀ ବିଦ୍ୟା ମନ୍ଦିରରେ ଗୁରୁ ଦିବସ



ଗୁଡାରୀ,୭।୯ (ସମିସ): ଗୁଡାରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗତ ଶୁକ୍ରବାର ଗୁରୁ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୁରୁ ଭାବେ ଗୋପୀନାଥ ଗୌଡ଼ ଏବଂ ନରସିଂହ ମିଶ୍ରଙ୍କୁ ବିଦ୍ୟାଳୟ ତରଫରୁ ନିମନ୍ତ୍ରଣ କରାଯାଇଥିଲା। ଅତିଥିଙ୍କୁ ପ୍ରଧାନ ଆଚାର୍ଯ୍ୟ ସମ୍ମାନିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟପରିସରରେକୁନିବିଜ୍ଞାନମେଳାରଆୟୋଜନକରାଯାଇଥିଲା। ଏଥିରେ ୪୬ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିଚାରକ ଭାବେ ପ୍ରଭାତ କୁମାର ପତି ଏବଂ ଲଳିତ ପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଶ୍ରୀ ସାହୁ ସହଯୋଗ କରିଥିବା ବେଳେ ଗୁରୁଜୀ ଗୁରୁମା ଧନ୍ୟବାଦ ଜଣାଇଥିଲେ.

# ଭୁଶୁଡ଼ିଲା କାନ୍ଥ, ଅଳ୍ପକେ ବର୍ତ୍ତିଲେ ପରିବାର



କଲ୍ୟାଣସିଂହପୁର,୭।୯(ସମିସ): ଲଗାଣ ବର୍ଷାରେ ଭୁଶୁଶୁଲା କାନ୍ଥ। ଅଳ୍ପକେ ବର୍ତ୍ତିଲେ ପରିବାର। କଲ୍ୟାଣସିଂହପୁର ବ୍ଲକ ନାରାୟଣପୁର ପଞ୍ଚାୟତର ବନ୍ଧୁଗୁଡା ଗ୍ରାମର ରମେଶ କୌଶଲ୍ୟାଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିଛି। ସୌଭାଗ୍ୟ ବଶତଃ ପରିବାର ଲୋକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ଆଜି ପ୍ରବଳ ବର୍ଷା ହୋଇଥିଲା। ଏହି ସମୟରେ ପରିବାର ଲୋକ ଘର ଭିତରେ ରହିଥିଲେ। ଲଗାଣ ବର୍ଷା ଯୋଗୁଁ ପୂର୍ବରୁ ଓଦା ହୋଇଥିବା ଘର କାନ୍ଥ ଭୁଶୁଡ଼ି ପଡ଼ିଥିଲା। କାନ୍ଥ ପଡ଼ିବା ସମୟରେ ଶବ୍ଦ ହେବାରୁ ପରିବାର ଲୋକ ଗୋଟିଏ କୋଣରେ ଚାପି ହୋଇ ରହିଥିଲେ। ତେବେ କାନ୍ଥ ଭୁଶୁଡ଼ି ପଡ଼ିବାରୁ ବର୍ଷା ପାଣିରେ ଘର ଭିତରେ ଥିବା ଖାଦ୍ୟ ସାମଗ୍ରୀ ଓ ଲୁଗାପଟା ବିଭିନ୍ ସାମଗ୍ରୀ ଭିଜି ନଷ୍ଟ ହୋଇଯାଇଥିଲା। ତୁରନ୍ତ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।

# ଭାଗବତ ଜନ୍ମ ଉତ୍ସବ ପାଳିତ

କୋଲନର, ୭।୯(ସମିସ): ଜଗନ୍ନାଥ ସଂସ୍କୃତି ପ୍ରଚାର ଓ ପ୍ରସାର କରିବା ପରିପ୍ରେକ୍ଷୀରେ ଆଜି ରାୟଗଡା ବ୍ଲକ ଅମଲାଭଟ୍ଟା ଛକ ନିକଟସ୍ଥ ଶ୍ରୀ ଶ୍ରୀ ଅନନ୍ତ ନାରାୟଣ ଜଗନ୍ନାଥ ମନ୍ଦିରରେ ମନ୍ଦିରର ଅଧିଷ୍ଠାତ୍ରୀ ସୁଶ୍ରୀ କ୍ରିଷ୍ଣା ସୁକାନ୍ତି ନାୟକଙ୍କ ତତ୍ତ୍ୱାବଧାନରେ ଭାଗବତ ଜନ୍ମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଭାଗବତ ଜନ୍ମ ଉତ୍ସବରେ ମନ୍ଦିର ପରିସରରେ ଭକ୍ତ ମାନେ ସମୂହ ଭାଗବତ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁଶ୍ରୀ ଜାନକୀ ଲତା ମହାପାତ୍ର, ଶାନ୍ତିଲତା ପାଣି, ବିଦ୍ୟାଧର ଦାସ, ଚିତ୍ତରଞ୍ଜନ ଜେନା, ଡେଜିନା ଜେନା, ପ୍ରଭାତ ବେହେରା, ବିଜୟ ଦୀକ୍ଷିତ, ସୁଷମା ବେହେରା, ରମାମଣୀ ନାୟକ, ପଙ୍କଜ ନାୟକ, ତିଳତମା ନାୟକ, ରାମ ନାରାୟଣ ସାହୁ ଏବଂ ମନ୍ଦିରର ସମସ୍ତ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ।

ଯାଇ ପାରିଲାନି ଗାଡ଼ି

# ଭାରରେ ବୋହିଲେ ୫ କିଲୋମିଟର

ମାଲକାନଗିରି/ମାଥିଲି,୭।୯(ସମିସ):



ମାଲକାନଗିରି ଜିଲ୍ଲାରେ ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁଁ ବୁହା ହେଲେ ରୋଗୀ। ରୋଗୀ ପାଇଁ ଦେବଦୂତ ସାଜିଲେ ସ୍ୱାସ୍ଥ୍ୟ ସୁପରଭାଇଜର। ପରିବାର ଲୋକଙ୍କ ସହ ସ୍ୱାସ୍ଥ୍ୟ ସୁପରଭାଇଜର ମିଶି ଦୁର୍ଗମ ଅଞ୍ଚଳରୁ ମହିଳା ରୋଗୀଙ୍କୁ ଭାରରେ ବୋହି ଆଣିଲେ ୫ କିଲୋମିଟର। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଦୁର୍ଗମ ତୁଳସୀ ଗାଁରୁ ଅସୁସ୍ଥ ଥିବା ମହିଳାଙ୍କୁ ରାସ୍ତା ଖରାପ ଯୋଗୁ ବୋହି ଆଣିଛନ୍ତି ସାଲିମି ସୁପରଭାଇଜର ହରେକୃଷ୍ଣ ପାତିକା। ତୁଳସୀ ଗାଁର ମଙ୍ଗଳଦେଇ ଦୁରୁଆ ଦୀର୍ଘଦିନରୁ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବାରୁ ଘରେ ରହିଥିଲେ। ବର୍ଷା ଯୋଗୁଁ ସ୍ୱାସ୍ଥ୍ୟକେନ୍ଦ୍ର ଆସିବା ସମ୍ଭବ ନ ଥିଲା। ତେବେ ହଠାତ୍ ଶରୀର ଅସୁସ୍ଥ ହେବାରୁ ଗ୍ରାମବାସୀ ଓ ପରିବାର ଲୋକେ ସ୍ୱାସ୍ଥ୍ୟ ସୁପରଭାଇଜର ଶ୍ରୀ ପାତିକା ମଙ୍ଗଳଦେଇଙ୍କୁ ଏକ ଭାର ଯୋଗେ ବୋହି ପକ୍କା ସଡ଼କ ଯାଏଁ ଆଣିଥିଲେ। ସେଠାରୁ ସ୍ୱାସ୍ଥ୍ୟ ବିଭାଗର ଗାଡି ସହାୟତାରେ ମାଥିଲି ସବ୍‌ଡିଭିଜନ ମେଡିକାଲକୁ ଆଣି ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ମାଲକାନଗିରି ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ମିଳିଛି।

# ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମ ଉଦ୍‌ଯାପିତ




ନବରଙ୍ଗପୁର, ୭।୯(ସମିସ): ଆଦି କର୍ମଯୋଗୀ ଅଭିଯାନ ଅଧିନରେ ତ୍ରି-ଦିବସୀୟ ଆବାସିକ ଜିଲ୍ଲା ପ୍ରକ୍ରିୟା ପ୍ରୟୋଗଶାଳା ସମ୍ପୂର୍ଣ୍ଣ ହୋଇଯାଇଛି। ଅନ୍ତିମ ଦିବସରେ ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଉପସ୍ଥିତ ରହି ସମସ୍ତ ବ୍ଲକ ପ୍ରମୁଖ ପ୍ରଶିକ୍ଷକ ତଥା ସମସ୍ତ ଆଦି-କର୍ମଯୋଗୀ ମାନଙ୍କୁ ସେବା, ସମର୍ପଣ ଓ ସଂକଳ୍ପ ସହିତ ଆମ ସମାଜର ଅଭିନ୍ନ ଅଙ୍ଗ ଆଦିବାସୀ ସମ୍ପ୍ରଦାୟର ଐତିହ୍ୟ ଓ ମର୍ଯ୍ୟାଦାର ସୁରକ୍ଷା, ନ୍ୟାୟ, ସମାନତା ଓ ଏକତାକୁ ପ୍ରୋତ୍ସାହନ ଦେଇ ଜୀବନବ୍ୟାପୀ ଶିକ୍ଷାର୍ଥୀ ଭାବେ ନିଜର କର୍ତ୍ତବ୍ୟ ସାବ୍ୟସ୍ତ ପାଇଁ ଏହି ମାର୍ଗକୁ ଅଙ୍ଗୀକାର କରିବାରେ ଦୃଢ଼ ପ୍ରତିବଦ୍ଧତା ବ୍ୟକ୍ତ କରିବାକୁ ସାମୂହିକ ପ୍ରତିଜ୍ଞା ପାଠ କରାଇଥିଲେ। ଆସନ୍ତା ୧୦ ତାରିଖ ମଧ୍ୟରେ ବ୍ଲକସ୍ତରୀୟ ଅଧିକାରୀମାନଙ୍କ ନିମନ୍ତେ ପ୍ରତ୍ୟେକ ବ୍ଲକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନେତୃତ୍ୱରେ ଦ୍ୱି-ଦିବସୀୟ ବ୍ଲକ ପ୍ରକ୍ରିୟା ପ୍ରୟୋଗଶାଳା ଅନୁଷ୍ଠିତ ହେବ। ସାପ୍ତାହିକ ପ୍ରତି ସୋମବାର "ଆଦି ସେବା ସମୟ", ପୂର୍ବାହ୍ନ ୧୧:୦୦ ରୁ ଅପରାହ୍ନ ୨:୦୦, ବିଭାଗ ଯୋଗାଯୋଗ ଏବଂ ନାଗରିକ ସନ୍ଦେହମୋଚନ ଉଦ୍ଦେଶ୍ୟରେ ଏବଂ ମାସିକ ଚତୁର୍ଥ ଶନିବାର "ଜନ ସମ୍ବାଦ" ଦିନ ପୂର୍ବାହ୍ନ ୧୧:୦୦ ରୁ ଅପରାହ୍ନ ୩:୦୦, ଅଭିଯୋଗ ସମୀକ୍ଷା, ଯୋଜନା ପ୍ରଦାନ, ଏବଂ ଗୋଷ୍ଠୀ ଆଲୋଚନା ଉଦ୍ଦେଶ୍ୟରେ ଅଭିଯାନର ପରିକଳ୍ପନା ବିଷୟରେ ଆଲୋଚନା କରାଯାଇଥିଲା।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୫ ● ପାଉଣ୍ଡ ୧୧୯.୨୫
- ୟୁରୋ ୧୦୩.୬୮ ● ୟେନ୍ ୦.୫୯

### ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୯,୪୫୦ (ନୂଆଦିଲ୍ଲୀ)
- ରୁପା : ୧,୨୮,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୭୧୦.୦୦
- ନିଫ୍ଟି ୨୪,୭୪୧.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଡା. ଶକ୍ତିପ୍ରସାଦ ଦାସଙ୍କୁ ଆନ୍ତର୍ଜାତିକ ସମ୍ମାନ



ଭୁବନେଶ୍ୱର,୭।୯ (ସମିସ): ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ଓଲଟପୁରସ୍ଥିତ 'ନିର୍‌ତାର'ର ପୂର୍ବତନ ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସ, ବିଶ୍ୱର ସର୍ବବୃହତ୍ତ ଅସ୍ଥିଶଲ୍ୟ ସଂଘ 'ସିକଟ୍' ଦ୍ୱାରା ଶ୍ରେଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଭାବେ ସମ୍ମାନିତ ହୋଇଛନ୍ତି। ବିଶେଷକରି ଶିଶୁ ଅସ୍ଥିଶଲ୍ୟ ଚିକିତ୍ସା କ୍ଷେତ୍ରରେ ତାଙ୍କ ବିଶେଷ ଅବଦାନର ସ୍ୱୀକୃତି ସ୍ୱରୂପ ତାଙ୍କୁ ଏହି ସମ୍ମାନ ସ୍ପେନ୍‌ର ରାଜଧାନୀ ମାଦ୍ରିଦ୍ ଠାରେ ଆୟୋଜିତ ଚଳିତ ବର୍ଷର ବାର୍ଷିକ ସମ୍ମିଳନୀ ଅବସରରେ ପ୍ରଦାନ କରାଯାଇଛି। ଜନ୍ମଗତ ବିକଳାଙ୍ଗ ଥିବା ଶିଶୁମାନଙ୍କର (ଯେଉଁମାନଙ୍କର ହାତ ନ ଥାଏ) କିଭଳି ଭାବରେ ଏକ ସ୍ୱତନ୍ତ୍ର ଚିକିତ୍ସା ପଦ୍ଧତି ମାଧ୍ୟମରେ ସଫଳ ଚିକିତ୍ସା କରାଯାଇ କାର୍ଯ୍ୟକ୍ଷମ ହୋଇ ପାରୁଥିବା ଏକ ନୂତନ ପଦ୍ଧତି ଉପରେ ତାଙ୍କର ଗବେଷଣାଲବ୍ଧ ତଥ୍ୟ ସମ୍ବଳିତ ସନ୍ଦର୍ଭଟି ଉଚ୍ଚ ପ୍ରଶଂସିତ ହେବା ସହିତ ଗତ ୫ ତାରିଖରେ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ 'ସିକଟ୍'ର ସଭାପତି ଇଂଲଣ୍ଡର ଡା. ବିକାଶ ଖଣ୍ଡୁଜା ଓ ସମ୍ପାଦକ ମାର୍କ ପାଟରସନ୍ ଡା. ଦାସଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ।

## ଆମେରିକାରେ ଅବୈଧ ପ୍ରବାସୀଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ

# ହ୍ୟୁଣ୍ଡାଇ , ଏଲ୍‌ଜି ବ୍ୟାଟେରୀ ପ୍ଲାଣ୍ଟରେ ଚଢ଼ଉ

ୱାଶିଂଟନ୍,୭।୯ (ଏଜେନ୍ସି)

ଆମେରିକାରେ ଅବୈଧ ପ୍ରବାସୀଙ୍କ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ଏଥିରେ ଆମେରିକାର ଆପ୍ରବାସନ ଅଧିକାରୀମାନେ ଜର୍ଜିଆରେ ଏକ ହ୍ୟୁଣ୍ଡାଇ ଏବଂ ଏଲ୍‌ଜି ବ୍ୟାଟେରୀ ପ୍ଲାଣ୍ଟରେ ଚଢାଉ କରିଛନ୍ତି। ଏହି ଚଢାଉରେ କାରଖାନାରୁ ୪୭୫ରୁ ଅଧିକ ଦକ୍ଷିଣ କୋରିଆ ନାଗରିକ ଓ କର୍ମଚାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ହାତକଡି ଏବଂ ଶିକୁଳିରେ ବନ୍ଧାଯାଇଛି। ଏହି ଘଟଣାରେ ଦକ୍ଷିଣ କୋରିଆ ଏହି ଚିନ୍ତା ପ୍ରକଟ ସହ ଦୁଃଖ ପ୍ରକାଶ କରିଛି। ସିଓଲ ଆମେରିକା ସରକାରଙ୍କୁ ଏହାର ନାଗରିକଙ୍କ ଅଧିକାରକୁ ସମ୍ମାନ ଦେବାକୁ ନିବେଦନ କରିଛି। ଆମେରିକୀୟ ଅଧିକାରୀମାନେ କହିଛନ୍ତି ଯେ ଏହି ଲୋକମାନେ ବେଆଇନ ଭାବରେ କାମ କରୁଥିଲେ। ବିବିସି ରିପୋର୍ଟ ଅନୁଯାୟୀ, ଘଟଣା ପରେ ଦକ୍ଷିଣ କୋରିଆ ସରକାର ଏକ ଜରୁରୀ ବୈଠକ ଡାକିଛନ୍ତି। ଘଟଣା ପରେ ସିଓଲ ଏହାର କୂଟନୀତିଜ୍ଞଙ୍କୁ ଜର୍ଜିଆ ପଠାଇଥିବାବେଳେ ଏଲ୍‌ଜି ଏନର୍ଜି ସଲ୍ୟୁସନ ଆମେରିକାକୁ ଅଧିକାଂଶ ବ୍ୟବସାୟିକ ଯାତ୍ରାକୁ ଅସ୍ଥାୟୀ ଭାବରେ ବନ୍ଦ କରିଦେଇଛି।

ରଏଟର୍ସ ଅନୁଯାୟୀ, ଅବୈଧ ପ୍ରବାସୀଙ୍କୁ ବିଦା କରିବାର ଏହି କାର୍ଯ୍ୟରେ ହେଲିକପ୍ଟର ଏବଂ ସଶସ୍ତ୍ର ଯାନଗୁଡିକ ମଧ୍ୟ ନିୟୋଜିତ କରାଯାଇଥିଲା। ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜାଏ ମ୍ୟୁଙ୍ଗ ଏ ବିଷୟରେ ଚିନ୍ତା ପ୍ରକାଶ କରିଛନ୍ତି ଏବଂ ସମସ୍ତ ମନ୍ତ୍ରଣାଳୟକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହି ସମୟରେ ବୈଦେଶିକ ମନ୍ତ୍ରୀ ଚୋ ହ୍ୟୁନ କହିଛନ୍ତି ଯେ ସରକାର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି ଏବଂ ଆବଶ୍ୟକ ହେଲେ ସେମାନେ ୱାଶିଂଟନ ଯାଇ ଆମେରିକୀୟ ଅଧିକାରୀମାନଙ୍କୁ ଭେଟିବେ।

- ୪୭୫ରୁ ଅଧିକ ଦକ୍ଷିଣ କୋରିଆ ନାଗରିକ ଓ କର୍ମଚାରୀ ଗିରଫ
- ହାତକଡି ଏବଂ ଶିକୁଳରେ ବନ୍ଧାଯାଇଛି
- ଘଟଣାରେ ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କ ଚିନ୍ତା ପ୍ରକଟ




ଏହି ଗିରଫଦାରୀ ମାମଲାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଠୋର ଇମିଗ୍ରେସନ ନୀତିର ଏକ ଅଂଶ ଭାବରେ ବର୍ଣ୍ଣନା କରାଯାଉଛି। ଭିଡିଓ ଫୁଟେଜରେ ଦେଖାଯାଇଛି ଯେ ଅନେକ ଶ୍ରମିକଙ୍କୁ ହ୍ୟାଣ୍ଡକପ୍ ଏବଂ ଶିକୁଳିରେ ବସ୍‌ରେ ନିଆଯାଇଥିଲା, ସେମାନଙ୍କ ମଧ୍ୟରୁ କିଛିଙ୍କ ପୋଷାକରେ ହ୍ୟାଣ୍ଡକପ୍ ଏବଂ ଏଲ୍‌ଜି ସିଏନ୍‌ଏସ୍ ଭଳି ନାମ ମଧ୍ୟ ଲେଖାଯାଇଥିଲା। ଏହି ଚଢାଉକୁ ଆମେରିକା ଗୃହ ସୁରକ୍ଷା ବିଭାଗର ଇତିହାସରେ ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠାନ ଭାବରେ ବର୍ଣ୍ଣନା କରାଯାଉଛି। ଏହି ଘଟଣା ବାଣିଜ୍ୟ ଚୁକ୍ତିକୁ ନେଇ ଆମେରିକା ଏବଂ ଦକ୍ଷିଣ କୋରିଆ ମଧ୍ୟରେ ପୂର୍ବରୁ ଚାଲିଥିବା ଉତ୍ତେଜନାକୁ ଆହୁରି ବୃଦ୍ଧି କରିପାରେ।

ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ଏହି କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରି କହିଛନ୍ତି ଯେ ସେମାନେ ଅବୈଧ ପ୍ରବାସୀ ଏବଂ ଆଇସିଇ (ଇମିଗ୍ରେସନ୍ ଏବଂ କଷ୍ଟମ୍ସ ଏନଫୋର୍ସମେଣ୍ଟ) ଏହାର କାମ କରିଛି। ଆଇସିଇ ଦ୍ୱାରା ଜାରି କରାଯାଇଥିବା ଭିଡିଓରେ ଅନେକ ଏସୀୟ ଶ୍ରମିକଙ୍କୁ ହ୍ୟାଣ୍ଡକପ୍ ଏବଂ ଶିକୁଳିରେ ବନ୍ଧା ହୋଇଥିବା ଦେଖାଯାଇଥିଲା। ଆମେରିକୀୟ ଏଜେନ୍ସି କହିଛି ଯେ ସ୍ୱଳ୍ପକାଳୀନ କିମ୍ବା ପର୍ଯ୍ୟଟନ ଭିସାରେ ଆସୁଥିବା ଲୋକମାନେ କାମ କରିବାକୁ ଯୋଗ୍ୟ ନୁହଁନ୍ତି ଏବଂ ଆମେରିକୀୟ ଚାକିରିକୁ ସୁରକ୍ଷା ଦେବା ପାଇଁ ଏପରି କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ହୋମଲ୍ୟାଣ୍ଡ ସିକ୍ୟୁରିଟି ଇନଭେଷ୍ଟିଗେସନ୍ (ଏଚ୍‌ଏସ୍‌ଆଇ) କହିଛି ଯେ ଏହି ଚଢାଉ ଏକ ସ୍ପଷ୍ଟ ବାର୍ତ୍ତା ଯେ ଯେଉଁମାନେ ବ୍ୟବସ୍ଥାର ଅପବ୍ୟବହାର କରୁଛନ୍ତି ସେମାନଙ୍କୁ ଛଡ଼ାଯିବନାହିଁ।

# ଟ୍ରମ୍ପ୍ ଟାରିଫ୍‌କୁ ନେଇ ଆମେରିକାରେ ହୋ ହଲ୍ଲା

ନୂଆଦିଲ୍ଲୀ,୭।୯ (ଏଜେନ୍ସି): ଭାରତ ଏବଂ ରୁଷ ମଧ୍ୟରେ ତୈଳ କାରବାର ଯୋଗୁଁ ଆମେରିକା ସମସ୍ୟାର ସମ୍ମୁଖୀନ ହେଉଛି। ହେଲେ ଭାରତ ଉପରେ ଏହି ଟାରିଫ୍ ଲାଗୁ ବିରୋଧରେ ଆମେରିକାରେ ମଧ୍ୟ ହୋ ହଲ୍ଲା ଆରମ୍ଭ ହୋଇଯାଇଛି। ଭାରତ ଉପରେ ଭାରୀ ଶୁଳ୍କ ଲାଗୁ କରିବା ସତ୍ତ୍ୱେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିକଟତମ ଲୋକମାନେ ଭାରତ ବିରୁଦ୍ଧରେ ନିରନ୍ତର ନକାରାତ୍ମକ ବୟାନ ଦେଉଛନ୍ତି। ବର୍ତ୍ତମାନ ଟ୍ରମ୍ପଙ୍କ ବାଣିଜ୍ୟ ଏବଂ ଉତ୍ପାଦନ ବ୍ୟାପାର ପରାମର୍ଶଦାତା ପିଟର ନାଭାରୋ ଏବଂ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କଙ୍କ ମଧ୍ୟରେ ଭାରତକୁ ନେଇ ସମ୍ପର୍କରେ ସୋସିଆଲ ମିଡିଆରେ ବିବାଦ ଚାଲିଛି। ଏହି ଲଢ଼େଇ ଆରମ୍ଭ ହୋଇଥିଲା ଯେତେବେଳେ ମସ୍କଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଭାରତ ରୁଷରୁ ତେଲ

## ପିଟର ନବାରୋ-ମସ୍କ ମୁହାଁମୁହିଁ

କିଣିବା ବିଷୟରେ ଏକ ପୋଷ୍ଟ ଆସିଥିଲା, ଯାହାକୁ ନାଭାରୋ ଭୁଲ ବୋଲି କହିଥିଲେ। ନାଭାରୋଙ୍କୁ ଟ୍ରମ୍ପଙ୍କ ଗୁରୁ ମଧ୍ୟ କୁହାଯାଏ, ଯେତେବେଳେ ମସ୍କଙ୍କୁ ଥରେ ଟ୍ରମ୍ପଙ୍କ ନିକଟତର ବୋଲି ବିବେଚନା କରାଯାଉଥିଲା। ତଥାପି, ଏବେ ମସ୍କ ଏବଂ ଟ୍ରମ୍ପଙ୍କ ମଧ୍ୟରେ ଦୂରତା ବଢ଼ିଯାଇଛି।

।ୱାଶିଂଟନ୍ ପୋଷ୍ଟରେ ଟ୍ରମ୍ପ୍ ପ୍ରଶାସନର ଭାରତ ନୀତିରେ ଥିବା ବିରୋଧାଭାସ ଉପରେ ଆଲୋଚନା କରାଯାଇଥିବା ଏକ ଲେଖା ପ୍ରକାଶିତ ହେବା ପରେ ବିବାଦ ଆରମ୍ଭ ହୋଇଥିଲା। ସେହି ଲେଖାର ଜବାବରେ, ପିଟର ନାଭାରୋ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟ କରିଥିଲେ ଏବଂ ରୁଷରୁ ତେଲ କିଣି ଆମେରିକୀୟ ଚାକିରିକୁ କ୍ଷତି ପହଞ୍ଚାଉଥିବା ଅଭିଯୋଗ କରିଥିଲେ। ନାଭାରୋ ଦାବି କରିଥିଲେ ଯେ ଭାରତ ଏବେ ରୁଷର ତୈଳ ବିଶୋଧନ କେନ୍ଦ୍ର ପାଲଟିଛି ଏବଂ ଏହା ଏକ ପ୍ରକାରର 'ତେଲ ମନି ଲଣ୍ଡରିଂ'। ସେ କହିଛନ୍ତି ଯେ ୟୁକ୍ରେନ ଉପରେ ଆକ୍ରମଣ ପୂର୍ବରୁ ଭାରତ ରୁଷରୁ ତେଲ କିଣୁ ନ ଥିଲା, କିନ୍ତୁ ବର୍ତ୍ତମାନ ଏହା କେବଳ ଲାଭ ପାଇଁ ଏପରି କରୁଛି। ଅପରପକ୍ଷେ 'ଏକ୍ସ' ନାଭାରୋଙ୍କ ପୋଷ୍ଟ ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି। କମ୍ପାନୀ ଦ୍ୱାରା ଜାରି ବିବୃତ୍ତିରେ କୁହାଯାଇଛି ଯେ ଭାରତ ଦ୍ୱାରା ରୁଷରୁ ତେଲ କ୍ରୟ କୌଣସି ପ୍ରତିବନ୍ଧକର ଉଲ୍ଲଂଘନ ନୁହେଁ କିମ୍ବା ଏହା କେବଳ ଲାଭ ପାଇଁ ନୁହେଁ। ଏହା ଏହାର ଶକ୍ତି ସୁରକ୍ଷା ସହିତ ଜଡିତ ଏକ ଆବଶ୍ୟକୀୟ ନିଷ୍ପତ୍ତି। 'ଏକ୍ସ'ଏହା ମଧ୍ୟ କହିଛି ଯେ ସେବା କ୍ଷେତ୍ରରେ ଭାରତ ସହିତ ଆମେରିକାର ବାଣିଜ୍ୟ ବଳକା ଅଛି ଏବଂ ଆମେରିକା ନିଜେ ମଧ୍ୟ ରୁଷରୁ କିଛି ସାମଗ୍ରୀ ଆମଦାନୀ କରେ, ଯାହାକୁ ଅଣଦେଖା କରାଯାଇପାରିବନାହିଁ।

ପିଟର ନାଭାରୋଙ୍କୁ ଟ୍ରମ୍ପଙ୍କ 'ଡାହାଣ ହାତ' ବୋଲି ବିବେଚନା କରାଯାଏ, ଯେତେବେଳେ କି ମସ୍କଙ୍କୁ ଏକ ସମୟରେ ଟ୍ରମ୍ପଙ୍କ ନିକଟତର



ବୋଲି ବିବେଚନା କରାଯାଉଥିଲା। କିନ୍ତୁ ଏବେ ଉଭୟଙ୍କ ପଥ ଅଲଗା ହୋଇଯାଇଛି। ନାଭାରୋ ଭାରତର ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇ ସେ କହିଥିଲେ, ଭାରତ କେବଳ ଲାଭ ପାଇଁ ରୁଷଠାରୁ ତେଲ କିଣୁଛି। ୟୁକ୍ରେନୀୟ ଲୋକଙ୍କ ହତ୍ୟା ବନ୍ଦ ହେବା ଉଚିତ ଏବଂ ଆମେରିକୀୟ ଚାକିରି ଚୋରି ମଧ୍ୟ ବନ୍ଦ ହେବା ଉଚିତ। ଗତ ଦୁଇ ଦଶନ୍ଧିରେ ଭାରତ ଏବଂ ଆମେରିକା ମଧ୍ୟରେ ରଣନୈତିକ ଏବଂ ଆର୍ଥିକ ସହଯୋଗ ଦୃଢ଼ ରହିଛି, କିନ୍ତୁ ସାମ୍ପ୍ରତିକ ସମୟରେ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନାରେ ଏକ ଅଚଳାବସ୍ଥା ଦେଖାଦେଇଛି। ଏହି କାରଣରୁ ଭାରତ ବିଷୟରେ ଆମେରିକାରୁ କଡ଼ା ମନ୍ତବ୍ୟ ଶୁଣାଯାଉଛି। ଡୋନାଲ୍ଡ ଟ୍ରମ୍ପ୍ ପୂର୍ବରୁ ମଧ୍ୟ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ବିଷୟରେ କଥା ହୋଇଥିଲେ। ସେହି ସମୟରେ ଟ୍ରମ୍ପ୍ ଏହା ମଧ୍ୟ ଦାବି କରିଥିଲେ ଯେ ସେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନାକୁ ସମାପ୍ତ କରିଛନ୍ତି, ଯାହାକୁ ଭାରତ ପ୍ରତ୍ୟାଖ୍ୟାନ କରିଛି। ଏହା ବ୍ୟତୀତ ଭାରତ ନାଭାରୋଙ୍କ ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛି ଏବଂ ସେଗୁଡ଼ିକୁ 'ମିଥ୍ୟା ଏବଂ ଭ୍ରାମକ' ବୋଲି କହିଛି।

# ୨୩ ବର୍ଷରେ ପ୍ରଥମ ଥର ; ଆମେରିକାକୁ ଭାରତୀୟଙ୍କ ଯାତ୍ରାରେ ବଡ଼ ହ୍ରାସ

ନୂଆଦିଲ୍ଲୀ,୭।୯ (ଏଜେନ୍ସି): ଆମେରିକା ସହିତ ଉତ୍ତେଜନା ମଧ୍ୟରେ ଭାରତୀୟଙ୍କ ମନୋଭାବରେ ଏକ ବଡ଼ ପରିବର୍ତ୍ତନ ଦେଖାଯାଇଛି। ଦିନ ଥିଲା ଯେତେବେଳେ ଭାରତୀୟମାନଙ୍କର ଆମେରିକା ଯିବା ଏକ ସ୍ୱପ୍ନ ଥିଲା। କିନ୍ତୁ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅବାନ୍ତର ବାଣିଜ୍ୟ

ନୀତି ସବୁକିଛି ପଥଚ୍ୟୁତ କରିଦେଇଛି। ୨୦୦୧ ପରେ ପ୍ରଥମ ଥର ପାଇଁ ଭାରତରୁ ଆମେରିକା ଯାଉଥିବା ଲୋକଙ୍କ ସଂଖ୍ୟା ହ୍ରାସ ପାଇଛି। କରୋନା ମହାମାରୀ ବର୍ଷଗୁଡ଼ିକୁ ଛାଡିଦେଲେ, ଆମେରିକା ଯାଉଥିବା ଭାରତୀୟଙ୍କ ସଂଖ୍ୟାରେ ଏହି ହ୍ରାସ ଏକ ବଡ଼ ସଙ୍କେତ। ଏହା ଆମେରିକାର ଦ୍ରୁତ ବୃଦ୍ଧି ପାଉଥିବା ଟ୍ରାଭେଲ୍ ବଜାରରେ ମାନ୍ଦାବସ୍ଥାର ଏକ ସଙ୍କେତ କୁହାଯାଇପାରେ। ଆମେରିକା ବାଣିଜ୍ୟ ବିଭାଗର ଜାତୀୟ ଯାତ୍ରା ଏବଂ ପର୍ଯ୍ୟଟନ କାର୍ଯ୍ୟାଳୟ (ଏନ୍‌ଟିଟିଓ) ଅନୁଯାୟୀ, ୨୦୨୫ ଜୁନରେ କେବଳ ୨.୧ ଲକ୍ଷ ଭାରତୀୟ ଆମେରିକା ଯାଇଥିଲେ। ଏହି ସଂଖ୍ୟା ୨୦୨୪ ଜୁନରେ ୨.୩ ଲକ୍ଷ ଅପେକ୍ଷା ୮% କମ୍। ପ୍ରାରମ୍ଭିକ ତଥ୍ୟ ଦର୍ଶାଉଛି ଯେ ଜୁଲାଇରେ ମଧ୍ୟ ସମାନ ଧାରା ଜାରି ରହିଥିଲା। ଏହା ବର୍ଷସାରା ୫.୫% ହ୍ରାସ ପାଇଛି। ୨୦୦୧ ପରେ ଏହା ପ୍ରଥମ ଥର ଯେତେବେଳେ କି ଭାରତୀୟ ଯାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇଛି। କରୋନା ମହାମାରୀ ବର୍ଷଗୁଡ଼ିକୁ ଏହାର ବ୍ୟତିକ୍ରମ ଭାବେ ଧରାଯାଇପାରେ। ଆନ୍ତର୍ଜାତୀୟ ଯାତ୍ରୀଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇଛି।

ଏନ୍‌ଟିଟିଓ ଏହା ମଧ୍ୟ କହିଛି ଯେ ଜୁନ୍ ମାସରେ ଆନ୍ତର୍ଜାତୀୟ ଯାତ୍ରୀଙ୍କ ସଂଖ୍ୟା ମୋଟ ୬.୨% ହ୍ରାସ ପାଇଛି। ଏଥିରେ ମେ' ମାସରେ ୭%, ମାର୍ଚ୍ଚରେ ୮% ଏବଂ ଫେବୃଆରୀରେ ୧.୯% ହ୍ରାସ ପାଇଛି। କେବଳ ଜାନୁଆରୀ ଏବଂ ଏପ୍ରିଲରେ ଏହା ସାମାନ୍ୟ ବୃଦ୍ଧି ହୋଇଥିଲା। ଆମେରିକା ଆସୁଥିବା ଆନ୍ତର୍ଜାତୀୟ ଯାତ୍ରୀଙ୍କ ସଂଖ୍ୟାରେ ଭାରତ ଚତୁର୍ଥ ସ୍ଥାନରେ ରହିଛି। କାନାଡା ପ୍ରଥମ ସ୍ଥାନରେ, ମେକ୍ସିକୋ ଦ୍ୱିତୀୟରେ ଏବଂ ବ୍ରିଟେନ ତୃତୀୟରେ ଅଛି। ଅଣ-ସୀମାବର୍ତ୍ତୀ ଦେଶମାନଙ୍କ ମଧ୍ୟରେ ଭାରତ ଦ୍ୱିତୀୟ ସ୍ଥାନରେ। ବ୍ରିଟେନ ପ୍ରଥମ ସ୍ଥାନରେ ଏବଂ ବ୍ରାଜିଲ ତୃତୀୟରେ ଅଛି। ଜୁନ୍ ମାସରେ ଏହି ୫ଟି ଦେଶରୁ ଆମେରିକା ଆସୁଥିବା ଯାତ୍ରୀଙ୍କ ସଂଖ୍ୟା ପ୍ରାୟ ୬୦% ଥିଲା। ଆମେରିକା ପରିଦର୍ଶନ କରୁଥିବା ଭାରତୀୟମାନେ

## ଆମେରିକାର ଯାଦୁ ଶେଷ!




ସାଧାରଣତଃ ଛାତ୍ର, ବୃତ୍ତିଗତ ଏବଂ ପରିବାରକୁ ଭେଟିବାକୁ ଯାଉଥିବା ଲୋକ। ସେମାନେ ବିଶେଷକରି ଭ୍ରମଣ ପାଇଁ ଯାଆନ୍ତିନାହିଁ। ଅଧିକାରୀମାନେ କହିଛନ୍ତି ଯେ ଚଳିତବର୍ଷ ଛାତ୍ରଙ୍କ ସଂଖ୍ୟା ସବୁଠାରୁ ଅଧିକ ହ୍ରାସ ପାଇଛି। ଯଦି ଭିସା ପାଇବାରେ ସମସ୍ୟା ଜାରି ରୁହେ, ତେବେ ବ୍ୟବସାୟ ପାଇଁ ଏବଂ ପରିବାରକୁ ଭେଟିବା ପାଇଁ ଯାଉଥିବା ଲୋକଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇପାରେ। ଆମେରିକାରେ ୫୦ ଲକ୍ଷରୁ ଅଧିକ ଭାରତୀୟଙ୍କ ଏକ ଦୃଢ଼ ସମ୍ପ୍ରଦାୟ ଅଛି। ଏହି କାରଣରୁ ସେଠାରେ ଲୋକଙ୍କର ନିରନ୍ତର ଗତିବିଧି ଚାଲିଛି। କିନ୍ତୁ, ଚଳିତ ବର୍ଷ ଜୁନ୍ ମାସରେ ଭାରତରୁ ଆସୁଥିବା ଲୋକଙ୍କ ସଂଖ୍ୟାରେ ବୃଦ୍ଧିର ୨୩ ବର୍ଷ ଧରି ଚାଲିଥିବା ଧାରା ଭାଙ୍ଗିଯାଇଛି।

ଆମେରିକା ବଦଳରେ ୟୁଏଇ, ସାଉଦି ଆରବ, ଥାଇଲ୍ୟାଣ୍ଡ, ସିଙ୍ଗାପୁର ଅଧିକ ପସନ୍ଦ

୨୦୨୫ ଏପ୍ରିଲ ଭାରତୀୟ ପର୍ଯ୍ୟଟକଙ୍କ ପାଇଁ ବିଦେଶ ଯାତ୍ରା ପାଇଁ ଏକ ଭଲ ମାସ ଥିଲା। ଏହି ସମୟ ମଧ୍ୟରେ ୨୯ ଲକ୍ଷ ଲୋକ ବିଦେଶ ଯାଇଥିଲେ। ଅଧିକାଂଶ ଲୋକ ୟୁଏଇ, ସାଉଦି ଆରବ, ଥାଇଲ୍ୟାଣ୍ଡ, ସିଙ୍ଗାପୁର ଏବଂ ତା'ପରେ ଆମେରିକା ଯାଇଥିଲେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନୋଭାବ ଯୋଗୁଁ ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ଖରାପ ହୋଇଛି। ତାଙ୍କର ସମଗ୍ର ପ୍ରଶାସନ ଭାରତକୁ ଟାର୍ଗେଟ କରିଛି। ଏହା ଭାରତୀୟମାନଙ୍କୁ ଆମେରିକା ପ୍ରତି ମୋହ ଭଙ୍ଗ କରିଛି। ପର୍ଯ୍ୟଟନ ଯେକୌଣସି ଦେଶର ଅର୍ଥନୀତି ପାଇଁ

## ଚଳିତବର୍ଷ ଭାରତୀୟ ଛାତ୍ରଙ୍କ ଆମେରିକା ଗସ୍ତରେ ବଡ଼ ହ୍ରାସ

ଗୁରୁତ୍ୱପୂର୍ଣ୍ଣ। ଭାରତ ମଧ୍ୟ ଏଥିରୁ ଅସ୍ପୃଶ୍ୟ ନୁହେଁ। ନୀତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତଙ୍କ ସାମ୍ପ୍ରତିକ ଚେତାବନୀରୁ ଏହା ବୁଝାଯାଇପାରେ। ସେ କହିଥିଲେ ଯେ ଭାରତକୁ ଏହାର ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଉଚିତ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ୫୦% ଶୁଳ୍କ ଲଗାଇବା ପରେ କାନ୍ତ ଏହି ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ ପର୍ଯ୍ୟଟନ ଏପରି ଶୁଳ୍କ ଦ୍ୱାରା ପ୍ରଭାବିତ ହୁଏ ନାହିଁ। ଏହା ଭାରତର ରପ୍ତାନି ଆୟର ସବୁଠାରୁ ବଡ଼ ଉତ୍ସ ହୋଇପାରେ। କାନ୍ତ ଗୁରୁତ୍ୱାରୋପ କରିଥିଲେ ଯେ ଭାରତରେ ପ୍ରାକୃତିକ ସୌନ୍ଦର୍ଯ୍ୟ, ଇତିହାସ ଏବଂ ସଂସ୍କୃତି ଥିବା ସତ୍ତ୍ୱେ, ବିଶ୍ୱ ପର୍ଯ୍ୟଟକଙ୍କ ଆଗମନର କେବଳ ୧.୫% ରହିଛି। ତେଣୁ, ପର୍ଯ୍ୟଟନକୁ ପ୍ରୋତ୍ସାହିତ କରାଯିବା ଉଚିତ।

## ଟ୍ରମ୍ପ୍ ଟାରିଫ୍ ମାଡ଼; ଏଥର ଆଇଟିର ପାଳି

# ଭାରତୀୟ କମ୍ପାନୀଙ୍କଠାରୁ କାମ ଛଡ଼ାଇନେବ ଆମେରିକା

ନୂଆଦିଲ୍ଲୀ,୭।୯ (ଏଜେନ୍ସି):ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ୫୦% ଶୁଳ୍କ ଲଗାଇବା ପରେ ତାହାକୁ ନେଇ ଦେଶର ଅଧିକାଂଶ କ୍ଷେତ୍ରରେ ଦେଖିବାକୁ ମିଳିଛି। ଟ୍ରମ୍ପ୍ ପ୍ରଶାସନର ଟାରିଫ୍ ମାଡ଼ରେ ଏବେ ଭାରତୀୟ ଆଇଟି ଶିଳ୍ପର ପାଳି ପଡିବା ଆଶଙ୍କା କରାଯାଉଛି। କାରଣ ଭାରତୀୟ




କମ୍ପାନୀଙ୍କଠାରୁ କାମ ଛଡାଇନେବ ଆମେରିକା। ଆମେରିକୀୟ ଆଇଟି କମ୍ପାନୀଗୁଡ଼ିକୁ ଭାରତ ଭଳି ଦେଶଗୁଡ଼ିକୁ କାମ ଆଉଟସୋର୍ସ କରିବା ବନ୍ଦ କରିବାକୁ ବିଚାର କରୁଛନ୍ତି। ଆମେରିକୀୟ କର୍ମୀ ଏବଂ ଟ୍ରମ୍ପଙ୍କ ନିକଟତର ସମର୍ଥକ ଲୌରା ଲୁମର ଏହି ଦାବି କରିଛନ୍ତି।

ଏକ ସୋସିଆଲ ମିଡିଆ ପୋଷ୍ଟରେ ଲୁମର ଲେଖିଛନ୍ତି ଯେ ଏହାର ଅର୍ଥ ହେଉଛି ଯେ ଏବେ ଆପଣଙ୍କୁ ଇଂରାଜୀ ପାଇଁ ୨ ଦବାଇବା ଆବଶ୍ୟକ ନାହିଁ। କଲ୍ ସେଣ୍ଟରଗୁଡ଼ିକୁ ପୁଣି ଥରେ ଆମେରିକୀୟ କରାଯାଉ। ଲୁମରଙ୍କ ଇସାରା ଭାରତର କଲ୍ ସେଣ୍ଟରଗୁଡ଼ିକୁ ଥଇଲା, ଯେଉଁଠାରୁ ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ଗ୍ରାହକ ସହାୟତା ଶସ୍ତାରେ ଯୋଗାଇ ଦିଆଯାଏ। ସେ 'ମେକ୍ କଲ୍ ସେଣ୍ଟର ଆମେରିକାନ୍ ଏଗେନ୍' ସ୍ଲୋଗାନ ଦେଇଥିଲେ, ଅର୍ଥାତ୍ ସେ କଲ୍ ସେଣ୍ଟରଗୁଡ଼ିକୁ ଆମେରିକାକୁ ଫେରାଇ ଆଣିବା ବିଷୟରେ କହିଛନ୍ତି। ଗୁଗୁଲ୍

### ଭାରତରୁ ଆଉଟସୋର୍ସିଂର ୩ଟି ମୁଖ୍ୟ କାରଣ

- ଭାରତରେ ଶ୍ରମ ମୂଲ୍ୟ ଆମେରିକା ତୁଳନାରେ ବହୁତ କମ୍, ଯାହା ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ବେଶ ଲାଭଦାୟକ।
- ଭାରତରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଇଞ୍ଜିନିୟର ଏବଂ ବୈଷୟିକ ବୃତ୍ତିଗତ ସ୍ନାତକ ହୁଅନ୍ତି, ଯେଉଁମାନେ ଦକ୍ଷ ଏବଂ ଭଲ ସେବା ପ୍ରଦାନ କରନ୍ତି।
- ଭାରତରେ ଟିସିଏସ୍, ଇନ୍‌ଫୋସିସ୍ ଏବଂ ୱିପ୍ରୋ ଭଳି କମ୍ପାନୀଗୁଡ଼ିକ ବିଶ୍ୱ ସ୍ତରରେ ପ୍ରତିଷ୍ଠିତ ଏବଂ ନିର୍ଭରଯୋଗ୍ୟ ସେବା ପ୍ରଦାନ କରନ୍ତି।

ଏବଂ ଆମାଜନ ସମେତ ଅନେକ ଆମେରିକୀୟ କମ୍ପାନୀ ଭାରତରୁ ଆଉଟସୋର୍ସ ମାଇକ୍ରୋସଫ୍ଟ, ଗୁଗୁଲ୍, ଆମାଜନ, ଆଇବିଏମ୍, ସିସ୍କୋ ଏବଂ ଓରାକେଲ୍ ଭଳି ଅନେକ ବଡ଼ ଆମେରିକୀୟ ଟେକ୍ କମ୍ପାନୀ ଭାରତରେ ସେମାନଙ୍କର ଉପସ୍ଥିତି ଜାହିର କରିଛନ୍ତି। ଏହି କମ୍ପାନୀଗୁଡ଼ିକ ଭାରତରେ ସେମାନଙ୍କର ବିକାଶ କେନ୍ଦ୍ର, ଗବେଷଣା କେନ୍ଦ୍ର ଏବଂ କଲ୍ ସେଣ୍ଟର ପରିଚାଳନା କରନ୍ତି।

ସମ୍ପ୍ରତି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରାମର୍ଶଦାତାମାନେ ବିଦେଶୀ ଆଉଟସୋର୍ସ ଏବଂ ଉପାନ୍ତ ଅଞ୍ଚଳର କର୍ମଚାରୀମାନଙ୍କ ଉପରେ ଶୁଳ୍କ ଲାଗୁ କରିବା କଥା କରିଛନ୍ତି। ଏହା ଭାରତର ୨୮୩ ବିଲିୟନ ଡଲାରର ଆଇଟି ଶିଳ୍ପକୁ ପ୍ରଭାବିତ କରିପାରେ, କାରଣ ଏହି ଶିଳ୍ପ ଆମେରିକା ଉପରେ ବହୁତ ନିର୍ଭରଶୀଳ। ଏହା ଭାରତୀୟ ବୃତ୍ତିଗତମାନଙ୍କ ପାଇଁ ଚାକିରି ହ୍ରାସ କରିପାରେ। ଟ୍ରମ୍ପ୍ ସମ୍ପ୍ରତି କହିଥିଲେ ଯେ ସେ ଭାରତ ସହିତ ସମ୍ପର୍କ ପୁଣି ଥରେ ଆରମ୍ଭ କରିବାକୁ ପ୍ରସ୍ତୁତ। ପୂର୍ବରୁ, ଶୁକ୍ରବାର ଭାରତ ବିରୁଦ୍ଧରେ ତାଙ୍କ ବୟାନ ଉପରେ ପ୍ରାୟ ୧୨ ଘଣ୍ଟା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପଛକୁ ହଟିଗଲେ। ହ୍ୱାଇଟ୍ ହାଉସରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏକ ପ୍ରଶ୍ନର ଉତ୍ତର ରଖି କହିଥିଲେ ଯେ, 'ମୁଁ ସର୍ବଦା ମୋଦିଙ୍କ ବନ୍ଧୁ ରହିବି। ମୁଁ ଭାରତ ସହିତ ସମ୍ପର୍କ ପୁନଃସ୍ଥାପନ କରିବାକୁ ସର୍ବଦା ପ୍ରସ୍ତୁତ। ଏହା ପୂର୍ବରୁ ଶୁକ୍ରବାର ସକାଳ ୬ଟାରେ ସେ ସୋସିଆଲ ମିଡିଆ ଟ୍ରୁଥ୍‌ରେ ଲେଖିଥିଲେ, ଏପରି ମନେ ହେଉଛି ଯେ ଆମେ ଭାରତ ଏବଂ ରୁଷକୁ ଚୀନ୍ ହାତରେ ହରାଇଛୁ। ଆଶା କରୁଛି ସେମାନଙ୍କର ଭବିଷ୍ୟତ ଭଲ ହେବ।

## ବର୍ଷ ଶେଷ ସୁଦ୍ଧା ବଡ଼ ବାଣିଜ୍ୟ ଚୁକ୍ତି

# ସ୍ୱାକ୍ଷର ହେବ ଭାରତ-ଇୟୁ ଏଫ୍‌ଟିଏ

ନୂଆଦିଲ୍ଲୀ,୭।୯ (ଏଜେନ୍ସି)

ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ଖୁବ୍ ଶୀଘ୍ର ଏକ ବଡ଼ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବାକୁ ଯାଉଛନ୍ତି। ଏଥିପାଇଁ ଉଭୟ ପକ୍ଷ ଆସନ୍ତା ଗୋଟିଏ ମାସରେ ଦୁଇଥର ପରସ୍ପର ସହ ସାକ୍ଷାତ ଆଲୋଚନା କରିବେ। ସେମାନେ ଚୁକ୍ତିକୁ ଚୂଡ଼ାନ୍ତ କରିବା ପାଇଁ ମଧ୍ୟ ବୈଠକ କରିବେ। ଏହି ସମୟରେ ଉଭୟ ପକ୍ଷ କିଛି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବେ। ସୂଚନାନୁଯାୟୀ, ଆମେରିକା ଏବଂ ଚୀନ୍ ଏହି ବାଣିଜ୍ୟ ଚୁକ୍ତି ଉପରେ ନଜର ରଖିଛନ୍ତି। ଆମେରିକା ମଧ୍ୟ ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା କରୁଛି। କିନ୍ତୁ, ଦୁଇ ଦେଶ ମଧ୍ୟରେ ବଢୁଥିବା ଉତ୍ତେଜନା ଯୋଗୁଁ ଏଥିରେ ବାଧା ସୃଷ୍ଟି ହୋଇଛି। ଭାରତ ଏବଂ ୟୁରୋପୀୟ ସଂଘ ଚଳିତ ବର୍ଷ ଶେଷ ସୁଦ୍ଧା ବାଣିଜ୍ୟ ଚୁକ୍ତି କାର୍ଯ୍ୟକାରୀ କରିବାକୁ ଚାହାଁନ୍ତି।

ଭାରତ ଏବଂ ୟୁରୋପୀୟ ସଂଘ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ସ୍ୱାକ୍ଷର କରିବାକୁ ଚାହାଁନ୍ତି। ଏହା ଉଭୟଙ୍କ ମଧ୍ୟରେ ବାଣିଜ୍ୟକୁ ସହଜ କରିବ। ଆଲୋଚନାରେ କିଛି ବିଷୟ ଉପରେ ଏ ପର୍ଯ୍ୟନ୍ତ ସହମତି ହୋଇନାହିଁ। ଯେପରିକି ସାମଗ୍ରୀ କେଉଁଠାରେ ତିଆରି ହୁଏ, ବଜାର ପ୍ରବେଶ ଏବଂ ମଦ ଏବଂ ଦୁଗ୍ଧ ଉତ୍ପାଦ ଉପରେ ଟିକସ। ୟୁରୋପୀୟ ସଂଘର ଦୁଇ ଶୀର୍ଷ ଅଧିକାରୀ ଚଳିତ ସପ୍ତାହରେ ଭାରତ ଆସୁଛନ୍ତି। ସେମାନେ ଭାରତୀୟ ଅଧିକାରୀଙ୍କ ସହ କଥାବାର୍ତ୍ତା କରିବେ। ଉଭୟ ପକ୍ଷ ଚାହାଁନ୍ତି ଯେ ଚଳିତବର୍ଷ ଶେଷ ସୁଦ୍ଧା ଏଫ୍‌ଟିଏ ସ୍ୱାକ୍ଷରିତ ହେଉ।

ସୂଚନାଯୋଗ୍ୟ ଯେ, ଇୟୁ ହେଉଛି ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର। ଗତ ଆର୍ଥିକବର୍ଷରେ, ଉଭୟଙ୍କ ମଧ୍ୟରେ ୧୩୫ ବିଲିୟନ ଡଲାରର ବାଣିଜ୍ୟ କାରବାର ହୋଇଥିଲା। ଭାରତ ଏବଂ ଇୟୁ କେବଳ ବାଣିଜ୍ୟ କ୍ଷେତ୍ରରେ ନୁହେଁ ବରଂ ଅନ୍ୟାନ୍ୟ ଅନେକ ବିଷୟରେ ମଧ୍ୟ ଏକାଠି କାମ କରୁଛନ୍ତି। ସେମାନେ ରାଜନୈତିକ ଏବଂ ପ୍ରତିରକ୍ଷା ସମ୍ପର୍କକୁ ମଧ୍ୟ ମଜବୁତ କରିବାକୁ ଚାହାଁନ୍ତି। ଏହା କରାଯାଉଛି କାରଣ ବର୍ତ୍ତମାନ ବିଶ୍ୱରେ ଅନେକ ସମସ୍ୟା ଚାଲିଛି। ଇୟୁ ସେପ୍ଟେମ୍ବର ୧୭ ରେ ଭାରତ ସହିତ ସମ୍ପର୍କରେ ଏକ ନୂତନ ଯୋଜନା ପ୍ରକାଶ କରିବ। ଆଶା କରାଯାଉଛି ଯେ ଏହି ଯୋଜନା ଭାରତ-ଇୟୁ ଶିଖର ସମ୍ମିଳନୀରେ କୁହାଯିବ। ଆଗାମୀ ତିନି ମାସ ମଧ୍ୟରେ ଉଭୟ ପକ୍ଷ ମଧ୍ୟରେ ଅନେକ ବୈଠକ ହେବ। ଇୟୁର ରାଜନୈତିକ ଏବଂ ସୁରକ୍ଷା କମିଟି ମଧ୍ୟ ଭାରତ ଆସିବ। ଏଥିରେ ଇୟୁର ୨୭ ସଦସ୍ୟ ଦେଶର ପ୍ରତିନିଧି ସାମିଲ ହେବେ।



ଚୀନ୍-ଆମେରିକା ରଖିଛନ୍ତି ନଜର

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।


**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଐତିହ୍ୟ

- ୧୯୩୪: ନ୍ୟୁୟର୍କ ଉପକୂଳରେ ଯାତ୍ରୀବାହୀ ଜଳ ଜାହାଜରେ ଅଗ୍ନିକାଣ୍ଡ ଘଟି ୧୩୭ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା।
- ୧୯୫୧: ବିଶ୍ୱର ୪୮ ଟି ରାଷ୍ଟ୍ର ଜାପାନ ସହ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଥିଲେ।
- ୧୯୯୧: ମାସିଡୋନିଆ ସ୍ୱାଧୀନ ହୋଇଥିଲା।
- ୨୦୦୬: ମହାରାଷ୍ଟ୍ରର ମାଲେଗାଁଓରେ ହୋଇଥିବା ବିସ୍ଫୋରଣରେ ୪୫ ମୃତ, ୧୨୫ରୁ ଅଧିକ ଆହତ।

## ଆନ୍ତର୍ଜାତିକ ସାକ୍ଷରତା ଦିବସ



ରାଷ୍ଟ୍ର ତଥା ସମାଜର ବିକାଶ ପାଇଁ ସାକ୍ଷରତା ଅପରିହାର୍ଯ୍ୟ। ସାକ୍ଷରତା ବିନା ଗୋଟିଏ ସମାଜ ଅନୁନ୍ନତ ହୋଇ ରହେ ଏବଂ ଜନ ସହଯୋଗ ଓ ଭାଗିଦାରୀ ବିନା ଏହା ବିକାଶ ପଥରେ ଅଗ୍ରସର ହୋଇପାରେ ନାହିଁ। ଯେଉଁ ଦେଶର ସାକ୍ଷରତା ହାର ଯେତେ ଅଧିକ ତାହା ସେତେ ବିକଶିତ। ସାକ୍ଷରତା କେବଳ ପଢ଼ିବା ଓ ଲେଖିବା ମଧ୍ୟରେ ସୀମିତ ରହି ନ ଥାଏ। ଏହା ଲୋକମାନଙ୍କୁ ନିଜ ଅଧିକାର ପ୍ରତି ସଚେତନ କରିଥାଏ। ଗରିବୀ ଦୂର କରିବା, ଶିଶୁ ମୃତ୍ୟୁହାର କମାଇବା, ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା, ଲିଙ୍ଗଗତ ପ୍ରଭେଦକୁ ଦୂର କରିବା ପାଇଁ ଜଣେ ସାକ୍ଷର ହେବାର ଆବଶ୍ୟକତା ରହିଛି। କେବଳ ଉନ୍ନତ ଶିକ୍ଷା ମାଧ୍ୟମରେ ହିଁ ଏଭଳି ସମସ୍ୟାକୁ ଦୂର କରାଯାଇପାରିବ। ଏକ ସୁସ୍ଥ ସମାଜ ଗଠନରେ ସାକ୍ଷରତାର କିଭଳି ଆବଶ୍ୟକତା ରହିଛି ସେସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ନିମନ୍ତେ ପ୍ରତିବର୍ଷ ସେପ୍ଟେମ୍ବର ୮ ତାରିଖରେ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ ହୁଏ। ସାକ୍ଷରତାର ମହତ୍ତ୍ୱ ପ୍ରତିପାଦନ କରିବା ସହ ବ୍ୟକ୍ତିଗତ, ସାମୁଦାୟିକ ତଥା ସାମାଜିକ ସ୍ତରରେ ସାକ୍ଷରତା ହାର ବଢ଼ାଇବା ନିମିତ୍ତ ସଚେତନତା ସୃଷ୍ଟି କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ସାରା ବିଶ୍ୱରେ ନିରକ୍ଷରତା ହଟାଇବା ପାଇଁ ଏହି ଦିବସ ପାଳନ କରାଯାଉଥିବାବେଳେ ଏହାର ସୂତ୍ରପାତ ଇରାନରୁ ହୋଇଥିଲା। ୧୯୬୫ ମସିହା ସେପ୍ଟେମ୍ବର ୮ ରୁ ୧୯ ତାରିଖ ଏହି ଦିବସ ପ୍ରଥମେ ଇରାନ୍‌ର ରାଜଧାନୀ ତେହେରାନ୍‌ରେ ପାଳିତ ହୋଇଥିଲା। ସେତେବେଳେ ଏହା ଅନ୍ତର୍ଜାତୀୟ ମାନ୍ୟତା ପାଇ ନଥିଲା। ଇରାନ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅନେକ ରାଷ୍ଟ୍ରର ଶିକ୍ଷାମନ୍ତ୍ରୀମାନେ ଅଂଶଗ୍ରହଣ କରିଥିଲେ। ୨୬ ଅକ୍ଟୋବର ୧୯୬୬ ମସିହାରେ ୟୁନେସ୍କୋ ଦ୍ୱାରା ଏହାର ୧୪ତମ ଅଧିବେଶନରେ ୮ ସେପ୍ଟେମ୍ବରକୁ ଅନ୍ତଃରାଷ୍ଟ୍ରୀୟ ସାକ୍ଷରତା ଦିବସ ରୂପେ ପାଳିବାକୁ ଏକ ଘୋଷଣାନାମା ଗୃହୀତ ହୋଇଥିଲା। ପ୍ରଥମ ଥର ପାଇଁ ଏହା ୧୯୬୭ ମସିହାରେ ପାଳିତ ହେଲା। ବିଶ୍ୱରୁ ନିରକ୍ଷରତା ଦୂର କରିବା ଏହାର ପ୍ରାଥମିକ ଲକ୍ଷ୍ୟ। ରାଷ୍ଟ୍ର ବା ସମାଜର ବିକାଶ ପାଇଁ ସାକ୍ଷରତା ଅପରିହାର୍ଯ୍ୟ। ସାକ୍ଷରତା ବିନା ଜଣେ ନାଗରିକ ହିସାବରେ ବିକାଶ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ଅସମ୍ଭବ। ପଢ଼ିବା ଓ ଲେଖିବା ପାଇଁ ଅସମର୍ଥ ହେଲେ ଶିକ୍ଷା ବାଧାପ୍ରାପ୍ତ ହୁଏ ଓ ଆମ ବ୍ୟକ୍ତିତ୍ୱର ବିକାଶ ମଧ୍ୟ କଷ୍ଟକର ପାଲଟିଥାଏ। ତେଣୁ ସାକ୍ଷରତାର ପ୍ରୟୋଜନ ପ୍ରତି ଜନସଚେତନତା ସୃଷ୍ଟି କରିବା ଆନ୍ତର୍ଜାତିକ ସାକ୍ଷରତା ଦିବସର ପ୍ରମୁଖ ଉଦ୍ଦେଶ୍ୟ। ସାକ୍ଷରତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଥିବା ସଂସ୍ଥାଗୁଡ଼ିକୁ ୟୁନେସ୍କୋ ପକ୍ଷରୁ ପ୍ରତିବର୍ଷ ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ସମ୍ମାନିତ କରାଯାଏ।



## ଇଟାଲୀରେ 'ଲଭ୍ ଆଣ୍ଡ ୱାର୍'ର କ୍ଲାଇମାକ୍ସ

ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲୀଙ୍କ ଫିଲ୍ମ 'ଲଭ ଆଣ୍ଡ ୱାର୍'ର ରିଲିଜ୍‌କୁ ଦର୍ଶକେ ଏବେ ଚାହିଁ ବସିଛନ୍ତି। ଏଥିରେ ରଣବୀର କପୁର, ଭିକି କୌଶଳ ଓ ଆଲିଆ ଭଟ୍ଟ ଲିଡ୍ ରୋଲରେ ନଜର ଆସିବେ। ଗତବର୍ଷ ନଭେମ୍ବରରୁ ଫିଲ୍ମର ସୁଟିଂ ଆରମ୍ଭ ହୋଇ ଯାଇଛି। ସୁଟିଂ ସେଟ୍‌ରୁ ଫଟୋ ଓ ଭିଡିଓ ମଧ୍ୟ ଅନେକ ସମୟରେ ଭାଇରାଲ ହେଉଛି। ଇତିମଧ୍ୟରେ ୧୨୫ ଦିନର ସୁଟିଂ ସରି ଯାଇଛି। ମୁମ୍ବାଇରେ ଏକ ବିଶାଳ ସେଟ୍‌ରେ ଏବେ ଏହାର ସୁଟିଂ ଚାଲିଛି। ଅକ୍ଟୋବର ଅଧାଅଧି ପର୍ଯ୍ୟନ୍ତ ଏଠାରେ ସୁଟିଂ ଚାଲିବ। ଏହାପରେ ସଞ୍ଜୟ ସୁଟିଂ ପାଇଁ ଇଟାଲୀ ଯିବେ। ଫିଲ୍ମର କ୍ଲାଇମାକ୍ସ ସିନ୍‌ର ସୁଟିଂ ସେ ସିସ୍‌ଲିରେ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତେବେ କ୍ଲାଇମାକ୍ସ ସିନ୍‌ରେ ଫିଲ୍ମକୁ ପୂରାପୂରି ଏକ ନୂଆ ମୋଡ଼ ଦେବା ପାଇଁ ସେ ଯୋଜନା କରିଥିବା ଜଣାପଡ଼ିଛି। ଏହି ସମୟରେ ସେ ରଣବୀର, ଭିକି ଓ ଆଲିଆଙ୍କୁ ନେଇ ଏଠାରେ ଗୋଟିଏ ଗୀତର ମଧ୍ୟ ସୁଟିଂ କରିବେ। ପାଖାପାଖି ମାସେ ଧରି ସଞ୍ଜୟ ଏଠାରେ ରହିବେ। ଆସନ୍ତା ଡିସେମ୍ବର କିମ୍ବା ଜାନୁୟାରୀ ସୁଦ୍ଧା ସେ ଏହାର ସୁଟିଂ ସାରିବା ଯୋଜନା କରିଛନ୍ତି। ସଞ୍ଜୟ ଫିଲ୍ମର ସୁଟିଂ ସହ ଏଡିଟିଂ କାମ ମଧ୍ୟ କରୁଛନ୍ତି। ଏହା ମାର୍ଚ୍ଚ ୨୦, ୨୦୨୬ରେ ରିଲିଜ୍ ହେବ।

## କାନ୍ଦିବା ପାଇଁ ଲୋକେ ଗଣୁଛନ୍ତି ଟଙ୍କା



ସାରା ଦୁନିଆରେ ବିଭିନ୍ନ ପ୍ରକାର କ୍ଲବ୍ ଥିବାବେଳେ ସେଥିରୁ ଅନ୍ୟତମ କ୍ରାଏ କ୍ଲବ୍। ମୁମ୍ବାଇର ବିଭିନ୍ନ ସ୍ଥାନରେ ଏବେ ଏହା ଖୋଲାଯାଇଛି। ଫଳରେ ଲୋକେ ଏଠାରେ ମନ ଖୋଲି କାନ୍ଦିବାର ସୁଯୋଗ ପାଇପାରୁଛନ୍ତି। ଏଠାକୁ ଲୋକେ ଆସି କାନ୍ଦି ନିଜର ମନ ହାଲୁକା କରିପାରୁଛନ୍ତି। ବୈଜ୍ଞାନିକ ଦୃଷ୍ଟିକୋଣରୁ ଜଣେ କାନ୍ଦିବା ପରେ ମନରେ ଚାପି ହୋଇ ରହିଥିବା ଦୁଃଖ ଲାଘବ ହୋଇଥାଏ। ମୁମ୍ବାଇର କ୍ରାଏ କ୍ଲବ୍ ଏହି ବିଚାରଧାରା ଉପରେ ପର୍ଯ୍ୟବେସିତ। ସେହିପରି ଏହି କ୍ଲବ୍‌ରେ ଲୋକେ ଏକ ନିର୍ଦ୍ଦିଷ୍ଟ ମାତ୍ରାର ଫି' ଦେଇ କାନ୍ଦିବା ସେସନ୍‌ରେ ସାମିଲ ହୁଅନ୍ତି। କାନ୍ଦିବା ଦୁର୍ବଳତାକୁ ଦର୍ଶାଏ ନାହିଁ, ବରଂ ମଣିଷର ମାନସିକସ୍ଥିତିକୁ ଠିକ୍ ରଖିବା ନିମନ୍ତେ ଏହା ଏକ ନିବେଶ। ଯେମିତି ଲୋକେ ଜିମ୍‌ରେ ଝାଳ ବୁହାଇ ଶରୀରର ବିଷାକ୍ତ ତତ୍ତ୍ୱଗୁଡ଼ିକୁ ବାହାର କରିଥାନ୍ତି ସେହିପରି ଲୁହ ଜରିଆରେ ମଣିଷର ଭାବନାତ୍ମକ ବୋଝ ହାଲୁକା ହୁଏ ବୋଲି ଏହି କ୍ଲବ୍ ପକ୍ଷରୁ କୁହାଯାଇଛି। ଭାରତ ପାଇଁ ଯଦିଓ ଏହି ପରିକଳ୍ପନା ନୂଆ, ହେଲେ ଏହାର ଆରମ୍ଭ ଜାପାନରୁ ହୋଇଥିଲା। ୨୦୧୩ ମସିହାରେ ହିଦେଫୁମି ୟୋଶିଦା ଏବଂ ହିରୋକି ତେରାଇ ଏହାକୁ ପ୍ରଥମେ ଆରମ୍ଭ କରିଥିଲେ। ସେମାନଙ୍କର କହିବାନୁସାରେ, ଅନେକ ଲୋକ ଅବସାଦ, ଏକାକୀତ୍ୱ ଦେଇ ଗତି କରୁଛନ୍ତି। ଯଦି ସେମାନଙ୍କୁ ଏକ ସେଭଳି ମାହୋଲ ଦିଆଯାଏ, ସେମାନେ ଅପରିଚିତ ଲୋକଙ୍କ ଗହଣରେ ମନଖୋଲି କାନ୍ଦିପାରିବେ। ଏହାଦ୍ୱାରା ସେମାନଙ୍କର ମାନସିକ ସ୍ଥିତି ଭଲ ରହିବା ସହ ସେମାନେ ମନରେ ବୋଝ ନେଇ ବଞ୍ଚିବେ ନାହିଁ। ଏବେ ଏହି ଟ୍ରେଣ୍ଡ ଟୋକିଓରେ ସୀମିତ ନ ରହି, ବେଙ୍ଗାଲୁରୁ, ପୁଣେ, ମୁମ୍ବାଇରେ ପହଞ୍ଚିଲାଣି। ଆମ ସମାଜରେ କାନ୍ଦିବାକୁ ମଣିଷର ଦୁର୍ବଳତା ଭାବେ ଦେଖାଯାଏ। ସେହିଭଳି ଲୋକେ ଅଜଣା ଲୋକଙ୍କ ସମ୍ମୁଖରେ କାନ୍ଦିବାକୁ ପସନ୍ଦ କରନ୍ତି। କାରଣ ଅଜଣା ଲୋକ ସମ୍ମୁଖରେ କାନ୍ଦିବା ଦ୍ୱାରା ମାନ ସମ୍ମାନ ହ୍ରାସ ହେବା ଆଶଙ୍କା ନ ଥାଏ। ୨୦୧୯ ର ଏକ ଅଧ୍ୟୟନରୁ ଜଣାପଡ଼ିଥିଲା, ଯେଉଁମାନେ ଭାବପ୍ରବଣ ହୋଇ କାନ୍ଦନ୍ତି, ସେମାନଙ୍କର ମାନସିକ ସ୍ଥିତି ଠିକ୍ ରହିଥାଏ।

## ଦ୍ୱିତୀବାହନ ଓଷା

ଆଶ୍ୱିନ କୃଷ୍ଣ ଅଷ୍ଟମୀକୁ 'ମୂଳାଷ୍ଟମୀ' କୁହାଯାଏ। ଏହିଦିନ 'ଦ୍ୱିତୀବାହନ' ଓଷା ପାଳନ କରାଯାଏ। ତେବେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏହା ଭିନ୍ନ ଭିନ୍ନ ନାମରେ ପରିଚିତ। ଏହା 'ଦୁତିଆ ଓଷା', 'ପୁଅ ଜିଉଁତିଆ ଓଷା', 'ଦୂତିବାମନ ଓଷା' ଆଦି ନାମରେ ମଧ୍ୟ ଜଣା। ଓଡ଼ିଶାର ପଶ୍ଚିମାଞ୍ଚଳରେ ଏହା 'ପୁଅ ଜିଉଁତିଆ' ନାମରେ ମୁଖ୍ୟ ଓଷା ଭାବେ ପାଳନ କରାଯାଏ। ଏଥିରେ ଦ୍ୱିତୀବାହନଙ୍କୁ ପୂଜା କରାଯାଏ। ପୁତ୍ରଲାଭ ଓ ସନ୍ତାନଙ୍କ ମଙ୍ଗଳ କାମନା ପାଇଁ ମହିଳାମାନେ ଏହି ଓଷା କରିଥାନ୍ତି। ଦ୍ୱିତୀବାହନଙ୍କୁ ପୂଜା କଲେ ଅପୁତ୍ରିକ ପୁତ୍ରଲାଭ କରୁଥିବା ବିଶ୍ୱାସ ଅଛି। ବିଧବା ବ୍ରାହ୍ମଣୀଙ୍କ ଗର୍ଭରୁ ଜନ୍ମିତ ସୂର୍ଯ୍ୟଦେବଙ୍କ ପୁତ୍ର ହେଉଛନ୍ତି ଦ୍ୱିତୀବାହନ। ସୂର୍ଯ୍ୟଦେବ ଆଶୀର୍ବାଦରେ ଦ୍ୱିତୀବାହନଙ୍କ ଜନ୍ମଦିନରେ ଏହି ଓଷା ପାଳନ କରାଯାଏ। ଏହିଦିନ ମହିଳାମାନେ ଉପବାସରେ ରହନ୍ତି। ଓଷା ପରଦିନ ସବୁ ପରିବା ମିଶାଇ ଘାଣ୍ଟ ତରକାରି ପ୍ରସ୍ତୁତ କରାଯାଏ। ଏହାକୁ ବନ୍ଧୁବାନ୍ଧବଙ୍କ ମଧ୍ୟରେ ବଣ୍ଟନ କରାଯିବାର ପ୍ରଥା ଅଛି। ଚଳିତବର୍ଷ ଏହି ଓଷା ସେପ୍ଟେମ୍ବର ୧୪ ତାରିଖରେ ପଡୁଛି।



## ସ୍ୱସ୍ତି

### ପିତୃପକ୍ଷରେ ଦାନର ମହତ୍ତ୍ୱ

**ଆରମ୍ଭ ହୋଇଛି ପିତୃପକ୍ଷ। ପ୍ରତିବର୍ଷ ଭାଦ୍ରବ ପୂର୍ଣ୍ଣିମାରୁ ଆଶ୍ୱିନ କୃଷ୍ଣ ଅମାବାସ୍ୟା ବା ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ଅବଧିକୁ 'ପିତୃପକ୍ଷ' ବା ଅପରପକ୍ଷ କୁହାଯାଏ। ଏହି ୧୬ ଦିନ ସମ୍ପୂର୍ଣ୍ଣ ପିତୃପୁରୁଷଙ୍କୁ ସମର୍ପିତ। ଲୋକ ବିଶ୍ୱାସ ଅନୁଯାୟୀ, ଏହି ସମୟରେ ପୂର୍ବପୁରୁଷଗଣ ପିତୃଲୋକ ତ୍ୟାଗ କରି ନିଜ ନିଜର ଉତ୍ତର ପୁରୁଷଙ୍କ ଘରେ ଅବସ୍ଥାନ କରିଥାନ୍ତି। ଏହିପକ୍ଷରେ ପିତୃପୁରୁଷଙ୍କୁ ତର୍ପଣ ଓ ପିଣ୍ଡଦାନ କରାଯାଏ। ତେବେ ପିତୃପକ୍ଷରେ ଦାନ-ପୁଣ୍ୟର ବିଶେଷ ମହତ୍ତ୍ୱ ଅଛି।**



- ପିତୃପକ୍ଷରେ ରୁପା ଜିନିଷ ଦାନ କରିବା ଅତ୍ୟନ୍ତ ଶୁଭ। କୁହାଯାଏ, ରୁପା ଦାନ କରିବା ଦ୍ୱାରା ପିତୃପୁରୁଷଙ୍କ ଆତ୍ମାକୁ ଶାନ୍ତି ମିଳେ ଏବଂ ସେମାନଙ୍କ ଆଶୀର୍ବାଦ ମିଳିଥାଏ।
- ଚାଉଳ, ରାଶି ଦାନ କରିବା ଦ୍ୱାରା ଜୀବନର ସମସ୍ୟା ଦୂର ହୋଇଥାଏ।
- ପିତୃପକ୍ଷରେ ଭୂମି ଦାନକୁ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଛି। ଏହା ଦ୍ୱାରା ପାପ ଓ ପିତୃଦୋଷରୁ ମୁକ୍ତି ମିଳେ।
- ପିତୃପକ୍ଷରେ ଗୁଡ଼ ଦାନ ମଧ୍ୟ ଲାଭକାରୀ। ଗୁଡ଼ ଦାନ ଦ୍ୱାରା ପରିବାରରେ ସୁଖ, ସମୃଦ୍ଧି ବୃଦ୍ଧି ପାଏ।
- ପିତୃପକ୍ଷରେ ଗୋ ଦାନ ଦ୍ୱାରା କାର୍ଯ୍ୟରେ ବିଘ୍ନ ଦୂର ହୁଏ।

## ରାଶି ଅନୁସାରେ କେଶ ବିନ୍ୟାସ

**ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ମହିଳାମାନେ ରାଶି ଅନୁସାରେ କେଶ ବିନ୍ୟାସ କରିବା ଦ୍ୱାରା ଏହା କେବଳ ଭାଗ୍ୟରେ ଉନ୍ନତି ଆଣି ନ ଥାଏ। ଏଥିରୁ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଏ। ତେବେ କେଉଁ ରାଶି କେଉଁ ପ୍ରକାର ହେୟାର ଷ୍ଟାଇଲ ଆପଣାଇବା ଦରକାର, ସେ ସମ୍ପର୍କରେ ଜାଣିବା।**

**ମେଷ:** ଏହି ରାଶିର ମହିଳା ସ୍ୱଭାବରେ ଉତ୍ସାହୀ ହୋଇଥାନ୍ତି। ଷ୍ଟେପ୍-କଟ୍ ହେୟାର୍ ଷ୍ଟାଇଲ୍ ସେମାନଙ୍କ ଲାଗି ଉତ୍ତମ। ଏହା ଶକ୍ତି ବଜାୟ ରଖେ।

**ବୃଷ:** ଏହି ରାଶିର ମହିଳା ପରିଶ୍ରମୀ ହୋଇଥାନ୍ତି। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ରାଶିଧାରୀ ମହିଳାଙ୍କ ପାଇଁ ବବ୍-କଟ୍ ହେୟାର ଷ୍ଟାଇଲ ଉତ୍ତମ।

**ମିଥୁନ:** ମିଥୁନ ରାଶି ମହିଳାମାନେ ବୁଦ୍ଧିମାନ ହୋଇଥାନ୍ତି। ସେମାନେ ସବୁବେଳେ କିଛି ନା କିଛି ନୂଆ ଶିଖିବାକୁ ଚାହାନ୍ତି। ତେବେ ଏହି ରାଶି ମହିଳାଙ୍କୁ ନିଜ ପସନ୍ଦର ଯେକୌଣସି ହେୟାର୍-ଷ୍ଟାଇଲ ଭଲ ମାନିଥାଏ।

**କର୍କଟ:** ଏହି ରାଶିର ମହିଳା ଭାବୁକ ଏବଂ ନମ୍ର ହୋଇଥାନ୍ତି। ସ୍ୱଭାବରେ ଚୁଲବୁଲି ହୋଇଥାନ୍ତି। ୟୁ ସେପ୍ କଟ୍ ଏଭଳି ମହିଳାଙ୍କୁ ଭଲ ଲାଗେ।

**ସିଂହ:** ଏହି ରାଶିର ମହିଳା ଶକ୍ତିବାନ, ପରିଶ୍ରମୀ ଓ କ୍ରୋଧୀ ହୋଇଥାନ୍ତି। ଚ୍ୟାଲେଞ୍ଜ ଯୁକ୍ତ କାମ କରିବାକୁ ସେମାନେ ଭଲପାଆନ୍ତି। ତେବେ ସେମାନଙ୍କୁ ଲେୟାର୍ କଟ୍ ହେୟାର୍ ଷ୍ଟାଇଲ ଭଲ ଲାଗେ।

**କନ୍ୟା:** ପ୍ରତ୍ୟେକ କାମରେ କନ୍ୟା ରାଶି ମହିଳାଙ୍କୁ ପରଫେକସନ ପସନ୍ଦ। ଆତ୍ମବିଶ୍ୱାସର ଅଭାବ ଏହି ରାଶି ମହିଳାଙ୍କଠାରେ ନ ଥାଏ। ସେମାନଙ୍କୁ ସର୍ଟ ହେୟାର ଷ୍ଟାଇଲ ଭଲ ଲାଗେ।

**ତୁଳା:** ବୁଝିବିଚାରି କାମ ତୁଳା ରାଶିର ମହିଳାମାନେ କରନ୍ତି। ମୁଖ୍ୟତଃ ସେମାନେ ଠିକ୍ ନିଷ୍ପତ୍ତି ନେଇଥାନ୍ତି। କର୍ଲି ହେୟାର୍ ଷ୍ଟାଇଲ କରିବା ଭଲ।

**ବିଛା:** ଏହି ରାଶି ମହିଳାଙ୍କୁ ଲମ୍ବା କେଶ ରଖିବା ଉଚିତ। କର୍ଲି ଷ୍ଟାଇଲ ବିନ୍ୟାସ ଉପରେ ଗୁରୁତ୍ୱ ଦେଲେ ସୁନ୍ଦର ଲାଗିବେ।

**ଧନୁ:** ଏଭଳି ମହିଳା ସ୍ୱଭାବରେ ଭାବୁକ ହୋଇଥନ୍ତି। ଷ୍ଟ୍ରେଟ୍ ହେୟାର୍ ଷ୍ଟାଇଲ ଏଭଳି ମହିଳାଙ୍କ ଲାଗି ଉତ୍ତମ।

**ମକର:** ନିଜ ନିୟମରେ ଜୀବନ ଜିଇଁବାକୁ ମକର ରାଶି ମହିଳାମାନେ ପସନ୍ଦ କରନ୍ତି। ଲମ୍ବା କେଶ ରଖିବାରେ ସେମାନେ ଅଧିକ ଆକର୍ଷଣୀୟ ଲାଗନ୍ତି।

**କୁମ୍ଭ:** ଏହି ରାଶି ମହିଳା ସ୍ୱଷ୍ଟବାଦୀ ହୋଇଥାନ୍ତି। ଠିକ୍ ନିର୍ଣ୍ଣୟ ନିଅନ୍ତି। କେଶ ବାନ୍ଧି ରଖିବା ଏହି ରାଶି ମହିଳାଙ୍କ ଲାଗି ଉତ୍ତମ। ଏହା ଦ୍ୱାରା ସେମାନଙ୍କ ବ୍ୟକ୍ତିତ୍ୱ ଅଧିକ ଆକର୍ଷଣୀୟ ଲାଗେ।

**ମୀନ:** ମୀନ ରାଶି ମହିଳା ମଲଟିଟାସ୍କିଂ ହୋଇଥାନ୍ତି। ତା'ସହ ପରିଶ୍ରମୀ ମଧ୍ୟ। ସେମାନଙ୍କୁ ପିରାମିଡ ହେୟାର୍ ଷ୍ଟାଇଲ ଭଲ ମାନେ।



## ରୋଷେଇ ଘରେ ଖୋଲା ଡଷ୍ଟବିନ୍ ରଖୁଥିଲେ...

**ରୋଷେଇ ଘରେ ଅନେକ ଲୋକ ଡଷ୍ଟବିନ୍ ରଖିଥାନ୍ତି। ରୋଷେଇ ଘରେ ଖୋଲା ଡଷ୍ଟବିନ୍ ରଖିବା ଘର ଉପରେ କିଭଳି ପ୍ରଭାବ ପକାଏ, ସେ ସମ୍ପର୍କରେ ଜାଣିବା।**

- ବାସ୍ତୁ ଶାସ୍ତ୍ର ଅନୁସାରେ, ରୋଷେଇ ଘରେ ଖୋଲା ଡଷ୍ଟବିନ୍ ରଖିଲେ ନକାରାତ୍ମକତା ପୂରା ପରିବେଶରେ ବ୍ୟାପିଥାଏ। ଆବର୍ଜନାର ଗନ୍ଧ ଚାରିଆଡ଼େ ବ୍ୟାପିବା ଦ୍ୱାରା ପରିବାର ସଦସ୍ୟଙ୍କ ମନୋଦଶା ଉପରେ ଏହା ପ୍ରଭାବ ପକାଏ।
- ରୋଷେଇ ଘରେ ଡଷ୍ଟବିନ୍‌କୁ ଖୋଲା ରଖିବା ଦ୍ୱାରା ଖାଦ୍ୟ ଶୀଘ୍ର ଦୂଷିତ ହୋଇଥାଏ। ଏହା ଦ୍ୱାରା ଫୁଡ୍ ପଏଜନିଂ, ଆଲର୍ଜି ଏବଂ ପେଟ ଜନିତ ସମସ୍ୟା ଦେଖା ଦିଏ। ପରିବାରକୁ ସୁସ୍ଥ ରଖିବାକୁ ଚାହୁଁଥିଲେ, ଡଷ୍ଟବିନ୍‌କୁ ସବୁବେଳେ ବନ୍ଦ ରଖିବା ଭଲ।
- କଥାରେ ଅଛି, ଘରେ ଦୁର୍ଗନ୍ଧ ଓ ଅପରିଷ୍କାର ରହିଲେ ଲକ୍ଷ୍ମୀ ବାସ କରନ୍ତି ନାହିଁ। ବାସ୍ତୁ ଶାସ୍ତ୍ରରେ, ସଫାସୁତୁରା ଘରକୁ ସମୃଦ୍ଧି ସହିତ ଯୋଡ଼ା ଯାଇଛି। ସେହିପରି ଡଷ୍ଟବିନ୍ ଖୋଲା ରହିଲେ ଖର୍ଚ୍ଚ ବଢ଼େ। ଏହାସହ ବିନା କାରଣରେ ଅର୍ଥାଭାବ ଦେଖାଦିଏ।



### ଏସିଆ କପ୍ ପୁରୁଷ ହକି

# ଚାମ୍ପିଅନ ସହ ଭାରତକୁ ବିଶ୍ୱକପ୍ ଯୋଗ୍ୟତା

ରାଜଗିର,୭।୯ (ଏଜେନ୍ସି)




ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆକୁ ହରାଇ ଭାରତ ଏସିଆ କପ୍ ପୁରୁଷ ହକି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସ୍ଥାନୀୟ ବିହାର ୟୁନିଭର୍ସିଟି ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଭାରତ ଖେଳକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖି ୪ର୍ଥ ଟାଇଟଲ ଜିତିବାରେ ସମର୍ଥ ହୋଇଥିଲା। ଭାରତ ପକ୍ଷରୁ ଦିଲପ୍ରୀତ ସିଂହ ୨ଟି, ସୁଖଜିତ ସିଂହ, ପେନାଲ୍ଟି କର୍ଣ୍ଣରରୁ ଅମିତ ରୋହିଦାସ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଜୁଗରାଜ ସିଂହ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଗୋଲ ଦେବାରେ ବିଫଳ ହୋଇଥିଲେ। କୋରିଆ ପକ୍ଷରୁ ସୋନ ଦାଏନ୍ ଗୋଲ ଶୁଝାଇଥିଲେ। ଫାଇନାଲକୁ ଭାରତ ୪-୧ ଗୋଲରେ ଜିତିଥିଲା।ଏହି ବିଜୟ ଫଳରେ ଆସନ୍ତାବର୍ଷ

> ▶ ଭାରତର ଦିଲପ୍ରୀତ୍ ଫାଇନାଲର ଓ ଅଭିଷେକ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ
>
> ▶ ଫାଇନାଲ୍‌ରେ ଓଡ଼ିଆ ଖେଳାଳି ଅମିତ ରୋହିଦାସ୍‌ଙ୍କ ଗୋଲ

ବେଲଜିୟମ ଓ ନେଦରଲାଣ୍ଡସରେ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ପୁରୁଷ ବିଶ୍ୱକପ୍‌ରେ ଭାଗନେବାକୁ ଭାରତ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଫାଇନାଲ ପୂର୍ବରୁ ଖେଳାଯାଇଥିବା କ୍ଲାସିଫିକେସନ ମ୍ୟାଚ୍‌ରେ ମାଲେସିଆ ୪-୧ ଗୋଲରେ ଚୀନ୍‌କୁ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି। ଫାଇନାଲରେ ଡବଲ ଗୋଲ ସ୍କୋର କରିଥିବା ଭାରତର ଫରୱାର୍ଡ ଖେଳାଳି ଦିଲପ୍ରୀତ ସିଂହଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଦକ୍ଷିଣ କୋରିଆ ବିପକ୍ଷ ଫାଇନାଲ ମୁକାବିଲା ଆରମ୍ଭ ହେବାମାତ୍ରେ ଭାରତ ଆକ୍ରମଣ ରଚନା କରିଥିଲେ। ଏହା ଫଳ ଦଳକୁ ପ୍ରଥମ ମିନିଟ୍‌ରେ ହିଁ ମିଳିଥିଲା। ବାମପଟୁ ଆକ୍ରମଣ ହୋଇଥିଲାବେଳେ ଡି ଭିତରେ ପାଇଥିବା ସୁଯୋଗକୁ ସୁଖଜିତ ସିଂହ ଗୋଲ ସ୍କୋର କରି ଭାରତକୁ ୧-୦ ଅଗ୍ରଣୀ କରାଇଥିଲେ। ଏହା ପରେ ଦଳ ପ୍ରଭାବ ବିସ୍ତାର କରି ଖେଳିଥିଲା। ଖେଳର ୯ମ ମିନିଟ୍‌ରେ ବିପଜ୍ଜନକ ଖେଳଲାଗି ଭାରତକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଜୁଗରାଜ ସିଂହ ମାରିଥିବା ଏହି ସଟ୍‌କୁ ଦକ୍ଷିଣ କୋରିଆ ଗୋଲରକ୍ଷକ ଦାଏହାନ୍ ଜାଙ୍ଗ୍ ଡାହାଣପଟେ ଅଟକାଇ ଦଳକୁ ଏକ ନିଶ୍ଚିତ ଗୋଲରୁ ରକ୍ଷା କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଲଢ଼େଇ ଜୋରଦାର ହୋଇଥିଲା। ଏଥିରେ ଉଭୟ ଦଳ ପରସ୍ପର ଉପରେ ଆକ୍ରମଣର ମାତ୍ରା ବୃଦ୍ଧି କରିଥିଲେ। କିନ୍ତୁ ରକ୍ଷଣଭାଗ ଖେଳାଳିଙ୍କ ଦୃଢ଼ତା ଯୋଗୁଁ କେହି କାହାରି ଉପରେ ଗୋଲ ସ୍କୋର କରିପାରି ନ ଥିଲେ। ଖେଳର ୨୮ତମ ମିନିଟ୍‌ରେ ବାମପଟୁ ସଞ୍ଜୟଙ୍କ ପାସ ଦିଲପ୍ରୀତଙ୍କ ନିକଟରେ ପହଞ୍ଚିଥିଲା। କୋରିଆ ରକ୍ଷଣଭାଗ ଖେଳାଳିଙ୍କ ଅସାବଧନତା ଯୋଗୁଁ ଦିଲପ୍ରୀତ୍ ଏହି ସୁଯୋଗରୁ ଫାଇଦା ଉଠାଇ ଭାରତ ଲାଗି ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷସୁଦ୍ଧା ଭାରତ ୨-୦ ଆଗୁଆ ରହିଥିଲା।

ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭ ହେବାମାତ୍ରେ କୋରିଆ ଘନ ଘନ ଆକ୍ରମଣ କରିଥିଲେ ମଧ୍ୟ ଭାରତୀୟ ରକ୍ଷଣଭାଗକୁ ଅତିକ୍ରମ କରିବାରେ ସମର୍ଥ ହୋଇ ନ ଥିଲା। ଜବାବରେ ଭାରତର ପ୍ରତ୍ୟାକ୍ରମଣକୁ ମଧ୍ୟ କୋରିଆର ରକ୍ଷଣଭାଗ ପ୍ରତିହତ କରିଥିଲେ। ୪୦ତମ ମିନିଟ୍‌ରେ କୋରିଆର କ୍ରମାଗତ ପେନାଲ୍ଟି କର୍ଣ୍ଣରକୁ ପ୍ରତିହତ କରିଥିଲେ ଭାରତୀୟ ଖେଳାଳି। ତୃତୀୟ କ୍ୱାର୍ଟରର ଶେଷ ମିନିଟ୍‌ରେ ଦିଲପ୍ରୀତ୍ ପାଇଥିବା ସୁଯୋଗକୁ ସଦ୍‌ବ୍ୟବହାର କରି ଦଳ ଲାଗି ତୃତୀୟ ତଥା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଚତୁର୍ଥ କ୍ୱାର୍ଟରରେ ଓଡ଼ିଆ ଖେଳାଳି ଅମିତ ରୋହିଦାସ ଭାରତ ଲାଗି ଚତୁର୍ଥ ତଥା ପେନାଲ୍ଟି କର୍ଣ୍ଣରରୁ ପ୍ରଥମ ଗୋଲ ଦେଇଥିଲେ। କିନ୍ତୁ ଏହାର ପରମୁହୂର୍ତ୍ତରେ ସୋନ ଦାଏନ ଗୋଲ ଶୁଝାଇଦେଇଥିଲେ।

**ଏସିଆ କପ୍ ୧୯୮୨ରୁ ୨୦୨୫**

| ବର୍ଷ | ଚାମ୍ପିଅନ | ରନର୍ସଅପ୍ |
|---|---|---|
| ୧୯୮୨ | ପାକିସ୍ତାନ | ଭାରତ |
| ୧୯୮୫ | ପାକିସ୍ତାନ | ଭାରତ |
| ୧୯୮୯ | ପାକିସ୍ତାନ | ଭାରତ |
| ୧୯୯୪ | ଦ.କୋରିଆ | ଭାରତ |
| ୧୯୯୯ | ଦ.କୋରିଆ | ପାକିସ୍ତାନ |
| ୨୦୦୩ | ଭାରତ | ପାକିସ୍ତାନ |
| ୨୦୦୭ | ଭାରତ | ଦ.କୋରିଆ |
| ୨୦୦୯ | ଦ.କୋରିଆ | ପାକିସ୍ତାନ |
| ୨୦୧୩ | ଦ.କୋରିଆ | ଭାରତ |
| ୨୦୧୭ | ଭାରତ | ମାଲେସିଆ |
| ୨୦୨୨ | ଦ.କୋରିଆ | ମାଲେସିଆ |
| ୨୦୨୫ | ଭାରତ | ଦ.କୋରିଆ |

### ● ବିସିସିଆଇର ରେକର୍ଡ ରୋଜଗାର

## ୫ବର୍ଷରେ ଆୟ ୧୪୬୨୭ କୋଟି

ମୁମ୍ବଇ, ୭।୯ (ଏଜେନ୍ସି): ବିଶ୍ୱର ସବୁଠୁ ବିତ୍ତଶାଳୀ କ୍ରିକେଟ୍ ବୋର୍ଡ ବିସିସିଆଇ ରେକର୍ଡ ଆୟ ରେକର୍ଡସ୍ତରରେ ପହଞ୍ଚିଛି। ବିସିସିଆଇ ଗତ ୫ ବର୍ଷରେ ୧୪ ହଜାର ୬୨୭ କୋଟି ଟଙ୍କା ଆୟ କରିଛି। ସେଥିମଧ୍ୟରୁ ଗତ ଆର୍ଥିକ ବର୍ଷ (୨୦୨୪-୨୫)ରେ ୪ ହଜାର ୧୯୩ କୋଟି ଟଙ୍କା ରୋଜଗାର କରିଛି ବିସିସିଆଇ। ରାଜ୍ୟ ସଂଘଗୁଡ଼ିକୁ ଦିଆଯାଇଥିବା ଏକ ରିପୋର୍ଟ ଅନୁଯାୟୀ, ୧୨ ମାସ ପୂର୍ବେ ବୋର୍ଡର ମୋଟ୍ ବ୍ୟାଙ୍କ ବାଲାନ୍ସ ୨୦ ହଜାର ୬୮୬ କୋଟି ଟଙ୍କା ରହିଥିବା ଜଣାପଡ଼ିଛି। ରାଜ୍ୟ ୟୁନିଟ୍‌ଗୁଡ଼ିକୁ ସମସ୍ତ ପ୍ରାପ୍ୟ ପ୍ରଦାନ କରିବା ପରେ ମଧ୍ୟ ପାଣ୍ଠିରେ ଏକ ବଡ଼ ବୃଦ୍ଧି ଘଟିଛି। ୨୦୨୪ ବିସିସିଆଇ ଏଜିଏମରେ ଉପସ୍ଥାପିତ କରାଯାଇଥିବା ହିସାବ ଅନୁଯାୟୀ, ୨୦୧୯ ପରଠାରୁ ବିସିସିଆଇର ନଗଦ ଓ ବ୍ୟାଙ୍କ ଜମା ୬,୦୫୯ କୋଟିରୁ ବୃଦ୍ଧି ପାଇ ୨୦,୬୮୬ କୋଟିରେ ପହଞ୍ଚିଛି। ଅର୍ଥାତ୍ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବିସିସିଆଇ ୫ ବର୍ଷରେ ୧୪ ହଜାର ୬୨୭ କୋଟି ଟଙ୍କା ଆୟ କରିଛି। ଏହା ବ୍ୟତୀତ ୨୦୧୯ ପରଠାରୁ ସାଧାରଣ ପାଣ୍ଠି ମଧ୍ୟ ୩୯୦୬ କୋଟିରୁ ବୃଦ୍ଧି ପାଇ ୭୯୮୮ କୋଟିରେ ପହଞ୍ଚିଛି। ଅର୍ଥାତ୍ ଏଥିରେ ୪ ହଜାର ୮୨ କୋଟି ଟଙ୍କା ବୃଦ୍ଧି ହୋଇଛି। ସେହିଭଳି ଟିକସ ପ୍ରଦାନକୁ ନେଇ ବିଭିନ୍ନ ଟ୍ରିବ୍ୟୁନାଲରେ ମାମଲା ଜାରି ରହିଥିବାବେଳେ ବିସିସିଆଇ ୩ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କା ଏଥିଲାଗି ସଂରକ୍ଷିତ ରଖିଥିବା ଜଣାପଡ଼ିଛି।

### ● ୧୪୮ ବର୍ଷର ଅନ୍ତର୍ଜାତୀୟ କ୍ରିକେଟ୍ ଇତିହାସରେ ପ୍ରଥମ

## ପ୍ରଥମ ଦୁଇ ବଲ୍‌ରେ ଓପନର୍ ଆଉଟ୍

ଓଣ୍ଟାରିଓ, ୭।୯ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ୍‌ର ୧୪୮ ବର୍ଷ ଇତିହାସରେ ପ୍ରଥମଥର ଏକ ବିରଳ ଘଟଣା ଦେଖିବାକୁ ମିଳିଛି। ମ୍ୟାଚର ପ୍ରଥମ ଦୁଇଟି ବଲ୍‌ରେ ଉଭୟ ଓପନର୍ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି। କାନାଡା ଓ ସ୍କଟଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଆଇସିସି କ୍ରିକେଟ୍ ବିଶ୍ୱକପ୍ ଲିଗ୍-୨ର ଏକ ମ୍ୟାଚରେ ଏହି ଅଲୋଡ଼ା କୀର୍ତ୍ତିମାନ ସୃଷ୍ଟି ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ସ୍କଟଲାଣ୍ଡ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ କାନାଡା ପାଇଁ ଦୁଇ ଓପନର୍ ଅଲି ନଦୀମ ଓ ଯୁବରାଜ ଶର୍ମା ଇନିଂସ ଆରମ୍ଭ କରିଥିଲେ। ଇନିଂସର ପ୍ରଥମ ଓଭର ବୋଲିଂ କରିଥିବା ବ୍ରାଡ୍ କୁରୀଙ୍କ ପ୍ରଥମ ବଲ୍‌କୁ ଖେଳିବାକୁ ଯାଇ ନଦୀମ ସ୍ଲିପରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ପରବର୍ତ୍ତୀ ବ୍ୟାଟର୍ ପରଗତ୍ ସିଂହ ଷ୍ଟ୍ରାଇକ କରିଥିଲେ। ସେ ଦ୍ୱିତୀୟ ବଲକୁ ଷ୍ଟ୍ରେଟ୍ ଡ୍ରାଇଭ୍ ମାରିଥିଲେ। କିନ୍ତୁ ବଲ୍ ବୋଲରଙ୍କ ହାତ ବାଜି ନନ୍ ଷ୍ଟ୍ରାଇକ ପାଶ୍ୱର୍ ଷ୍ଟମ୍ପରେ ବାଜିଥିଲା। ଏହି ସମୟରେ ନନ୍‌ଷ୍ଟ୍ରାଇକରେ ଥିବା ଅନ୍ୟତମ ଓପନର୍ ଯୁବରାଜ କ୍ରିଜ ବାହାରେ ଥିବାରୁ ଦୁର୍ଭାଗ୍ୟଜନ ଭାବେ ରନଆଉଟ୍ ହୋଇଥିଲେ। ଫଳରେ ଅନ୍ତର୍ଜାତୀୟ କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ପ୍ରଥମଥର ଏହା ଘଟିଛି।

### ପୂର୍ବାଞ୍ଚଳ ଆନ୍ତଃରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ





ଭୁବନେଶ୍ୱର, ୭।୯ (ସମିସ): ଜାମସେଦପୁରରେ ଶେଷ ହୋଇଥିବା ପୂର୍ବାଞ୍ଚଳ ଆନ୍ତଃରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଓଡ଼ିଶାର ଖେଳାଳିମାନେ ଦମ୍‌ଦାର ପ୍ରଦର୍ଶନ କରି ୪ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ରହିଛି। ପୁରୁଷ ଡବଲ୍ସରେ ଅବିନାଶ ମହାନ୍ତି ଓ ଆୟୁଷ ପଟ୍ଟନାୟକ ଯୋଡ଼ି ଚାମ୍ପିଅନ ହୋଇଥିଲେ। ସେହିଭଳି ୧୯ ବର୍ଷରୁ କମ୍ ଜୁନିଅର ବର୍ଗର ପୁରୁଷ ସିଙ୍ଗଲ୍ସରେ ମୟଙ୍କ ଭରଦ୍ୱାଜ ମଧ୍ୟ ଫାଇନାଲରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ରାଜ୍ୟ ପାଇଁ ତୃତୀୟ ସ୍ୱର୍ଣ୍ଣପଦକ ଜୁନିୟର ମିକ୍ସଡ ଡବଲ୍ସ ଇଭେଣ୍ଟରୁ ଆସିଥିଲା। ସ୍ୱିଟିପ୍ରିୟା ପ୍ରଧାନ ଓ ଜୟେଶ ଅଗରୱାଲ ଯୋଡ଼ି ଏଥିରେ ଚାମ୍ପିଅନ ହୋଇଥିଲେ। ସେହିଭଳି ଏକମାତ୍ର ରୌପ୍ୟ ପଦକ ତନ୍ୱୀ ପତ୍ରି ଜିତିଥିଲେ। ସେ ଜୁନିଅରବର୍ଗର ବାଳିକା ସିଙ୍ଗଲ୍ସରେ ଫାଇନାଲରେ ହାରିଯାଇଥିଲେ। ଉଲ୍ଲେଖଯୋଗ୍ୟ, କିଟ୍‌ରେ ଅଧ୍ୟୟନ କରୁଥିବା ଅବିନାଶ ଓ ତାଙ୍କ ପାର୍ଟନର ଆୟୂଷ ଗତ ମାସରେ ଘାନା ଇଣ୍ଟରନ୍ୟାସନାଲରେ ରୌପ୍ୟ ବିଜୟୀ ହୋଇ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଥିଲେ।

## ବିଶ୍ୱ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଭାରତକୁ ୨ ପଦକ

ଗ୍ୱାଙ୍ଗଜୁ, ୭।୯ (ଏଜେନ୍ସି): କୋରିଆରେ ଚାଲିଥିବା ବିଶ୍ୱ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଭାରତ ରବିବାର ଦୁଇଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ରହିଛି। ଋଷଭ ଯାଦବ, ଅମନ ସାଇନି ଓ ପ୍ରଥମେଶ ଫୁଗେଙ୍କୁ ନେଇ ଗଠିତ ଭାରତୀୟ ଦଳ କମ୍ପାଉଣ୍ଡ ପୁରୁଷ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛି। କମ୍ପାଉଣ୍ଡ ପୁରୁଷ ଟିମ୍ ଇଭେଣ୍ଟ ଫାଇନାଲରେ ଭାରତ ୨୩୫-୨୩୩ ସ୍କୋରରେ ଶକ୍ତିଶାଳୀ ଫ୍ରାନ୍ସକୁ ପରାସ୍ତ କରିଥିଲା। ଏହି ଇଭେଣ୍ଟରେ ଭାରତର ଏହା ପ୍ରଥମ ସ୍ୱର୍ଣ୍ଣ ପଦକ ଥିଲା। ସେହିଭଳି କମ୍ପାଉଣ୍ଡ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଜ୍ୟୋତି ସୁରେଖା ଓ ଋଷଭଙ୍କୁ ନେଇ ଗଠିତ ଭାରତୀୟ ମିକ୍ସଡ ଟିମ୍ ଦଳ ଫାଇନାଲରେ ୧୫୫-୧୫୭ ସ୍କୋରରେ ନେଦରଲାଣ୍ଡସ ଯୋଡ଼ିଠାରୁ ହାରିଯାଇଥିଲା।

### ଦୁଲୀପ ଟ୍ରଫି କ୍ରିକେଟ

# କେନ୍ଦ୍ରାଞ୍ଚଳ-ଦକ୍ଷିଣାଞ୍ଚଳ ଫାଇନାଲ



ବେଙ୍ଗାଲୁରୁ, ୭।୯ (ଏଜେନ୍ସି): କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଚଳିତବର୍ଷର ଦୁଲୀପ୍ ଟ୍ରଫି ଫାଇନାଲ ମୁକାବିଲା ହେବ। ଏଠାରେ ରବିବାର ଶେଷ ହୋଇଥିବା ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍ ହାରଜିତ୍ ବିନା ଫଇସଲାରେ ଶେଷ ହୋଇଛି। ଫଳରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ପଶ୍ଚିମାଞ୍ଚଳକୁ ପଛରେ ପକାଇ କେନ୍ଦ୍ରାଞ୍ଚଳ ଓ ଉତ୍ତରାଞ୍ଚଳକୁ ଅତିକ୍ରମ କରି ଦକ୍ଷିଣାଞ୍ଚଳ ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲ ମ୍ୟାଚ୍ ଏଠାରେ ସେପ୍ଟେମ୍ବର ୧୧ରୁ ୧୫ ଯାଏ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସଠାରେ ଖେଳାଯିବ। ଏହି ମୁକାବିଲାରେ କେନ୍ଦ୍ରାଞ୍ଚଳର ଅଫସ୍ପିନର ସାରାଂଶ ଜୈନ ଓ ଦକ୍ଷିଣାଞ୍ଚଳର ଏନ୍ ଜଗଦୀଶନଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

**ଜୟସ୍ୱାଲଙ୍କ ଅର୍ଦ୍ଧଶତକ, ଆୟର ଫେଲ୍**

ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ପଶ୍ଚିମାଞ୍ଚଳ ପ୍ରଥମ ଇନିଂସରେ ୪୩୮ ରନ୍ କରିଥିଲା। ଜବାବରେ ୬ଜଣ ଖେଳାଳି ଅର୍ଦ୍ଧଶତକ ହାସଲ କରିବା ଫଳରେ କେନ୍ଦ୍ରାଞ୍ଚଳ ପ୍ରଥମ ଇନିଂସରେ ୬୦୦ ରନ୍ କରି ପ୍ରଥମ ଇନିଂସ ଅଗ୍ରଣୀ ନେଇଥିଲା। ରବିବାର ପଶ୍ଚିମାଞ୍ଚଳର ଦ୍ୱିତୀୟ ଇନିଂସ ୮ ୱିକେଟରେ ୨୧୬ ରନ୍ କରିବା ଫଳରେ ମ୍ୟାଚ୍ ଡ୍ର ରହିଥିଲା। ପଶ୍ଚିମାଞ୍ଚଳ ପକ୍ଷରୁ ଜୟସ୍ୱାଲ ୬୪ ରନ୍ କରିଥିଲେ। କିନ୍ତୁ ପ୍ରଥମ ଇନିଂସରେ ୨୫ ରନ୍ କରିଥିବା ଶ୍ରେୟସ ଆୟର ଦ୍ୱିତୀୟ ଇନିଂସରେ ୧୨ ରନ୍ କରି ବ୍ୟାଟିଂରେ ଫେଲ ମାରିଛନ୍ତି। କେନ୍ଦ୍ରାଞ୍ଚଳ ପକ୍ଷରୁ ହର୍ଷ ଦୁବେ ୩ଟି ଓ ସାରାଂଶ ଜୈନ ୫ଟି ୱିକେଟ ପାଇଥିଲେ।

**ଜଗଦୀଶନଙ୍କ ଶ୍ରେଷ୍ଠ ବ୍ୟାଟିଂ**

ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣାଞ୍ଚଳ ପ୍ରଥମେ ବ୍ୟାଟିଂ କରି ଏନ୍ ଜଗଦୀଶନଙ୍କ ୧୯୭ ରନ୍ ସହାୟତାରେ ପ୍ରଥମ ଇନିଂସରେ ୫୩୬ ରନ୍ କରିଥିଲା। ଜବାବରେ ଶୁଭମ ଶର୍ମାଙ୍କ ଶତକ ସତ୍ତ୍ୱେ ଉତ୍ତରାଞ୍ଚଳର ପ୍ରଥମ ଇନିଂସ ୩୬୧ରେ ଅଟକିଥିଲା। ପ୍ରଥମ ଇନିଂସରେ ୧୭୫ ରନ୍‌ରେ ଆଗୁଆ ଥିବା ଦକ୍ଷିଣାଞ୍ଚଳ ମ୍ୟାଚ୍ ଶେଷ ବେଳକୁ ଦ୍ୱିତୀୟ ଇନିଂସରେ ୧ ୱିକେଟ ହରାଇ ୯୫ ରନ୍ କରିଥିଲା। ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଜଗଦୀଶନ ୫୨ ରନ୍‌ରେ ଅପରାଜିତ ରହିଥିଲେ। ଫାଇନାଲ ମୁକାବିଲା ଗୁରୁବାରଠାରୁ ଆରମ୍ଭ ହେବ।

### ● ଦିନିକିଆ କ୍ରିକେଟ୍ ଇତିହାସରେ ବୃହତ୍ ବିଜୟ

## ଇଂଲଣ୍ଡଠୁ ୩୪୨ ରନ୍‌ରେ ହାରିଲା ଦକ୍ଷିଣ ଆଫ୍ରିକା

ସାଉଥାମ୍ପଟନ, ୭।୯ (ଏଜେନ୍ସି): ଦିନିକିଆ କ୍ରିକେଟ୍ ଇତିହାସରେ ଇଂଲଣ୍ଡ ସର୍ବବୃହତ୍ ବିଜୟ ହାସଲ କରିଛି। ରବିବାର ଏଠାରେ ଖେଳାଯାଇଥିବା ଅନ୍ତିମ ତଥା ୩ୟ ଦିନିକିଆରେ ଘରୋଇ ଇଂଲଣ୍ଡ ୩୪୨ ରନର ବୃହତ୍ ବ୍ୟବଧାନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଅଭିଜ୍ଞ ବ୍ୟାଟର୍ ଜୋ ରୁଟ୍ ଓ ଜ୍ୟାକବ ବେଥେଲଙ୍କ ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ୫୦ ଓଭରରେ ୫ ୱିକେଟ୍ ହରାଇ ୪୧୪ ରନର ଚ୍ୟାଲେଞ୍ଜିଂ ସ୍କୋର ଠିଆ କରାଇଛି। ୧୯ତମ ଦିନିକିଆ ଶତକ ହାସଲ କରି ରୁଟ୍ ଠିକ୍ ୧୦୦ ରନରେ ଆଉଟ୍ ହୋଇଥିଲେ। ସେହିଭଳି କ୍ୟାରିୟରର ପ୍ରଥମ ଦିନିକିଆ ଶତକ ହାସଲ କରିଥିବା ବେଥେଲ ୮୨ ବଲରେ ୧୧୦ ରନ କରି ପ୍ୟାଭିଲିୟନ ଫେରିଥିଲେ। ଜବାବରେ ଏହି ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ୨୦.୫ ଓଭରରେ ମାତ୍ର ୭୨ ରନରେ ଅଲ୍‌ଆଉଟ୍ ହେବା ସହ ୩୪୨ ରନରେ ପରାସ୍ତ ହୋଇଥିଲା। ପୂର୍ବରୁ ୨୦୨୩ରେ ଭାରତ ୩୧୭ ରନରେ ବିଜୟୀ ଇଂଲଣ୍ଡ ଦଳର ଜୋଫ୍ରା ଆର୍ଚର ୪, ଆଦିଲ ରଶିଦ ୩ଟି ୱିକେଟ ନେଇଥିଲେ। ଏହି ମ୍ୟାଚ୍ ହାରିଥିଲେ ମଧ୍ୟ ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ଯଥାକ୍ରମେ ୭ ୱିକେଟ୍ ଓ ୫ ରନରେ ଜିତିଥିବାରୁ ଦକ୍ଷିଣ ଆଫ୍ରିକା ୨-୧ରେ ସିରିଜ ବିଜୟୀ ହୋଇଛି।

**ଦିନିକିଆରେ ବୃହତ୍ ବିଜୟ (ରନରେ)**

| ଦଳ | ବ୍ୟବଧାନ | ପ୍ରତିପକ୍ଷ | ବର୍ଷ |
|---|---|---|---|
| ଇଂଲଣ୍ଡ | ୩୪୨ | ଦ.ଆଫ୍ରିକା | ୨୦୨୫ |
| ଭାରତ | ୩୧୭ | ଶ୍ରୀଲଙ୍କା | ୨୦୨୩ |
| ଅଷ୍ଟ୍ରେଲିଆ | ୩୦୯ | ନେଦରଲାଣ୍ଡସ | ୨୦୨୩ |
| ଜିମ୍ବାୱେ | ୩୦୪ | ଆମେରିକା | ୨୦୨୩ |
| ଭାରତ | ୩୦୨ | ଶ୍ରୀଲଙ୍କା | ୨୦୨୩ |

### ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍: ମହିଳା ଏକକ ଫାଇନାଲରେ ହାରିଲେ ଆମାଣ୍ଡା

# ଟାଇଟଲ୍ ବଜାୟ ରଖିଲେ ସାବାଲେଙ୍କା



ନ୍ୟୁୟର୍କ,୭।୯ (ଏଜେନ୍ସି)

ବେଲାରୁଷର ଆରିନା ସାବାଲେଙ୍କା ୟୁଏସ୍ ଓପନ ମହିଳା ଏକକ ଟାଇଟଲ ବଜାୟ ରଖିଛନ୍ତି। ଶନିବାର ରାତିରେ ଅନୁଷ୍ଠିତ ଫାଇନାଲରେ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କୁ ୬-୩, ୭-୬ ସେଟ୍‌ରେ ପରାସ୍ତ କରି କ୍ରମାଗତ ଟାଇଟଲ ବିଜୟୀ ହେବାରେ ସମର୍ଥ ହୋଇଛନ୍ତି। ସେହିପରି ୨୦୧୪ରେ ସେରେନା ୱିଲିୟମ୍ସଙ୍କ ପରେ ପ୍ରଥମ ମହିଳା ଖେଳାଳିଭାବେ ଏକକ ବିଭାଗରେ ପ୍ରଥମ ଖେଳାଳିଭାବେ କ୍ରମାଗତ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଫାଇନାଲରେ ଟପ୍ ସିଡ୍ ସାବାଲେଙ୍କା ଶକ୍ତିଶାଳୀ ଖେଳ ପ୍ରଦର୍ଶନ କରି ଚଳିତବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଓ ତାଙ୍କ ଟେନିସ ଜୀବନର ଚତୁର୍ଥ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଛନ୍ତି। ଏହା ସହ ଚଳିତବର୍ଷ ମଧ୍ୟ ଜଣେ ମହିଳା ଖେଳାଳିଭାବେ ସର୍ବାଧିକ ୫୬ଟି ମ୍ୟାଚ୍ ଓ ଏହାକୁ ମିଶାଇ ଗ୍ରାଣ୍ଡସ୍ଲାମ୍ ମୁଖ୍ୟ ଡ୍ର’ରେ ୧୦୦ତମ ମ୍ୟାଚ୍ ଜିତିବାରେ ସମର୍ଥ ହୋଇଛନ୍ତି।

ଚଳିତବର୍ଷ ସାବାଲେଙ୍କା ଅଷ୍ଟ୍ରେଲିଆନ ଓପନ ଓ ଫ୍ରେଞ୍ଚ ଓପନ ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ଟାଇଟଲ ଜିତିବାରେ ସମର୍ଥ ହୋଇ ନ ଥିଲେ। ଶନିବାର ଫାଇନାଲରେ ସେ ଅତ୍ୟନ୍ତ ଭାବପ୍ରବଣ ହୋଇ ଦୃଢ଼ତାର ସହ ଖେଳିଥିଲେ। ଅନ୍ୟ ପକ୍ଷରେ ଘରୋଇ ମାଟିରେ ଖେଳୁଥିବା ଏବଂ ଟେନିସ ଜୀବନରେ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଫାଇନାଲ ଖେଳୁଥିବା ଆନିସିମୋଭା ଜୋରଦାର ଲଢ଼େଇ କରିଥିଲେ ମଧ୍ୟ ଚଳିତବର୍ଷର ୱିମ୍ବଲଡନ ସେମିଫାଇନାଲ ଫଳାଫଳର ପୁନରାବୃତ୍ତି କରିପାରି ନ ଥିଲେ। ଏହି ମୁକାବିଲାରେ ସାବାଲେଙ୍କାଙ୍କୁ ହରାଇ ଆନିସିମୋଭା ପ୍ରଥମ ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ପ୍ରବେଶ କରିଥିଲେ। ଏଠାରେ ସାବାଲେଙ୍କାଙ୍କ ନିଖୁଣ ଖେଳ ଆଗରେ ଆନିସିମୋଭା ପ୍ରଥମ ସେଟ୍‌ରେ ଏକତରଫା ହାରିଯାଇଥିଲେ। ୩-୬ରେ ପ୍ରଥମ ସେଟ୍ ହାରିଥିଲେ ମଧ୍ୟ ଦ୍ୱିତୀୟ ସେଟ୍ ଟାଇବ୍ରେକରକୁ ଯାଇଥିଲା। ଏଥିରେ ସାବାଲେଙ୍କା ଚତୁର ଖେଳ ପ୍ରଦର୍ଶନ କରି ୭-୪ରେ ଟାଇବ୍ରେକରକୁ ଜିତିନେଇଥିଲେ। ଏଠାରେ ପରାଜିତ ହୋଇଥିଲେ ମଧ୍ୟ ଆନିସିମୋଭା ପ୍ରଥମ ୫ଜଣଙ୍କ ମଧ୍ୟରେ ସ୍ଥାନ ପାଇବେ ବୋଲି ଆଶା କରାଯାଉଛି।

**■ ସିନ୍ନର-ଆଲକାରାଜ ମୁକାବିଲା**

ପୁରୁଷ ଏକକ ଫାଇନାଲରେ ବିଶ୍ୱର ଦୁଇ ଶ୍ରେଷ୍ଠ ଖେଳାଳି ନଂ-୧ ମାନ୍ୟତାପ୍ରାପ୍ତ ଇଟାଲୀର ଜାନିକ ସିନ୍ନର ଓ ନଂ-୨ ସ୍ପେନ୍‌ର କାର୍ଲୋସ ଆଲକାରାଜଙ୍କ ମଧ୍ୟରେ ଖେଳାଯିବ। ଆଜି ରାତିରେ ଖେଳାଯିବାକୁ ଥିବା ଏହି ଫାଇନାଲ ମୁକାବିଲା ଜୋରଦାର ହୋଇଛି। ସେମିଫାଇନାଲରେ ସିନ୍ନର ୬-୧, ୩-୬, ୬-୩, ୬-୪ ସେଟ୍‌ରେ କାନାଡ଼ାର ୨୫ତମ ସିଡ୍ ଫେଲିକ୍ସ ଅଗର-ଆଲିସିଆମେଙ୍କୁ ପରାସ୍ତ କରିଥିଲେ। ସେହପରି ଅନ୍ୟ ସେମିରେ ଆଲକାରାଜ ୬-୪, ୭-୬, ୬-୨ରେ ୨୪ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଥିବା ୩୮ ବର୍ଷୀୟ ନୋଭାକ ଜୋକୋଭିଚ୍‌ଙ୍କୁ ହରାଇଥିଲେ। ଆଲକାରାଜ ଏହି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ହେଲେ ସେଟ୍‌ରେ ନ ହାରି ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିରେ ଯଦି ସେ କୌଣସି ସେଟ୍‌ରେ ନ ହାରି ଟାଇଟଲ ଜିତନ୍ତି ତେବେ ଏଭଳି ପ୍ରଦର୍ଶନ କରିବାରେ ସେ ବିଶ୍ୱର ପ୍ରଥମ ଖେଳାଳି ହେବେ।

## ଜେବାଲୋସ୍-ଗ୍ରାନୋଲର୍ସଙ୍କୁ ପୁରୁଷ ଯୁଗଳ ଟାଇଟଲ



ନ୍ୟୁୟର୍କ,୭।୯ (ଏଜେନ୍ସି): ଆର୍ଜେଣ୍ଟିନାର ହୋରାସିଓ ଜେବାଲୋସ୍ ଓ କାନାଡାର ମାସ୍ରେଲୋ ଗ୍ରାନୋଲର୍ସଙ୍କ ଯୋଡି ୟୁଏସ୍ ଓପନ ପୁରୁଷ ଯୁଗଳ ଟାଇଟଲ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲ ଖେଳରେ ୫ମ ସିଡ୍ ଜେବାଲୋସ ଓ ଗ୍ରାନୋଲର୍ସଙ୍କ ଯୋଡି ୬ଷ୍ଠ ସିଡ୍ ନିଲ ସ୍କୁପସ୍କି ଓ ଜୋ ସାଲିସ୍‌ବରୀଙ୍କୁ ୩-୬, ୭-୬, ୭-୫ ସେଟ୍‌ରେ ପରାସ୍ତ କରି ଟାଇଟଲ ବିଜୟୀ ହୋଇଛନ୍ତି। ଏହା ଫଳରେ ଜେବାଲୋସ ଓ ଗ୍ରାନୋଲର୍ସଙ୍କ ଯୋଡି ଗୋଟିଏ ବର୍ଷରେ ୨ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଏମାନେ ଚଳିତବର୍ଷ ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS